# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁନ୍ ୧୪/୨୦୧୯ (୧୬ ପୃଷ୍ଠା) | Sambalpur, Friday, June 14 / 2019 | ★★

୧୫୫ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






**ଭାରତର ବିଜୟ୍ ନେଇ ରିଡ୍ ଆଶାବାଦୀ**

ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଜାପାନ ବିପକ୍ଷ ସେମିଫାଇନାଲରେ ଭାରତର ବିଜୟକୁ ନେଇ ଆଶାବାଦୀ କୋଚ୍ ଗ୍ରାହାମ୍ ରିଡ୍।

୦୮

୦୨

**'#ମିଟୁ' ମାମଲାରେ ତନୁଶ୍ରୀ ନିରାଶ**

ଯୌନ ଉତ୍ପୀଡନ ମାମଲାରେ ମୁମ୍ବାଇର ଏକ ଅଦାଲତ ନାନା ପାଟେକରଙ୍କୁ କ୍ଲିନଚିଟ୍ ଦେଇଥିବାରୁ ଅଭିନେତ୍ରୀ ତନୁଶ୍ରୀ ଦତ୍ତା ନୈରାଶ୍ୟ ପ୍ରକାଶ କରିଛନ୍ତି।



### 'ରାଜ୍ୟପାଳ ଭାଜପା ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି'

# ସର୍ବଦଳୀୟ ବୈଠକକୁ ଗଲେନି ମମତା

**କୋଲକାତା,୧୩।୬(ପି.ଟି.)**

ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ଥମିବାର ନାଁ ନେଉନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ଗୁରୁବାର ସମସ୍ତ ବଡ଼ ରାଜନୈତିକ ଦଳକୁ ନେଇ ସର୍ବଦଳୀୟ ବୈଠକ ଡାକିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିରେ ଯୋଗଦେଇ ନାହାନ୍ତି। ଆଇନଶୃଙ୍ଖଳା ବଜାୟ ରଖିବା ରାଜ୍ୟପାଳଙ୍କ ନୁହେଁ, ବରଂ ରାଜ୍ୟ ସରକାରଙ୍କର। ରାଜ୍ୟପାଳ ଭାଜପା ଇଙ୍ଗିତରେ କାମ କରୁଛନ୍ତି ବୋଲି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଅଭିଯୋଗ ଆଣି ଏହାକୁ ବର୍ଜନ କରିଛନ୍ତି।

ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ୪୨ ଆସନ ମଧ୍ୟରୁ ଟିଏମ୍‌ସି ୨୨ ଆସନରେ ସଫଳତା ପାଇଥିବାବେଳେ ଭାଜପାକୁ ୧୮ ଆସନ ମିଳିଛି। ଏହା ପରଠୁ ରାଜ୍ୟରେ ରାଜନୈତିକ ହିଂସା ଜାରି ରହିଛି। ୨୪ ପ୍ରଗଣା ଜିଲାର ସନ୍ଦେଶଖାଲିରେ



ଶନିବାର ଦୁଇ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୩ କର୍ମୀଙ୍କ ଜୀବନ ଯାଇଛି। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ଡାକିଥିବା ସର୍ବଦଳୀୟ ଶାନ୍ତି ଆଲୋଚନା ବୈଠକରେ ଟିଏମ୍‌ସି, ଭାଜପା, କଂଗ୍ରେସ ଏବଂ ସିପିଆଇଏମ୍‌କୁ ଶାନ୍ତି ଆଲୋଚନା ଲାଗି ଡାକିଥିଲେ। ବୈଠକ ପରେ ଭାଜପା ରାଜ୍ୟ ଉପସଭାପତି ଜୟପ୍ରକାଶ ମଜୁମ୍‌ଦାର କହିଛନ୍ତି, ରାଜ୍ୟପାଳ କେତେକ ପ୍ରସ୍ତାବ ଦେଇଥିଲେ। ଆମେ ସେଗୁଡ଼ିକୁ ମାନିବା ପାଇଁ ପ୍ରସ୍ତୁତ ବୋଲି କହିଥିଲୁ। ହେଲେ ଟିଏମ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସାଧାରଣ ସମ୍ପାଦକ ତଥା ମନ୍ତ୍ରୀ ପାର୍ଥ ଚାଟାର୍ଜୀ ସେନେଇ ତାଙ୍କ ଦଳୀୟ ନେତୃତ୍ୱଙ୍କ ସହ ପରାମର୍ଶ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଉଭୟ ଭାଜପା ଏବଂ ଟିଏମ୍‌ସି ସ୍ଥିତି ବିଗାଡ଼ିବାରେ ଲାଗିଛନ୍ତି ବୋଲି ସିପିଆଇଏମ୍ ନେତା ମହମ୍ମଦ ସଲିମ ଅଭିଯୋଗ ଆଣିଛନ୍ତି। ଏହା ପୂର୍ବରୁ ମମତା ରାଜ୍ୟପାଳଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ରାଜ୍ୟପାଳ ଭାଜପା ଇଙ୍ଗିତରେ ଏହି ବୈଠକ ଡାକିଛନ୍ତି। ରାଜ୍ୟପାଳ ଲୋକଙ୍କୁ ଚା ପିଇବା ଅଥବା ଶାନ୍ତି ବୈଠକ ପାଇଁ ଡାକିପାରିବେ। ତେଣୁ ଟିଏମ୍‌ସି ପକ୍ଷରୁ ଜଣେ ପ୍ରତିନିଧିଙ୍କୁ ସେଠାକୁ ପଠାଯାଉଛି। ସେ ଚା କପେ ପିଇ ସେଠାରୁ ଫେରିଆସିବେ ବୋଲି ମମତା କହିଥିଲେ।



**ରଜ ପାଇଁ ସଜବାଜ:** କଟକ କାଫ୍‌ଲାବଜାର ରେବ କଲୋନୀ ଅଞ୍ଚଳରେ ଝିଅମାନେ ଗୁରୁବାର ସଜବାଜ ହେଉଛନ୍ତି।

**ଜୁଲାଇ ୮ରୁ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା**

........୪........

# ସାଇବର କ୍ରାଇମ୍‌ରେ ନାବାଳକ

**ସମ୍ବଲପୁର,୧୩।୬(ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ରାମଜୀ ମନ୍ଦିର ନିକଟରେ ରହୁଥିବା ଜଣେ ନାବାଳକଙ୍କୁ ସାଇବର ଅପରାଧରେ ପୋଲିସ କବ୍‌ଜାକୁ ନେଇଛି। ସେ ମନ୍ତ୍ରୀ, ବିଧାୟକ, ବ୍ୟବସାୟୀ ଏପରି କି ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାପାଳଙ୍କ ନାମରେ ମିଥ୍ୟା ଫେସବୁକ୍ ଆକାଉଣ୍ଟ ଖୋଲି ଲୋକଙ୍କୁ ଠକେଇ କରୁଥିଲେ। ବିଭିନ୍ନ ବ୍ୟକ୍ତିଙ୍କ ସହ ଫେସବୁକରେ ବନ୍ଧୁତା ସ୍ଥାପନ କରି ନିଜକୁ ମନ୍ତ୍ରୀ କିମ୍ବା ଜିଲାପାଳ ପରିଚୟ ଦେଇ ସାହାଯ୍ୟ ପାଇଁ ଅନୁରୋଧ କରୁଥିଲେ। ଲୋକଙ୍କଠାରୁ ଟଙ୍କା, ସୁନା ଅଳଙ୍କାର, ମୋବାଇଲ ଓ ଅନ୍ୟ ସାମଗ୍ରୀ ଠକି ନେଉଥିଲେ। ମନ୍ତ୍ରୀ, ଜିଲାପାଳଙ୍କ ଭଳି ବ୍ୟକ୍ତିଙ୍କୁ ସାହାଯ୍ୟ ଯୋଗାଇ ଦେବାକୁ ଲୋକେ କୁଣ୍ଠାବୋଧ କରୁ ନ ଥିଲେ। ହେଲେ ସମ୍ବଲପୁରର ପୂର୍ବତନ ନଗରପାଳ ସିଦ୍ଧାର୍ଥ ସାହାଙ୍କ ଅଭିଯୋଗ କ୍ରମେ ସ୍ୱତନ୍ତ୍ର ପୋଲିସ ଟିମ୍ ଏହି ସାଇବର ଅପରାଧୀଙ୍କୁ ଧରିପାରିଛି ବୋଲି ଖବରଦାତା ସମ୍ମିଳନୀରେ



ଗୁରୁବାର ସମ୍ବଲପୁର ଏସ୍‌ପି ଅଫିସ ପରିସରରେ ଏସ୍‌ପି ସଞ୍ଜୀବ ଆରୋରା ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

- ମନ୍ତ୍ରୀ,ବିଧାୟକଙ୍କ ନାମରେ ମିଥ୍ୟା ଫେସବୁକ୍ ଆକାଉଣ୍ଟ
- ଟଙ୍କା, ବିଭିନ୍ନ ସାମଗ୍ରୀ ଠକେଇ
- ଜନସାଧାରଣ ସଚେତନ ହେବା ଜରୁରୀ:ଏସ୍‌ପି

ଏସ୍‌ପି ସଞ୍ଜୀବ ଆରୋରା ସୂଚନା ଦେଇଛନ୍ତି।

ଆରୋରା କହିଛନ୍ତି, ସିଦ୍ଧାର୍ଥଙ୍କ ଫଟୋ ଦେଇ ନାବାଳକ ଜଣକ ଏକ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ ଖୋଲିଥିଲେ। ବିଭିନ୍ନ ଲୋକଙ୍କ ସହ ଫେସ୍‌ବୁକ୍‌ରେ ବନ୍ଧୁତା ସ୍ଥାପନ କରିଥିଲେ। ଏହି ଫେକ୍ ଆକାଉଣ୍ଟରୁ ବୁର୍ଲାର କ୍ରିଷ୍ଣା ମାଝିଙ୍କୁ ସାହାଯ୍ୟ ଦରକାର କହି ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ୧ହଜାର ଟଙ୍କା ଦେବାକୁ କହିଥିଲେ। ସେହିପରି ବୁଢ଼ାରାଜାର ନିର୍ମଳ ଭୋଇଙ୍କୁ ଏକ ମୋବାଇଲ ଫୋନ ଦେବାକୁ ମଧ୍ୟ କହିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏ ନେଇ ଟାଉନ ଥାନାରେ ଦଫା ୪୧୯, ୪୨୦ ଆଇପିସି, ୬୬-ସି, ୬୬-ଡି ଆଇଟି ଆକ୍ଟରେ ଏକ ମାମଲା (ନଂ. ୨୪୬/୧୯) ରୁଜୁ ହୋଇଛି। ନାବାଳକ ଜଣକ ସମ୍ବଲପୁର ଜିଲାପାଳ ଶୁଭମ ସକସେନା, ଝାରସୁଗୁଡ଼ା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାଶ, କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ନାମରେ ମଧ୍ୟ ଫେକ୍ ଫେସବୁକ ଆକାଉଣ୍ଟ ଖୋଲିଥିବା ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ ମଧ୍ୟ ଜାନୁୟାରୀ ୨୦୧୯ରେ ଏହି ନାବାଳକ ଜଣକ ବିଧାୟକ ଜୟନାରାୟଣ ମିଶ୍ରଙ୍କ ଫେସବୁକ ଆକାଉଣ୍ଟ ହ୍ୟାକ୍ କରି ଚାନ୍ଦା ଆଦାୟ କରିଥିଲେ ବୋଲି ଏସ୍‌ପି କହିଛନ୍ତି। ସେହିପରି ପେଟ୍ରୋଲ ପମ୍ପ କରାଇଦେବା ନାମରେ ମଧ୍ୟ ୨ଲକ୍ଷ ୯୭ ହଜାର ୫ଶହ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ସୋସିଆଲ ମିଡିଆରେ ବିଭିନ୍ନ ଉପାୟରେ ଠକେଇ ହେଉଛି। ଏ ନେଇ ଜନସାଧାରଣ ସଚେତନ ହେବା ଜରୁରୀ ବୋଲି ଏସ୍‌ପି ଆରୋରା କହିଛନ୍ତି।

## କମିଲା ତାତି, ମିଳିଲା ଆଶ୍ୱସ୍ତି

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

ତାତିରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି। ବୁଧବାର ରାଜ୍ୟରେ ୧୫ ସହରର ତାପମାତ୍ରା ୪୦ଡିଗ୍ରୀ ଟପିଥିବା ବେଳେ ୬ ସହର ୪୫ଡିଗ୍ରୀ ଟପିଥିଲା। କିନ୍ତୁ ଗୁରୁବାର ତାପମାତ୍ରା ହ୍ରାସ ପାଇଛି। ସୁନ୍ଦରଗଡ଼ ଓ ଟିଟିଲାଗଡ଼ ସର୍ବାଧିକ ୪୩ଡିଗ୍ରୀ ରହିଥିବା ବେଳେ ୭ ସହରରେ ପାରଦ ୪୦ଡିଗ୍ରୀ ଟପିଛି। ତାଳଚେର ଓ ମାଲକାନଗିରି ୪୧.୮, ବଲାଙ୍ଗୀର ୪୦.୫, ସୋନପୁର ୪୦.୨ ଏବଂ ଝାରସୁଗୁଡ଼ା ୪୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେପଟେ ଗୁରୁବାର ଅଧିକାଂଶ ସହରରେ କାଳବୈଶାଖୀ ବର୍ଷା ହୋଇଥିବା ଜଣାପଡ଼ିଛି। ବୁଧବାର ସନ୍ଧ୍ୟାରୁ ଗୁରୁବାର ସକାଳ ପ୍ରାୟ ୮ଟା ପର୍ଯ୍ୟନ୍ତ ବର୍ଷା ଲାଗିରହିଥିଲା। ବର୍ଷା ଯୋଗୁ ଗୁରୁବାର ଅପରାହ୍ନରେ ତାପମାତ୍ରା ସାମାନ୍ୟ କମ୍ ଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗଡ଼ାଣିରେ ଅର୍ଥନୀତି**

**ଆଜିର ମନ୍ତବ୍ୟ**

" କ୍ଷମତାକୁ ଜାବୁଡ଼ି ଧରିବା ଲାଗି ଶାସକ ଦଳ ଭାଜପା ମର୍ଯ୍ୟାଦାର ସବୁ ସୀମା ଲଙ୍ଘନ କରିଛି।

-ସୋନିଆ ଗାନ୍ଧୀ, ଉପା ଅଧକ୍ଷା

**କିଛି ତଥ୍ୟ**

ଦେଶର ୩୪ ଅଣଜୀବନ ବୀମା ସେବା ପ୍ରଦାନକାରୀ ଫାର୍ମ ଚଳିତ ବର୍ଷ ମେ ମାସରେ ୧୨,୩୪ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରିଛନ୍ତି।

– ଆଇଆର୍‌ଡିଏଆଇ


AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR
For Admission please Contact:
7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

"Hurry Up" Admission Open
AIT
ASHA INSTITUTE OF TECHNOLOGY
100% Results
This course is approved by govt. of Odisha
B.Ed
10th +2 Arts Science Commerce
BA, BSc., B.Com. M.Com., MA, MSC, BSW, MSW, DCA, PGDCA
Failed & Discontinued students don't worry continue your studies
Contact:- 9178713912, 9178713934
Franchise Contact:- 9439820889
Address- Panchayat College Road, Near Naka Chowk, Bargarh

NECC NATIONAL EGG CO-ORDINATION COMMITTEE
13.06.2019
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 122 | 187 | 197 |
| CTC | 122 | 187 | 197 |
| DKL | 119 | 183 | 193 |
| BDK | 120 | 184 | 194 |
| BLS | 117 | 180 | 190 |
| ANG | 119 | 183 | 193 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers


### ଏସ୍‌ସିଓ ସମ୍ମିଳନୀ ଅବସରରେ ମୋଦି-ଜିନ୍‌ପିଙ୍ଗ ଆଲୋଚନା

# ଆତଙ୍କବାଦ ବିରୋଧରେ ପାକିସ୍ତାନ କଠୋର ପଦକ୍ଷେପ ନେଉ: ଭାରତ



**ବିଶ୍‌କେକ୍,୧୩।୬(ପି.ଟି.)**

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀରେ ଯୋଗଦେବା ପାଇଁ କାଜାଖସ୍ତାନ ରାଜଧାନୀ ବିଶ୍‌କେକ୍ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଠାରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ପ୍ରସଙ୍ଗ ଉଠାଇଛନ୍ତି। ଶାନ୍ତି ପାଇଁ ପାକିସ୍ତାନକୁ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ ବୋଲି ମୋଦି ଜିନ୍‌ପିଙ୍ଗଙ୍କୁ ଜଣାଇଥିବା ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ସୂଚନା ଦେଇଛନ୍ତି। ପାକିସ୍ତାନ ଏକ ଆତଙ୍କବାଦମୁକ୍ତ ବାତାବରଣ ସୃଷ୍ଟି କରିବାର ଆବଶ୍ୟକତା ରହିଛି, ଯାହା ବର୍ତ୍ତମାନ ସୁଦ୍ଧା ହୋଇନାହିଁ। ଇସ୍‌ଲାମାବାଦ ସହ ଶାନ୍ତି ସ୍ଥାପନ ଲାଗି ଉଦ୍ୟମ ହୋଇଥିଲେ ହେଁ ତାହା ନିଷ୍ଫଳ ହୋଇଥିବା ମୋଦି ଜିନ୍‌ପିଙ୍ଗଙ୍କୁ ସ୍ମରଣ କରାଇ ଦେଇଛନ୍ତି। ଚାଇନା ରାଷ୍ଟ୍ରପତିଙ୍କ ସହ ଆଲୋଚନା ବେଶ୍ ☞ପୃଷ୍ଠା-୪

### ପାଠ ପଢ଼ାଇବାକୁ କି ବିବାହ କରାଇବାକୁ ସମ୍ବଳ ନାହିଁ

# ଭିନ୍ନକ୍ଷମ ଝିଅକୁ ବିକ୍ରି ପାଇଁ ବାପା ପ୍ରସ୍ତୁତ

**କନ୍ଧମାଳ, ୧୩।୬ (ଡି.ଏନ.ଏ.)**

ବୌଦ୍ଧ ଜିଲାରେ ଯୁବତୀ ଚାଲାଣ ର୍‍ୟାକେଟ ସକ୍ରିୟ ହୋଇ ପଡିଛନ୍ତି। ବିବାହ ନାଁରେ ପ୍ରତିବର୍ଷ ଶହ ଶହ ଯୁବତୀ ମଧ୍ୟପ୍ରଦେଶ, ଛତିଶଗଡ, ଉତ୍ତରପ୍ରଦେଶ ଓ ରାଜସ୍ଥାନ ଅଞ୍ଚଳରେ ବିକ୍ରି ହେଉଛନ୍ତି। ପୂର୍ବରୁ କନ୍ଧମାଳ ବ୍ଲକ ସିନ୍ଦୁରପୁର ଗାଁର ମଧୁ ରାଜହଂସ ତାଙ୍କ ବଡଝିଅ ଅପେଶ୍ୱରୀଙ୍କୁ ଦଲାଲ ମାଧ୍ୟମରେ ବିକ୍ରି କରିଥିବା ବେଳେ ଏବେ ମାଟ୍ରିକ ପାସ୍ କରିଥିବା ସାନ ଝିଅକୁ ରାଜ୍ୟ ବାହାରେ ବିକ୍ରି କରିବାକୁ ପ୍ରସ୍ତୁତ ହେଉଛନ୍ତି।

ମଧୁଙ୍କ ବୟସ ୬୮ ବର୍ଷ। ଚାଷଜମି କହିଲେ ଏକ ଏକର ଜମିରୁ କମ୍। ସମ୍ବଳ ନ ଥିବାରୁ ସେ ନିଜେ ଚାଷ କରିବାକୁ ସକ୍ଷମ ନୁହନ୍ତି। ଫଳରେ ଭାଗ ଚାଷରେ ଲଗେଇ ଦେଇଛନ୍ତି ଚାଷଜମି। ଆୟ କହିଲେ ସେଇ ଭାଗଚାଷର ୮ ବସ୍ତା ଧାନ। ପରିବାରରେ ସେ ଜଣେ ହିଁ ବାର୍ଦ୍ଧକ୍ୟ ଭତ୍ତା ବାବଦରେ ମାସିକ ୫ ଶହ ଟଙ୍କା ପାଆନ୍ତି। ତାଙ୍କ ସ୍ତ୍ରୀଙ୍କ ବୟସ ୬୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ବି ସେ ଭତ୍ତା ପାଇନାହାନ୍ତି। ଭିନ୍ନକ୍ଷମ ଝିଅ ମଧ୍ୟ ଭତ୍ତା ପାଇବା କଥା। ବାରମ୍ବାର ପଞ୍ଚାୟତ ଅଫିସକୁ ଦୌଡି ଦରଖାସ୍ତ ଦେଇ ନୟାନ୍ତ ହେଲେଣି। କିଛି ସୁଫଳ ମିଳିନାହିଁ। ପୁଅ ବି କାମକୁ ପାରିଲା ଭଳି ହୋଇନାହିଁ। ଭିନ୍ନକ୍ଷମ ଝିଅ ଉର୍ମିଳାର ଗୋଟେ ଆଖି ନଷ୍ଟ ହୋଇଯାଇଥିଲେ ବି ସେ ଚଳିତ ବର୍ଷ ମାଟ୍ରିକ ପାସ କରିଛନ୍ତି। ଆଗକୁ ପାଠ ପଢାଇବାକୁ ସମ୍ବଳ ନାହିଁ। ଭୋଜିଭାତ ଦେଇ ବାହା କରେଇବାକୁ ମଧୁଙ୍କ ସାହସ ହେଉନାହିଁ। ଏ ସମ୍ପର୍କରେ ମଧୁ କୁହନ୍ତି, କାଣା କରମି, ପାଠ ପଢାବାକେ କି ବିହା କରବାକେ ମୋର ବଲ ନାଇଁ। ଭାବୁଛେ, ଗରାଖି ହେଲେ ଝିକେ ବିକି ଦେମି। ମଧୁଙ୍କ କହିବା ଅନୁସାରେ, ତାଙ୍କ ଗାଁ ଓ ଆଖପାଖ ଗାଁରୁ ଅନେକ ଝିଅ ବାହାଘର ନାଁରେ ବିକ୍ରି ହେଉଛନ୍ତି। କେତେ କେତେ ଝିଅ ହଜି ଯାଉଛନ୍ତି। ତାଙ୍କର ଖୋଜ ଖବର ମିଳୁନାହିଁ। ତାଙ୍କ ବଡଝିଅ ଅପେଶ୍ୱରୀଙ୍କୁ ଗତ ୪ ବର୍ଷ ତଳେ ୨୦ ହଜାର ଟଙ୍କା ବଦଳରେ ସେ ଅଜଣା ଲୋକଙ୍କ ହାତରେ ଟେକି ଦେଇଥିଲେ। ୪ ବର୍ଷ ଭିତରେ ଝିଅ ଥରେ ଘରକୁ ଆସିଛି। ସେ କେତେବେଳେ କେମିତି ଗାଁର କାହାକୁ ଫୋନ ଲଗାଇ କଥା ହେଉଛି। ଏବେ ବିବାହ ବୋଝ ଉଠେଇବାକୁ ଅକ୍ଷମ ମଧୁ ସାନଝିଅକୁ ବିକି ଦେବାକୁ ଚାହୁଁଛନ୍ତି। ବିବାହ ନାଁରେ ଝିଅକୁ ବିକି ଦେଲାବେଳେ ବାପ ହିସାବରେ ଦୁଃଖ ଲାଗେ କି ନାଁ ପ୍ରଶ୍ନରେ ମଧୁ ଉତ୍ତର ଦିଅନ୍ତି, ଉପାୟ ବି ନାହିଁ। ଯାହା ତା'ର ଭାଗ୍ୟରେ ଥିବ ଭୋଗ କରିବ ବୋଲି ସେ କହିଛନ୍ତି।



ସାନଝିଅ ସହିତ ମଧୁ।



ଜମ୍ମୁ-କଶ୍ମୀରକୁ ଯେତେବେଳେ ଶାନ୍ତି ଫେରେ ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ ଘଟାଇ ସ୍ଥିତିକୁ ବିଗାଡ଼ିଦିଏ। ଅନନ୍ତନାଗରେ ସିଆର୍‌ପିଏଫ୍ ଉପରେ ଆତ୍ମଘାତୀ ଆକ୍ରମଣ ପଡ଼ୋଶୀ ଦେଶର ନିର୍ଦ୍ଦେଶରେ ହୋଇଛି।

-ସତ୍ୟପାଲ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ

## ■ ପଶ୍ଚିମବଙ୍ଗରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଡାକ୍ତର ଆନ୍ଦୋଳନରୁ ତେଜିଲା ରାଜନୀତି

କୋଲକାତା, ୧୩।୬ (ଆଇଏଏନ୍‌ଏସ୍)

ପଶ୍ଚିମବଙ୍ଗର ଏକ ସରକାରୀ ହସ୍ପିଟାଲରେ ହିଂସା ପରେ ୩ ଦିନ ଧରି ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ରାଜନୈତିକ ରୂପ ନେଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଭାଜପା ଏବଂ ବାମଦଳଗୁଡ଼ିକର ଷଡ଼ଯନ୍ତ୍ରର ପରିଣାମ ବୋଲି ଅଭିହିତ କରିଥିବାବେଳେ ଗୈରିକ ଦଳ ଏଥିପାଇଁ ଓଲଟା ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଦାୟୀ କରିଛି। ଡାକ୍ତରଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତମାନେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର। ମମତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ବରିଷ୍ଠ ଭାଜପା ନେତା ମୁକୁଲ ରୟ ଅଭିଯୋଗ ଆଣିଛନ୍ତି। ସେପଟେ ସୁରକ୍ଷା ଦାବିରେ ଅଡ଼ିବସିଥିବା ଆନ୍ଦୋଳନରତ ଡାକ୍ତରମାନେ ମମତାଙ୍କ ମହଲତକୁ ବେଖାତିର କରି କାର୍ଯ୍ୟରେ ଯୋଗଦେଇ ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି।

ବିବାଦ ଆରମ୍ଭ ହୋଇଥିଲା ସୋମବାର। କୋଲକାତାସ୍ଥିତ ନୀଲରତନ ସିରକାର (ଏନ୍‌ଆର୍‌ସି) ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ୭୫ ବର୍ଷୀୟ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଚିକିତ୍ସାରେ ଅବହେଳା ଅଭିଯୋଗ ଆଣି ୨ ଜୁନିୟର ଡାକ୍ତରଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଜଣେ ଡାକ୍ତର ଗୁରୁତର ଆହତ ହୋଇଥିଲେ। ଏହାର ଦିନକ ପରେ





ସାରା ରାଜ୍ୟର ଡାକ୍ତରମାନେ ସୁରକ୍ଷା ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିଲେ, ଯାହାକି ଅଦ୍ୟାବଧି ଜାରି ରହିଛି। ଫଳରେ ୩ ଦିନ ହେଲା ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହୋଇଛି। ହସ୍ପିଟାଲଗୁଡ଼ିକରେ ରୋଗୀମାନେ ବିନା ଚିକିତ୍ସାରେ ପଡ଼ିରହିଛନ୍ତି। ଭାଜପା ରାଜ୍ୟ ସଭାପତି ଦିଲୀପ ଘୋଷ କହିଛନ୍ତି, ଡାକ୍ତରଙ୍କୁ ସୁରକ୍ଷା ଯୋଗାଇଦେବା ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ। କିନ୍ତୁ ମମତା ନିଜ ଭୋଟ ପାଇଁ ଅସାମାଜିକ ତତ୍ତ୍ୱଙ୍କୁ ନିୟନ୍ତ୍ରଣ କି ଗିରଫ କରୁନାହାନ୍ତି। ମମତା ଏହାର ଜବାବରେ କହିଛନ୍ତି, ହସ୍ପିଟାଲଗୁଡ଼ିକରେ ବିଭ୍ରାଟ ସୃଷ୍ଟି କରିବା ଲାଗି ବାହାର ଲୋକ ପ୍ରବେଶ କରୁଛନ୍ତି ଏବଂ ଭାଜପା ଏହି ପ୍ରସଙ୍ଗକୁ ସାମ୍ପ୍ରଦାୟିକ ରଙ୍ଗ ଦେଉଛି। ସିପିଏମ୍ ସାହାଯ୍ୟରେ ଭାଜପା ହିନ୍ଦୁ-ମୁସଲିମ୍ ରାଜନୀତି କରୁଛି। ଏହି ପ୍ରେମ ବ୍ୟାପାରକୁ ଦେଖି ମୁଁ ସ୍ତବ୍ଧ ହୋଇଯାଇଛି। ଫେସ୍‌ବୁକ୍‌ରେ ଅପପ୍ରଚାର ଚଳାଇ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବାକୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ତାଙ୍କ ଦଳର କର୍ମକର୍ତ୍ତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ମମତା ଏଭଳି ଭାଷାରେ ବିକ୍ଷୋଭକୁ ନିନ୍ଦା କରିଛନ୍ତି।

ମମତା ଗୁରୁବାର ପୂର୍ବାହ୍ନରେ ଏସ୍‌ଏସ୍‌କେଏମ୍ ହସ୍ପିଟାଲ ପରିଦର୍ଶନ କରିବା ସହ ଡାକ୍ତରଙ୍କୁ ଦଙ୍ଗା ଆଇନ ପଢ଼ାଇ କାର୍ଯ୍ୟକୁ ଫେରିବାକୁ ତାଗିଦ କରିଥିଲେ। ଅପରାହ୍ନ ୨ଟା ସୁଦ୍ଧା କାର୍ଯ୍ୟକୁ ନ ଫେରିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଥିଲେ। ହେଲେ ମଙ୍ଗଳବାରଠାରୁ ରାସ୍ତାକୁ ଓହ୍ଲାଇଥିବା ଡାକ୍ତରମାନେ ଏହି ୪ ଘଣ୍ଟିଆ ମହଲତକୁ ଅବଜ୍ଞା କରିଛନ୍ତି। ସରକାରୀ ହସ୍ପିଟାଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ସହ ଆକ୍ରମଣକାରୀଙ୍କୁ ଗିରଫ କରା ନ ଗଲେ ସେମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଅଡ଼ିବସିଛନ୍ତି।

### ହସ୍ପିଟାଲ ଛାଡ଼ି ରାସ୍ତାରେ ଚିକିତ୍ସକ

- ■୨ ଜୁନିୟର ଡାକ୍ତରଙ୍କୁ ଆକ୍ରମଣ କରିଥିଲେ ମୃତ ରୋଗୀଙ୍କ ସମ୍ପର୍କୀୟ
- ■ସୁରକ୍ଷା ଦାବିରେ ୩ ଦିନ ହେଲା ଆନ୍ଦୋଳନ କରୁଛନ୍ତି ଚିକିତ୍ସକ
- ■ମମତାଙ୍କ ଚେତାବନୀକୁ ବେଖାତିର
- ■ରାଜ୍ୟପାଳଙ୍କୁ ଭେଟିଲା ଡାକ୍ତରଙ୍କ ପ୍ରତିନିଧି ଦଳ

ଇତିମଧ୍ୟରେ ଡାକ୍ତରଙ୍କ ଏକ ପ୍ରତିନିଧି ଦଳ ଏହି ପ୍ରସଙ୍ଗରେ ରାଜଭବନରେ ରାଜ୍ୟପାଳ କେଶରୀନାଥ ତ୍ରିପାଠୀଙ୍କୁ ଭେଟି ମମତାଙ୍କ ଆଭିମୁଖ୍ୟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆମ ସହ ଅପରାଧୀଙ୍କ ଭଳି ବ୍ୟବହାର କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେପଟେ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଭାଜପା। ରାଜ୍ୟ ଭାଜପା ଉପସଭାପତି ଜୟପ୍ରକାଶ ମଜୁମ୍‌ଦାର କହିଛନ୍ତି, ଆନ୍ଦୋଳନରତ ଡାକ୍ତରଙ୍କୁ ମମତା ଧମକ ଦେଉଛନ୍ତି। ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସେ ଏହାକୁ ନେଇ ରାଜନୀତି କରୁଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆଣି ନ ପାରିଲେ ମମତା ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଇସ୍ତଫା ଦିଅନ୍ତୁ ବୋଲି ଜୟପ୍ରକାଶ ଦାବି କରିଛନ୍ତି। ଶେଷରେ ମମତା ବରିଷ୍ଠ ଡାକ୍ତରମାନଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖିଛନ୍ତି। ସବୁ ଜିଲାରୁ ଗରିବ ଲୋକେ ଚିକିତ୍ସା ପାଇଁ ବଡ଼ ଡାକ୍ତରଖାନାଗୁଡ଼ିକୁ ଆସୁଛନ୍ତି। ତେଣୁ ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରମାନେ ରୋଗୀ ସେବାରେ ନିଜକୁ ନିୟୋଜିତ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

"ଡାକ୍ତର ଆନ୍ଦୋଳନ ଭାଜପା-ବାମପନ୍ଥୀଙ୍କ ଷଡ଼ଯନ୍ତ୍ରର ପରିଣାମ। ଭାଜପା ଅଧ୍ୟକ୍ଷ ଅମିତ ଶାହ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ଲାଗି ଦଳୀୟ କର୍ମୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ





"ଡାକ୍ତରଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତମାନେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର। ମମତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ସେମାନଙ୍କୁ ଗିରଫ କରୁନାହାନ୍ତି।

-ମୁକୁଲ ରୟ, ବରିଷ୍ଠ ଭାଜପା ନେତା

# ଦିଗ ବଦଳାଇଲା 'ବାୟୁ'



### ଗୁଜରାଟ ଉପକୂଳରେ ପ୍ରବଳ ଝଡ଼ବର୍ଷା

ପୋର୍‌ବନ୍ଦର, ୧୩।୬

ସାମୁଦ୍ରିକ ବାତ୍ୟା 'ବାୟୁ' ଦିଗ ବଳାଇଛି। ଗୁଜରାଟରେ ମାଡ଼ହେବା ପୂର୍ବରୁ ଏହା ପୁଣି ଆରବ ସାଗର ମୁହାଁ ହୋଇଛି। ଭେରେଭାଲ୍, ପୋର୍‌ବନ୍ଦର, ଓ ଦ୍ୱାରକା ପାଖଦେଇ ଏହା ଚାଲିଯିବ ବୋଲି ଜଣାପଡ଼ିଛି। ଏବେ ଏହା ଗୁଜରାଟ ଉପକୂଳରୁ ୧୧୦ କିମି ଦୂରରେ ରହିଛି। ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ସହ ୧୪୫ କିମି ବେଗରେ ପବନ ବୋହୁଥିବାବେଳେ ହାଇଆଲର୍ଟ ଜାରି କରାଯାଇଛି। ଆଗାମୀ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସୌରାଷ୍ଟ୍ର, ଅହମଦାବାଦ୍ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା, ପବନ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅପରାହ୍ନ ସୁଦ୍ଧା ଗୁଜରାଟର ଭାବନଗରର ତଳଜା ତାଲୁକାରେ ସର୍ବାଧିକ ୪୧ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ବାତ୍ୟାର ଭୟାବହତାକୁ ଦେଖି ବୁଧବାର ଉପକୂଳ ଅଞ୍ଚଳରେ ଥିବା ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ପଶ୍ଚିମତଟ ରେଳପଥ ପକ୍ଷରୁ ୭୦ଟି ଟ୍ରେନ୍ ବାତିଲ କରାଯାଇଥିବାବେଳେ କେତେକ ବିମାନ ଉଡ଼ାଣକୁ ରଦ୍ଦ କରାଯାଇଛି। ରିଲିଫ୍ ଓ ଉଦ୍ଧାର ଲାଗି ୫୨ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସଜାଗ ରଖାଯାଇଥିଲା। ତଟରକ୍ଷୀ ବାହିନୀ, ସ୍ଥଳସେନା, ନୌସେନା ଓ ବାୟୁସେନା ସହ ବିଏସ୍‌ଏଫ୍‌କୁ ହାଇଆଲର୍ଟରେ ରଖାଯାଇଥିଲା। ଜାରି କରାଯାଇଥିବା ସତର୍କ ସୂଚନା ନ ଉଠିବା ଯାଏ ସମସ୍ତ ସ୍କୁଲ କଲେଜ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ଏହା ଭିତରକୁ ନ ଯିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

## ■ ନିଖୋଜ ବାୟୁସେନା ବିମାନର ବ୍ଲାକ୍‌ବକ୍ସ ମିଳିଲା

# ସମସ୍ତ ୧୩ ଯାତ୍ରୀ ମୃତ

ନୂଆଦିଲ୍ଲୀ, ୧୩।୬

ନିଖୋଜ ବାୟୁସେନା ବିମାନ ଏନ୍-୩୨ର ଭଗ୍ନାବଶେଷ ଅରୁଣାଚଳର ଏକ ଘଞ୍ଚ ଜଙ୍ଗଲଘେରା ପାର୍ବତ୍ୟାଞ୍ଚଳରୁ ମିଳିଛି। ତେବେ ଏଥିରେ ଥିବା ସମସ୍ତ ୧୩ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ବାୟୁସେନା ପକ୍ଷରୁ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିମାନଟି ପିଟିହେବା ପରେ ଚୂର୍‌ମାର୍ ହୋଇଯାଇଥିବା ସନ୍ଦେହ କରାଯାଉଛି। ବିମାନର ବ୍ଲାକବକ୍ସକୁ ଉଦ୍ଧାର କରାଯାଇ ପରୀକ୍ଷା କରାଯାଉଛି।

ବିମାନଟି ଜୁନ୍ ୩ ତାରିଖରୁ ନିଖୋଜ ହେବା ପରେ ବ୍ୟାପକ ତଲାସି କରାଯାଇଥିଲା। ମୃତକଙ୍କ ମଧ୍ୟରେ ଅଛନ୍ତି ୱିଙ୍ଗ କମାଣ୍ଡର୍ ଜି.ଏମ୍. ଚାର୍ଲ୍ସ, ସ୍କ୍ୱାଡ୍ରନ୍ ଲିଡର୍ ଏଚ୍. ବିନୋଦ, ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ଏଲ୍.ଆର୍. ଥାପ୍ପା, ଏମ୍.କେ. ଗର୍ଗ, ଆଶିଷ ତନ୍‌ୱର୍, ସୁନୀତ୍ ମହାନ୍ତି, ୱାରେଣ୍ଟ ଅଫିସର୍ କେ. କେ. ମିଶ୍ର, ସର୍ଜେଣ୍ଟ ଅନୁପ୍ କୁମାର, କର୍ପୋରାଲ୍ ସେରିନ୍, ଲିଡିଂ ଏୟାରକ୍ରାଫ୍ଟ ମ୍ୟାନ୍ ଏସ.କେ. ସିଂ, ପଙ୍କଜ, ରାଜେଶ କୁମାର ଓ ପୁଟ୍‌ଲି। ରୁଷିଆ ନିର୍ମିତ ଏହି ବାୟୁସେନା ବିମାନଟି ଆସାମର ଜୋର୍‌ହାଟ୍‌ରୁ ଚାଇନା ସୀମାନ୍ତବର୍ତ୍ତୀ ଅଞ୍ଚଳ ମେନ୍‌ଚୁକାକୁ ଯାଉଥିଲା। ବିମାନଟି ଛାଡ଼ିବାର ଅଧଘଣ୍ଟା ପରେ ଏହା ସହ ସମ୍ପର୍କ ରକ୍ଷା କରାଯାଇ ପାରି ନ ଥିଲା। ନିଖୋଜ ଏହି ବିମାନକୁ ଠାବ କରିବା ଲାଗି ବିଭିନ୍ନ ପ୍ରୟାସ କରାଯାଇଥିଲା। ଶେଷରେ ୮ ଦିନ ପରେ ସୀମାନ୍ତବର୍ତ୍ତୀ ଏକ ଗ୍ରାମର ୧୨ ହଜାର ଫୁଟ ପାର୍ବତ୍ୟାଞ୍ଚଳରେ ଏହାର ଭଗ୍ନାବଶେଷ ବାୟୁସେନା ପକ୍ଷରୁ ମଙ୍ଗଳବାର ଠାବ କରାଯାଇଥିଲା। ତା' ପରେ ବୁଧବାର ୧୫ ଜଣିଆ ଏକ ଉଦ୍ଧାରକାରୀ ଟିମ୍ ସେଠାକୁ ପଠାଯାଇଥିଲା।

## ଟିକ୍‌ଟକ୍ ପାଇଁ ଆତ୍ମହତ୍ୟା କଲେ ୨ ସନ୍ତାନର ମାଆ

**ନୂଆଦିଲ୍ଲୀ, ୧୩।୬(ଆଇଏଏନ୍‌ଏସ୍):** ସଂକ୍ଷିପ୍ତ ଭିଡିଓ ପ୍ରସ୍ତୁତକାରୀ ଆପ୍ ଟିକ୍‌ଟକ୍ ପାଇଁ ତାମିଲନାଡୁର ୨ ସନ୍ତାନର ଜନନୀ ଜଣେ ୨୪ ବର୍ଷୀୟା ମହିଳା ଗୁରୁବାର ଆତ୍ମହତ୍ୟା କରିଛନ୍ତି। ଅନୀତା ନାମ୍ନୀ ଏହି ମହିଳା ଟିକ୍‌ଟକ୍‌ରେ ଭିଡିଓ ପ୍ରସ୍ତୁତିରେ ବ୍ୟସ୍ତ ରହୁଥିବାବେଳେ ତାଙ୍କ ସ୍ୱାମୀ ଏହାକୁ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଅନୀତା ବିଷ ପିଇବା ସମୟର ଭିଡିଓ ହ୍ୱାଟ୍ସଆପ୍‌ରେ ସିଙ୍ଗାପୁରରେ ଥିବା ତାଙ୍କ ସ୍ୱାମୀଙ୍କ ପାଖକୁ ପଠାଇଥିଲେ। କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା।

[ଇତିହାସର ଆଇନାରେ]

### ଜୁନ୍ ୧୪ର ପ୍ରମୁଖ ଘଟଣା

୧୯୩୭ ଜୁନ ୧୪ରେ ପେନସିଲଭାନିଆରେ ପ୍ରଥମକରି ସରକାରୀ ଭାବେ ପତାକା ଦିବସ ପାଳନ କରାଯାଇଥିଲା। ଏହା ଆମେରିକାର ଉତ୍ତରପୂର୍ବ ଭାଗରେ ଥିବା ଏକ ପ୍ରଦେଶ।

୨୦୧୪ ଜୁନ୍ ୧୪ରେ ୟୁକ୍ରେନ୍‌ର ଇଲ୍ୟୁସିନ୍ ଇଲ୍-୭୬ ନାମକ ସାମରିକ ବିମାନକୁ ଗୁଳିକରି ଖସାଇ ଦିଆଯିବା ଫଳରେ ୪୯ ଲୋକଙ୍କ ମୃତ୍ୟୁ ଘଟିଥିଲା।

# ୨ ତୈଳବାହୀ ଜାହାଜ ଉପରେ ଆକ୍ରମଣ



ଦୋହା, ୧୩।୬(ଆଇଏଏନ୍‌ଏସ୍)

ଓମାନ ଉପସାଗରରେ ଦୁଇଟି ତୈଳବାହୀ ଜାହାଜ ଗୁରୁବାର ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ତେବେ ଏଥିରେ ଥିବା ସମସ୍ତ କର୍ମଚାରୀଙ୍କୁ ନିରାପଦର ସହିତ ଉଦ୍ଧାର କରାଯାଇଛି। ଗତ ମାସରେ ଅନ୍ୟ ୪ଟି ତୈଳବାହୀ ଜାହାଜକୁ ଧ୍ୱଂସ କରିବା ଲାଗି ଇରାନ ସେଠାରେ ନାଭାଲ ମାଇନ୍ ବ୍ୟବହାର କରିଥିଲା। ଗୁରୁବାର ଜାହାଜ ଦୁଇଟି ସେହି ସ୍ଥାନରେ ଥିଲେ ବୋଲି ଆମେରିକା ଅଭିଯୋଗ କରିଛି। ଅନ୍ୟପକ୍ଷରେ ଇରାନ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି, ଦୁଇ ତୈଳବାହୀ ଜାହାଜ ଆବୁ ଧାବୀ ବନ୍ଦର ଛାଡିଥିଲେ। ଆକ୍ରମଣ ସମ୍ପର୍କରେ ସେମାନେ ପାକିସ୍ତାନ ଓ ଓମାନ ବନ୍ଦରକୁ ଜଣାଇଥିଲେ। ଆକ୍ରମଣର ସମ୍ମୁଖୀନ ହୋଇଥିବା ନରୱେର ଫ୍ରଣ୍ଟ ଅଲ୍‌ଟେୟାର କମ୍ପାନୀର ଜାହାଜରେ ନିଆଁ ଲାଗିଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ମଙ୍ଗଳବାର ରୁୱାଇସ୍‌ର ଏମିରାତି ବନ୍ଦର ଛାଡିଥିଲା ଏବଂ ଜୁନ୍ ୩୦ରେ ତାଇୱାନ୍‌ର କୌସିଉଙ୍ଗ୍ ବନ୍ଦରରେ ପହଞ୍ଚିଥାନ୍ତା। ଅନ୍ୟ ଜାହାଜଟି ପାନାମାର। ତେବେ ଆକ୍ରମଣ କିପରି ଘଟିଲା ଏବଂ ଏଥିପାଇଁ କିଏ ଦାୟୀ ତାହା ଜଣାପଡିନାହିଁ। ଉଭୟ ଜାହାଜରୁ ୪୪ ଜଣ କର୍ମଚାରୀଙ୍କୁ ଇରାନ ନୌସେନା ଉଦ୍ଧାର କରିଥିଲା। ଏଥିରେ ଆମେରିକାର ଜାହାଜ ମଧ୍ୟ ସହାୟତା କରିଥିଲା।

## ଏନ୍‌ସେଫାଲାଇଟ୍ସ ନେଲାଣି ୪୭ ଶିଶୁଙ୍କ ଜୀବନ

ମୁଜାଫରପୁର, ୧୩।୬

ବିହାରର ମୁଜାଫରପୁର ଜିଲା ଓ ଆଖପାଖରେ ଗତ ୧୫ ଦିନ ମଧ୍ୟରେ ଏନ୍‌ସେଫାଲାଇଟ୍ସରେ ୪୭ ଶିଶୁଙ୍କ ଜୀବନ ଗଲାଣି। ତେବେ ବିହାର ସରକାର ଏହାକୁ ମାନିବାକୁ ନାରାଜ। ଏନ୍‌ସେଫାଲାଇଟ୍ସ ନୁହେଁ ହାଇପୋଗ୍ଲିସେମିଆ ବା ରକ୍ତଶର୍କରା ସ୍ତରରେ ଅସ୍ୱାଭାବିକତା କିମ୍ବା ଶରୀରରେ ସୋଡିୟମ ଓ ପଟାସିୟମର ଅଭାବ ଯୋଗୁ ଶିଶୁଙ୍କ ମୃତ୍ୟୁ ହେଉଥିବା ରାଜ୍ୟ ସରକାର କହିଛନ୍ତି। ବୁଧବାର ଶ୍ରୀକ୍ରିଷ୍ଣ ମେଡିକାଲ କଲେଜ ଓ ହସ୍ପିଟାଲରେ ଆଉ ୩ ଶିଶୁଙ୍କ ମୃତ୍ୟୁ ପରେ କେନ୍ଦ୍ରରୁ ୭ ଜଣିଆ ବିଶେଷଜ୍ଞ ଟିମ୍ ପରିସ୍ଥିତି ଅନୁଧ୍ୟାନ ଲାଗି ମୁଜାଫରପୁରରେ ଆସି ପହଞ୍ଚିଛନ୍ତି। ଆକ୍ୟୁଟ୍ ଏନ୍‌ସେଫାଲାଇଟ୍ସ ସିଣ୍ଡ୍ରୋମ୍ (ଏଇଏସ୍) ଅନୁରୂପ ଲକ୍ଷଣ ଯୋଗୁ ୪୭ ଶିଶୁଙ୍କ ମୃତ୍ୟୁ ଘଟିଥିବା ମୁଜାଫରପୁର ଜିଲାପାଳ ଆଲୋକ ରଞ୍ଜନ ଘୋଷ ସ୍ପଷ୍ଟ କରିଛନ୍ତି। ଶ୍ରୀକୃଷ୍ଣ ମେଡିକାଲ କଲେଜ ହସ୍ପିଟାଲରେ ୧୪ ଏବଂ କେଜ୍‌ରିୱାଲ ମୈତ୍ରୀ ସଦନରେ ୫ ନୂଆ ରୋଗୀ ପହଞ୍ଚିଛନ୍ତି, ଯେଉଁମାନେ ଏନ୍‌ସେଫାଲାଇଟ୍ସରେ ପୀଡିତ ବୋଲି ଆଶଙ୍କା କରାଯାଉଛି।

# ଅବସର ନେବେ ୯ ରାଜ୍ୟପାଳ

**ନୂଆଦିଲ୍ଲୀ, ୧୩।୬:** ଆଗାମୀ ୩ ମାସ ମଧ୍ୟରେ ପଶ୍ଚିମବଙ୍ଗ, କର୍ଣ୍ଣାଟକ ଓ ଉତ୍ତରପ୍ରଦେଶ ସମେତ ୯ ରାଜ୍ୟର ରାଜ୍ୟପାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏଥିସହ କେନ୍ଦ୍ର ସରକାର ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ, ଉମା ଭାରତୀ ଓ ଲୋକ ସଭାର ପୂର୍ବତନ ବାଚସ୍ପତି ସୁମିତ୍ରା ମହାଜନଙ୍କୁ ରାଜ୍ୟପାଳଭାବେ ଅବସ୍ଥାପିତ କରିପାରନ୍ତି ବୋଲି କୁହାଯାଉଛି। ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଲାଗି ଅଲଗା ରାଜ୍ୟପାଳ ପଠାଯିବା, ମିଜୋରାମ, ରାଜସ୍ଥାନ, ଗୁଜରାଟ, ଗୋଆ, ମହାରାଷ୍ଟ୍ର, ନାଗାଲାଣ୍ଡରେ ନୂଆ ରାଜ୍ୟପାଳଙ୍କୁ ଦାୟିତ୍ୱ ଦିଆଯିବା ଲାଗି ମୋଦି ସରକାର ଚିନ୍ତା କରୁଛନ୍ତି।

ଗୁଜରାଟ ରାଜ୍ୟପାଳ ଓ.ପି. କୋହଲିଙ୍କ କାର୍ଯ୍ୟକାଳ ଜୁଲାଇରେ ଶେଷ ହେଉଥିବାବେଳେ ଗୋଆ ରାଜ୍ୟପାଳ ମୃଦୁଳା ସିହ୍ନାଙ୍କ କାର୍ଯ୍ୟକାଳ ଅଗଷ୍ଟରେ ସରୁଛି। ମହାରାଷ୍ଟ୍ର ରାଜ୍ୟପାଳ ସି. ବିଦ୍ୟାସାଗର ରାଓଙ୍କ କାର୍ଯ୍ୟକାଳ ଓ ନାଗାଲାଣ୍ଡ ରାଜ୍ୟପାଳ ପି.ବି. ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଆଗାମୀ ଦୁଇମାସ ମଧ୍ୟରେ ଶେଷ ହେଉଛି।

# ନାନାଙ୍କୁ କ୍ଲିନ୍‌ଚିଟ୍, ତନୁଶ୍ରୀ ନିରାଶ

**ମୁମ୍ବାଇ:** ଅଭିନେତା ନାନା ପାଟେକରଙ୍କ ବିରୋଧରେ ତନୁଶ୍ରୀ ଦତ୍ତା ଯେଉଁ ଯୌନ ଉତ୍ପୀଡନ ମାମଲା ଦାଏର କରିଥିଲେ ତାହାର କୌଣସି ପ୍ରମାଣ ନାହିଁ ବୋଲି ମୁମ୍ବାଇ ପୋଲିସ ସ୍ଥାନୀୟ ଏକ ଅଦାଲତକୁ ସୂଚନା ଦେଇଛନ୍ତି। ୨୦୧୮ ଅକ୍ଟୋବରରେ ନାନା ପାଟେକରଙ୍କ ବିରୋଧରେ ତନୁଶ୍ରୀ ସୋସିଆଲ ମିଡିଆରେ '#ମିଟୁ' ଅଭିଯୋଗ ଆଣିବା ପରେ ତାହା ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ନାନାଙ୍କୁ ଏହି ଘଟଣାରେ 'କ୍ଲିନ୍ ଚିଟ୍' ଦିଆଯାଇଥିବାରୁ ତନୁଶ୍ରୀ ନୈରାଶ୍ୟ ପ୍ରକାଶ କରିଛନ୍ତି। ଏଥିପାଇଁ ସେ ପୋଲିସ ଏବଂ ନ୍ୟାୟିକ ବ୍ୟବସ୍ଥା ଉପରୁ ଆସ୍ଥା ହରାଇଛନ୍ତି। ମୁମ୍ବାଇର ସବ୍‌ଅର୍ବାନ୍ ଓଶିୱାରା ପୋଲିସ ବୁଧବାର ଅନ୍ଧେରିର ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଏକ 'ବି ସମରି' ଦାଖଲ କରିଥିବା ଡେପୁଟି ପୋଲିସ କମିଶନର ପରମ୍‌ଜିତ ସିଂ ଦହିଆ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିବା ପାଇଁ ପୋଲିସ କୌଣସି ପ୍ରମାଣ ନ ପାଇଲେ ଏକ 'ବି ସମରି' ରିପୋର୍ଟ ଦାଖଲ କରିଥାଏ। ତେବେ ମାଜିଷ୍ଟ୍ରେଟ୍ କୋର୍ଟ କ୍ଲୋଜର ରିପୋର୍ଟ ଉପରେ ଏକ ନିର୍ଦ୍ଦେଶନାମା ଜାରି କରିବେ। ଏହା ପୂର୍ବରୁ ଅଦାଲତ ସମ୍ପୃକ୍ତ ସବୁ ପକ୍ଷର ଯୁକ୍ତି ଶୁଣାଣି କରିବେ। ପ୍ରତିକ୍ରିୟା ପ୍ରକାଶ କରି ତନୁଶ୍ରୀ ଦତ୍ତା ଏକ ବିବୃତିରେ କହିଛନ୍ତି ସେ ଏଥିରେ 'ଆଘାତପ୍ରାପ୍ତ କି ବିସ୍ମିତ' ନୁହନ୍ତି। ତାଙ୍କ ଓକିଲ ପୋଲିସ ରିପୋର୍ଟକୁ ବିରୋଧ କରିବା ସହିତ ହାଇକୋର୍ଟରେ ଆବେଦନ କରିବେ ବୋଲି କହିଛନ୍ତି। ପାଟେକର ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଏହି ଘଟଣାରେ ସାକ୍ଷୀମାନଙ୍କ ବିବୃତି ରେକର୍ଡ ନ କରି 'ବି ସମରି' ରିପୋର୍ଟ କିପରି ପ୍ରସ୍ତୁତ ହେଲା ବୋଲି ତନୁଶ୍ରୀ ପ୍ରଶ୍ନ କରିଛନ୍ତି। ଭୟ ପ୍ରଦର୍ଶନ କରାଯାଇ ଆମ ସାକ୍ଷୀମାନଙ୍କୁ ଚୁପ୍ କରିଦିଆଯାଇଛି ଏବଂ ମାମଲାକୁ ଦୁର୍ବଳ କରିବା ପାଇଁ ନକଲି ସାକ୍ଷୀଙ୍କ ବୟାନ ନିଆଯାଇଛି ବୋଲି ତନୁଶ୍ରୀ ଅଭିଯୋଗ କରିଛନ୍ତି।

'#ମିଟୁ' ମାମଲା





# ସ୍ପେସ୍ ଷ୍ଟେଶନ ସ୍ଥାପନ କରିବ ଭାରତ



ନୂଆଦିଲ୍ଲୀ, ୧୩।୬(ଆଇଏଏନ୍‌ଏସ୍)

ଭାରତ ୨୦୩୦ ସୁଦ୍ଧା ନିଜସ୍ୱ ସ୍ପେସ୍ ଷ୍ଟେଶନ ଲଞ୍ଚ୍ କରିବାକୁ ଯୋଜନା କରିଥିବା ଇସ୍ରୋ (ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍)ର ଅଧ୍ୟକ୍ଷ କେ. ଶିବନ୍ ପ୍ରକାଶ କରିଛନ୍ତି। ଉକ୍ତ ସ୍ପେସ୍ ଷ୍ଟେଶନର ଓଜନ ପାଖାପାଖି ୨୦ ଟନ୍ ହେବ ବୋଲି ଆକଳନ କରାଯାଇଛି। ଭାରତର ପ୍ରଥମ ମାନବଯୁକ୍ତ ମହାକାଶଯାନ 'ଗଗନଯାନ ମିଶନ୍'ର ଏହାର ସମ୍ପ୍ରସାରିତ ଅଂଶ। ୨୦୨୨ରେ ଗଗନଯାନର ସମ୍ପୂର୍ଣ୍ଣ ସଫଳତା ପରେ ୫ରୁ ୭ବର୍ଷ ମଧ୍ୟରେ ଭାରତ ଏକ ପୃଥକ୍ ସ୍ପେସ୍ ଷ୍ଟେଶନ୍ ମହାକାଶରେ ସ୍ଥାପନ କରିବ। ଉକ୍ତ ଷ୍ଟେଶନ୍‌ରେ ମାଇକ୍ରୋଗ୍ରାଭିଟି ଏକ୍ସପେରିମେଣ୍ଟ (ଅଣୁମାଧ୍ୟାକର୍ଷଣ ପର୍ଯ୍ୟବେକ୍ଷଣ) କରାଯିବ ବୋଲି ଶିବନ୍ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ମହାକାଶଚାରୀମାନେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ମହାକାଶରେ ଯେପରି ରହିପାରିବେ ତାହାକୁ ଦୃଷ୍ଟିରେ ରଖି ଏକ ପ୍ରାଥମିକ ଯୋଜନା ପ୍ରସ୍ତୁତ କରାଯାଉଛି। କିନ୍ତୁ ଗଗନଯାନର ସଫଳତା ପରେ ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇବ। ଏହି ପ୍ରକଳ୍ପ ପାଇଁ କୌଣସି ଦେଶର ସହଯୋଗ ଲୋଡାଯିବ ନାହିଁ ବୋଲି ଶିବନ୍ କହିଛନ୍ତି। ଏ ପର୍ଯ୍ୟନ୍ତ ଆମେରିକା, ରୁଷିଆ, ଚାଇନା ଏବଂ କେତେକ ରାଷ୍ଟ୍ର ସାମୂହିକ ଉଦ୍ୟମରେ ମହାକାଶରେ ସ୍ପେସ୍ ଷ୍ଟେଶନ୍ ସ୍ଥାପନ କରିଛନ୍ତି। ଏଥିସହିତ ସୂର୍ଯ୍ୟ ଓ ଶୁକ୍ର ସମ୍ପର୍କରେ ଅଧ୍ୟୟନ ପାଇଁ ଅନ୍ୟ ଦୁଇଟି ମିଶନ୍ ଯଥାକ୍ରମେ ୨୦୨୦ ଓ ୨୦୨୩ରେ ଲଞ୍ଚ୍ କରାଯିବା ବୋଲି ଶିବନ୍ ଘୋଷଣା କରିଛନ୍ତି।

### ସ୍ପେସ୍ ଷ୍ଟେଶନର ଉଦ୍ଦେଶ୍ୟ

ସ୍ପେସ୍ ଷ୍ଟେଶନକୁ ଅର୍ବିଟାଲ ଷ୍ଟେଶନ୍ ବା ଅର୍ବିଟାଲ୍ ସ୍ପେସ୍ ଷ୍ଟେଶନ୍ ମଧ୍ୟ କୁହାଯାଏ। ଏହା ଏକ ସ୍ପେସ୍‌କ୍ରାଫ୍ଟ ଯାହା ମହାକାଶଚାରୀଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ସହାୟତା କରିଥାଏ। ଏହା ସାଧାରଣତଃ ଏକ କୃତ୍ରିମ ଉପଗ୍ରହ ଯାହାକୁ ପୃଥିବୀର ନିମ୍ନ କକ୍ଷରେ ସ୍ଥାପନ କରାଯାଏ। ଏଠାରେ ଛୋଟ ସ୍ପେସ୍‌କ୍ରାଫ୍ଟକୁ ମଧ୍ୟ ଆଶ୍ରୟ ଦିଆଯାଏ। ଏ ପର୍ଯ୍ୟନ୍ତ ଏକ ପୂର୍ଣ୍ଣ କାର୍ଯ୍ୟକ୍ଷମ ସ୍ପେସ୍ ଷ୍ଟେଶନ୍ ହେଉଛି ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ। ଏହାକୁ ସ୍ଥାୟୀ ଭାବରେ ସ୍ଥାପନ କରାଯାଇଛି। ପୂର୍ବରୁ ସ୍ଥାପିତ ସ୍ପେସ୍ ଷ୍ଟେଶନ ହେଉଛି ଆଲମାଜ ଓ ସାଲ୍ୟୁଟ୍ ସିରିଜ୍, ସ୍କାଏଲାବ, ମିର୍, ତିଆନ୍‌ଗଙ୍ଗ-୧ ଏବଂ ତିଆନ୍‌ଗଙ୍ଗ-୨। ଚାଇନା, ରୁଷିଆ, ଆମେରିକା ସମେତ କେତେକ ପ୍ରାଇଭେଟ କମ୍ପାନୀ ଆଗାମୀ ଦଶନ୍ଧିରେ ସ୍ପେସ୍ ଷ୍ଟେଶନ୍ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ ସ୍ପେସ୍ ଷ୍ଟେଶନକୁ ଏକ ଗବେଷଣା ପ୍ଲାଟଫର୍ମ ଭାବେ ବ୍ୟବହାର କରାଯାଉଛି। ମାନବ ଶରୀରରେ ମହାକାଶରେ ଦୀର୍ଘରହଣିର ପ୍ରଭାବ ସମ୍ପର୍କରେ ପରୀକ୍ଷା ନିରୀକ୍ଷା ଜାରି ରହିଛି। ସ୍ପେସ୍ ଷ୍ଟେଶନକୁ ଉଭୟ ସାମରିକ ଏବଂ ବେସାମରିକ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରାଯାଉଛି।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ






# ପ୍ରତ୍ୟେକ ମହିଳାଙ୍କ ମୃତ୍ୟୁର ହେବ ସମୀକ୍ଷା

**କଟକ ଅଫିସ, ୧୩।୬**

୧୫ରୁ ୪୯ ବର୍ଷ ମଧ୍ୟରେ ମୃତ୍ୟୁବରଣ କରୁଥିବା ପ୍ରତ୍ୟେକ ମହିଳାଙ୍କ ମୃତ୍ୟୁର ସମୀକ୍ଷା କରାଯିବ। ବ୍ଲକ ଓ ଜିଲା ସ୍ତରରେ ଏହି କାର୍ଯ୍ୟ ଆରମ୍ଭ ହେବ। ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ଆଶାକର୍ମୀମାନେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାର ମୁଖ୍ୟଙ୍କୁ ଟେଲିଫୋନ୍‌ରେ ଅବଗତ କରାଇବେ। ଏହା ପରେ ଉଦ୍ଦିଷ୍ଟ ଏକ ଫର୍ମରେ ମୃତ ମହିଳାଙ୍କ ନାମ,

## ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବେ ଆଶା

ଠିକଣା, ମୃତ୍ୟୁର ସ୍ଥାନ ଇତ୍ୟାଦି ଉଲ୍ଲେଖ କରି ଉକ୍ତ ରିପୋର୍ଟକୁ ୨୪ ଘଣ୍ଟା ମଧ୍ୟରେ ନିକଟସ୍ଥ ଡାକ୍ତରଖାନା ମୁଖ୍ୟଙ୍କ ନିକଟରେ ଦାଖଲ କରିବେ। ଏହାପରେ ଡାକ୍ତରଖାନା ମୁଖ୍ୟ ମୃତ୍ୟୁର କାରଣ ତର୍ଜମା କରି ୭ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ କରିବେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ସାଲିନୀ ପଣ୍ଡିତ ରାଜ୍ୟର ସମସ୍ତ ସିଡିଏମ୍‌ଓଙ୍କ ସମେତ ମେଡିକାଲ କଲେଜଗୁଡ଼ିକୁ ଗୁରୁବାର ଚିଠି କରିଛନ୍ତି। ପ୍ରତି ମାସରେ ଏହି ମୃତ୍ୟୁର ଉଚ୍ଚସ୍ତରୀୟ ସମୀକ୍ଷା କରାଯିବ ବୋଲି ନିର୍ଦ୍ଦେଶିକା ନିଜ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉକି, ପୂର୍ବରୁ କେବଳ ମାତୃ ମୃତ୍ୟୁର ସମୀକ୍ଷା କରାଯାଉଥିଲା।











ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଆଦ୍ୟା ଅନୁଷ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### କମିଲା ତାତି...

କିନ୍ତୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ବର୍ଷା ଓ ଘଡ଼ଘଡ଼ି ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ କଟିଯାଇଥିଲା। ଫଳରେ ସମସ୍ତେ ଗରମରେ ଛଟପଟ ହୋଇଥିଲେ। ଗୁରୁବାର ଉତ୍ତର ଓଡ଼ିଶା ସମେତ ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼,କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଖୋର୍ଦ୍ଧା, ପୁରୀ, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାରେ ବର୍ଷା ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ମଧ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଆଦି ଜିଲାରେ କାଳବୈଶାଖୀ ହେବ। ଏ ନେଇ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ପାଗ ଏହିଭଳି ରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି।

### ଆତଙ୍କବାଦ ବିରୋଧରେ...

ଫଳପ୍ରଦ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆଲୋଚନାରେ ସମସ୍ତ ଦ୍ୱିପାକ୍ଷିକ ପ୍ରସଙ୍ଗ ସ୍ଥାନ ପାଇଥିଲା ଏବଂ ସେମାନେ ଅର୍ଥନୈତିକ ଏବଂ ସାଂସ୍କୃତିକ ସମ୍ପର୍କ ବୃଦ୍ଧି ଲାଗି ଏକାଠି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିବା ମୋଦି ଟୁଇଟ୍ କରିଛନ୍ତି। ପ୍ରତିନିଧିସ୍ତରୀୟ ଆଲୋଚନା ଆରମ୍ଭ ପୂର୍ବରୁ ଜିନ୍‌ପିଙ୍ଗ ମୋଦିଙ୍କୁ ନିର୍ବାଚନ ବିଜୟ ଲାଗି ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଜିନ୍‌ପିଙ୍ଗଙ୍କୁ ଭାରତ ଆସିବା ଲାଗି ଆମନ୍ତ୍ରଣ କରିଛନ୍ତି।

ମୋଦି ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜିନ୍‌ପିଙ୍ଗଙ୍କ ସହ ଏହା ଥିଲା ପ୍ରଥମ ବୈଠକ। ମାସେ ପୂର୍ବରୁ ଚାଇନା କଟକଣା ଉଠାଇଦେବାରୁ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାରଙ୍କୁ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍ କାଏଦା କାର୍ଯ୍ୟାନୁଷ୍ଠାନ କମିଟି ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷଣା କରିଥିଲା।

ୟୁହାନରେ ମୋଦି-ଜିନ୍‌ପିଙ୍ଗ ବୈଠକ ପରେ ଭାରତ-ଚାଇନା ସମ୍ପର୍କରେ ଦ୍ରୁତ ଅଗ୍ରଗତି ହୋଇଛି। ଉଭୟ ପରସ୍ପରର ସ୍ୱାର୍ଥ ପ୍ରତି ବେଶ୍ ସମ୍ବେଦନଶୀଳ ହୋଇଛନ୍ତି। ତା’ ପରଠାରୁ ଦୁଇ ଦେଶ ମଧ୍ୟରେ ସହଯୋଗକୁ ନୂତନ କ୍ଷେତ୍ରକୁ ଆଗେଇ ନେବାର ସୁଯୋଗ ଆସିଛି ବୋଲି ମୋଦି ଜିନ୍‌ପିଙ୍ଗଙ୍କୁ କହିଛନ୍ତି।

ଡୋକଲାମରେ ଦୀର୍ଘ ୭୩ ଦିନ ଧରି ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଜାରି ରହିବା ଫଳରେ ଦୁଇ ଦେଶର ସମ୍ପର୍କ ଅତ୍ୟନ୍ତ ତିକ୍ତ ହୋଇଥିଲା। ୨୦୧୮ ୟୁହାନ ସମ୍ମିଳନୀରେ ମୋଦି ଓ ଜିନ୍‌ପିଙ୍ଗ ଏହି ସମସ୍ୟାର ସମାଧାନ କରି ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ମୋଡ଼ ଦେଇଥିଲେ। ଗତ ୫ ବର୍ଷରେ ଦୁଇ ନେତାଙ୍କ ମଧ୍ୟରେ ୧୦ରୁ ଅଧିକ ଥର ବୈଠକ ହୋଇଥିଲା। ପ୍ରଧାନମନ୍ତ୍ରୀ ଭାବେ ପୁନଃନିର୍ବାଚିତ ହେବା ପରେ ମୋଦି ପ୍ରଥମ ବହୁରାଷ୍ଟ୍ରୀୟ ସମ୍ମିଳନୀ ଏସ୍‌ସିଓରେ ଯୋଗଦେବା ଲାଗି ଗୁରୁବାର ବିଶ୍‌କେକ୍‌ରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଦ୍ୱିପାକ୍ଷିକ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

# ଭାଜପାର ସାଙ୍ଗଠନିକ ନିର୍ବାଚନୀ ପ୍ରସ୍ତୁତି

- ଗୃହମନ୍ତ୍ରୀଙ୍କ ନେତୃତ୍ୱରେ ବସିଲା ବୈଠକ
- ସୁରେଶ ପୂଜାରୀ ନୂତନ ସଦସ୍ୟତା ଅଭିଯାନର ରାଷ୍ଟ୍ରୀୟ ସହପ୍ରଭାରୀ
- ରାଜ୍ୟ ସଭାପତି ଦୌଡ଼ରେ ବହୁ ଆଶାୟୀ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଭାଜପା ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ୩ ବର୍ଷକୁ ଥରେ ସର୍ବଭାରତୀୟ ସ୍ତରରେ ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଏହି ସମୟସୀମା ପୂରଣ ହୋଇସାରିଥିବା ଯୋଗୁ ଏଥିପାଇଁ ଦଳ ନିଜର ପ୍ରସ୍ତୁତି ଆରମ୍ଭ କରିଛି। ଏ ନେଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଷ୍ଟ୍ରୀୟ ପଦାଧିକାରୀ, ପ୍ରତ୍ୟେକ ରାଜ୍ୟର ସଭାପତି, ପ୍ରଭାରୀ ଏବଂ ସହପ୍ରଭାରୀମାନେ ଯୋଗଦେଇଛନ୍ତି। ଦଳ ପକ୍ଷରୁ ଖୁବ୍‌ଶୀଘ୍ର ନୂଆ ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଏ ନେଇ ଦଳର ଯାହା ବ୍ୟବସ୍ଥା ରହିଛି ସେଦିଗରେ ଶାହ ବୈଠକରେ ଉପସ୍ଥିତ ସମସ୍ତଙ୍କ ସହ ଆଲୋଚନା କରିଛନ୍ତି। ସର୍ବଭାରତୀୟ ନୂଆ ସଦସ୍ୟତା ପାଇଁ ପ୍ରଭାରୀ ଭାବେ ଶିବରାଜ ସିଂ ଚୌହାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ବରଗଡ ଏମ୍‌ପି ସୁରେଶ ପୂଜାରୀଙ୍କୁ ସହପ୍ରଭାରୀ କରାଯାଇଛି। ଏମାନଙ୍କ ନେତୃତ୍ୱରେ ଖୁବ୍‌ଶୀଘ୍ର ପ୍ରତ୍ୟେକ ରାଜ୍ୟର ନୂଆ ସଦସ୍ୟତା ପ୍ରଭାରୀ ନିଯୁକ୍ତ ହେବେ ବୋଲି ଜଣାପଡିଛି। ଦଳ ପକ୍ଷରୁ ରାଜ୍ୟରେ ନୂଆ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାପରେ ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହେବ। କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ, ଜିଲା, ମଣ୍ଡଳସ୍ତରରେ ନୂତନ ସଭାପତି ଚୟନ କରାଯିବ। ସୂଚନା ମୁତାବକ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ କାର୍ଯ୍ୟକାଳ ଶେଷ ହୋଇସାରିଛି। ସେହିପରି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ମଧ କାର୍ଯ୍ୟକାଳ ଗତ ଜାନୁୟାରୀରେ ସମାପ୍ତ ହୋଇଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ କରି ଦଳ ବସନ୍ତ ପଣ୍ଡାଙ୍କ କାର୍ଯ୍ୟକାଳ ଜୁନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏବେ ଦେଶରେ ଆରମ୍ଭ ହେବାକୁ ଥିବା ନୂତନ ସଦସ୍ୟତା ଅଭିଯାନ ଶେଷ ହେବାପରେ ବିଭିନ୍ନ ରାଜ୍ୟରେ ଦଳର ସଭାପତି ପରିବର୍ତ୍ତନ ହେବେ। ସଦସ୍ୟତା ଅଭିଯାନ ସରିବା ପରେ ଜାତୀୟସ୍ତରରେ ଦଳ ପକ୍ଷରୁ ନିର୍ବାଚନ ଅଧିକାରୀ ନିଯୁକ୍ତ ହେବେ। ସେ ରାଜ୍ୟ ପାଇଁ ନିର୍ବାଚନ ଅଧିକାରୀ ବାଛିବେ। ତାଙ୍କ ନେତୃତ୍ୱରେ ରାଜ୍ୟ, ଜିଲା ଏବଂ ମଣ୍ଡଳସ୍ତରର ସଭାପତି ନିଯୁକ୍ତ ହେବେ। ପ୍ରତ୍ୟେକ ଜିଲାସ୍ତରରେ ୨୦ରୁ ୨୫ପ୍ରତିଶତ ନୂଆ ସଦସ୍ୟ ନିଯୁକ୍ତ ହେବେ ବୋଲି ଜଣାପଡ଼ିଛି। ତେବେ ଦଳର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ସଭାପତି ପଦ ପାଇଁ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ନିର୍ବାଚନ ପୂର୍ବରୁ ଯେତିକି ନେତା ଆଶାୟୀ ଥିଲେ ଏବେ ତା’ର ସଂଖ୍ୟା ବୃଦ୍ଧି ପାଇଚାଲିଛି ବୋଲି ଦଳର ଜଣେ ନେତା କହିଛନ୍ତି। ବହୁ ହେଭିୱେଟ୍ ନେତା ହାରିଯିବା ପରେ ବର୍ତ୍ତମାନ ରାଜ୍ୟ ସଭାପତି ପଦ ଉପରେ ନଜର ପକାଇଛନ୍ତି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ କେ.ଭି. ସିଂ ଦେଓ, ମନମୋହନ ସାମଲ, ପ୍ରଦୀପ ପୁରୋହିତ, ଭୃଗୁ ବକ୍ସିପାତ୍ରଙ୍କ ନାଁକୁ ନେଇ ଚର୍ଚ୍ଚା ହେବାରେ ଲାଗିଛି।

# ୩ ଭାଜପା କର୍ମୀ ଗିରଫ

**ନୟାଗଡ଼ ଅଫିସ, ୧୩।୬**

ସୋସିଆଲ ମିଡ଼ିଆରେ ବିଜେଡି-ଭାଜପା କଳି ଗୁରୁତର ରୂପ ନେଇଛି। ଏହି ଘଟଣାରେ ପୋଲିସ ୩ ଭାଜପା କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ପ୍ରିୟାପ୍ରୀତି ତୋଷଣ କରି ପୋଲିସ ବିଜେଡି କର୍ମୀଙ୍କୁ ଛାଡିଦେଇଥିବା ଅଭିଯୋଗ କରି ଗୁରୁବାର ଜିଲା ଭାଜପା ପକ୍ଷରୁ ଇଟାମାଟି ଥାନା ଘେରାଉ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୧୦ ତାରିଖରେ ଇଟାମାଟିର ବବୁଲ ପାତ୍ର ଓ ବିଶ୍ୱଜିତ ସାହୁଙ୍କ ମଧ୍ୟରେ ସୋସିଆଲ ମିଡ଼ିଆରେ ବିଜେଡି-ଭାଜପା କଳି ଦେଖିବାକୁ ମିଳିଥିଲା। ବିଶ୍ୱଜିତ ବିଜେଡି କର୍ମୀ ହୋଇଥିବାରୁ ସେ ସୋସିଆଲ ମିଡ଼ିଆରେ ବବୁଲ୍ ନିକଟକୁ ଭାଜପା ବିରୋଧରେ ଲେଖି ପଠାଇଥିଲେ। ଅନ୍ୟପକ୍ଷରେ ବବୁଲ୍ ଭାଜପା କର୍ମୀ ହୋଇଥିବାରୁ ସେ ବିଜେଡି ବିରୋଧରେ ଲେଖି ବିଶ୍ୱଜିତଙ୍କ ନିକଟକୁ ପଠାଇଥିଲେ। ଏହିଭଳି ଭାବେ ଉଭୟଙ୍କ ମଧ୍ୟରେ ସୋସିଆଲ ମିଡ଼ିଆରେ କଥା କଟାକଟି ହୋଇଥିଲା। ପରେ ଅପରାହ୍ନରେ ବବୁଲ୍‌ଙ୍କ ମା’ ଏ ନେଇ ବିଶ୍ୱଜିତଙ୍କ ଘରକୁ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ବିଶ୍ୱଜିତ ନ ଥିବାରୁ ସେ ଫେରିଆସିଥିଲେ। ସନ୍ଧ୍ୟାରେ ବିଶ୍ୱଜିତ ତାଙ୍କ ୨ ସହଯୋଗୀଙ୍କ ସହିତ ବବୁଲ୍‌ଙ୍କ ଘରକୁ ଆସି ପାଟିତୁଣ୍ଡ କରିଥିଲେ। ପରେ ଉତ୍ତକ୍ଷିପ୍ତ ହୋଇ ବବୁଲ୍‌ଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏହି ସମୟରେ ବବୁଲଙ୍କ ଭାଇ ଚଗୁଲ ଓ ଜଣେ ସମ୍ପର୍କୀୟ ଦିନେଶ ବେହେରା ସେମାନଙ୍କୁ ଅଟକାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ପରେ ସେମାନେ ମଧ ବିଶ୍ୱଜିତ ଓ ତାଙ୍କ ସହଯୋଗୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସମସ୍ତେ ଆହତ ହୋଇଥିଲେ। ଏ ନେଇ ଇଟାମାଟି ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ବିଶ୍ୱଜିତଙ୍କ ଅଭିଯୋଗକୁ ଆଧାର କରି ପୋଲିସ ୮୧/୧୯ରେ ଏକ ମାମଲା ରୁଜୁ କରି ବବୁଲ, ଚଗୁଲ ଓ ସହଯୋଗୀ ଦିନେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବବୁଲଙ୍କ ଅଭିଯୋଗକ୍ରମେ ପୋଲିସ ୮୨/୧୯ରେ ମାମଲା ରୁଜୁ କରିଥିଲେ ମଧ ବିଜେଡି କର୍ମୀଙ୍କୁ ଗିରଫ କରି ନ ଥିଲା। ଏହାର ପ୍ରତିବାଦରେ ଥାନା ଘେରାଉ କରାଯାଇଥିବା ଭାଜପା ଜିଲା ସଭାପତି ସନ୍ନ୍ୟାସୀ ନାୟକ ପ୍ରକାଶ କରିଛନ୍ତି। ଘେରାଉରେ ଲାଲା ମନୋଜ ରାୟ, ସନ୍ତୋଷ ପ୍ରଧାନ, ରାଘବ ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ପୋଲିସର ଏଭଳି କାର୍ଯ୍ୟକୁ ସେମାନେ ଦୃଢ଼ ନିନ୍ଦା କରିଥିଲେ। ଏ ନେଇ ନୟାଗଡ଼ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ କହନ୍ତି, ଏହି ଘଟଣାରେ ଭାଜପା ପକ୍ଷରୁ ୩ଜଣଙ୍କୁ ଗିରଫ କରାଯାଇଛି। ବିଜେଡି କର୍ମୀ ବିଶ୍ୱଜିତ ସାହୁ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବାରୁ ତାଙ୍କୁ ଗିରଫ କରାଯାଇନାହିଁ। ସେହିଭଳି ବିଶ୍ୱଜିତଙ୍କ ଭିଣୋଇ ସୌଭାଗ୍ୟ ରାଉତରାୟ ଓ ସାଙ୍ଗ କାହ୍ନୁ ସାହୁ ଫେରାର୍ ଅଛନ୍ତି। ଏମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଇଂଲିଶରେ ଫେଲ୍ ହୋଇଛନ୍ତି ୬୦ ହଜାର

**ମାଟ୍ରିକ ପରୀକ୍ଷା**

## ରିପୋର୍ଟ ମାଗିଲା ଗଣଶିକ୍ଷା ବିଭାଗ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଚଳିତବର୍ଷ ମାଟ୍ରିକ ପାସ୍ ହାର ଚିନ୍ତାଜନକ ହୋଇଛି। ଏଥର ପରୀକ୍ଷାରେ ଇଂଲିଶ ବିଷୟରେ ଫେଲ୍ ହାର ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଛି। ମୋଟ ୧ଲକ୍ଷ ୬୩ହଜାର ୯୫୪ ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଫେଲ୍ ହୋଇଥିବା ବେଳେ ସେଥିମଧ୍ୟରୁ ୬୦ହଜାର ଛାତ୍ରୀଛାତ୍ର କେବଳ ଇଂଲିଶ ବିଷୟରେ ଫେଲ୍ ହୋଇଛନ୍ତି। ସେହିପରି ‘ଇ’ ଗ୍ରେଡ୍ ରଖି ୧ଲକ୍ଷ ୨୨ହଜାର ୬୨ଜଣ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ସେଥିମଧ୍ୟରୁ ୭୩ ପ୍ରତିଶତ ଇଂଲିଶରେ ଜଷ୍ଟ ପାସ୍ କରିଛନ୍ତି। ବର୍ଷ ବର୍ଷ ଧରି ଇଂଲିଶରେ ପାସ୍ ହାର କମିଚାଲିଥିବାରୁ ଗଣଶିକ୍ଷା ବିଭାଗର ଚିନ୍ତା ବଢ଼ିଯାଇଛି। ଚଳିତବର୍ଷ ଇଂଲିଶରେ ଖରାପ କରିଥିବା ସ୍କୁଲଗୁଡ଼ିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରିପୋର୍ଟ ମାଗିଛି। ଏ ନେଇ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଶୂନ ଫଳ କରିଥିବା ୮୨ ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଛାତ୍ରୀଛାତ୍ରଙ୍କୁ ସ୍କୁଲସ୍ତରରେ ସ୍ପୋକନ୍ ଇଂଲିଶ କ୍ଲାସ୍ ଯୋଗାଇ ଦିଆଯିବ। ସେପଟେ ଶିକ୍ଷାବିତ୍‌ମାନେ ଏହାକୁ ନେଇ ତୀବ୍ର ନିନ୍ଦା କରିବା ସହ ବିଭାଗ ଉପରେ ଦୋଷ ଲଦିଛନ୍ତି। ବିଷୟଭିତ୍ତିକ ଶିକ୍ଷକଙ୍କ ଅଭାବ, ୪୦ହଜାର ଶିକ୍ଷକ ପଦବୀ ଖାଲି ଏବଂ ତୃଣମୂଳ ସ୍ତରରେ ଇଂଲିଶ ପଢ଼ାଇବାରେ ବିଫଳତା ଏହାର ମୁଖ୍ୟ କାରଣ ବୋଲି ସେମାନେ କହିଛନ୍ତି।

# ଜୁଲାଇ ୮ରୁ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା

## ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ବି ଆରମ୍ଭ ହେବ

**କଟକ ଅଫିସ, ୧୩।୬**

ଆସନ୍ତା ୮ ତାରିଖରୁ ଆରମ୍ଭ ହେବ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରି ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। କେବଳ ଗଣିତ ପରୀକ୍ଷା ନିମନ୍ତେ ୧୫ ମିନିଟ ଅଧିକ ସମୟ ଦିଆଯିବ। ଏଥିପାଇଁ ଗତ ୪ ତାରିଖରୁ ଫର୍ମପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୭ ତାରିଖ ହେଉଛି ଫର୍ମ ଦାଖଲର ଶେଷ ଦିନ। ବୋର୍ଡ ସମ୍ପାଦକ ରାମାଶିଷ ହାଜରା ଓ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ଗୁରୁବାର ବୋର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଜୁଲାଇ ୧୪ ତାରିଖରେ ସରିବ। ତେବେ ପ୍ରଥମ ଦିନ ୮ ତାରିଖରେ ପ୍ରଥମ ଭାଷା, ୯ରେ ଦ୍ୱିତୀୟ ଭାଷା, ୧୦ରେ ତୃତୀୟ ଭାଷା ଓ ମୂକ,ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଭିଜୁଆଲ ଆର୍ଟ ଥିଓରି ପରୀକ୍ଷା, ୧୧ରେ ଗଣିତ, ୧୨ରେ ବିଜ୍ଞାନ, ୧୩ରେ ସାମାଜିକ ବିଜ୍ଞାନ ଓ ୧୪ ତାରିଖରେ ଭିଜୁଆଲ ଆର୍ଟ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ। ଭିଜୁଆଲ ଆର୍ଟ ଥିଓରି ପରୀକ୍ଷା କରାଯାଇଥିବା କେନ୍ଦ୍ରରେ ହିଁ ଭିଜୁଆଲ ଆର୍ଟର ପ୍ରାକ୍ଟିକାଲ ପରୀକ୍ଷା ହେବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମଦିନ ୮ ତାରିଖରେ ଇଂଲିଶ, ୯ରେ ଓଡ଼ିଆ ଓ ଅନ୍ୟାନ୍ୟ ପ୍ରଥମ ଭାଷା, ୧୦ରେ ଗଣିତ, ୧୧ରେ ସାମାଜିକ ବିଜ୍ଞାନ, ୧୨ରେ ବିଜ୍ଞାନ, ୧୩ରେ ପେଣ୍ଟିଂ(ଥିଓରି), ୧୪ରେ ପେଣ୍ଟିଂ(ପ୍ରାକ୍ଟିକାଲ), ୧୫ରେ ଗୃହବିଜ୍ଞାନ(ଥିଓରି ଓ ପ୍ରାକ୍ଟିକାଲ), ୧୬ ତାରିଖରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ପରୀକ୍ଷା କରାଯିବ। ତେବେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର କେବଳ ପେଣ୍ଟିଂ ଥିଓରି ୯ଟାରୁ ୧୦ଟା ୩୦ ଓ ପେଣ୍ଟିଂ ପ୍ରାକ୍ଟିକାଲ ୯ଟାରୁ ୧୨ଟା ପର୍ଯ୍ୟନ୍ତ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ରାହୁଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ମାନସିକ ଓ ପାରିବାରିକ ସ୍ଥିତି ସମସ୍ୟା ବହୁଳ ହୋଇପାରେ। ତଥାପି ଦ୍ୱିଜା ନକ୍ଷତ୍ର ନିକଟସ୍ଥ ବନ୍ଧୁଙ୍କ ସହଯୋଗ ଲାଭ କରି ବହୁ ଦିନରୁ ଅଟକିଥିବା କାର୍ଯ୍ୟ ତ୍ୱରାନ୍ୱିତ କରିପାରିବେ। ପାରିବାରିକ ସ୍ତରରେ ଭାବପ୍ରବଣତା ପରିହାର କରନ୍ତୁ, ନଚେତ୍ ଅଯଥା ଦୁଶ୍ଚିନ୍ତାକୁ ଆମନ୍ତ୍ରଣ କରିବାକୁ ପଡ଼ିପାରେ।

**ବୃଷ**



ରବି ନିଜ ରାଶିରେ ନକ୍ଷତ୍ରଭିତ୍ତିରେ ରାହୁଙ୍କ ଦ୍ୱାରା ସମ୍ବନ୍ଧିତ ଯୋଗୁ ସ୍ୱାସ୍ଥ୍ୟ, ପରିବାର ଓ ପଦସ୍ଥ ବ୍ୟକ୍ତିଙ୍କ ସହ ସମ୍ପର୍କରେ ସାମାନ୍ୟ ସମସ୍ୟା ଦେଖାଦେବ। ଆଲୋଚନା ପରିସରରେ ଆପଣଙ୍କ ଅପ୍ରିୟ ସତ୍ୟ ଆକସ୍ମିକ କଳହର କାରଣ ହୋଇପାରେ। ଅତୀତର ରୋଗପୀଡ଼ା, ଶତ୍ରୁତା ଓ ଧାର କରଜ ସକାଶେ ଚିନ୍ତାକୁ ବଢ଼ାଇବ।

**ମିଥୁନ**



ଧନାଧିପତିଙ୍କ କୋଣଭାବମଣ୍ଡନ ଅର୍ଥଲାଭ, ସୁସ୍ଥ ମାନସିକତା,ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। କୌଣସି ଅଭାବ ନ ଥିଲେ ମଧ ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ମନକୁ ବିଚଳିତ କରିପାରେ।

**କର୍କଟ**



ବ୍ୟୟଭାବସ୍ଥ ମଙ୍ଗଳ ଆପଣଙ୍କ ଦୀର୍ଘଦିନର ସମ୍ପର୍କକୁ କ୍ଷୁଣ୍ଣ କରିବାର ଆଶଙ୍କା ରହିଛି। କିନ୍ତୁ ଏକାଦଶସ୍ଥ ଶୁକ୍ର ପ୍ରଭାବରୁ ଭୋଗବିଳାସ ସାଙ୍ଗକୁ ଷ୍ଟେସନାରୀ ଜିନିଷ, ନୂତନ ବସ୍ତ୍ର, ଅଳଙ୍କାର କିମ୍ବା ଗାଡ଼ି ଆଦି କ୍ରୟ କରିବାକୁ ମନ ବଳାଇବେ। ଦୀର୍ଘ ସମୟ ଗୋଟିଏ ସ୍ଥାନରେ ଅଟକି ରହି ଓ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ସିଂହ**



ବୁଧ ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ବନ୍ଧୁ ଓ ପାରିବାରିକ ସମ୍ପର୍କରେ ବ୍ୟାଘାତ ସୃଷ୍ଟି କରିବ। ଆକସ୍ମିକ ଭାବରେ କୌଣସି କାମ ସକାଶେ ଆପଣଙ୍କ ଖର୍ଚ୍ଚ ପରିମାଣ ବଢ଼ିଯିବା ସାଙ୍ଗକୁ ମନରେ ଆଶଙ୍କା ଲାଗି ରହିପାରେ। ଅବଶ୍ୟ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଲାଭବାନ ହେବେ।

**କନ୍ୟା**



ଚତୁର୍ଥାଧିପଙ୍କ ତୃତୀୟ ସ୍ଥିତି ପାରିବାରିକ ଜୀବନ ଓ ଲୋକ ସମ୍ପର୍କରେ ଶିଥିଳତା ଆଣିପାରେ। ସ୍ନାୟବିକ ଦୁର୍ବଳତା କାରଣରୁ ଆଣ୍ଠୁଠାରୁ ଗୋଡ଼ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ବହୁ ଦିନରୁ ଅଟକି ରହିଯାଇଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ପ୍ରଶାସନ ଓ ପ୍ରକାଶନ, ମାଲିମକଦ୍ଦମାରେ ଶୁଭଫଳ ପାଇବେ।

**ତୁଳା**



ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଓ ପ୍ରତିବନ୍ଧକ ଲାଗି ରହିଲେ ମଧ କାର୍ଯ୍ୟସିଦ୍ଧି, ଯାତ୍ରା, ପ୍ରତିଯୋଗିତା, ପାରିବାରିକ ଜୀବନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧ୍ୟାତ୍ମିକ ସଭା ସମିତିରେ ପ୍ରଶଂସିତ ହେବେ। ଆଶା କରିଥିବା ବନ୍ଧୁଙ୍କ ନିକଟରୁ ଧାର ସୂତ୍ରରେ ଅର୍ଥ ପାଇ କାମ ହାସଲ କରିବେ।

**ବିଛା**



ରାହୁ ନକ୍ଷତ୍ରସ୍ଥ ଦ୍ୱାଦଶ ଚନ୍ଦ୍ର ଅପବ୍ୟୟ ସାଙ୍ଗକୁ ଦୂରଯାତ୍ରା ପାଇଁ ମାନସିକ ବ୍ୟଗ୍ରତା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ଦେଖି ଚାହିଁ ବୁଝି ବିଚାରି କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। ତଥାପି ବୈଷୟିକ ସୁଖ, ସମୃଦ୍ଧି, ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ସାମୟିକ ମନ ପ୍ରଫୁଲ୍ଲ ରହିପାରେ।

**ଧନୁ**



ଭାଗ୍ୟାଧିପ ରାଶି ଓ ଚନ୍ଦ୍ରଙ୍କଠାରୁ ଷଷ୍ଠ ଓ ଅଷ୍ଟମସ୍ଥ ଯୋଗୁ କୌଣସି କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କଲେ ବିବାଦ ଭିତରକୁ ଠେଲି ହୋଇ ଯାଇପାରନ୍ତି।

**ମକର**



ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଲେ ମଧ ସହଜ ଓ ସୁବିଧାଜନକ ସ୍ଥିତି ଖୋଜିଲେ ପାଇବେ ନାହିଁ। ବସା ବାନ୍ଧି ରହିଥିବା ଦେହର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ହେତୁ ବ୍ୟସ୍ତ ରହିବେ। ନିର୍ମାଣାଧୀନ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ଅର୍ଥ ସମ୍ପର୍କରୁ ଖୁସି ରହିବେ ଏବଂ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ**



ଚନ୍ଦ୍ରଙ୍କ କୋଣଭାବରେ ରାହୁଙ୍କ ସହ ମଙ୍ଗଳ ଓ ବୁଧ ଦିନଚର୍ଯ୍ୟାରେ ମିଶ୍ରିତଫଳ ଅନୁଭବ କରାଇବେ। ବିବଦମାନ ପରିସ୍ଥିତିରୁ ମୁକ୍ତି ମିଳିବ, କିନ୍ତୁ ସନ୍ତୋଷ ପାଇବେ ନାହିଁ। ନିର୍ମାଣାଧୀନ କାର୍ଯ୍ୟ କିମ୍ବା ନୂଆ ଯୋଜନା ପରିକଳ୍ପନା ଉପରେ ଗୁରୁତ୍ୱ ଦେଇପାରନ୍ତି। ଘର କଥା ମନକୁ ବାରମ୍ବାର ଆଲୋଡ଼ିତ କରିବ।

**ମୀନ**



କର୍ମଭାବସ୍ଥ ଶନି ଓ କେତୁ କର୍ମକ୍ଷେତ୍ରରେ ଗୁପ୍ତ ଶତ୍ରୁତା ସୃଷ୍ଟି କରିବ। କେତେକ କ୍ଷେତ୍ରରେ ଆପଣ ମନକଥା କାହାକୁ କହିପାରୁ ନ ଥିବେ କିମ୍ବା ସମାଧାନର ରାସ୍ତା ଖୋଜି ପାଉ ନ ଥିବେ। ଏଭଳି ଏକ ପରିସ୍ଥିତିର ସମ୍ମୁଖୀନ ହୋଇ ଅଶାନ୍ତିରେ ରହିବେ। ଅବଶ୍ୟ ସଭା ସମିତିରେ ସଫଳତା ହାସଲ କରିବେ ଏବଂ ଅର୍ଥ ସଂକଟରୁ ରକ୍ଷା ପାଇଯିବେ।

ଆଜି ପହିଲି ରଜ, ଜ୍ୟେଷ୍ଠ ଶୁକ୍ଳପକ୍ଷ ଚମ୍ପକ ଦ୍ୱାଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ଗୁଆଲି ନୀତି, ମାସାନ୍ତି, ଜୁନ୍ ୧୪ ତାରିଖ, ବିଶ୍ୱ ରକ୍ତଦାତା ଦିବସ, ରାଶି ନକ୍ଷତ୍ର ଦିବା ଘ୧୧।୧୧ମି. ପରେ ବିଶାଖା/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ମଧ୍ୟେ ଘ୪।୩୪ମି. ଗତେ, ଘ୬।୧୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**SALE**

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

Well renovated & reputed A/C restaurant with fast food counter all modern facilities at Cuttack road, Bhubaneswar for immediate sale. Contact: 9348600654, 9437585977, 7008257791. D-56175

**Plot @ 120/- per sqft with road 20km from Cuttack, Bhubaneswar 7809525452, 8249851363.** D-66902

Ready 2BHK/3BHK flats sales at Chandrasekharpur, Patia- 7008346486, 9437192512. D-66565

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା ବିକ୍ରୟ କରିବା ପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘରକରିବା ପାଇଁ ସହଜ କିସ୍ତିରେ ପ୍ଲଟ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040/ 8144658008. D-12948

Flat for sale 1414 sqft. 1st floor 105, Ratna Castle Appartment, Forest Park, Bhubaneswar. Contact: 9938363698. D-62187

ଭୁବନେଶ୍ୱର ପିତାପଲ୍ଲୀ NH-16 (ଟାଟା Motors ସାମ୍ନା) ନିକଟରେ general ପ୍ଲଟ ଏବଂ କଣ୍ଟାବାଡ଼ଠାରେ 100ft ରାସ୍ତାକୁଲାଗି ଆଦିବାସୀ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। ଯୋଗାଯୋଗ: 8093636334. D-66486

**ACCOMMODATION**

1500 sqft hall (1st floor) available at Tankapani road/ BBSR for rent. For commercial/ office. Contact- 9238306766. D-12946




ଘରେ ବସି ସବୁ ସମସ୍ୟାରୁ ମୁକ୍ତି ପାଆନ୍ତୁ। ପ୍ରେମବିବାହ, ବଶୀକରଣ, ବ୍ୟବସାୟ, ସନ୍ତାନ ସମ୍ବନ୍ଧୀୟ, ଗୁଣିଗାରେଡ଼ି, ସଉତୁଣୀ ଶତ୍ରୁ ମୁକ୍ତି, ଗ୍ୟାରେଣ୍ଟି ସହ ସମାଧାନ। 9888156887. D-12935

**AFFIDAVIT**

Affidavit before Executive Magistrate, 10.06.2019, my name has changed from Tilottama Sahoo to Dali Sahoo, W/o. Dinabandhu Sahoo, At/PO-Sogar, Dist- Dhenkanal, bearing LIC Policy-588624970 and all purposes. D-66805

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ରାଜନୀତି ବିଜ୍ଞାନରେ ଡକ୍ଟରେଟ (Ph.D) ଲାଭ**



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଆଦିବାସୀ କଲେଜ ରାଜନୀତି ବିଜ୍ଞାନ ଅଧ୍ୟାପିକା ଶ୍ରୀମତୀ ସଂଯୁକ୍ତା ନାୟକ BHANJA VIHAR UNIVERSITY (BERHAMPUR) ରେ ELECTORAL BEHAVIOUR ‘A Case study of Berhumpur Assembly Constituency of Odisha’ (With special reference to the 2009 election) ଉପରେ ଗବେଷଣା କରି Ph.D ଲାଭ କରିଛନ୍ତି। ସେ Ravenshaw University ର Professor Dr. Niranjan Barikଙ୍କ ଅଧୀନରେ ଗବେଷଣା କରୁଥିଲେ। ତାଙ୍କ Thesis ଟି Professor Dr. Ashok Acharya Delhi University ଙ୍କ ଦ୍ୱାରା ପରିକ୍ଷୀତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। Dr. Sanjukta Nayak ବ୍ରହ୍ମପୁରର ନୀଳକଣ୍ଠ ନାୟକ ଓ ଦମୟନ୍ତୀ ଅଧିକାରୀଙ୍କ ସୁପୁତ୍ରୀ ଅଟନ୍ତି। ଏବଂ କୋଦଳା ହଂସତୁଳୀ ଗ୍ରାମର ଗୋପୀନାଥ ସ୍ୱାଇଁ ଓ ଶାନ୍ତିଲତା ସ୍ୱାଇଁଙ୍କ ପୁତ୍ର ରତ୍ନାକର ସ୍ୱାଇଁଙ୍କ ପତ୍ନୀ ଅଟନ୍ତି। ଏହି ସଫଳତା ପାଇଁ ପ୍ରଭୁ ଜଗନ୍ନାଥ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମସ୍ତ ପଦାଧିକାରୀ, ବାଲିଗୁଡ଼ା କଲେଜ ଅଧ୍ୟକ୍ଷ, ଅଧ୍ୟାପକ- ଅଧ୍ୟାପିକା, ଶୁଭାକାଂକ୍ଷୀ ଓ ଏକମାତ୍ର କନ୍ୟା ପିହୁ, ପରିବାର, ବନ୍ଧୁବାନ୍ଧବଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

ଧ-୧୨୯୭୦



ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍

DSPL-24
ODISHA STATE BLOOD TRANSFUSION COUNCIL
ବିଶ୍ୱ ରକ୍ତ ଦାତା ଦିବସ
"୧୪ ଜୁନ୍"
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
ରକ୍ତ ଦାନ କରି ଖୁସିଲା ମୁହଁରେ ହସ ଭରିବା ଅନ୍ୟକୁ ବଞ୍ଚାଇ ନିଜେ ହସିବା
- ରାଜ୍ୟ ସରକାରଙ୍କ ତରଫରୁ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ବିନା ମୂଲ୍ୟରେ ରକ୍ତ ଯୋଗାଇ ଦିଆଯାଉଛି।
- ଥାଲାସେମିଆ, ସିକିଲ୍‌ସେଲ୍ ଓ ହେମୋଫିଲିଆ ଆଦି ରୋଗୀମାନଙ୍କୁ ଡାକ୍ତରଖାନା ଯିବା ଆସିବା ପାଇଁ ମାସକୁ ୫୦୦ ଟଙ୍କା ଦେବାର ବ୍ୟବସ୍ଥା କରାଯାଇଛି।
- ଉପରୋକ୍ତ ସୁବିଧା ପାଇବା ପାଇଁ ଆପଣଙ୍କ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।
BLOOD DONATION CAMP
ଆସନ୍ତୁ ଆମେ ଶପଥ ନେବା ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିବା
10080/13/0001/1920
ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

■ କୁଳପତିମାନଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବୈଠକ

# ଚଳିତ ଶିକ୍ଷାବର୍ଷରୁ ଏକକ ସିଲାବସ୍

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ତଥା ଆଧୁନିକୀକରଣ ନିମନ୍ତେ ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ରାଜ୍ୟ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ଆଲୋଚନା କରିଛନ୍ତି। ଖାଲିଥିବା ଶିକ୍ଷକ ପଦବୀକୁ ଯଥାଶୀଘ୍ର ପୂରଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହେବ। କଲେଜ ଖୋଲିବା ମାତ୍ରେ ଅଧ୍ୟାପକ ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ କରାଯିବ। କେଉଁ ବିଶ୍ୱବିଦ୍ୟାଳୟ ଓ କଲେଜରେ କେଉଁ କେଉଁ ପଦବୀ କେତେ ସଂଖ୍ୟକ ଖାଲି ପଡ଼ିଛି, ତା'ର ତାଲିକା ପ୍ରସ୍ତୁତ କରି ୭ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ଦେବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଚଳିତ ଶିକ୍ଷାବର୍ଷଠାରୁ ଓଡ଼ିଶାରେ ଅଣ୍ଡର ଗ୍ରାଜୁଏଟ କଲେଜଗୁଡ଼ିକରେ ଏକକ ସିଲାବସ୍ ଲାଗୁ ହେବା ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ସେହିପରି ବିଦ୍ୟାର୍ଥୀ ତଥା ଅଧ୍ୟାପକମାନଙ୍କ ନିୟମିତ ଉପସ୍ଥାନକୁ ସୁନିଶ୍ଚିତ କରିବା ନିମନ୍ତେ ମଧ୍ୟ ମନ୍ତ୍ରୀ



■ ଖୁବ୍‌ଶୀଘ୍ର ପୂରଣ ହେବ ଶିକ୍ଷକ ପଦବୀ
■ ବିଦ୍ୟାର୍ଥୀ, ଅଧ୍ୟାପକଙ୍କ ନିୟମିତ ଉପସ୍ଥାନ ସୁନିଶ୍ଚିତ କରିବାକୁ ପରାମର୍ଶ

କୁଳପତିମାନଙ୍କୁ ପରାମର୍ଶ ଦେଇଥିଲେ।

ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟ, ଚଳିତ ଶିକ୍ଷା ବ୍ୟବସ୍ଥାର ଉନ୍ନତୀକରଣ, ଆଧୁନିକୀକରଣ ଏବଂ ଗୁଣାତ୍ମକ ମାନବୃଦ୍ଧି ନିମନ୍ତେ କ'ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ, ସେ ସମ୍ପର୍କରେ ଉପସ୍ଥିତ ରାଜ୍ୟର ୧୧ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। କୁଳପତିମାନଙ୍କଠାରୁ ସେମାନଙ୍କ ପରାମର୍ଶ ଏବଂ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଉନ୍ନତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଶିକ୍ଷାଦାନ ପ୍ରକ୍ରିୟାକୁ ବିଶ୍ୱସ୍ତରୀୟ କରିବା ସହିତ ଗବେଷଣାକୁ ପ୍ରୋତ୍ସାହନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଅନୁପ୍ରବେଶକୁ ଆଦୌ ପ୍ରଶୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ବୈଠକରେ ସ୍ପଷ୍ଟ ଭାବେ ଜଣାଇଥିଲେ। ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ସାଧାରଣ ପ୍ରବେଶ ପରୀକ୍ଷା, ସ୍ନାତକ ସ୍ତରରେ ଏକକ ସିଲାବସ୍ ପ୍ରଚଳନ, ସ୍ନାତକ ଏବଂ ସ୍ନାତକୋତ୍ତର/ସ୍ୱୟଂଶାସିତ ସ୍ତରରେ ଅନୁଷ୍ଠିତ ପରୀକ୍ଷାରେ ସୁଧାର ଆଣିବା, ଫଳ ପ୍ରକାଶନ ଠିକ୍ ସମୟରେ କରିବା ଓ ସ୍ନାତକଧାରୀଙ୍କୁ ନିର୍ଦ୍ଧାରିତ ସମୟରେ ସାର୍ଟିଫିକେଟ୍ ପ୍ରଦାନ କରିବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ଉଚ୍ଚସ୍ତରୀୟ ବୈଠକରେ ବିଭାଗୀୟ ଶାସନ ସଚିବ ଶାଶ୍ୱତ ମିଶ୍ର ଉଚ୍ଚଶିକ୍ଷାରେ ଗୁଣାତ୍ମକ ବିକାଶ ଓ ସଂସ୍କାର ଆଣିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ପ୍ରତ୍ୟେକ ମହାବିଦ୍ୟାଳୟ ନାକ୍ ମାନ୍ୟତା ଲାଭ କରିବା ନିମନ୍ତେ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ପରିଷଦ ସଦସ୍ୟ ସଚିବ କୃପାସିନ୍ଧୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କରନ୍ତୁ ନିଜ ବୈବାହିକ ଜୀବନକୁ ଆହୁରି ମଜାଦାର...
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
only Effect No Side Effect
ପୁରୁଷଙ୍କଠାରେ ଦେଖାଦେଉଥିବା "ପୌରୁଷ ସମସ୍ୟା", ଶୀଘ୍ରପତନକୁ ଦୂର କରିବା, ନପୁଂସକତା ଓ ଏପରି ଅନ୍ୟାନ୍ୟ ସମସ୍ତ ସମସ୍ୟାକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଏପରି ବୈବାହିକ ସମସ୍ୟାରୁ ମୁକ୍ତି ପାଆନ୍ତୁ।
Play Win Capsule / Play Win Oil
Rajnish Wellness Limited A BSE Listed Company
SS : Mahendra Pharma / ODD
Trade Enquiry : 08657520093 ତେଲ କ୍ୟାପ୍‌ସୁଲ
ପ୍ଲେ-ୱିନ୍ କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ସବୁ ମେଡିକାଲ୍/ଆୟୁର୍ବେଦିକ ଷ୍ଟୋର୍ସରେ ଉପଲବ୍ଧ | www.playwincapsule.com
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

JAWAHAR NAVODAYA VIDYALAYA
AT/PO.- KHATIGUDA, DIST.-NABATANGPUR, ODISHA, PIN-764085
Ref.F.3-2/JNV/KTG/NBPR(O)/2019-20/, Dated: 12.06.2019

NOTIFICATION FOR WALK- IN-INTERVIEW FOR THE POST OF MATRON

Two posts of matron will be appointed in Jawahar Navodaya Vidyalaya, Khatiguda, Dist - Nabarangpur (Odisha) purely on Contract basis for the session 2019-20 to look after the girl students in the respective Hostels. Applications are hereby invited for the above mentioned post from intrested female candidates which includes windows or divorcees as per the criteria given below. Preference shall however be given to the candidates of war windows, windows of Govt. servants who have died in harness and ladies without encumbrances.

| | | |
|---|---|---|
| 1. | No. of post vacant | 02 (Two) |
| 2. | Salary/Honorarium | Monthly remuneration as fixed by NVS. |
| 3. | Age limit | Between 35 and 50 years of age as on 30.06.2019. |
| 4. | Educational qualification | Pass class X |
| 5. | Method of Appointment | The post is for only female candidate and the appointment will be on purely contract basis for the session 2019-20. |

The Application should contain the name of the candidate, Qualification, Date of Birth, Marital status, sex, Complete postal Address, Mobile No., Aadhaar no. etc. Along with Xerox copies of certificate and a passport size photograph duly attested by Gazetted Officer, Further, the eligible candidates are requested to attend the Walk-in-Interview on 22.06.2019 from10.00 A.M to 04.00 P.M. The submission of application and attending the Walk-in-Interview does not confer any candidate for selection or appointment to the said post. Please note that, no TA/DA will be given for attending the Walk-in-Interview.

Sd./- PRINCIPAL

## ଆଜି କ'ଣ କେଉଁଠି

**ସମ୍ବଲପୁର**

■ବିଶ୍ୱ ରକ୍ତଦାତା ଦିବସ, ସଦର ଡାକ୍ତରଖାନା, ସକାଳ ୮ଟା।

■ଶ୍ରୀକୃଷ୍ଣ-ରୁକ୍ମଣୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ, ମୁଦିପଡ଼ା ଭାଗବତ ଗୁଡ଼ି, ପୂର୍ବାହ୍ନ ୧୦ଟା।

**ବଡ଼ଗାଁ**

■କୃଷକ ସମାବେଶ ଓ ବୈଠକ, ବଡ଼ଗାଁ ପୂର୍ତ୍ତ ଡାକବଙ୍ଗଳା, ସକାଳ ୮ଟା।

**ବୌଦ୍ଧ**

■ଲୋକକଳା ଦିବସ ସମାରୋହ ପାଳନ, ବୌଦ୍ଧ ଟାଉନହଲ, ସକାଳ ୮ଟା।

■ମୌସୁମୀ ଉତ୍ସବ ଉଦ୍‌ଘାଟିତ, ବୌଦ୍ଧ ଟାଉନହଲ, ସନ୍ଧ୍ୟା ୬ଟା।

**ଭବାନୀପାଟଣା**

■ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପ୍ରଥମ କଳା ଦିବସ ପାଳନ, ବ୍ରଜମୋହନ ହାଇସ୍କୁଲ, ସକାଳ ସାଢ଼େ ୯ଟା ।

■ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ରକ୍ତଦାନ ଶିବିର ତଥା ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର, ସକାଳ ୮ଟା ।

**ନୂଆପଡା**

■ବିଶ୍ୱ ରକ୍ତଦାତା ଦିବସ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବୈଠକ ଗୃହ, ପୂର୍ବାହ୍ନ ୧୦ଟା ।

■ବିଶ୍ୱ ରକ୍ତଦାତା ଦିବସ, ଧରମବନ୍ଧା ଗ୍ରାମପଞ୍ଚାୟତ ପରିସର, ପୂର୍ବାହ୍ନ ୯ଟା ।

■ଜିଲ୍ଲା କଂଗ୍ରେସର ସମୀକ୍ଷା ବୈଠକ, ନୂଆପଡା କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୧ଟା ।

■ଆଦିବାସୀ ସଂଘର ଜିଲାପାଳ ଅଫିସ ଘେରାଉ, ନୂଆପଡା କଲେକ୍ଟୋରେଟ, ପୂର୍ବାହ୍ନ ୧୧ଟା ।

**ରାଉରକେଲା**

■ରକ୍ତଦାନ ଶିବିର ଓ ସଚେତନତା ସଭା, ଆରଜିଏଚ୍ ପରିସର, ସକାଳ ୮ଟା।

■ରଜ ମହୋତ୍ସବ ନେଇ ପ୍ରତିଯୋଗିତା, ଶକ୍ତି ନଗର, ଶକ୍ତି କ୍ଲବ, ଅପରାହ୍ନ ୩ଟା

DSPL - 26

ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତା ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ଏହାଦ୍ୱାରା ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡ଼ି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିପାରିବା ।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ଖୁସିଲା ମୁହଁରେ ହସ ଭରିବା ଓ ଅନ୍ୟକୁ ବଞ୍ଚାଇ ନିଜେ ହସିବା । ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା
10080/13/0002/1920

# କେରଳ, ପଶ୍ଚିମବଙ୍ଗ ଉପରେ ଭାଜପାର ନଜର

## ସୁରେଶ ପୂଜାରୀ ସଭ୍ୟ ସଂଗ୍ରହ ଅଭିଯାନର ସହପ୍ରଭାରୀ

ନୂଆଦିଲ୍ଲୀ,୧୩।୬(ପି.ଟି.)



ଲୋକ ସଭା ନିର୍ବାଚନରେ ଭାଜପା ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଏହାକୁ ଆହୁରି ଆଗକୁ ଯିବାର ଅଛି ବୋଲି ଦଳ ଅଧ୍ୟକ୍ଷ ଅମିତ୍ ଶାହ ଗୁରୁବାର କହିଛନ୍ତି। ନୂଆ ଅଞ୍ଚଳରେ ସଂଗଠନକୁ ବଢ଼ାଇବା ସହ ଅଧିକରୁ ଅଧିକ ଲୋକଙ୍କୁ ଦଳରେ ସାମିଲ କରିବାକୁ ସେ ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଦଳ ସେତେବେଳେ ସଫଳତମ ସ୍ଥାନରେ ପହଞ୍ଚିବ ଯେତେବେଳେ କେରଳ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଭାଜପା ସରକାର ଗଢ଼ିବ ବୋଲି ବିଭିନ୍ନ ରାଜ୍ୟର ଭାଜପା କାର୍ଯ୍ୟକର୍ତ୍ତାମାନଙ୍କ ବୈଠକରେ ଅଧ୍ୟକ୍ଷତା କରି ଶାହ କହିଥିଲେ। ଏଥିସହିତ ସେ ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ଚୂଡ଼ାନ୍ତ ସ୍ପର୍ଶ ଦେଇଥିଲେ। ସଭ୍ୟ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି ଲକ୍ଷ୍ୟରେ ଏହି ଅଭିଯାନ ଖୁବ୍‌ଶୀଘ୍ର ଆରମ୍ଭ ହେବ। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନଙ୍କୁ ସଭ୍ୟ ସଂଗ୍ରହ ଅଭିଯାନର ପ୍ରଭାରୀ ରଖାଯାଇଛି। ସଭ୍ୟ ସଂଗ୍ରହ ଶେଷ ହେବା ପରେ ଦଳର ସାଂଗଠନିକ ନିର୍ବାଚନ ହେବ। ଜୁଲାଇ ୬ ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମବାର୍ଷିକୀରୁ ଭାଜପାର ସଭ୍ୟସଂଗ୍ରହ ଅଭିଯାନ ଆରମ୍ଭ ହୋଇପାରେ। ସୁରେଶ ପୂଜାରୀ, ଦୁଶ୍ୟନ୍ତ ଗୌତମ, ଅରୁଣ ଚତୁର୍ବେଦୀ ଏବଂ ଶୋଭା ସୁରେନ୍ଦ୍ରନ୍‌ଙ୍କୁ ସଭ୍ୟସଂଗ୍ରହ ଅଭିଯାନର ସହପ୍ରଭାରୀ ନିଯୁକ୍ତ କରାଯାଇଛି। ସାଂଗଠନିକ ନିର୍ବାଚନ ଶେଷ ପର୍ଯ୍ୟନ୍ତ ଶାହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦରେ ରହିବେ। ତେଣୁ ଚଳିତବର୍ଷ ହେବାକୁ ଥିବା ହରିୟାଣା, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଶାହଙ୍କ ନେତୃତ୍ୱରେ ଭାଜପା ଲଢ଼ିପାରେ ବୋଲି ଜଣାପଡିଛି।

DSPL - 26

ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି । ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତାମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ । ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ଜୀବନ ବଂଚାଇବାରେ ସହଯୋଗର ହାତ ବଢ଼ାଇ ଜୀବନ ସାର୍ଥକ କରିବା ନିମନ୍ତେ ଆମ୍ଭେମାନେ ବ୍ରତୀ ହେବା ବାଞ୍ଛନୀୟ।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରି ଖୁସିଲା ମୁହଁରେ ହସ ଭରିବା, ଅନ୍ୟକୁ ବଂଚାଇ ନିଜେ ହସିବା । ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭକାମନା ।

(ନବକିଶୋର ଦାସ)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା
10080/13/0002/1920

CLASSIFIED DISPLAY

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

AARYAN GURUKUL HIGHER SECONDARY SCHOOL
ADMISSION OPEN - 2019
For +2 & +3 (Science & Commerce)
NEET Result - 2019
561 NILAMADHAB RATH, 557 BANDANA PATRA, 551 A. CHITUN PATRA, 539 SUDHA RANI SAHU, 412 SIBA SANKAR NAYAK
CORPORATE OFFICE: Room No. - 2, BDA Complex, New Bus Stand, Berhampur - 1
CAMPUS: Bhumishree, Bhabinipur Berhampur - 761001
Contact: 7440077777, 8984099999, 9238388888, 8260054321, 8895050505, 7008020601

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

କିର୍ମିରା,୧୩।୬(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କିର୍ମିରାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାଗଡିହିରେ ମଧ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭାଜପା ନେତା ନବଲ ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାରୋହରେ ବହୁ କର୍ମୀ ଏଥିରେ ଯୋଗଦେଇଥିଲେ। କିର୍ମିରା ବ୍ଲକବାସୀ ତାଙ୍କୁ ବିପୁଳ ଜନମତ ଦେଇଥିବାରୁ ସମ୍ବର୍ଦ୍ଧନା ସଭାରେ ଏମ୍‌ପି ପୂଜାରୀ କୃତଜ୍ଞତା ଜ୍ଞାପନ କରିଥିଲେ। ମାରୋହରେ ଲଳିତ ମାଗର, ବିରଞ୍ଚି ବାଗ, ସନ୍ତୋଷ ପଟେଲ, କିଶୋର ସାହୁ, ବିଜୟ ଶର୍ମା, ସୁନୀଲ ଶର୍ମାଙ୍କ ସମେତ ବ୍ଲକର ବହୁ ଭାଜପା କର୍ମୀ ତଥା ଜନସାଧାରଣ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦ ଆରମ୍ଭ

ଦେବଗଡ଼,୧୩।୬(ଡ଼ି.ଏନ୍.ଏ.)

ବର୍ଷା ଋତୁକୁ ଆଖି ଆଗରେ ରଖି ଦେବଗଡ଼ ପୌର ପରିଷଦ ପକ୍ଷରୁ ସହରରେ ଜବରଦଖଲ ଉଚ୍ଛେଦ ଅଭିଯାନ ଗୁରୁବାର ଆରମ୍ଭ ହୋଇଛି। ବର୍ଷାଜଳ କିପରି ସୁରୁଖୁରୁରେ ନିଷ୍କାସନ ହୋଇପାରିବ ସେନେଇ ଜବରଦଖଲ କରି ରଖିଥିବା ସ୍ଥାନକୁ ଉଚ୍ଛେଦ କରିବା ନେଇ ପୌର ପରିଷଦ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହଯ୍ୟରେ ୩ ଦିନ ତଳେ ଦେବଗଡ଼ ଜନସାଧାରଣଙ୍କୁ ଜଣାଇ ଦିଆଯାଇଥିଲା। ଏପରି କି ଘର ସମ୍ମୁଖରେ ରାସ୍ତାରେ ଥିବା ବାଲି, ଚିପସ୍, ପଥର, ଇଟାକୁ ସ୍ଥାନାନ୍ତର କରିବା ପାଇଁ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କଞ୍ଚୁବନ ପ୍ରଧାନଙ୍କ ସହ କର୍ମଚାରୀମାନେ ୧୧ଟି ୱାର୍ଡ଼ର ଡ୍ରେନେଜ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଜେସିବି ସାହାର୍ଯ୍ୟରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲେ। ଏନେଇ କେତେକ ସ୍ଥାନରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ଡ୍ରେନେଜ ଅବରୋଧ କରିଥିବା ବାଲି, ଚିପସ୍, ପଥର, ଇଟାକୁ ପୌର ପରିଷଦ ପକ୍ଷରୁ ଜବତ କରିଥିବା ଜଣାପଡିଛି।



ଦେବଗଡ଼ ପୌରପରିଷଦ ପକ୍ଷରୁ ଜେସିବି ମେଶିନ ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଶିକ୍ଷୟିତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

# ୯୦ ଲକ୍ଷ ୫୫ ହଜାର ଟଙ୍କାର ସମ୍ପତ୍ତି ଠାବ

କଟକ ଅଫିସ, ୧୩।୬

କଟକ ଉପକଣ୍ଠ ତେଲେଙ୍ଗାପେଣ୍ଠ ନିକଟରେ ଥିବା ସଇନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ଗାୟତ୍ରୀ ତ୍ରିପାଠୀଙ୍କ ଘରେ ଗୁରୁବାର ଭିଜିଲାନ୍ସ ଯାଞ୍ଚ କରିଛି। ତ୍ରିପାଠୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ଶିକ୍ଷୟିତ୍ରୀ ତ୍ରିପାଠୀଙ୍କ ଘର ଓ ସମ୍ପର୍କୀୟଙ୍କ ଘରକୁ ମିଶାଇ ୫ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଛି। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଖଣ୍ଡଗିରି ନିକଟସ୍ଥ ଜାଗମରା ନିକଟରେ ଥିବା ଘର, ଭୁବନେଶ୍ୱର ଏମ୍‌ସ ନିକଟସ୍ଥ ଛୋଟରାୟପୁର ନିକଟରେ ଥିବା ସମ୍ପର୍କୀୟଙ୍କ ଘର, କଟକର ବୈଦେଶ୍ୱର ଥାନା ଅଧୀନ ମାଳବିହାରପୁର ଗ୍ରାମରେ ଥିବା ସ୍ୱାମୀଙ୍କ ଘର, ଖଣ୍ଡଗିରି ପଞ୍ଚସଖାନଗରଠାରେ ଥିବା ତିନିମହଲା କୋଠା, ଭୁବନେଶ୍ୱର ୟୁନିଟ୍-୧ରେ ଥିବା ସ୍ୱାମୀଙ୍କ ସରକାରୀ କ୍ୱାର୍ଟର୍ସ ଆଦି ସ୍ଥାନକୁ ଭିଜିଲାନ୍ସ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନରେ ଯାଞ୍ଚ କରାଯିବା ପରେ ମୋଟ ୯୦ ଲକ୍ଷ ୫୫ ହଜାର ୯୫୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ଶିକ୍ଷୟିତ୍ରୀ ତ୍ରିପାଠୀ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ସମ୍ପତ୍ତିଗୁଡ଼ିକର ମୂଲ୍ୟ ଅନୁଯାୟୀ ପଞ୍ଚସଖାନଗରଠାରେ ଥିବା ତିନି ମହଲା କୋଠାର ମୂଲ୍ୟ ୩୨, ୩୪, ୫୭୮ ଟଙ୍କା ହୋଇଥିବା ବେଳେ ଭୁବନେଶ୍ୱର ଓ ଜଟଣୀ ଅଞ୍ଚଳରେ ତାଙ୍କର ୫ଟି ପ୍ଲଟ ରହିଛି। ଉକ୍ତ ପ୍ଲଟ ସମୂହର ମୂଲ୍ୟ ୩୮, ୫୮, ୪୦୦ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି । ତ୍ରିପାଠୀଙ୍କ ଘରୁ ୭, ୬୦, ୫୩୯ ଟଙ୍କାର ସୁନାରୁପା ଗହଣା ଠାବ ହୋଇଥିବା ବେଳେ ଗୋଟିଏ ଆଇ ୧୦ କାର୍, ଗୋଟିଏ ହିରୋହୋଣ୍ଡା ବାଇକ୍ ଓ ଗୋଟିଏ ଟିଭିଏସ୍ ସ୍କୁଟି ଭିଜିଲାନ୍ସ ଠାବ କରିଛି। ଉକ୍ତ ଗାଡ଼ିଗୁଡ଼ିକର ମୂଲ୍ୟ ୫ ,୧୫, ୧୫୧ ଟଙ୍କା ହେବ ବୋଲି ଭିଜିଲାନ୍ସ କହିଛି। ବିଭିନ୍ନ ବ୍ୟାଙ୍କରେ ତ୍ରିପାଠୀଙ୍କର ୧ ଲକ୍ଷ ୪୯୮ ଟଙ୍କା ଠାବ ହୋଇଥିବା ବେଳେ ଘରୁ ନଗଦ ୫୩୩୦ ଟଙ୍କା ଓ ୫, ୮୧, ୪୫୬ ଟଙ୍କାର ଆସବାବପତ୍ର ଭିଜିଲାନ୍ସ ଠାବ କରିଛି।

# ବାମରାରେ ସମ୍ବଲପୁର ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

ବାମରା,୧୩।୬(ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରାଠାରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏମ୍‌ପି ଭାବେ ନିର୍ବାଚିତ ହେବା ପରେ ଗଙ୍ଗଦେବ ଗୁରୁବାର ପ୍ରଥମ ବାମରା ଗସ୍ତରେ ଆସିଥିବା ବେଳେ ତାଙ୍କୁ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବିଜୟ ପାଇଁ ଗଙ୍ଗଦେବ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରୁ ଏକ ବାଇକ ଶୋଭାଯାତ୍ରାରେ ସେ ବାମରା ବସଷ୍ଟାଣ୍ଡ, ବ୍ଲକ ଛକ, ମୁଖ୍ୟ ବଜାର ଦେଇ ଆସି ଗୋବିନ୍ଦପୁର ଗୁଣ୍ଡିଚା ମନ୍ଦିର ଓ ଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ। ପରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବିଭିନ୍ନ ସଂଗଠନ ଓ ଭାଜପା କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ବାମରା ଅଞ୍ଚଳରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭିନ୍ନ ସଂଗଠନ ପକ୍ଷରୁ ଏମ୍‌ପିଙ୍କୁ ଅବଗତ କରାଯିବା ସହ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିଶେଷ କରି ପାନୀୟ ଜଳ, ଏକ୍ସପ୍ରେସ୍ ଟ୍ରେନ ରହଣି, ରେଳ ଓଭରବ୍ରିଜ, ସ୍ଥାଣୁ ପାଲଟିଥିବା ସମ୍ବଲପୁର-ରାଞ୍ଚି ଭାରତମାଳା ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ସହ ଅନ୍ୟ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଏମ୍‌ପି ମଧ ସମସ୍ୟା ଉପରେ ଗୁରୁତ୍ୱ ଦେଇ ଏହାର ଶୀଘ୍ର ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହ ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକ, ବୃନ୍ଦାବନ ମାଝି, କୁମାର ଚନ୍ଦ୍ର ପଟେଲ, ମହେଶ ଚୌଧୁରୀ, ଜ୍ୟୋତି କୁମାର ଲାଠ, ଶିବଶଙ୍କର ପଣ୍ଡା, ସୁନୀଲ ଦାସ, ପ୍ରମୋଦ ନାଏକ, ସାଗର ନାଏକ, ସଞ୍ଜୟ ସିଂ ବରିହା ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଏମ୍‌ପି ନିତେଶ ଗଙ୍ଗଦେବ ଓ ଅନ୍ୟମାନେ।

# ଚାମ୍ବର୍ସ ଅଫ୍ କମର୍ସର ସମ୍ବର୍ଦ୍ଧନା ସଭା



ନବନିର୍ବାଚିତ ଜନପ୍ରତିନିଧିଙ୍କ ସହ ଚାମ୍ବର୍ସ ଅଫ୍ କମର୍ସ କର୍ମକର୍ତ୍ତା।

ସମ୍ବଲପୁର,୧୩।୬ (ବ୍ୟୁରୋ)

ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିବା ଜନ ପ୍ରତିନିଧିଙ୍କୁ ଗୁରୁବାର ରାତିରେ ସ୍ଥାନୀୟ ଏକ ହୋଟେଲରେ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନ ସଭାପତି ଅରୁଣ ପଟୱାରୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏଥିରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ ଓ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଯଶବୀର ସିଂ ହୁରା ସୂଚନା ଦେଇ କହିଥିଲେ, ସମ୍ପ୍ରତି ସମ୍ବଲପୁରରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟା ଲାଗି ରହିଛି। ହାଇକୋର୍ଟ ବେଞ୍ଚ ଦାବିରେ ସରକାରୀ ଅଫିସ ଓ କଚେରି ବନ୍ଦ ରହିଛି। କିନ୍ତୁ ସରକାର ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଫଳରେ ବ୍ୟବସାୟୀ ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ନିର୍ବିଚିତ ଜନ ପ୍ରତିନିଧିମାନେ ଦୃଷ୍ଟି ଦେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ଧନଜୀଭାଇ ପଟେଲ ସୂଚନା ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଖିଆଲଦାଶ ପଟାନୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶିବଶିଳା ପ୍ରସାଦ, ଚରନଜିତ ହୁରା, କେଶବ ଡାଲମିଆ, ରମାକାନ୍ତ ମେହେର ବିଧାୟକ ଓ ଏମପିଙ୍କୁ ପୁଷ୍ପଗୁଚ୍ଛ ଦେଇଥିଲେ।

# ପାଉଁଶ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ

କୋଲାବିରା,୧୩।୬(ଡି.ଏନ୍.ଏ.)

୪୯ନଂ ଜାତୀୟ ରାଜପଥର କୋଲାବିରା ଥାନା କୁଲୁପାଲି ବୁଲାଣିରେ ଗୁରୁବାର ଅପରାହ୍ଣରେ ଓଡି୧୫-କେ୬୩୦୫ନଂ ପାଉଁଶ ବୋଝେଇ ଗାଡ଼ି ରାସ୍ତାକଡ଼କୁ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଚାଳକ ଆହତ ହୋଇଥିଲେ ମଧ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଗାଡ଼ିଟି ଦ୍ରୁତଗତିରେ ଆସୁଥିବା ବେଳେ ବୁଲାଣିରେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଓଲଟି ପଡ଼ିଥିଲା। ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ ଗଛଟି ମୂଳରୁ ଉପୁଡ଼ିପଡିବା ସହ ଗାଡ଼ିରେ ବୋଝେଇ ହୋଇଥିବା ପାଉଁଶ ଗାଡ଼ି ଆଗକୁ ବହୁଦୂର ପର୍ଯ୍ୟନ୍ତ ବିଛାଇ ହୋଇପଡ଼ିଥିଲା। ଆହତ ଚାଳକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗାଡ଼ିରୁ କୌଣସି ମତେ ବାହରି ପଳାଇଥିବା ଘଟଣାସ୍ଥଳରେ ଉପସ୍ଥିତ ଲୋକେ କହିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଜଳାଶୟ ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା

ଲଖନପୁର,୧୩।୬(ଡି.ଏନ୍.ଏ.)

ଜିଲା ଖଣିଜ ପାଣ୍ଠିରୁ ୧୭ଲକ୍ଷ ଟଙ୍କା ବ୍ୟୟରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୋଲିଦିଆ ଗ୍ରାମ ବରକଟା (ଜଳାଶୟ) ପୁନରୁଦ୍ଧାର କାମ ଚାଲିଛି। ହେଲେ କାମରେ ଅନିୟମିତତା ହେଉଥିବା ଗ୍ରାମବାସୀ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବିଡିଓ ଗୋବିନ୍ଦ ଦଣ୍ଡସେନା ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀଙ୍କ ଦୀର୍ଘଦିନ ଦାବି ପରେ ଜିଲା ଖଣିଜ ପାଣ୍ଠିରୁ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହାର ପୁନରୁଦ୍ଧାର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ପ୍ରକଳ୍ପ ପୁନରୁଦ୍ଧାର କରିବା ପାଇଁ ୧୭ଲକ୍ଷ ଟଙ୍କା ବ୍ୟୟରେ ଠିକାଦାର କାର୍ଯ୍ୟାଦେଶ ପାଇଛନ୍ତି। ଏଥିରେ ଜଳାଶୟ ପୁନରୁଦ୍ଧାର ସହ, ଗାଧୁଆ ତୁଠ, ବସ୍ତ୍ର ପରିବର୍ତ୍ତନ ପାଇଁ ସ୍ୱତନ୍ତ୍ର ଗୃହ, ପାଚେରି ନିର୍ମାଣ ଆଦି ରହିଛି। ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଜଳାଶୟରୁ ମାଟି ଖନନ କାମ ଚାଲିଛି। ବର୍ଷାଋତୁକୁ ଦୃଷ୍ଟିରେ ରଖି ଜୁନ ୧୫ ପୂର୍ବରୁ ମାଟିକାମ ଶେଷ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏଥିପାଇଁ ଆଉ ମାତ୍ର ୨ଦିନ ବାକି ଥିବାବେଳେ କିଭଳି କାମ ଶେଷହେବ ସେ ନେଇ ଗ୍ରାମବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ଗ୍ରାମବାସୀ ଠିକାଦରଙ୍କୁ କହିଲେ ମାଟି ଖନନ କାମ ଶେଷ ହୋଇଯାଇଛି ବୋଲି ସେ କହୁଛନ୍ତି। ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜଳାଶୟ ଖନନ କିଭଳି ହେବ ସେ ନେଇ ଗ୍ରାମବାସୀଙ୍କ ଉପସ୍ଥିତିରେ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଠିକାଦରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ କାମ ହେବା କଥା। କିନ୍ତୁ ଠିକାଦର ଅଧିକାରୀଙ୍କ ନିର୍ଦ୍ଦେଶଙ୍କୁ ନ ମାନି ନିଜ ଇଚ୍ଛା ମୁତାବକ କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କନିଷ୍ଠ ଯନ୍ତ୍ରୀ ଠିକ୍ ଭାବେ କାର୍ଯ୍ୟ ତଦାରଖ କରୁ ନ ଥିବା ଗ୍ରାମବାସୀ କହିଛନ୍ତି।

## ଦେଶୀ ମଦଭାଟି ନିର୍ମାଣକୁ ବିରୋଧ ଘଟଣା

# ଜିଲା କଂଗ୍ରେସ ପକ୍ଷରୁ ମହିଳାମାନଙ୍କ ସହ ଆଲୋଚନା

ଦେବଗଡ଼,୧୩।୬(ଡି.ଏନ.ଏ)

ଦେବଗଡ଼ ଜିଲା ରିଆମାଳ ବ୍ଲକ ପଳସମା ପଞ୍ଚାୟତ ଅଧୀନ ହାଡ଼ସଂହାର ଗ୍ରାମର ବାବାଜୀ ମଠ ସାହି ଓ ବାଘବର ସୀମାନ୍ତରେ ଦେଶୀ ମଦଭାଟି ନିର୍ମାଣକୁ ବିରୋଧ କରି ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଲାଗି ରହିଛି। ଏହି ପରିପେକ୍ଷୀରେ ଗୁରୁବାର ଦେବଗଡ଼ ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ବ୍ୟକ୍ତି ବିଶେଷଙ୍କ ସହିତ ସାକ୍ଷାତ କରି ଆଲୋଚନା କରିଥିଲେ। ଏପରି କି ଜିଲା ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଜିଲା କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଗୁରୁବାର ଦେବଗଡ଼ ଜିଲା କଂଗ୍ରେସ କର୍ମକର୍ତ୍ତା ସହାୟୀକା ଗୋଷ୍ଠୀ ଓ ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

# ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କଲେ ଏସ୍‌ପି

ଦେବଗଡ଼,୧୩।୬(ଡ଼ି.ଏନ୍.ଏ.)

ସ୍ଥାନୀୟ ଜିଲା ପୋଲିସ କାର୍ଯ୍ୟାଳୟରେ ଦେବଗଡ଼ ଏସ୍‌ପି ଗୁରୁବାର ଦେବଗଡ଼ ଜିଲାର କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଏସ୍‌ପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟ୍ରାଫିକ ସମସ୍ୟା, ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ, ରାସ୍ତାଅବରୋଧ ଭଳି ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧି, ପୋଲିସ ମଧ୍ୟରେ ଯୋଗାଯୋଗ ସୁଦୃଢ଼ ହୋଇପାରିଲେ ପ୍ରତିଟି ସମସ୍ୟାର ସମାଧାନ ହେବା ସହ ଅଞ୍ଚଳରେ ଶାନ୍ତି ଶୃଙ୍ଖଳାର ବଜାୟ ରହିବ ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ଜିଲା ପୋଲିସ ଏସ୍‌ପି, ଗଣମାଧ୍ୟମ ପ୍ରତିନିଧି ଏବଂ ଚାରି ଥାନା ଆଇଆଇସିଙ୍କୁ ନେଇ ଏକ ହ୍ୱାଟସ୍‌ଆପ୍ ଗ୍ରୁପ କରାଯାଇଥିଲା। ଏହାଦ୍ୱାରା ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଖବର ଆଦାନ ପ୍ରଦାନ କରାଯାଇ ପାରିବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ଏପରି କି ଜୁନ୍ ୨୮ ତାରିଖରେ ଆମ ପୋଲିସ କାର୍ଯ୍ୟକ୍ରମ ରହିଥିବା ଏସ୍‌ପି କହିଥିଲେ।


FORM NO-13
IN THE DEBT RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014
O.A. No. 221 / 2015
BETWEEN
IDBI BANK LIMITED, At: IDBI House, Unit-IX, Janpath, Bhubaneswar...APPLICANT
-Versus-
Choudhary Swarup Narayan Das and another ...Defendants
To
1.1 Ms. Aruna Das, W/O- Late Choudhury L.N. Das, At: Duplex No.: 23/6, Manorama Green View, Patia, Bhubaneswar, Dist.: Khurda.
1.2 Choudhury Arup Narayan Das, S/O- Late Choudhury L.N.Das, At: Duplex No.: 23/6, Manorama Green View, Patia, Bhubaneswar, Dist.: Khurda.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted a suit in O.A. No. 221/2015 in the Court of Debts Recovery Tribunal at Cuttack for a recovery of Rs.52,22,960.00 only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 19th day of July 2019 at 10.30A.M. as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this 13th day of June, 2019.

Sd/- Registrar
Debts Recovery Tribunal, Cuttack


# ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ନେଇ ସିଡିଏମ୍‌ଓଙ୍କୁ ଭେଟିଲେ ବିଧାୟକ

ସମ୍ବଲପୁର,୧୩।୬ (ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ରହିଛି। ନାମକୁମାତ୍ର ମେଡିକାଲ ଖୋଲାଯାଇଛି। ଏଠାରେ ଡାକ୍ତର, କର୍ମଚାରୀ ଅଭାବ ସମସ୍ୟା ରହିଛି। ସମ୍ବଲପୁର-ଝାରସୁଗୁଡ଼ା ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏହି ମେଡିକାଲରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେଲେ ଅନେକ ଧନଜୀବନ ରକ୍ଷା ପାଇ ପାରନ୍ତା। ସ୍ଥାନୀୟ ଅଞ୍ଚଳବାସୀ ମଧ ଉତ୍ତମ ସ୍ୱାସ୍ଥ୍ୟସେବା ପାଆନ୍ତେ ବୋଲି ରେଙ୍ଗାଲି ବିଧାୟକ ନାଉରୀ ନାଏକ ଗୁରୁବାର ସିଡିଏମ୍‌ଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଡାକ୍ତରଖାନାରେ ଖାଲି ପଡ଼ିଥିବା ସମସ୍ତ ପଦବୀ ପୂରଣ, ଜଣେ ନିୟମିତ ଡାକ୍ତର ନିଯୁକ୍ତି, ଡେପୁଟେଶନରେ ଜଣେ ସ୍ତ୍ରୀ ଏବଂ ପ୍ରସୂତି ବିଭାଗ ଓ ଜଣେ ଶିଶୁରୋଗ ବିଶେଷଜ୍ଞ ନିଯୁକ୍ତି, ଫାର୍ମାସିଷ୍ଟ, ଦୁଇଜଣ ଆଟେଣ୍ଡାଣ୍ଟ, ୨ଜଣ ସୁଇପର ନିଯୁକ୍ତି, ୪ଟି ଇ-ଟାଇପ୍ କ୍ୱାର୍ଟର୍ସ, ୫ଟି ଏଫ୍-ଟାଇପ କ୍ୱାର୍ଟର୍ସ ନିର୍ମାଣ କରି ସେଗୁଡ଼ିକୁ ଜଳ ଯୋଗାଣ ବ୍ୟବସ୍ଥା, ଡାକ୍ତରଖାନାକୁ ସମସ୍ତ ପ୍ରକାର ଔଷଧ ଯୋଗାଣ କରିବାକୁ ବିଧାୟକ ଦାବି କରିଥିଲେ। ବିଧାୟକ ନାୟକଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ମାନସ ରଞ୍ଜନ ବକ୍ସି, ଯୁଗଳ ଅଗ୍ରୱାଲ, ବିଶିକେଶନ ପଣ୍ଡା, ଅଶ୍ୱିନୀ ମାଝି, ସୁବାସ ପଣ୍ଡା, ସରୋଜ ମେହେର, ଜଗନ୍ନାଥ ମେହେର, ବିଷ୍ଣୁ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର ସିଡିଏମ୍‌ଓଙ୍କ ସହ ବିଧାୟକ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।


ପୂର୍ବ ତଟ ରେଳପଥ
ଭଡ଼ା ସୂତ୍ରରେ ଗାଡ଼ି
ଟେଣ୍ଡର ବିଜ୍ଞପ୍ତି ନଂ.SBP/ELECT/2019/ T-91,ତା.08.06.2019ରିଖ

କାର୍ଯ୍ୟର ନାମ : 03 (ତିନି) ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ରାୟଗଡ଼ା-ଟିଟିଲାଗଡ଼-ରାୟପୁର ସେକ୍ସନରେ ବିଭିନ୍ନ ବାଧାବିଘ୍ନ ନିବାରଣ ସ୍ଥଳରେ ପହଞ୍ଚିବା, ନିରୀକ୍ଷଣ, ଆକସ୍ମିକ ଯାଞ୍ଚ ଏବଂ ବିଭିନ୍ନ ଘରୋଇ ସାଇଡିଙ୍ଗ୍ ଗୁଡ଼ିକର ନିରୀକ୍ଷଣ ପାଇଁ କ୍ରିଉ ଏବଂ ଗାର୍ଡ, ଅଧିକାରୀ ଏବଂ ସୁପରଭାଇଜର ମାନଙ୍କ ପରିବହନ ନିମନ୍ତେ ଟିଟିଲାଗଡ଼ ଠାରେ ଗୋଟିଏ ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 17,08,781/-, EMD (ଟଙ୍କାରେ): 34,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,000/-, କାର୍ଯ୍ୟ ଶେଷ ହେବା ଅବଧି: 36 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.07.2019 ରିଖ 1530 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ୍)/ ସମ୍ବଲପୁର
PR-156/K/19-20



HDFC
ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲି.
୧୦୮-ଡି, ପ୍ରଥମ ମହଲା, ଲାଲ୍‌ଚାନ୍ଦ ଜୁଏଲର୍ସ ବିପରୀତ ପାର୍ଶ୍ୱ, ମାଷ୍ଟର୍ କ୍ୟାଣ୍ଟିନ୍ ଛକ, ଭୁବନେଶ୍ୱର-୭୫୧୦୦୧

ଦଖଲ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲି.ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ୍ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଦେୟ ପରିଶୋଧ ତାରିଖ ପର୍ଯ୍ୟନ୍ତ ଅଥବା ଦେୟ ଆଦାୟ ସମାପ୍ତି ପର୍ଯ୍ୟନ୍ତ ନୋଟିସ୍ ଦର୍ଶିତ ପ୍ରଯୁଜ୍ୟ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

| ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି/ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ |
|---|---|---|---|---|
| ଋଣଗ୍ରହୀତା: ନାଏକ ରବିନ୍ଦ୍ର କୁମାର, କ୍ୱାଟର୍ସ ନଂ.: ବି/୧୧, ଟିସ୍କୋ ହାଉସିଂ କମ୍ପ୍ଲେକ୍ସ, ମଧୁବନ, ପାରାଦୀପ-୭୫୪୧୪୨ | ୩୧.୧୦.୨୦୧୮ ସୁଦ୍ଧା ଟ.୧୨,୪୬,୭୭୪/-* | ୧୨.୧୨.୨୦୧୮ | ୧୧.୦୬.୨୦୧୯ | ଫ୍ଲାଟ୍‌ର ପରିମିତ କ୍ଷେତ୍ର: ପ୍ରାୟ ୬୫୯ ବର୍ଗଫୁଟ, ଫ୍ଲାଟ୍ ନଂ.: ୧୦୧, ୧ମ ମହଲା, ବ୍ଲକ୍ ସି-୩, ପ୍ରୋଜେକ୍ଟର ନାମ ଅନନ୍ତ ଭିଲ୍ଲା, ପ୍ଲଟ୍ ନଂ.: ୨୪୨, ୨୪୭, ୨୨୭/୨୭୮, ୨୩୮, ୨୩୯, ୨୪୦, ୨୪୧, ୨୩୭, ୨୩୧, ୨୩୬, ୨୪୩, ଖାତା ନଂ.: ୮୩, ୮୪, ୮୫, ୮୮, ୧୧୮, ୨୬, ୩୬, ମୌଜା: ନନ୍ଦପୁର, ତହସିଲ: ଜଟଣି, ଜିଲ୍ଲା: ଖୋର୍ଦ୍ଧା |
| ଋଣଗ୍ରହୀତା: ଶ୍ରୀ ପାତ୍ର ଉମା ଶଙ୍କର, ପାତ୍ର ଶୁଭଶ୍ରୀ, ପାତ୍ର ପୁଷ୍ପାଞ୍ଜଳି, ପ୍ଲଟ୍ ନଂ.: ୧୪/୩୭୩୪, କଟକ ରୋଡ୍, ଭୁବନେଶ୍ୱର ହୋଟେଲ ନିକଟ, ଭୁବନେଶ୍ୱର-୭୫୧୦୦୬ | ୨୮.୦୨.୨୦୧୯ସୁଦ୍ଧା ଟ.୧,୫୦,୩୬,୩୮୪/-* ଟ.୧,୬୨,୦୧୮/-* ଟ.୫୭,୫୯,୨୬୨/-* | ୧୮.୦୩.୨୦୧୯ | ୧୧.୦୬.୨୦୧୯ | ପ୍ଲଟ୍ ନଂ.: ୪୦୩, ୪ର୍ଥ ମହଲା, ୪୦୪, ୪ର୍ଥ ମହଲା, ୨୦୪, ୨ୟ ମହଲା, ୩୦୨, ୩ୟ ମହଲା, ପ୍ରତ୍ୟେକଟିର ସୁପର ବିଲ୍ଟ ଅପ୍ ଏରିଆ: ୧୪୨୦ ବର୍ଗଫୁଟ ସହିତ ଅବିଭକ୍ତ ଆନୁପାତିକ ଜମିର ଅଂଶ ସହ ଶିବନାଥ ଲାଇଫ୍ ଷ୍ଟାଇଲ୍ ବିଲ୍ଡିଂ ସଂଲଗ୍ନ ଥିବା ସମସ୍ତ କ୍ଷେତ୍ର ଯାହାର ପ୍ଲଟ୍ ନଂ.: ୮୩୭/୧୯୫୨, ଅନୁରୂପ ଜିଏ ପ୍ଲଟ୍ ନଂ.: ୩୩୮ ୮୩୭, ଖ-୧୦୩୩, ମୌଜା: ଭୁବନେଶ୍ୱର ସହର ୟୁନିଟ ୧୧, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୧ |
| ଋଣଗ୍ରହୀତା: ଶ୍ରୀ ଭଞ୍ଜଦେଓ ଅନନ୍ତ ନାରାୟଣ, ଭଞ୍ଜଦେଓ ଧନଞ୍ଜୟ ନାରାୟଣ, ଜନ୍ମଜେୟ ଏନ ଭଞ୍ଜଦେଓ, ଭଞ୍ଜଦେଓ ମାଳବିକା ଭଞ୍ଜ ମିନେରାଲ୍ସ ପ୍ରା. (ସହ-ଋଣଗ୍ରହୀତା), ପ୍ଲଟ୍ ନଂ.: ୧୪୬୯/ବି, ଜିଲ୍ଲା: କଟକ, ଗ୍ରାମ: ମର୍କତନଗର, ଷ୍ଟ୍ରିଟ୍: ସେକ୍ଟର-୬, ବି-କାଟେଗୋରୀ, ବିଡାନାସୀ ପ୍ରୋଜେକ୍ଟ ଏରିଆ, କଟକ-୭୫୩୦୧୪ | ୨୮.୦୨.୨୦୧୯ ସୁଦ୍ଧା ଟ.୨,୩୧,୨୨,୮୨୨/-* | ୧୮.୦୩.୨୦୧୯ | ୧୨.୦୬.୨୦୧୯ | ପ୍ରାୟ ୩୮୪୦ ବର୍ଗଫୁଟ ପ୍ଲଟ୍ ସହିତ ସେଠାରେ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ନିର୍ମାଣ ଯାହାର ପ୍ଲଟ୍ ନଂ.: ୧୪୬୯, ଜିଲ୍ଲା: କଟକ, ଗ୍ରାମ: ମର୍କତନଗର ଷ୍ଟ୍ରିଟ୍, ସେକ୍ଟର-୬, ବି-କାଟେଗୋରୀ, ଡ୍ରଇଂ ନଂ.: ବି/୧୪୬୯/ସିଡିଏ (ପିଏଲ)ବି/୧୧୦ ବିଡାନାସୀ, ପ୍ରୋଜେକ୍ଟ ଏରିଆ, କଟକ-୭୫୩୦୦୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟ ଚଉଡା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ବି/୧୪୮୨, ପୂର୍ବ: ପ୍ଲଟ୍ ନଂ.: ବି/୧୪୬୮, ପଶ୍ଚିମ: ପ୍ଲଟ୍ ନଂ.: ବି/୧୪୭୦ |

*ସହିତ ଋଣ ପରିଶୋଧ / କିମ୍ବା ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପରିବର୍ତ୍ତି ପ୍ରଯୁଜ୍ୟ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି।

ଯେହେତୁ ଉପରୋକ୍ତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନେ)ସେମାନଙ୍କର ଦେୟ ପରିଶୋଧ କରିବାରେ ବିଫଳ ହେଲେ ସେହେତୁ ବିଶେଷ କରି ଉପର ବର୍ଣ୍ଣିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ-୮ ଅନୁସାରେ କ୍ଷମତା ପ୍ରୟୋଗ କରି ଏଚଡିଏଫସିର କ୍ଷମତାପ୍ରାପ୍ତ ଅଧିକାରୀ ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଗୁଡ଼ିକୁ ଉପରେ ଦର୍ଶାଯାଇଥିବା ତାରିଖରେ ସାଙ୍କେତିକ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ଉପରେ ଦର୍ଶାଯାଇଥିବା ରାଶି ପାଇଁ ଏଚ୍‌ଡିଏଫ୍‌ସି ଲିମିଟେଡ୍ ନିକଟରେ ଉତ୍ତରଦାୟୀ ରହିବେ। ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି (ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ। ପ୍ରସ୍ତୁତ କରାଯାଇଥିବା ପଞ୍ଚନାମା ଏବଂ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧିମାନେ ଉକ୍ତ ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିବା ପାଇଁ ଅନୁରୋଧ କରାଯାଉଛି।

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୩.୦୬.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଏଚ୍‌ଡିଏଫ୍‌ସି ଲିମିଟେଡ୍

Regd. Office : Ramon House, H.T. Parekh Marg, 169, Backbay Reclamation, Churchgate, Mumbai-400 020

**ସଂକ୍ଷେପରେ**



## ଜାପାନକୁ ହାଲ୍କା ନେଉନାହୁଁ: ରିଡ୍

**ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ଣ୍ଣାମେଣ୍ଟର ଜାପାନ ବିପକ୍ଷ ସେମିଫାଇନାଲକୁ ଗୁରୁତ୍ୱର ସହ ନେଉଛନ୍ତି ଭାରତ କୋଚ୍ ଗ୍ରାହାମ୍ ରିଡ୍। ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଜାପାନ ବିପକ୍ଷରେ ଆମେ ନିକଟ ଅତୀତରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଏହି ଦଳକୁ ଆମେ କେବେହେଲେ ହାଲ୍କାଭାବେ ନେଉନାହୁଁ ବୋଲି ସେ ପ୍ରକାଶ କରିଛନ୍ତି। ''ଏପରି ଏକ ଟୁର୍ଣ୍ଣାମେଣ୍ଟ ଜିତିବାକୁ ହେଲେ ପ୍ରତି ଦଳକୁ ହରାଇବାକୁ ପଡ଼ିବ। ସେମିଫାଇନାଲର ଗୁରୁତ୍ୱ ସବୁବେଳେଭିନ୍ନ। ଅତୀତରେ କ'ଣ ହୋଇଥିଲା ତାର ଯେତେ ଗୁରୁତ୍ୱ ନାହିଁ, ବର୍ତ୍ତମାନ କ'ଣ ହେବାକୁ ଯାଉଛି ତାହା ବେଶି ଗୁରୁତ୍ୱପୂର୍ଣ୍ଣ। ଏଥିରେ ମୁଁ ବିଶ୍ୱାସକରେ ବୋଲି ରିଡ୍ କହିଛନ୍ତି। ଅତୀତ ପ୍ରଦର୍ଶନ ସମ୍ପର୍କରେ ମୁଁ ଅଧିକ କିଛି କହିବାକୁ ଚାହେଁନାହିଁ। ଗତ କ୍ରସ୍ ଓଭରରେ କିନ୍ତୁ ଜାପାନ ବହୁତ ଭଲ ଖେଳିଲା। ତେଣୁ ଆମେ ଶ୍ରେଷ୍ଠ ପ୍ରଦର୍ଶନ କରି ଆଗାମୀ ମ୍ୟାଚ ଜିତିବାକୁ ଚାହୁଁ। ସେମିଫାଇନାଲ ଖେଳିବାକୁ ଯାଉଥିଲେ ମଧ ପିଲାମାନେ ଚାପରେ ନାହାନ୍ତି। ଅନ୍ୟ ସାଧାରଣ ମ୍ୟାଚ ଭଳି ଆଗାମୀ ମ୍ୟାଚ ଖେଳିବାକୁ ମୁଁ ସେମାନଙ୍କୁ ପରାମର୍ଶ ଦେଇଛି। ଆମେ ପ୍ରଥମ କିଛି ମିନିଟର ଖେଳ ଉପରେ ଫୋକସ ରଖି ସେଠାରୁ ଆଗକୁ ବଢ଼ିବୁ ବୋଲି ଏହି ଅଷ୍ଟ୍ରେଲିଆନ କୋଚ୍ ପ୍ରକାଶ କରିଛନ୍ତି।

### ସୀମାନ୍ତବର୍ତ୍ତୀରେ ଧର୍ମାନ୍ତରୀକରଣ ଅଭିଯୋଗ

# ବିଦେଶୀ ଯୁବତୀଙ୍କୁ ଜେରା କଲା ପୋଲିସ

**ନୂଆପଡା ଅଫିସ, ୧୩।୬**

ରାଜ୍ୟର ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅର୍ଥାତ୍ ନୂଆପଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଧର୍ମାନ୍ତରୀକରଣ ଚାଲିଛି। ବାରମ୍ବାର ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ସ୍ଥାନୀୟ ଏକ ପଲ୍ଟ୍ରି ଫାର୍ମରେ ରହୁଥିବା ଜଣେ ଆମେରିକୀୟ ଯୁବତୀଙ୍କୁ ନୂଆପଡା ପୋଲିସ ସନ୍ଦେହରେ ଆଣି ପଚରାଉଚୁରା କରି ଛାଡି ଦେଇଛି । ଯୁବତୀ ଜଣକ ଛେଳି ଚାଷ ବ୍ୟବସାୟ ସମ୍ପର୍କିତ ଭିଜା ନେଇ ଦେଶର ବିଭିନ୍ନ ଅଞ୍ଚଳରେ ବୁଲୁଥିବା ଜଣାପଡିଛି ।

ଜିଲା ସଦର ମହକୁମାଠାରୁ ମାତ୍ର ୩ କି.ମି. ଦୂର ଚେଚେରାଭଟା ଗାଁରେ ଥିବା ଧନଞ୍ଜୟ ନନ୍ଦଙ୍କ ପଲ୍ଟ୍ରି ଫାର୍ମରେ ଜଣେ ଯୁବତୀ ଓ ଜଣେ ଯୁବକ ଆସି ରହୁଥିବା କୌଣସି ସୂତ୍ରରୁ ନୂଆପଡା ଗୋଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଡିଏସ୍‌ପି ଏମ୍.ବି.କିଷାନଙ୍କ ନିର୍ଦ୍ଦେଶ ମୁତାବକ ନୂଆପଡା ଥାନା ପୋଲିସ ଗୁରୁବାର ମଧ୍ୟାହ୍ନରେ ଫାର୍ମରେ ଚଢଉା କରି ଦୁଇ ଜଣଙ୍କୁ ଧରି ଥାନାକୁ ଆଣିଥିଲା । ସମସ୍ତ କାଗଜାତ ଯାଞ୍ଚ କରିବା ପରେ ଜଣେ ଆମେରିକା ନିବାସୀ ମାଇକେଲ ଲେହ (୩୯) ଏବଂ ତାଙ୍କ ସାଥିରେ



ମାଇକେଲ ଲେହଙ୍କ ।

**ଛେଳି ଚାଷ ବ୍ୟବସାୟ ସମ୍ପର୍କିତ ଭିଜା ନେଇ ଓଡ଼ିଶା ଆସିଛନ୍ତି**

ଥିବା ଯୁବକ ଦିଲ୍ଲୀର ଡାନିଏଲ କୁମାର (୪୫) ବୋଲି ଜଣାପଡ଼ିଥିଲା। ମାଇକେଲ ଛେଳି ଚାଷ ବ୍ୟବସାୟ ନେଇ ଭିଜା କରିଛନ୍ତି । ଏହା ୧।୧୦।୧୪ରୁ ଆସନ୍ତା ସେପ୍ଟେମ୍ବର ୩୦ତାରିଖ ଯାଏ ବଳବତ୍ତର ରହିଛି। ପୋଲିସ ସମସ୍ତ ପ୍ରକାର କାଗଜାତ ସଂଗ୍ରହ କରି ସେମାନଙ୍କୁ ଛାଡି ଦେଇଛି । ଏ ଦୁହେଁ ବୁଧବାର ବିଳମ୍ବିତ ରାତିରେ ଆସିଥିବାବେଳେ ଗୁରୁବାର ଝାରସୁଗୁଡ଼ା ଅଭିମୁଖେ ଯାଇଥିବା ଫାର୍ମ ମାଲିକ ପୋଲିସକୁ ସୂଚନା ଦେଇଥିଲେ । ଏହା ଉପରେ ପୋଲିସ ସରଜମିନ ତଦନ୍ତ ଜାରି ରଖିଛି । ସେମାନେ ଏଠାକୁ କେଉଁ ଉଦ୍ଦେଶ୍ୟରେ ବାରମ୍ବାର ଆସୁଛନ୍ତି ସବିଶେଷ ତଦନ୍ତ ପରେ ଜଣାପଡିବ । ସୀମାନ୍ତ ଅଞ୍ଚଳ ହେତୁ ବିଭିନ୍ନ ଦିଗ ଉପରେ ପୋଲିସ ଚବିଶ ଘଣ୍ଟା ସତର୍କ ରହି ଟିକିନିଖି ତଥ୍ୟ ରଖୁଛି ବୋଲି ନୂଆପଡା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ କହିଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଭାଗ୍ୟକୁ ଏପରି ଘଟେ,**
**ଅଣ୍ଟି ସୁନା ପିତଳ ପାଲଟେ ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ । ଭାଗ୍ୟ ସାଥ୍ ନ ଦେଲେ ମଣିଷ ହତାଶ ହୋଇଯିବା ସାର ହୋଇଥାଏ । ସେହିପରି ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମଧ ମାଟି ପାଲଟି ଯାଇଥାଏ । ଭାଗ୍ୟହୀନ ବ୍ୟକ୍ତିର ଅସରନ୍ତି ଧନ ଉଭେଇ ଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନ୍ଧାରେ ଖାଇଲେ ଗୁଡ଼,**
**ଆଲୁଏ ଖାଇଲେ ଗୁଡ଼ ।**

ସ୍ଥାନ ପରିବର୍ତ୍ତନରେ ଗୁଣର ପରିବର୍ତ୍ତନ ଘଟି ନ ଥାଏ। ପ୍ରକୃତ ବସ୍ତୁର କୌଣସି ପରିବର୍ତ୍ତନ ନାହିଁ। ଯାହାର ଗୁଣ ଯାହା ତାହା ଯେମିତି ହେଲେ ବି ପ୍ରକାଶ ପାଇ ଥାଏ । ଅନୁକୂଳ ଓ ପ୍ରତିକୂଳ ଅବସ୍ଥାରେ ଗୁଣ ବଜାୟ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଜୟ ଏକମାତ୍ର ଲକ୍ଷ୍ୟ: ଏକ୍‌ମାନ

**ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)**

ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ଉଚ୍ଚ ର୍ୟାଙ୍କିଂପ୍ରାପ୍ତ ଭାରତକୁ ଭେଟିବାକୁ ଯାଉଛି ଜାପାନ। ଭାରତର ଘରୋଇ ପରିବେଶ ଏବଂ ଦର୍ଶକ ସମର୍ଥନ ସତ୍ତ୍ୱେ ଆମେ କେବଳ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବୁ ବୋଲି କହିଛନ୍ତି ଜାପାନ କୋଚ୍ ସେଗ୍‌ଫ୍ରେଡ୍ ଏକ୍‌ମାନ। ଆୟୋଜକଭାବେ ଜାପାନ ୨୦୨୦ ଅଲିମ୍ପିକ୍ସ ହକି ଖେଳିବାର ହକ୍‌ଦାର ଥିବାବେଳେ ଏସିଆନ ଗେମ୍ସରେ ଚାମ୍ପିୟନ ହୋଇ ଯୋଗ୍ୟତା ମଧ ହାସଲ କରି ସାରିଛି। ତେଣୁ ଜାପାନ ପାଇଁ ଏବେ ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ନିଜକୁ ପରୀକ୍ଷା କରିବାର ବେଳ ଉପନୀତ ହୋଇଛି।

''ପରାଜୟକୁ ମୁଁ କେବେହେଲେ ପସନ୍ଦ କରେନାହିଁ, ଆମେ ଏଠାକୁ ବିଜୟୀ ହେବା ଲକ୍ଷ୍ୟରେ ଆସିଛୁ। ଶ୍ରେଷ୍ଠ ଦଳ ବିପକ୍ଷରେ ନିଜକୁ ପରଖିବାର ସୁଯୋଗ ଆସିଛି। ଆଗାମୀ ମ୍ୟାଚ ଆମ ପାଇଁ ବଡ଼ ଚ୍ୟାଲେଞ୍ଜ। ଏପରି ମ୍ୟାଚ ଜିତି ଆମେ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେବା ଲକ୍ଷ୍ୟରେ ରହିଛୁ'' ବୋଲି ସେ କହିଛନ୍ତି। ଅଲିମ୍ପିକ୍ସରେ ବିଜୟୀ ହେବାକୁ ହେଲେ ଆମକୁ ବିଶ୍ୱର ଶ୍ରେଷ୍ଠ ୧୦ ଦଳକୁ ହରାଇବାକୁ ପଡ଼ିବ। ଭୁବନେଶ୍ୱର ଟୁର୍ଣ୍ଣାମେଣ୍ଟରେ ଭାରତ କେବଳ ଟପ୍-୧୦ ର୍ୟାଙ୍କ ଦଳ। ଆମେ ଏଠାକୁ ର୍ୟାଙ୍କିଂ ପଏଣ୍ଟ ହାସଲ ଲକ୍ଷ୍ୟରେ ମଧ ଆସିଛୁ। ଭାରତ ଭଲ ଖେଳୁଛି, ଏହାର ମାନେ ନୁହେଁ ଯେ ଏହି ଦଳ ଆଗାମୀ ମ୍ୟାଚ ଜିତିବ। ଆଗାମୀ ମ୍ୟାଚ ପାଇଁ ଭାରତ ଫେଭରାଇଟ ହୋଇପାରେ, ମାତ୍ର ଅଣ୍ଡରଡଗ୍ ଦଳ ଗୁଡ଼ିକ ସବୁବେଳେ ପ୍ରତିଯୋଗିତାରେ ରୋମାଞ୍ଚ ଭରି ଆସିଛନ୍ତି ବୋଲି ଭୁଲିଯିବା ଉଚିତ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ଆମେ ବିଜୟୀ ହେବାନେଇ ଦୃଢ଼ ଆଶାବାଦୀ ଅଛୁ ବୋଲି ସେ କହିଛନ୍ତି।




# CLASSIFIED DISPLAY

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

**SMS JOBS DHAMAKA** (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

**GOLD CASH**
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**BUSINESS**
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075, 7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

**BUSINESS — JDT DIGITAL GROUP LTD.**
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980, 09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

**Indus Tower Co.**
ଖାଲି ଜମି, ଛାତ, ପ୍ଲଟ୍‌ରେ ହାଇ କ୍ୱାଲିଟି ଟାୱାର ଲଗାନ୍ତୁ। ଅଗ୍ରିମ 70 ଲକ୍ଷ, ଭଡ଼ା 40,000/- + 20 ହଜାରର ଅନ୍ୟାନ୍ୟ ସୁବିଧା + ବାଇକ୍ + କୋର୍ଟ ଏଗ୍ରିମେଣ୍ଟ।
08278484548, 08126562722
Add.: Sector-1, Pushp Vihar, Delhi

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
**INDUS TOWER**
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା ୨୦୦୦୦/-ର ଅନ୍ୟାନ୍ୟ ସୁବିଧା + ମୋବାଇଲ + ଲାପ୍‌ଟପ୍
9450268843, 9499322173
H. No. 412, Subhash Nagar Jind, Haryana.

See Color Display Classified on every Tuesday & Friday

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD.**
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଆଡ୍‌ଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
**CAPITAL ONE FINANCE**
ଆଧାର କାର୍ଡ ଋଣ, ଗୃହ ଋଣ, ମାର୍କଶିଟ୍ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ — ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616, 8887076388
Add- T-51, Gautampuri Delhi-53

**FINANCE — କ୍ୟାପିଟାଲ ଫାଇନାନ୍ସ**
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

**FINANCE**
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 09598246628, 09517415755
9454715754

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
**MAHALAXMI FINANCE PVT. LTD.**
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

**AXIC FINANCE LTD.**
ଆମେ ସବୁ ପ୍ରକାର ଋଣ ଯୋଗାଉଛୁ, ଯେପରି ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ଗୃହ ଋଣ @ ସର୍ବନିମ୍ନ ଦରରେ 1% ସୁଧ ସବ୍‌ସିଡି @ 50%।
ମହିଳାମାନେ ମଧ ଆବେଦନ କରିପାରିବେ।
HEAD OFFICE
G-79, Adarsh Nagar
Karol Bagh, New Delhi-5
8986532690, 9117913124

**ବେଦାଂଶୀ ଫାଇନାନ୍ସ ପ୍ରା.ଲି.**
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

ଲୋନ! ଲୋନ! ଲୋନ
**BFC FINANCE**
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813, 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଲାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765, 8512004851

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303, 9354145347

TO LET

**AVAILABLE FOR RENT / LEASE**

3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରଥଯାତ୍ରା ତୃତୀୟ ସମନ୍ୱୟ ବୈଠକ

# ଫାସିକାଠଦାତାଙ୍କ ସଂଖ୍ୟା ହ୍ରାସ ନେଇ ଉଦ୍‌ବେଗ

ପୁରୀ ଅଫିସ,୧୩।୬



ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏବଂ ଅନ୍ୟମାନେ।

ଆଉ ୨୦ଦିନ ପରେ ରଥଯାତ୍ରା। ହେଲେ ଏ ପର୍ଯ୍ୟନ୍ତ ପ୍ରସ୍ତୁତି ଅଧାପନ୍ତରିଆ। ରାସ୍ତାଘାଟ ମରାମତି କାମ ସରି ନ ଥିବାବେଳେ ଡ୍ରେନ ସଫେଇ ଚାଲିଛି। ବିଶେଷକରି ବର୍ଷକୁ ବର୍ଷ ଫାସିକାଠଦାତାଙ୍କ ସଂଖ୍ୟା କମୁଥିବାରୁ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିସହ ବଡଦାଣ୍ଡରେ ଟ୍ରାଫିକ ଜାମ୍‌ର ପ୍ରମୁଖ କାରଣ ସାଜୁଥିବା ବେଆଇନ ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ କରାଯିବାକୁ ଦାବି ଉଠିଛି।

ବଡଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସରେ ଗୁରୁବାର ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ରଥଯାତ୍ରାର ୩ୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ରଥ ନିର୍ମାଣ ପାଇଁ ଫାସିକାଠ ଦାନ କରିଥିବା ନୟାଗଡ଼ ଜିଲାର ୨୨ଜଣ ଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ ରଥକାଠ, ରଥ ନିର୍ମାଣ, ରଥକନା, ଦଉଡ଼ି ଏବଂ ରଥଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଫାସିକାଠଦାତାଙ୍କ ସଂଖ୍ୟା କମୁଥିବା ନେଇ ଉପସ୍ଥିତ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ, ଗତବର୍ଷ ଆସିଥିବା ଫାସିକାଠ ମଧ୍ୟରୁ କେତେକ ବଳକା ରହିଛି। ତେଣୁ ଏଥର ଯେତିକି ଦରକାର ସେତିକି ଲୋକଙ୍କଠାରୁ ଅଣାଯାଇଛି। ସେହିପରି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଥିଲା। ଆସନ୍ତା ୩ମାସ ମଧ୍ୟରେ ବନ ପ୍ରକଳ୍ପ ସମେତ ବିଭିନ୍ନ ଜଙ୍ଗଲ ଏବଂ ବ୍ୟକ୍ତିଗତ ମାଲିକାନାରେ ରଥ ନିର୍ମାଣରେ ଲାଗୁଥିବା ଗଛ କେତେ ସଂଖ୍ୟାରେ ରହିଛି ସେ ସମ୍ପର୍କରେ ରିପୋର୍ଟ ଦେବାକୁ ଆର୍‌ସିସିଏଫ୍ ଦିବାକର ମିଶ୍ରଙ୍କୁ କୁହାଯାଇଛି। ପ୍ରତ୍ୟେକ ବସ୍‌ରେ ରେଟ୍ ଚାର୍ଟ ରହିବ। ଧାର୍ଯ୍ୟ ମୂଲ୍ୟଠାରୁ କୌଣସି ବସ୍ ଅଧିକ ଭଡ଼ା ନେଲେ ସମ୍ପୃକ୍ତ ବସ୍ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନୀଲ ସାମଲ କହିଛନ୍ତି। ରଥଯାତ୍ରା ପାଇଁ ଅଧିକ ୨୦୦ ବସ୍ ଚାଳିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ମହାନ୍ତି କହିଛନ୍ତି। ପୂର୍ବତଟ ରେଳପଥ ପକ୍ଷରୁ ଏଥର ୧୯୨ଟି ସ୍ୱତନ୍ତ୍ର ଟ୍ରେନ୍ ଚାଳିବ। ପୁରୀ ସମେତ ଆଖପାଖ ଷ୍ଟେଶନରେ ୨୬ଟି ଅଧିକ କ୍ୟାଟରିଂ, ୬୨ଟି ବୁକିଂ କାଉଣ୍ଟର, ୪୦ଟି ଅଟୋମେଟିକ ଟିକେଟ ଭେଣ୍ଡିଂ ମେଶିନ ବ୍ୟବସ୍ଥା କରାଯିବ। ଟ୍ରେନ୍‌ଗୁଡ଼ିକର ସମୟ ସାରଣୀ ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ଆଲୋଚନାବେଳେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସିଡିଏମ୍‌ଓ ଅମରେନ୍ଦ୍ର ମହାନ୍ତି କହିଥିଲେ ରଥଯାତ୍ରା ପାଇଁ ଅଧିକ ସଂଖ୍ୟକ ଡାକ୍ତର, ବେଡ୍, ଆମ୍ବୁଲାନ୍ସ, ଆଶୁ ଚିକିତ୍ସା ଆଦି ବ୍ୟବସ୍ଥା ହେଉଛି। ବାତ୍ୟାରେ ଓଭରହେଡ୍ ପାଣିଟାଙ୍କି ଭୁଶୁଡ଼ି ପଡ଼ିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ହୋଇନାହିଁ। ତୁରନ୍ତ ପାଣିଟାଙ୍କି ନିର୍ମାଣ କରିବାକୁ ପିଏଚ୍‌ଇଓକୁ ଆଇନମନ୍ତ୍ରୀ କହିଥିଲେ। ହସ୍ପିଟାଲରେ ଯାହା ଅନ୍ୟାନ୍ୟ ଆବଶ୍ୟକ କାମ ରହିଛି ତାହାର ଏକ ତାଲିକା ପ୍ରସ୍ତୁତ କରି ଜିଲାପାଳଙ୍କ ସହ ଆଲୋଚନା ଲାଗି ସିଡିଏମ୍‌ଓଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

- ବସ୍‌ଭଡ଼ା ଅଧିକ ନେଲେ କାର୍ଯ୍ୟାନୁଷ୍ଠାନ
- ୧୯୨ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ
- ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ରହିବ ୫ ଆମ୍ବୁଲାନ୍ସ

ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଡ୍ରେନ୍ ସଫେଇ କାମ ଜୋର୍‌ସୋରରେ ଚାଲିଥିବା କହିଥିଲେ। ବଡଦାଣ୍ଡର ଟ୍ରାଫିକ ସମସ୍ୟାକୁ ନେଇ ହୋ ହଲ୍ଲା ହୋଇଥିଲା। ଗୁଣ୍ଡିଚା ମନ୍ଦିରଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଧିକାଂଶ ମାର୍କେଟ କମ୍ପ୍ଲେକ୍ସ ବେଆଇନ ଭାବେ ତିଆରି କରାଯାଇଛି। ସେମାନଙ୍କର ପାର୍କିଂ ସୁବିଧା ନାହିଁ। ରାସ୍ତାରେ ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି। ପାର୍କିଂ ସୁବିଧା ନ କରି ବେଆଇନ ଭାବେ ଚାଲୁଥିବା ୮ଟି ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ ପାଇଁ ଗତବର୍ଷ ରଥ ସମନ୍ୱୟ କମିଟି ବୈଠକରେ ଦାବି ହୋଇଥିଲା। ହେଲେ ବର୍ଷେ ବିତିଯାଇଥିଲେ ମଧ୍ୟ ତାହା କରାଗଲାନାହିଁ। ତେଣୁ ସମ୍ପୃକ୍ତ ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ ପାଇଁ ଏଥର ବୈଠକରେ ପୁନଃ ଦାବି କରାଯାଇଥିଲା। ସେହିପରି ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥରେ ବର୍ତ୍ତମାନ ଗୋଟିଏ ଆମ୍ବୁଲାନ୍ସ ରହୁଛି। ଫଳରେ ଏହା ଠିକ୍ ଭାବେ ସେବା ଯୋଗାଇ ପାରୁନାହିଁ। ତେଣୁ ୫ଟି ଆମ୍ବୁଲାନ୍ସ ବିଭିନ୍ନ ସ୍ଥାନରେ ରଖିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ର ଅଧିକାରୀଙ୍କୁ କୁହାଯାଇଛି। ଜାତୀୟ ରାଜପଥ ବିଭାଗ ବଡଦାଣ୍ଡରେ ପ୍ରତିବର୍ଷ ପିଚୁ ପକାଇ ଉଚ୍ଚା କରୁଥିବାରୁ ଶ୍ରୀମନ୍ଦିରରୁ ଜଳ ନିଷ୍କାସନ ହୋଇପାରୁ ନ ଥିବା ସେବାୟତମାନେ ଅଭିଯୋଗ କରିଥିଲେ। ଏ ଦିଗରେ ଧ୍ୟାନ ଦେବେ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ବୈଠକରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନୀଲ ସାମଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳେଇ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ଚିଠି ବୌଦ୍ଧ



# ସ୍ଲୋଗାନରେ ମହାନଦୀ ମା'

ଗଡ଼ଜାତ ବୌଦ୍ଧ ଏକ ସଂସ୍କୃତିସମ୍ପନ୍ନ ଜିଲା। ଏହି ଜିଲାକୁ ବର୍ତ୍ତମାନ ୨୫ ବର୍ଷ ପୁରିଥିଲେ ବି ପାନୀୟ ଜଳ ଯୋଗାଣ ସହିତ ବିଭିନ୍ନ କ୍ଷେତ୍ରରେ ପଛରେ ରହିଛି। ଏଠାରେ ଚିରସ୍ରୋତା ତେଲ ଓ ମହାନଦୀ ପ୍ରବାହିତ ହେଉଥିଲେ ବି ଜିଲାବାସୀ ଜଳ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ଜିଲାର ଅନ୍ୟତମ ପରିଚୟ ହେଉଛି ମହାନଦୀ। କଣ୍ଟାମାଳ ବ୍ଲକର ମନମୁଣ୍ଡାରୁ ହରଭଙ୍ଗା ବ୍ଲକର ମାରଡା ପର୍ଯ୍ୟନ୍ତ ଦୀର୍ଘ ୧୫୦ କିଲୋମିଟର ମହାନଦୀ ପ୍ରବାହିତ ହେଉଛି। ଜିଲାବାସୀ ମହାନଦୀ ଉପରେ ପାନୀୟଜଳ ଓ କୃଷି ପାଇଁ ନିର୍ଭର କରିଥାନ୍ତି। ଲକ୍ଷାଧିକ ଲୋକ ମହାନଦୀ ଜଳରୁ ମାଛ ମାରି ପରିବାର ପୋଷଣ କରୁଛନ୍ତି। କଣ୍ଟାମାଳ ବ୍ଲକର ଅଧିବାସୀମାନେ ପାନୀୟ ଜଳ ପାଇଁ ତେଲନଦୀ ଉପରେ ନିର୍ଭର କରୁଥିବାବେଳେ ବୌଦ୍ଧ ଓ ହରଭଙ୍ଗା ବ୍ଲକ ସମେତ ବୌଦ୍ଧ ସହରବାସୀ ଏଥିପାଇଁ ମହାନଦୀ ଉପରେ ନିର୍ଭର କରନ୍ତି। ନିର୍ବାଚନ ଆସିଲେ ରାଜନୈତିକ ଦଳ ମହାନଦୀ ଆମର ମା', ଏହାର ସୁରକ୍ଷା ଆମର ପ୍ରଥମ ଦାୟିତ୍ୱ ବୋଲି କହିଥାନ୍ତି। ନିର୍ବାଚନ ସରିଗଲେ ଏହି ପ୍ରସଙ୍ଗ କୁଆଡେ ଉଭାନ ହୋଇଯାଏ। ବର୍ତ୍ତମାନ ଚିରସ୍ରୋତା ମହାନଦୀ ସମ୍ପୂର୍ଣ୍ଣ ଶୁଖିଲା ପଡିଛି। ମହାନଦୀର ଶୁଷ୍କ ଶଯ୍ୟା ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଯେଉଁ ସ୍ଥାନରେ ମହାନଦୀର ଅଗଭୀର ଜଳରାଶି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିଲା, ବର୍ତ୍ତମାନ ତାହା ମରୁଭୂମି ପାଲଟିଛି। ମହାନଦୀ ଉପରେ ନିର୍ଭର କରି ଆସୁଥିବା ପାନୀୟ ଜଳପ୍ରକଳ୍ପ ଓ ଉଠାଜଳସେଚନ ପ୍ରକଳ୍ପର ଭବିଷ୍ୟତ ଏବେ ଅନ୍ଧାରରେ। ଜିଲାବାସୀ ଯେ ପାନୀୟ ଜଳ ପାଇଁ ସଙ୍କଟରେ ପଡିଛନ୍ତି ତାହା ନୁହେଁ, କୃଷି ପାଇଁ ମଧ୍ୟ ପାଣି ସମସ୍ୟା ରହିଛି। ପୂର୍ବରୁ ଯେ କେହି ବୌଦ୍ଧକୁ ଆସିଛନ୍ତି ପ୍ରଥମେ ତାଙ୍କର ମନେପଡିଯାଏ ମହାନଦୀର ମଧୁର ମାଛ ସାଙ୍ଗକୁ ଚିଙ୍ଗୁଡି। କିନ୍ତୁ ଆଜି ତାହା ବାସ୍ତବରେ ଜିଲାବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଗଲାଣି। ଜିଲାବାସୀ ଏବେ ଆନ୍ଧ୍ର ମାଛ ଓ ସମୁଦ୍ର ଚିଙ୍ଗୁଡି କିଣି ଖାଉଛନ୍ତି। ବହୁ ମତ୍ସ୍ୟଜୀବୀ ପରିବାର ନିଜର ଜୀବିକା ହରାଇ ବସିଛନ୍ତି। କିଏ ଦିନ ମଜୁରିଆ ଭାବେ ପରିବାର ପ୍ରତିପୋଷଣ କରୁଛି ତ ଆଉ କିଏ ରିକ୍ସା ଟାଣି। ମହାନଦୀରୁ ଜୀବିକା ହରାଇବା ପରେ କାମଧନ୍ଦା ନ ପାଇ ବହୁ ପରିବାର ଏବେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲିଗଲେଣି। ମହାନଦୀରେ ଜଳ ସଙ୍କଟ ପରେ ନଦୀ ଭିତରେ ଛୋଟ ଛୋଟ ଚେକ୍ ଡ୍ୟାମ୍ ନିର୍ମାଣ କରି ପାନୀୟଜଳ ଓ କୃଷିକାର୍ଯ୍ୟ ପାଇଁ ଜଳ ସଂରକ୍ଷିତ କରିବାକୁ ସରକାରଙ୍କ ଉପରେ ଚାପ ବଢି ଚାଲିଛି। ବୌଦ୍ଧଠାରେ ମହାନଦୀ ଗର୍ଭରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି କରାଯାଉଥିଲେ ମଧ୍ୟ ଏହି ଯୋଜନା ସରକାରଙ୍କ ଶୀତଳ ଭଣ୍ଡାରରେ ରହିଛି। ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ମହାନଦୀ ଓ ତେଲ ନଦୀ କୂଳରେ ଥାଇ ବି ବୌଦ୍ଧ ଜିଲାବାସୀ ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜିଲାରେ ମହାନଦୀ ଓ ତେଲନଦୀ ବ୍ୟତୀତ ସାଲୁଙ୍କୀ, ବାଘ, ଖଡଙ୍ଗ ଭଳି ଛୋଟ ଛୋଟ ନଦୀ ପ୍ରବାହିତ ହେଉଛି। ଉପରୋକ୍ତ ନଦୀ ଉପରେ ଛୋଟ ଛୋଟ ଡ୍ୟାମ୍ ନିର୍ମାଣ କରାଯାଇପାରିଲେ ଜିଲାବାସୀ ଜଳ ସଙ୍କଟରୁ ମୁକ୍ତି ପାଇପାରିବେ।

– ଅଜିତ କୁମାର ବାରିକ

## ଫାଇଲିନ୍‌ରୁ ଚେତିଲେନି ନେତା: ରାଜନୀତିରେ ଫସିଗଲେ ସମୁଦ୍ରକୂଳିଆ ଲୋକେ

# ନିର୍ମାଣ ହୋଇନି ୧୫ ହଜାର ବାତ୍ୟା ନିରୋଧୀ ଗୃହ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଦୁର୍ବଳ ହୋଇଯାଉଛି ରାଜକୋଷ। ଭୁଶୁଡି ପଡୁଛି ଲୋକଙ୍କର ଅର୍ଥନୈତିକ ସ୍ଥିତି। ୧୯୯୯ ମହାବାତ୍ୟା ପରେ ଏ ପର୍ଯ୍ୟନ୍ତ ୩ଟି ବାତ୍ୟା ରାଜ୍ୟର ଉପକୂଳବର୍ତ୍ତୀ ଜିଲାକୁ ଛାରଖାର କରିଦେଇ ଯାଇଛି। ଏଭଳି ବିପତ୍ତିରୁ ରାଜ୍ୟ ସରକାର କିମ୍ବା ରାଜନେତାମାନେ କିଛି ଶିକ୍ଷା ଲାଭ କଲାଭଳି ମନେ ହେଉନାହିଁ। ଜନଜୀବନ ରକ୍ଷାକରିବା ପରିବର୍ତ୍ତେ ନେତାମାନେ ନିଜର ହୀନସ୍ୱାର୍ଥ ହାସଲ ପାଇଁ ଲୋକଙ୍କ ଜୀବନ ସହ ଖେଳିବାକୁ ପଛଘୁଞ୍ଚା ଦେଉନାହାନ୍ତି। ରାଜନୈତିକ ଆକ୍ରୋଶରୁ ଫାଇଲିନ ପରେ ଅର୍ଥାତ୍ ୨୦୧୪ରେ ପୁରୀ ଜିଲାରେ ବିଶ୍ୱ ବ୍ୟାଙ୍କ ସହାୟତାରେ ହେବାକୁ ଥିବା ଗୃହ ନିର୍ମାଣ ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ପ୍ରକଳ୍ପ ପାଇଁ ବିଶ୍ୱବ୍ୟାଙ୍କ ଅର୍ଥ ଦେଇ ସାରିବା ପରେ ମଧ୍ୟ ସମୁଦ୍ରକୂଳରେ ରହୁଥିବା ଗରିବ ଲୋକଙ୍କୁ ପକ୍କାଘର ଖଣ୍ଡେ ମିଳିପାରି ନାହିଁ।

୨୦୧୩ ଅକ୍ଟୋବର ୧୨ ତାରିଖରେ ବାତ୍ୟା ଫାଇଲିନ ୧୪,୫୦୦ ଗ୍ରାମର ୯୦ ହଜାର ଘର ଉଡାଇ ନେଇଥିବା ବେଳେ ୬୮୦ ହଜାର ହେକ୍ଟର ଫସଲ ନଷ୍ଟ କରିଥିଲା। ଏହି ବାତ୍ୟାରେ ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁ ବିଶ୍ୱ ବ୍ୟାଙ୍କ ଟିମ୍ କ୍ଷୟକ୍ଷତି ଆକଳନ କରିଥିଲେ। ବିଶ୍ୱ ବ୍ୟାଙ୍କ ତରଫରୁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଇଥିଲା। ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲାର ଅତି ସମ୍ବେଦନଶୀଳ ଅର୍ଥାତ ସମୁଦ୍ର ଲହଡିର ୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ରହୁଥିବା ଲୋକଙ୍କୁ ଓଡ଼ିଶା ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରକଳ୍ପ (ଓଡିଆରପି)ରେ ୩୦ ହଜାର ବାତ୍ୟା ନିରୋଧୀ ପକ୍କାଘର ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ସମୁଦ୍ରକୂଳିଆ ଲୋକଙ୍କୁ ଏହି ଯୋଜନାରେ ୧ ହଜାର ବର୍ଗଫୁଟ ଜାଗାରେ ୨୯୪ ବର୍ଗଫୁଟ (ବେଡରୁମ୍, ଡାଇନିଂ ହଲ, କିଚେନ ଓ ପାଇଖାନା)ଘର ନିର୍ମାଣ କରି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୬ଟି କିସ୍ତିରେ ହିତାଧିକାରୀଙ୍କୁ ୩ ଲକ୍ଷ ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା ହୋଇଥିଲା। ଏହି ପ୍ରକଳ୍ପ ଲାଗି ବିଶ୍ୱ ବ୍ୟାଙ୍କ ୭୦ ପ୍ରତିଶତ ଏବଂ ରାଜ୍ୟ ସରକାର ୩୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ବିଶ୍ୱ ବ୍ୟାଙ୍କ ଏଥିପାଇଁ ୧୦୦୩.୮୦ କୋଟି ଟଙ୍କା ପ୍ରଦାନ କରିଛି। ଗଞ୍ଜାମ ଜିଲାରେ ୧୫ ହଜାର, ପୁରୀ ଓ ଖୋର୍ଦ୍ଧା ଜିଲାରେ ୧୫ ହଜାର ବାତ୍ୟା ନିରୋଧୀ ଗୃହ ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ସେଥିରୁ ବ୍ରହ୍ମଗିରି ବ୍ଲକରେ ୧୪୯୭ ଏବଂ କୃଷ୍ଣପ୍ରସାଦ ବ୍ଲକରେ ୧୫୪୯ ଗୃହ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ପଲ୍ଲିସଭା ମାଧ୍ୟମରେ ହିତାଧିକାରୀ ଚୟନ କରିବାକୁ ଗାଇଡ୍ ଲାଇନ ପ୍ରସ୍ତୁତ କରାଯାଇଥିଲା। ଏ ସମସ୍ତ ଘର ନିର୍ମାଣ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରିବାକୁ ନିଷ୍ପତ୍ତି ହୋଇଥିଲା। ଗଞ୍ଜାମ ଜିଲାର ୪ଟି ବ୍ଲକରେ ଥିବା ୧୦୭ଟି ଗ୍ରାମରେ ୧୬,୯୮୧ଟି ଗୃହ ନିର୍ମାଣ କରାଯାଇଥିବା ବେଳେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇପାରିଲା ନାହିଁ। ରାଜନୈତିକ ଗଣ୍ଡଗୋଳ କାରଣରୁ ଦୀର୍ଘ ୫ ବର୍ଷ ପରେ ମଧ୍ୟ ବିଶ୍ୱ ବ୍ୟାଙ୍କ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନାହିଁ। ରାଜନୈତିକ ଗଣ୍ଡଗୋଳ ଯୋଗୁ ପଲ୍ଲିସଭା ଡକାଯାଇ ପାରି ନ ଥିଲା। ହତ୍ୟାକାଣ୍ଡ ଆଶଙ୍କା କରି ତତ୍କାଳୀନ ପୁରୀ ଜିଲା ଏସ୍‌ପି ଏହି ପ୍ରକଳ୍ପ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ସେବେଠାରୁ ଏହି ପ୍ରକଳ୍ପ ବନ୍ଦ ହୋଇ ପଡିଛି। ପ୍ରକଳ୍ପ କାର୍ଯ୍ୟକାରୀ ନ ହେବାରୁ ବାତ୍ୟା ଫନୀରେ ପୁଣିଥରେ ଲୋକଙ୍କୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡିଲା। ଏ ସମ୍ପର୍କରେ ଓଏସ୍‌ଡିଏମ୍‌ଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରାଜନୈତିକ ହିଂସାକାଣ୍ଡରୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରିନାହିଁ। ପରବର୍ତ୍ତୀ ସମୟରେ ସରକାର ଏହା ଉପରେ ନିଷ୍ପତ୍ତି ନେଇପାରନ୍ତି ବୋଲି ସେ କହିଛନ୍ତି।

## ଫନୀ ମୁକାବିଲା ନେଇ ରାଜ୍ୟ ସରକାରଙ୍କୁ କେନ୍ଦ୍ରର ପ୍ରଶଂସା

# 'ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ପ୍ରସ୍ତୁତି ବିଶ୍ୱସ୍ତରୀୟ'



ସଚିବାଳୟରେ ଗୁରୁବାର ବାତ୍ୟା ଫନୀ ପରବର୍ତ୍ତୀ ପୁନରୁଦ୍ଧାର ନେଇ ସମୀକ୍ଷା ବୈଠକରେ ରାଜ୍ୟ ସରକାର ଓ ଏନ୍‌ଡିଏମ୍‌ଏ ଅଧିକାରୀଙ୍କ ମଧ୍ୟରେ ଆଲୋଚନା।

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ବାତ୍ୟା ଫନୀ ମୁକାବିଲା କରିବାରେ ଓଡ଼ିଶାର ପ୍ରସ୍ତୁତି ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପ୍ରଣାଳୀ ବିଶ୍ୱସ୍ତରୀୟ । ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍, ଟେଲିକମ୍ ସେବାର ପୁନରୁଦ୍ଧାର ଏବଂ ଗୃହନିର୍ମାଣ କ୍ଷେତ୍ରରେ କେନ୍ଦ୍ର ପକ୍ଷରୁ ସମସ୍ତ ବୈଷୟିକ ସହଯୋଗ ଯୋଗାଇ ଦିଆଯିବ ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏନ୍‌ଡିଏମ୍‌ଏ) ସଦସ୍ୟ କମଲ କିଶୋର କହିଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସରକାର ଏବଂ ଏନ୍‌ଡିଏମ୍‌ଏ ସମନ୍ୱୟ ବୈଠକରେ କମଲ ଯୋଗଦେଇ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକ ନିର୍ଣ୍ଣୟ ବିନ୍ଦୁ ନିର୍ଦ୍ଧାରଣ କରିଛି। ଯାହା ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକ ପାଇଁ ଅନୁକରଣୀୟ ବୋଲି କିଶୋର କହିଛନ୍ତି।

ମୁଖ୍ୟ ଶାସନ ସଚିବ ପାଢୀ କହିଛନ୍ତି ଯେ, ଫନୀ ପରେ ଏବେ ପୁନଃ ଥଇଥାନ ଓ ପୁନଃ ନିର୍ମାଣ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଉଛି। ଏହି କାର୍ଯ୍ୟରେ ଅନ୍ତର୍ଜାତୀୟସ୍ତରୀୟ ବୈଷୟିକ ସହାୟତା ଯୋଗାଇ ଦେବା ପାଇଁ ସେ ଏନ୍‌ଡିଏମ୍‌ଏକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା ପରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ମିଳିଥିବା ୧ହଜାର କୋଟି ଟଙ୍କାର ବିନିଯୋଗ ହୋଇସାରିଛି। ପୁନଃ ଥଇଥାନ କାର୍ଯ୍ୟ ଲାଗି ଏନ୍‌ଡିଆର୍‌ଏଫ୍‌ରୁ ଆହୁରି ୫,୨୦୦ କୋଟି ଟଙ୍କା ଯୋଗାଇ ଦେବାକୁ ପାଢୀ ଅନୁରୋଧ ମଧ୍ୟ କରିଛନ୍ତି। ଏହାଛଡ଼ା ବାତ୍ୟା ସହନଶୀଳ ଗୃହ ନିର୍ମାଣ, ବିଦ୍ୟୁତ୍ ବଣ୍ଟନ ଭିତିଭୂମି, ଟେଲିକମ୍ ଏବଂ ଜୀବିକା ନିର୍ବାହ ସହାୟତା ଆଦି କ୍ଷେତ୍ରରେ ଉଭୟ ରାଜ୍ୟ ସରକାର ଏବଂ ଏନ୍‌ଡିଏମ୍‌ଏ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସ୍ଥିର ହୋଇଥିବା ଜଣାପଡ଼ିଛି।

- କେନ୍ଦ୍ର ନିକଟରେ ଅଧିକ ୫୨୦୦ କୋଟି ଟଙ୍କା ଦାବି କଲେ ମୁଖ୍ୟ ଶାସନ ସଚିବ
- ପୁନରୁଦ୍ଧାର ପାଇଁ ବୈଷୟିକ ସହଯୋଗ ପାଇଁ ମିଳିଲା ପ୍ରତିଶ୍ରୁତି

ଏହି ଅବସରରେ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି ଯେ, ବାତ୍ୟାରେ ପ୍ରାୟ ୧.୩୫ଲକ୍ଷ ବାସଗୃହ ନଷ୍ଟ ହୋଇଛି, ୧.୪୦ ଲକ୍ଷ ପକ୍କା ଏବଂ ୨.୭୨ଲକ୍ଷ କଚ୍ଚାଘର ଆଂଶିକ ଭାବେ ଭାଙ୍ଗିଯାଇଛି। ଏହା ବ୍ୟତୀତ ୭୫୪୭ କୁଡ଼ିଆ ଏବଂ ୧.୯୧ ଲକ୍ଷ ଗୁହାଳ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ୧,୪୬,୩୧୧ ହେକ୍ଟର ଜମିରେ ଶତକଡ଼ା ୩୩ଭାଗରୁ ଅଧିକ ଫସଲ ନଷ୍ଟ ହୋଇଥିବାବେଳେ ୬,୨୮୧ ବଡ଼ ଗୃହପାଳିତ ପ୍ରାଣୀ ଏବଂ ୫୩.୨୬ ଲକ୍ଷ କୁକୁଡ଼ା କ୍ଷତିଗ୍ରସ୍ତ ହୋଇଛନ୍ତି। ବାତ୍ୟା ଯୋଗୁ ୭୧,୦୬୦ ହସ୍ତଶିଳ୍ପୀ, ୪୨,୪୮୮ ହସ୍ତତନ୍ତ ବୁଣାକାର, ୧୨,୧୩୫ ରେଶମ ଚାଷୀଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି। ୬,୪୧୬ ବୋଟ୍, ୮୮୨୮ ମାଛଧରା ଜାଲ ମଧ୍ୟ ନଷ୍ଟ ହୋଇଛି। ଯେଉଁଥି ଲାଗି ମତ୍ସ୍ୟଜୀବୀଙ୍କ ଜୀବିକାନିର୍ବାହ ପନ୍ଥା ନଷ୍ଟ ହୋଇଛି। ୫୭୩ ଅଣୁ ଓ କ୍ଷୁଦ୍ରଶିଳ୍ପ ସହ ଲୁଣ ଖଳା ଶିଳ୍ପ ନଷ୍ଟ ହୋଇଯାଇଛି। ଓଡ଼ିଶାରେ କୃଷି ଓ ଉଦ୍ୟାନଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କମିଶନର ସେଠୀ କହିଛନ୍ତି। ରାସ୍ତାକଡ଼ ଦୋକାନୀ ଏବଂ ବୁଲା ବିକାଳିଙ୍କ ସହାୟତା ପାଇଁ ଏନ୍‌ଡିଆର୍‌ଏଫ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ) ଅନ୍ତର୍ଭୁକ୍ତ କରାଇବାକୁ ସେ ଏନ୍‌ଡିଏମ୍‌ଏଙ୍କୁ ଅନୁରୋଧ କରିଛନ୍ତି।

## ପାଇପ୍ କାଟି ତେଲ ଚୋରି

ବାସୁଦେବପୁର, ୧୩।୬(ଡି.ଏନ.ଏ.)

ଆଇଓସିଏଲ୍ ପକ୍ଷରୁ ପାରାଦୀପରୁ ହଳଦିଆ ପର୍ଯ୍ୟନ୍ତ ମାଟି ତଳେ ବିଛାଯାଇଥିବା ପାଇପ୍ କାଟି ବାସୁଦେବପୁରର ଶୁଙ୍ଗୁଡ଼ା ବିଲରୁ ଲକ୍ଷାଧିକ ଟଙ୍କାର ଅଶୋଧିତ ତେଲ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ପାଇପ୍ କାଟି ଲକ୍ଷାଧିକ ଟଙ୍କାର ତେଲ ଚୋରି କରି ନେଇଯାଇଥିବା ସୂଚନା ମିଳିଛି। ଗୁରୁବାର ସକାଳେ ଶୁଙ୍ଗୁଡ଼ା ବିଲରେ ବହୁ ପରିମାଣରେ ତେଲ ଲିକ୍ ହେଉଥିବା ଜଣାପଡ଼ିବା ପରେ ଚୋରି ଘଟଣା ପଦାକୁ ଆସିଥିଲା। ପାଇପ୍ କାଟିଦିଆଯାଇଥିବାରୁ ବିପୁଳ ପରିମାଣର ତେଲ ନିକଟସ୍ଥ ବିଲ, ନୟନଯୋରିକୁ ମାଡ଼ିଯାଇଛି। ପୂର୍ବାହ୍ନରେ ଆଇଓସିଏଲ୍‌ର ଅଧିକାରୀ ଓ କର୍ମଚାରୀମାନେ ଏଠାରେ ପହଞ୍ଚି ତେଲ ଲିକ୍ ଓ ଚୋରାଚାଲାଣ ଘଟଣାର ତନାଘନା କରିବା ସହ ପାଇପ୍ ମରାମତି କାର୍ଯ୍ୟ କରିଥିଲେ। ଆଇଓସିଏଲ୍‌ର ଟେକ୍ନିସିଆନ ଇଂ. ସତୀଶ ସାର୍ବୁ, ଇଂ. ଶ୍ରୀମନ ନାରାୟଣନ, ମ୍ୟାନେଜର ଆଦିତ୍ୟ ସାହୁ ଓ ଅନ୍ୟ ପଦସ୍ଥ ଅଧିକାରୀମାନେ ମରାମତି କରିଥିଲେ। ତେବେ ଏହି ତେଲ ଚୋରିରେ ଆଇଓସିଏଲ୍‌ର କେତେକ କର୍ମଚାରୀ ଓ ସିକ୍ୟୁରିଟିଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ପାଇଁ ଆଇଓସିଏଲ୍ ପକ୍ଷରୁ ସିକ୍ୟୁରିଟି ଗାର୍ଡ ନିଯୁକ୍ତ ହୋଇଛନ୍ତି। ସେମାନେ ଠିକ୍ ଭାବେ ରାତ୍ରିକାଳୀନ ପାଟ୍ରୋଲିଂ କରୁ ନ ଥିବାରୁ ତେଲ ଚୋରି ହେଉଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳର ରାତ୍ର ଜଗୁଆଳି ଦାୟିତ୍ୱରେ ଥିବା କର୍ମଚାରୀ ପରେଶ ନାଥ ସାହୁ କହିଛନ୍ତି ଯେ ଡ୍ୟୁଟି କରାଯାଉଛି, କିନ୍ତୁ ଚୋରିର କୌଣସି ସୁରାକ୍ ମିଳୁନାହିଁ। ଉଲ୍ଲେଖନୀୟ, ୨୦୧୭ ମେ ୨୫ ତାରିଖରେ ବାସୁଦେବପୁର ବାଖରପୁର ବିଲରୁ ଅନୁରୂପ ତେଲ ଚୋରି ହୋଇଥିଲା। ୫ ହଜାର ଲିଟର ଭର୍ତ୍ତି ଏକ ଅଶୋଧିତ ତେଲ ଟ୍ୟାଙ୍କରକୁ ପୋଲିସ ଜବତ କରିଥିଲା। ଚୋରମାନେ ପାଇପ୍ କାଟି ତେଲ ଟ୍ୟାଙ୍କରରେ ଭର୍ତ୍ତି କରିଥିଲେ ମଧ୍ୟ ନେଇପାରି ନ ଥିଲେ।

## ସେଲ୍‌ଫି କର୍ଣ୍ଣର



@ ଅରୁପରଞ୍ଜନ



@ ନୂତନ



@ ସୁନିଲ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ବରଯାତ୍ରୀ ଶୋଭାଯାତ୍ରାରେ ମାରପିଟ, ୨ ଗିରଫ

**ସମ୍ବଲପୁର,୧୩।୬(ବ୍ୟୁରୋ)-** ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଧନକଉଡ଼ାରେ ଏକ ବରଯାତ୍ରୀ ଶୋଭାଯାତ୍ରା ସମୟରେ ମାରପିଟ ହୋଇଛି। ଏହି ଘଟଣାରେ ପୋଲିସ ଧନକଉଡ଼ାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଜିତ ସିଂ ଓ ଅଜୟ ସିଂ। ଏ ନେଇ ପୋଲିସ ଏକ ମାମଲା (ନଂ. ୧୨୦/୧୯) ରୁଜୁ କରିଛି। ବୁଧବାର ରାତିରେ ଧନକଉଡ଼ାରେ ବରଯାତ୍ରୀ ଶୋଭାଯାତ୍ରା ଚାଲିଥିବାବେଳେ ଦିଲୀପ ରାୟ ନାମକ ଯୁବକଙ୍କୁ ଅଜିତ ଓ ଅଜୟ ମାରପିଟ କରିଥିବା ଥାନାରେ ଅଭିଯୋଗ ହୋଇଥିଲା।

### ମଦ ଜବତ, ୨ ଗିରଫ

**ରେଢ଼ାଖୋଲ,୧୩।୬(ଡି.ଏନ୍.ଏ.)-** ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଏହି ଥାନା ଅନ୍ତର୍ଗତ ଲଇଣ୍ଡାମାଲ ଗ୍ରାମରେ ଚଢ଼ାଉ କରାଯାଇ ବେଆଇନ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଲଇଣ୍ଡାମାଲ ଗ୍ରାମର ହଜାରି ପ୍ରଧାନ (୩୫) ଓ ନବୀନ କୁମାର ପ୍ରଧାନ (୨୭)। ହଜାରିଙ୍କଠାରୁ ୧୨ ଓ ନବୀନଙ୍କ ପାଖରୁ ୨୯ ବୋତଲ ବିଅର ଜବତ କରାଯାଇଛି। ଏ ନେଇ ଦୁଇଟି ମାମଲା (ନଂ. ୩୫ ଓ ୩୬) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଦୀପ୍ତିମୟୀ ସାହୁ କହିଛନ୍ତି। ତେବେ ଉଭୟଙ୍କ ଜାମିନ ଅବେଦନ ଶୁଣାଣି ୧୭ ତାରିଖରେ ରହିଥିବା ସେ କହିଛନ୍ତି।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର,୧୩।୬ (ବ୍ୟୁରୋ)-** ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଜୟନ୍ତପୁର ଗ୍ରାମ ରାସ୍ତା କଡ଼ରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ଜଣକ ଗୌଡ଼ପାଲି ଗ୍ରାମର ଦାମୋଦର ବାରିକ (୪୦) ବୋଲି ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୬) ରୁଜୁ କରି ପୋଲିସ ତଦନ୍ତ କରୁଛି। ଦାମୋଦର କିଛିଦିନ ହେଲା ଘରୁ ଚାଲିଯାଇଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

### ମହିଳାଙ୍କ ଆତ୍ମହତ୍ୟା

**ବିନିକା,୧୩।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଲଛିପୁର ଫାଣ୍ଡି ଅନ୍ତର୍ଗତ ବାଲପୁର ଗ୍ରାମରେ ଜଣେ ମହିଳା ଅତ୍ମହତ୍ୟା କରିଥିବା ନେଇ ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ମୃତା ମହିଳା ହେଲେ ଉମା ବିଶ୍ୱାଳ(୨୩)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ମଧ୍ୟାହ୍ନରେ ଉମା ସ୍ୱାମୀ ଧରଣୀଧର ବିଶ୍ୱାଳ ଓ ଝିଅ ରିତୁ (୩)ଙ୍କ ସହ ମଧ୍ୟାହ୍ନରେ ଘରେ ବିଶ୍ରାମ ନେଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଧରଣୀ ଉଠିଲା ବେଳକୁ ଉମା ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସାହି ପଡିଶାଙ୍କୁ ଡାକି ଘଟଣା ସମ୍ପର୍କରେ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ । ମାଜିଷ୍ଟ୍ରେଟ ତଥା ରାମପୁର ଅତିରିକ୍ତ ତହସିଲଦାର ରୋହିତ ଭୋଇ, ଲଛିପୁର ଫାଣ୍ଡି ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବାଗଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୋନପୁର ଡାକ୍ତରଖାନା ପଠାଇଛି। ଏ ନେଇ ଲଛିପୁର ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୧୯) ରୁଜୁ ହୋଇଛି।

## ରାସ୍ତା ନିର୍ମାଣରେ ଅନିୟମିତତା

# ନିମ୍ନମାନର କାମ, ନିର୍ମାଣ ବନ୍ଦ କଲେ ଗ୍ରାମବାସୀ

**ବାମରା/ଲଇକେରା, ୧୩।୬ (ସ୍ୱ.ପ୍ର./ଡି.ଏନ୍.ଏ.)**

ଲଇକେରା ବ୍ଲକ ତିଲେଇମାଲ ପଞ୍ଚାୟତ କାଙ୍କକୁମର ଗ୍ରାମ ନିକଟରେ ଚାଲିଥିବା ଏକ ରାସ୍ତା କାମ ଅତି ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ଲୋକେ ରାସ୍ତାକାମ ବନ୍ଦ କରି ଦେଇଛନ୍ତି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ପୂର୍ତ୍ତ ବିଭାଗ ଅଧୀନରେ ଲଇକେରା ବ୍ଲକର ତିଲେଇମାଲ-କାଙ୍କକୁମର-ଆମ୍ବମୁଣ୍ଡାରେ ଚାଲିଥିବା ପ୍ରାୟ ୬.୫ କିଲୋମିଟର ଏହି ରାସ୍ତା ନିର୍ମାଣ ପାଇଁ ୬ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ସେଥିରେ ପିଚୁ ରାସ୍ତା, କଲଭର୍ଟ ସହ କଂକ୍ରିଟ ରାସ୍ତା ମଧ୍ୟ ନିର୍ମାଣ ଲାଗି କାର୍ଯ୍ୟାଦେଶ ରହିଛି। କଂକ୍ରିଟ ରାସ୍ତା ୭୦୦ ମିଟର ଲମ୍ବ ବିଶିଷ୍ଟ ହୋଇଥିବା ବେଳେ ନିମ୍ନମାନର କାମ କରାଯାଉଛି। ପୂର୍ଣ୍ଣାଙ୍ଗ ନିର୍ମାଣ କାର୍ଯ୍ୟ ଓରିଏଣ୍ଟ କନଷ୍ଟ୍ରକଶନ୍ ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥା କରୁଥିବା ବେଳେ କଂକ୍ରିଟ କାମକୁ ସ୍ଥାନୀୟ ଠିକାଦାର ଟିକେଶ୍ୱର ପଟେଲ କରୁଥିବା ଗ୍ରାମବାସୀ କହିଛନ୍ତି। କଂକ୍ରିଟ ରାସ୍ତାର ତଳ ସ୍ତରରେ ଦିଆଯାଉଥିବା ଡବ୍ଲ୍ୟୁଏମ୍ ମେଣ୍ଟାଲ ଠିକ ଆକାର ନ ଥାଇ ସିମେଣ୍ଟ ଅନୁପାତ କମ୍ ଦିଆଯାଇ କାମ ହେଉଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ପର୍ଯ୍ୟାପ୍ତ ପରିମାଣର ପାଣି ମଧ୍ୟ ବ୍ୟବହାର ହେଉନାହିଁ। ଏହାକୁ ବିରୋଧ କରି ୨ ଦିନ ତଳେ ମହୁଲଡିହି, ଗଉଡ଼ପଡ଼ା, କୁମ୍ଭାରପଡ଼ା, କାଙ୍କକୁମର ଗ୍ରାମର ପ୍ରାୟ ୫୦ଜଣ ମହିଳା ପୁରୁଷ ନିର୍ମାଣସ୍ଥଳରେ ପହଞ୍ଚି ପାଟିତୁଣ୍ଡ କରି କାମ ବନ୍ଦ କରିଥିଲେ। ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ଦମୟନ୍ତୀ ପଟେଲ, ଧନମତି ପଟେଲ, ସୁଶିଲା ମାଝି, ମୈଥିଲୀ ନାଏକ, ଲକ୍ଷ୍ମୀ ନାଏକ, ବୀଣା କିଷାନ, ତୁଳସା ଧୁରୁଆ, ଶୈଳେନ୍ଦ୍ରୀ ପଟ୍ଟା, ସୁନୀଲ ମରେଇ, ପୁଷ୍ପଲତା ନାଏକ, ମାଳତି କିଷାନ, ମଦନ ମୋହନ ଧୁରୁଆ, ସୁଶିଲ ମାଝି, ବଲ୍ଲଭ ପଟେଲ, ଅନାମ କିଷାନ, ସଞ୍ଜୟ ପିଙ୍ଗ, ସୁରେଶ ଛତ୍ରିଆ ପ୍ରମୁଖଙ୍କ ସମେତ ଗ୍ରାମର ଅନ୍ୟ ଲୋକମାନେ ଏହି ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ସାହୁଙ୍କୁ ଯୋଗାଯୋଗ କରିବାରୁ ରାସ୍ତା ନିର୍ମାଣ ନିୟମ ଅନୁସାରେ ଚାଲିଛି ବୋଲି ପ୍ରକାଶ କରିଥିଲେ।



ନିର୍ମାଣସ୍ଥଳରେ ଗ୍ରାମବାସୀ ପହଞ୍ଚି କାମ ବନ୍ଦ କରୁଛନ୍ତି।



ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ରଜନୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

# ନିଟ୍ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ

**ସମ୍ବଲପୁର,୧୩।୬ (ବ୍ୟୁରୋ)**

ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍‌ରେ କୃତିତ୍ୱ ହାସଲ କରିଥିବା ସମ୍ବଲପୁର ଚାରଭାଟିର ରଜନୀ ମୁଣ୍ଡାଙ୍କୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି। ମିଶ୍ର ରଜନୀଙ୍କ ଘରକୁ ଯାଇ ତାଙ୍କୁ ମିଠା ଖୁଆଇବା ସହ ପୁଷ୍ପଗୁଚ୍ଛ ଦେଇ ମଙ୍ଗଳ କାମନା କରିଛନ୍ତି। ଆଗକୁ ତାଙ୍କ ପାଠପଢ଼ାରେ ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୌମିତ୍ର ଯତି, ଶିବ ଦିୱାନ, ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୯ ନିଟ୍‌ରେ ଏସ୍‌ଟି ବର୍ଗରେ ରଜନୀ ସର୍ବଭାରତୀୟ ସ୍ତରରେ ୧୩୦୩ ର୍‍ୟାଙ୍କ ହାସଲ କରିଛନ୍ତି। ସେ ଜଣେ ଚକ୍ଷୁ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ରଜନୀଙ୍କ ପରିବାର ଅତ୍ୟନ୍ତ ଗରିବ। ତାଙ୍କୁ ମାତ୍ର ୭ ବର୍ଷ ହୋଇଥିବା ବେଳେ ବାପା ଆରପାରିକୁ ଚାଲି ଯାଇଥିଲେ। ମାଆ ସବିତା ଅନ୍ୟ ଘରେ କାମ କରି ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ପାଠ ପଢ଼ାଇବା କଷ୍ଟକର ହୋଇପଡ଼ିବାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସେବାଶ୍ରମରେ ପାଠ ପଢ଼ିଥିଲେ। ଗଙ୍ଗାଧର ମେହେର ଯୁକ୍ତ୨ ବିଜ୍ଞାନରେ କଲେଜରେ ପାଠପଢ଼ି ୫୩ ପ୍ରତିଶତ ମାର୍କ ରଖିଥିଲେ। ପରିବାରକୁ ଆର୍ଥିକ ସାହାଯ୍ୟ କରିବା ପାଇଁ ସେ ଏକ କପଡ଼ା ଦୋକାନରେ କାମ କରୁଥିଲେ। ସେଠାରେ କାମ କରୁଥିବା ସମୟରେ ସମ୍ପର୍କୀୟ ଭାଇ ଗଣେଶ ଓରାମ ମେଡିକାଲ ପଢ଼ିବା ପାଇଁ ପ୍ରସ୍ତୁତି କରିବାକୁ ପ୍ରେରଣା ଦେଇଥିଲେ। ଏଥିପାଇଁ ରଜନୀ ସାଇନ୍ସ ପଏଣ୍ଟ ନାମକ ଏକ ଘରୋଇ ଅନୁଷ୍ଠାନରେ ନାମ ଲେଖାଇଥିଲେ।

# ଓଟିଡିସିର ସ୍ୱତନ୍ତ୍ର ରଥଯାତ୍ରା ପ୍ୟାକେଜ୍

**ଭୁବନେଶ୍ୱର,୧୩।୬ (ବ୍ୟୁରୋ)**

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ତରଫରୁ ସ୍ୱତନ୍ତ୍ର ରଥଯାତ୍ରା ଟୁର୍ ପ୍ୟାକେଜ୍ ଘୋଷଣା କରାଯାଇଛି। ଏହି ପ୍ୟାକେଜ୍ କଟକ, ଭୁବନେଶ୍ୱର ଓ ସମ୍ବଲପୁର ପାନ୍ଥନିବାସରେ ଉପଲବ୍ଧ ହେବ। ଏହି ଅବସରରେ ରାଜ୍ୟ, ଦେଶ ତଥା ବିଦେଶୀ ପର୍ଯ୍ୟଟକ ଆସନ୍ତା ଜୁଲାଇ ୪ରେ ଶ୍ରୀଜିଉଙ୍କ ରଥଯାତ୍ରା ଉପଭୋଗ କରିପାରିବେ। ଚଳିତବର୍ଷ ୧୨୦ଜଣ ପର୍ଯ୍ୟଟକଙ୍କ ପାଇଁ ବିଭାଗ ପକ୍ଷରୁ ପ୍ୟାକେଜ୍‌ର ବ୍ୟବସ୍ଥା କରାଯାଇଛି। ଜୁଲାଇ ୪ତାରିଖ ପ୍ରାତଃ ୫ଟାରେ କଟକ ପାନ୍ଥନିବାସ ପରିସରରୁ ଯାତ୍ରୀଙ୍କୁ ଓଟିଡିସିର ସ୍ୱତନ୍ତ୍ର ବସ୍‌ରେ ପୁରୀ ନିଆଯିବ। ସେହିପରି ସମ୍ବଲପୁର ପାନ୍ଥନିବାସରୁ ପୂର୍ବଦିନ ରାତି ୮ଟାରୁ ଯାତ୍ରୀମାନେ ଭୁବନେଶ୍ୱର ଅଭିମୁଖେ ଯିବେ। ପରେ ସେମାନଙ୍କୁ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ନିଆଯିବ। ସକାଳ ଜଳଖିଆ, ମଧ୍ୟାହ୍ନଭୋଜନ ଓ ପାନୀୟ ଜଳର ବ୍ୟବସ୍ଥା ରହିଥିବା ବେଳେ ରାତ୍ରିଭୋଜନ ପରେ ସମସ୍ତ ଯାତ୍ରୀ ଭୁବନେଶ୍ୱର ଫେରିବେ। ସମସ୍ତ ପ୍ୟାକେଜ୍ ପାଇଁ ଭିନ୍ନ ଭିନ୍ନ ଦେୟ ରହିଥିବା ବେଳେ ପର୍ଯ୍ୟଟକ ଭିଜିଟ୍ ଓଡ଼ିଶା ଏବଂ ପାନ୍ଥନିବାସ ୱେବ୍‌ସାଇଟରେ ସବୁ ତଥ୍ୟ ପାଇପାରିବେ। ଅନ୍ୟପକ୍ଷରେ ପ୍ରତିବର୍ଷ ଜଗନ୍ନାଥ ବଲ୍ଲଭ ମଠ ଉପରେ ପର୍ଯ୍ୟଟକଙ୍କ ବସିବା ଲାଗି ବ୍ୟବସ୍ଥା କରାଯାଉଥିବା ବେଳେ ଏଥର କିନ୍ତୁ ପୁରୀ ଗ୍ରାଣ୍ଡ ସେଣ୍ଟ୍ରାଲ ହୋଟେଲ ଉପରେ ବସି ରଥଯାତ୍ରା ଉପଭୋଗ କରିବାର ବ୍ୟବସ୍ଥା କରାଯାଇଛି।



କ୍ୟାମ୍ପସ୍ ନିଯୁକ୍ତି ପାଇଥିବା ଜଣେ ଛାତ୍ରଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

# କ୍ୟାମ୍ପସ୍ ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ରେଙ୍ଗାଲି,୧୩।୬ (ଡି.ଏନ୍.ଏ.)**

**ସରକାରୀ ପଲିଟେକ୍ନିକ୍**

କ୍ୟାମ୍ପସ୍ ନିଯୁକ୍ତି ପାଇଁ ମନୋନୀତ ହୋଇଥିବା ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସରକାରୀ ପଲିଟେକ୍ନିକ ଛାତ୍ରୀଛାତ୍ରମାନଙ୍କୁ ଗୁରୁବାର ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଅଧ୍ୟକ୍ଷ ଇଂ. ଜ୍ଞାନରଞ୍ଜନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଲପଙ୍ଗା ଆଦିତ୍ୟ ଆଲୁମିନିୟମର ସହକାରୀ ଉପସଭାପତି ଇଂ. ଜଗଦୀଶ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପାଠପଢ଼ା ପରେ ତତ୍‌କ୍ଷଣାତ୍ ଚାକିରି ପାଇଥିବା ଛାତ୍ରୀଛାତ୍ରମାନେ ଚାକିରି ଜୀବନରେ ମଧ୍ୟ ଶିକ୍ଷା ଗ୍ରହଣ କରିବା ଏବଂ ଶିକ୍ଷାକୁ ଏକ ନିରନ୍ତର ଗ୍ରହଣୀୟ ମାଧ୍ୟମ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପକ ସ୍ମରଜିତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅନୁଷ୍ଠାନକୁ ଆସିଥିବା ବିଭିନ୍ନ କମ୍ପାନୀ ୧୦୨ ଏବଂ କେନ୍ଦ୍ରୀୟ ନିଯୋଜନ ସେଲ ଜରିଆରେ ୪ଜଣ ଏପରି ମୋଟ ୧୦୬ ଛାତ୍ରୀଛାତ୍ର କ୍ୟାମ୍ପସ୍ ନିଯୁକ୍ତି ପାଇଛନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଶେଷରେ ଅଧ୍ୟାପକ ସରୋଜକାନ୍ତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜେଡିର ତତ୍ପରତା

**ଭୁବନେଶ୍ୱର, ୧୩।୬ (ବ୍ୟୁରୋ)**

କେନ୍ଦ୍ରାପଡା ଜିଲାର ପାଟକୁରା ବିଧାନସଭା ଆସନରେ ନିର୍ବାଚନ ହେବାକୁ ରହିଛି। ଦୁଇଦିନ ତଳେ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ପାଟକୁରା ଗସ୍ତ କରିଥିଲେ। ନିର୍ବାଚନ ପାଇଁ ଅନୁକୂଳ ସ୍ଥିତି ରହିଛି କି ନାହିଁ, ସେ ସମ୍ପର୍କରେ ତଦାରଖ କରିଛନ୍ତି। ପ୍ରଶାସନିକସ୍ତରରେ ତତ୍ପରତା ସହ ରାଜନୈତିକ ବ୍ୟାକୁଳତା ମଧ୍ୟ ପ୍ରକାଶ ପାଇଛି। ୨୦୦୪ରୁ ଏହି ଆସନକୁ ବିଜେଡି ନିଜ ଅକ୍ତିଆରରେ ରଖିଛି। ହେଲେ ସବୁଥର ଅପେକ୍ଷା ଏଥର କଥା ବହୁତ ଭିନ୍ନ। ବରିଷ୍ଠ ନେତା ବିଜୟ ମହାପାତ୍ର ଭାଜପାରୁ ପ୍ରାର୍ଥୀ ହେବା ସହ ଜୋରଦାର୍ ନିର୍ବାଚନ ଲଢୁଛନ୍ତି। ରାଜ୍ୟରେ ୮ଟି ଲୋକ ସଭା ଆସନ ହାତେଇବା ପରେ ଭାଜପା ଶାସକ ବିଜେଡିକୁ ଟକ୍କର ଦେବାର କୌଣସି ସୁଯୋଗ ହାତଛଡ଼ା କରୁନାହିଁ। ଅପରପକ୍ଷରେ ବିଜେଡି ମଧ୍ୟ ପ୍ରସ୍ତୁତିଆରମ୍ଭ କରିଦେଇଛି। ଏ ସଂକ୍ରାନ୍ତରେ ଏକ ବୈଠକ ଭୁବନେଶ୍ୱରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସୁଶାନ୍ତ ସିଂ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ପ୍ରତିନିଧି, ବିଧାୟକ ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପାଟକୁରାରେ କେଉଁ ନେତା କେଉଁ ପଞ୍ଚାୟତ ଦାୟିତ୍ୱରେ ରହିବେ, କିପରି ବୁଥ୍ ପରିଚାଳନା ହେବ, ସେ ନେଇ ଆଲୋଚନା ହୋଇଛି।





ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ଚାଷୀଙ୍କ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ଚାଷୀ ଆନ୍ଦୋଳନରେ ସାମିଲ ହେଲେ ଏମ୍‌ପି

**କୁଚିଣ୍ଡା,୧୩।୬ (ଡି.ଏନ୍.ଏ.)**

ଉପଖଣ୍ଡସ୍ତରୀୟ କୃଷକ ସୁରକ୍ଷା ସଂଗଠନ ନେତୃତ୍ୱରେ ଜୁନ ୩ ତାରିଖରୁ କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବାମରା, ଜମନକିରା ଓ କୁଚିଣ୍ଡା ଅଞ୍ଚଳର ଚାଷୀମାନେ ରିଲେ ଅନଶନରେ ବସିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳିରେ ଚାଷୀମାନେ ଦୀର୍ଘ ୯ ଦିନ ହେବ ଅନଶନରେ ବସି ରହିଥିଲେ ମଧ୍ୟ ଏଯାଏ କୌଣସି ଅଧିକାରୀ ସେମାନଙ୍କ ସହ ଆଲୋଚନା କରିନାହାନ୍ତି। ଗୁରୁବାର ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ଅନଶନସ୍ଥଳକୁ ଆସି ଚାଷୀଙ୍କ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଚାଷୀଙ୍କ ସମସ୍ୟା ସରକାର ନ ଶୁଣିବା ଦୁର୍ଭାଗ୍ୟଜନକ। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିବି ଓ ଏହି ପ୍ରସଙ୍ଗ ଦିଲ୍ଲୀ ଦରବାରରେ ଉପସ୍ଥାପନ କରିବି ବୋଲି ଏହି ଅବସରରେ ଗଙ୍ଗଦେବ କହିଥିଲେ। ଏମ୍‌ପି ଗଙ୍ଗଦେବଙ୍କ ସହ ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ବୃନ୍ଦାବନ ମାଝି, କୃଷକ ନେତା ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ମା'କେ ଝୁରୁଛନ୍ ଦୁଇ ନିଷ୍ପାପ ଛୁଆ

**ବାମରା, ୧୩।୬ (ସ୍ୱ.ପ୍ର.)**

ଜୀବନ୍‌ରେ ମା'ର ଜାଗା କେହି ନାଇଁ ନେଇପାରେ। ମା'ରନୁ ବଲି ବଡ଼ କେହି ନୁହେ, ତା'ର ସେନେହ ମମତା କାହାରିନୁ ନାଇଁ ମିଲେ। ମା' ଛୁଆକେ ଛାଡ଼ି କି ଛୁଆ ମା'କେ ନାଇଁ ଦେଖିଲେ ନାଇଁ ରହିପାରେ। ଜୀବନ୍‌ରେ ଯେନ୍‌ତା ବିପତି ଆସୁ ମା' ନିଜର ଛୁଆର ଆଘେ ଢାଲ ହେଇ ଠିଆ ହେଇଯିବା। ସେଥିରେ ତା'ର ଜୀବନ୍ ବଛେ ପଲେଇଯିବା ଛୁଆକେ ଆଁଚ୍ ଆଏବାକେ ନାଇଁ ଦିଏ। ହେଲେ ଇତାରନୁ ଭିନେ ଆର ବିପରୀତ ଗୁଟେ ଘଟନା ଦେଖିବାକେ ମିଲିଛେ ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅଂଚଲରେ। ଦୁଇ ନାବାଲିକ୍ ଟୁକେଲ ନିଜର ମା'କେ ଖୁଜବାକେ ଆସିଥିଲାବେଲେ ଝାରସୁଗୁଡ଼ା ଜିଆରପି ତାହାକୁ ଟ୍ରେନ୍‌ରୁ ଉଧାର କରିଛେ।

ସୂଚନା ଅନ୍‌ସାରେ ଗୋବିନ୍ଦପୁର ଥାନା ଅଧୀନ୍ ଗୁଟେ ପରିବାରରେ ଘଏତାମାଏପୋକର ସମେତ ତାକର ଦୁଇ ନାବାଲିକ ଝି' ରହିଛନ୍। ବଡ଼ ଝି' ୮ ବଛର୍‌ର ହେଇଥିଲାବେଲେ ସାନ୍ ଝି' ୯ ବଛର୍‌ର। ହେଲେ ଇଆଡ଼େ ମା' ଝନ୍‌କର ପେମ୍‌ରେ ବାଇ ହେଇ ମଝିରେ ମଝିରେ ଭିନେ ଭିନେ ବାହାନା କରି ଘରୁ ପଲଉଛନ୍। ସେନ୍‌ତା ଗଲା ମଙ୍ଗଲବାର ଦିନ ସେ ସଖାଲୁ ଉଠି କାହାକେ କିଛି ନାଇଁ କହିକରି କେନ୍‌ଆଡ଼େ ପଲେଇଛନ୍। ଏନ୍‌ତାଥି ଦୁଇ ନିଷ୍ପାପ ଛୁଆ ନିଜର ମା'କେ ଖୁଜବାକେ ବାହାରିଥିଲେ। ସେମାନେ ବାମରା ରେଲଷ୍ଟେଶନରେ ପୁହୁଁଚି କେହେନ୍‌ସି ଗୁଟେ ଟ୍ରେନ୍‌ରେ ଚଢ଼ିଯାଇଥିଲେ। ଦୁଇ ବହେନ୍ ଟ୍ରେନ୍‌ରେ କାନ୍ଦୁଥିବାର ଦେଖି ଝାରସୁଗୁଡ଼ା ଜିଆରପି ତାହାକୁ ଉଧାର କରିଥିଲା। ଖାନାପିନା ଦେଇ ତାହାକୁ ସବୁ କଥା ପଚରାଉଚରା କରିଥିଲା। ଶେଷେ ଇ ବାବ୍‌ଦେ ଜିଆରପି ଝାରସୁଗୁଡ଼ା ଥାନା ତରଫୁ ଗୋବିନ୍ଦପୁର ଥାନା ଆର କୁଚିଣ୍ଡାରେ ଥିବାର ଚାଇଲ୍ଡ ଲାଇନକେ ସୂଚନା ଦିଆଯାଇଥିଲା। ଏହେଦେ ଦୁଇ ଛୁଆକୁ ଝାରସୁଗୁଡ଼ା ଚାଇଲ୍ଡ ଲାଇନ ତରଫୁ ଜିଲା ସ୍ୱଧାର ଘରେ ରଖାଯାଇଛେ। ଦୁଇ ଛୁଆକର ବାପା ନିଜର ଚରିତ୍ରହୀନ ମାଏକିନାର ହାତେ ଦୁଇ ଛୁଆକୁ ନାଇଁ ଦିଆଯାଉ ବଲି ଲିଖିତ ଭାବେ କୁଚିଣ୍ଡା ଚାଇଲ୍ଡ ଲାଇନକେ ଦେଇଛନ୍। ଇଆଡ଼େ ଦୁଇ ଛୁଆ ମା' ନାଇଁ ଆଏଲେ ଆମେ ଘରକେ ନାଇଁ ଯାଉଁ ବଲି ଜିଦ୍ ଧରିଛନ୍। ଏନ୍‌ତା ପରିସ୍ଥିତିରେ ସ୍ୱଧାର ଘର ଆର ଚାଇଲ୍ଡ ଲାଇନ କତୃପକ୍ଷ ଧରମ୍‌ସଁକଟରେ ପଡ଼ିଛନ୍। ଇଆଡ଼େ ଦୁଇ ଛୁଆକର ମା' ନିଜର ଛୁଆକୁ ଅନ୍‌ଦେଖା କରି ନିଜର ପେମିକା ସଂଗେ ଫେରାର ହେବାରଟା ଅଂଚଲରେ ଗୁଟେ ଚରଚାର ବିଷେ ହେଇଛେ। ଦୁଇ ଛୁଆକୁ କେହେନ୍‌ସି ଗୁଟେ ଆବାସିକ ସ୍କୁଲରେ ରଖି ପାଠ୍‌ପଢ଼ାବାର ବେବସ୍ତା କରାଯାଉ ବଲି ବୁଧିଜୀବୀ ମହଲରେ ମତ ପରକାଶ ପାଉଛେ।

# ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ ନଗର ପରିକ୍ରମା

**ସମ୍ବଲପୁର,୧୩।୬ (ବ୍ୟୁରୋ)**

ମାହେନ୍ଦ୍ର ଲଗ୍ନରେ ବିବାହ ପରେ ସୁସଜ୍ଜିତ ବିମାନରେ ଆରୂଢ଼ ହୋଇ ଭଗବାନ ଶ୍ରୀକୃଷ୍ଣ ଓ ମା' ରୁକ୍ମିଣୀ ଗୁରୁବାର ରାତିରେ ନଗର ପରିକ୍ରମା କରିଛନ୍ତି। ଗଣ୍ଡାଳ ହୋଇ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କୁ ଭକ୍ତମାନେ ବାଟରେ ବନ୍ଦାଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ବାଜା, ରୋଷଣି ଓ ଆତସବାଜିରେ ଶୋଭାଯାତ୍ରା ପଥ ପ୍ରକମ୍ପିତ ହୋଇଥିଲା। ମଧ୍ୟରାତ୍ରରେ କ୍ଷେତରାଜପୁର, ଫାର୍ମରୋଡ୍ ପରିକ୍ରମା କରି ମୁଦିପଡ଼ାସ୍ଥିତ ଭଗବତ ମନ୍ଦିରରେ ଦେବଦମ୍ପତି ପହଞ୍ଚିଥିଲେ। ପରେ ଭକ୍ତମାନେ ବନ୍ଦାଣ କରି ମନ୍ଦିର ପ୍ରବେଶ ନୀତି କରିଥିଲେ। ପଣ୍ଡିତ ନବଘନ ଦାଶ ମନ୍ତ୍ରପାଠ କରିଥିଲେ। ଆୟୋଜକ ଶ୍ରୀରାଧାରାଣୀ ମହିଳା ସଂକୀର୍ତ୍ତନ ସତ୍‌ସଙ୍ଗ ସଭ୍ୟାମାନେ ଦୁଲଦୁଲି ବଜା ତାଳରେ ନୃତ୍ୟ କରିଥିଲେ। ସତ୍‌ସଙ୍ଗ ସଭାନେତ୍ରୀ ନଳିନୀ ପ୍ରଧାନ, ପୁଷ୍ପାରାଣୀ ପ୍ରଧାନ, କୋଷାଧ୍ୟକ୍ଷ ଶ୍ରୀବତ୍ସ ଜେନା, ସରସ୍ୱତୀ କର, ସହ କୋଷାଧ୍ୟକ୍ଷ ତପସ୍ୱିନୀ କର ଓ ସଂଯୋଜକ ବ୍ୟୋମକେଶ ପଣ୍ଡା, ଯାତ୍ରା କମିଟି ସଭାପତି ନୀଳମଣି ପ୍ରଧାନ, କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ମେହେର, ସହସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ପ୍ରେମସାଗର ବେହେରା, ରେଣୁକା ଦାଶ ଓ ବରପିତା ରାଜେଶ ପତି ଯାତ୍ରା ପରିଚାଳନା କରିଥିଲେ।



ଭକ୍ତମାନେ ଶ୍ରୀକୃଷ୍ଣ-ରୁକ୍ମିଣୀ ପିନ୍ଧିଥିବା ତୁଳସୀ ମାଳ ନେବାକୁ ଧାଡ଼ି ବାନ୍ଧିଛନ୍ତି।



# ବନସ୍ତେ ଡାକିଲା ଗଜ...

**ଆଦିବାସୀ ଅଧ୍ୟୁଷିତ କେନ୍ଦୁଝରର ସଂସ୍କୃତି ସହ ରଜ ଓତଃପ୍ରୋତ ଭାବେ ଜଡ଼ିତ। ଏଥିଲାଗି ପିଲାଠୁ ବୁଢ଼ାଯାଏ ସମସ୍ତଙ୍କ ମନରେ ଭରିଥାଏ ଉନ୍ମାଦନା । ନୂଆ ବସ୍ତ୍ର ପିନ୍ଧି ପିଠାପଣା ଖାଇ ଦୋଳି ଖେଳି ଓ ନାଚଗୀତ କରି ରଜ ପାଳିଥାନ୍ତି।**

**ଉତ୍ସବ ମୁଖର କେନ୍ଦୁଝର**

'ବନସ୍ତେ ଡାକିଲା ଗଜ, ବରଷକୁ ଥରେ ଆସିଛି ରଜ, ଆସିଛି ରଜଲୋ ଘେନି ନୂଆ ସଜବାଜ' । ହଁ ଆଜି ପହିଲି ରଜ। କୃଷିଭିତ୍ତିକ ଏହି ପର୍ବକୁ ଗାଁଠୁ ସହର ପ୍ରତିଟି ଓଡ଼ିଆ ପରିବାର ପାଳିଥାନ୍ତି। ବିଶେଷକରି କେନ୍ଦୁଝର ଜିଲାରେ ରଜ ପର୍ବ ନିଆରା ଢଙ୍ଗରେ ପାଳିତ ହୋଇଥାଏ ।

ଆଦିବାସୀ ଅଧ୍ୟୁଷିତ କେନ୍ଦୁଝରର ସଂସ୍କୃତି ସହ ରଜ ଓତଃପ୍ରୋତ ଭାବେ ଜଡ଼ିତ । ପୂର୍ବରୁ ଜିଲାରେ ୩ରୁ ୭ ଦିନ ଧରି ପାଳିତ ହେଉଥିଲା ଏହି ପର୍ବ । ଏହି ଦିନଗୁଡିକରେ ନୂଆ ବସ୍ତ୍ର ପିନ୍ଧି ପିଠାପଣା ଖାଇ ଦୋଳି ଖେଳି ଓ ନାଚଗୀତ କରି ରଜ ପାଳିଥାନ୍ତି। ପିଲାଠୁ ବଡ଼ ଯାଏ ସମସ୍ତଙ୍କ ମନରେ ଭରିଦିଏ ଉନ୍ମାଦନା । ଏହି ଦିନରେ ପରିବାର ଲୋକେ ଯେଉଁଠି ବି ଥାଆନ୍ତୁନା କାହିଁକି ଏକାଠି ହୋଇଥାନ୍ତି ବୋଲି ବରିଷ୍ଠ ଅଧ୍ୟାପକ ଡ. ଅନିଲ କୁମାର ଦାସ କୁହନ୍ତି।

'ବିଶେଷକରି ରଜ ପର୍ବ ମହିଳାମାନଙ୍କ ଆନନ୍ଦର ପର୍ବ । ମହିଳାମାନେ ଏହି ତିନିଦିନ ଘରର କୌଣସି କାମ କରନ୍ତି ନାହିଁ । ଏଣୁ ଏଥିପାଇଁ ପୂର୍ବରୁ ପିଠାପଣା ଆଦିର ବ୍ୟବସ୍ଥା କରିଥାନ୍ତି। ଏପରି କି ଆଗରୁ ପାଣି ମଧ୍ୟ ସଂଗ୍ରହ କରିଥାନ୍ତି। ରଜରେ ନୂଆ ଲୁଗା ପିନ୍ଧି, ଗୋଡ଼ରେ ଅଳତା ଲଗାଇ ଆଉ ଓଠକୁ ଲାଲ୍ କରିବା ପାଇଁ ଖିଲିପାନ ଖାଇ ପୁଚି, ବାଗୁଡି ଆଦି ଖେଳ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି ନୃତ୍ୟଗୀତ ଗାଇ ଦୋଳି ଖେଳରେ ମଜ୍ଜିଯାଆନ୍ତି ବୋଲି କୁହନ୍ତି ବରିଷ୍ଠ ସାହିତ୍ୟିକ ରାମକୃଷ୍ଣ ମହାପାତ୍ର।

କାଠରେ ଦୋଳି ନିର୍ମାଣ କରାଯାଇଥାଏ। 'ଆଗରୁ ପ୍ରତ୍ୟେକ ଗ୍ରାମର ଆମ୍ବତୋଟା ବା ଘରେ ଘରେ ଦୋଳି ହେଉଥିଲା। କିନ୍ତୁ ଜଙ୍ଗଲ ଧ୍ୱଂସ ପାଇବା ଯୋଗୁ ଏହି ପର୍ବ ଆଗଭଳି ପାଳନ ହୋଇପାରୁନାହିଁ । ଏହାର ସ୍ୱରୂପ ବଦଳିଯାଇଛି ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିମ୍ବାଧର ବେହେରା କହିଛନ୍ତି। ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ପୁଟୁଳିଆ, ବୀଣାଝରି, ବିସ୍ତାପାଳ, ଜଳବଙ୍ଗ, ସୀତାବିଞ୍ଜି ଭଳି କେତେକ ଗ୍ରାମ ତଥା ଆନନ୍ଦପୁର ଅଞ୍ଚଳରେ ସ୍ଥାନୀୟ ସଙ୍ଗଠନ ଉଦ୍ୟମରେ ମେଳା ଆୟୋଜନ କରାଯାଉଛି । ବିଭିନ୍ନ ପ୍ରକାର ଦୋଳି ସହିତ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ସେହିପରି ଜିଲାର ଗୋବର୍ଦ୍ଧନ, ଜାମୁଜୋଡି, ପଟିଲୋ, ବଲାଣୀପଶି, ଜଘିଂରା, ଚମ୍ପୁଆ, ଉଖୁଣ୍ଡା, ଜାଲି, ନୟାଗଡ଼ ଆଦି ଗ୍ରାମରେ ରଜ ପର୍ବ ଧୁମ୍‌ଧାମ୍‌ରେ ପାଳନ ହେଉଛି ।

ସେହିପରି ସଦର ବ୍ଲକର ପୁଟୁଳିଆର ବୃହତ୍ ରାମଦୋଳି, ଘଟଗାଁ ବ୍ଲକର ବୀଣାଝରିରେ ବହୁ କିସମର ଦୋଳି ଅନେକଙ୍କୁ ଆକୃଷ୍ଟ କରିଥାଏ । ସେଠାରେ ଦୋଳିଖେଳ ସାଙ୍ଗକୁ ବିଭିନ୍ନ ପ୍ରକାର ରଜଗୀତ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ତାସ୍, ଲୁଡୁ, ବାଗୁଡି ଆଦି ଖେଳ ପ୍ରତିଯୋଗିତା ହୋଇଥାଏ। ସଦର ବ୍ଲକର ବିସ୍ତାପାଳରେ ଆଦିବାସୀ ସଂପ୍ରଦାୟର ମହିଳା ଓ ପୁରୁଷଙ୍କ ରାତିତମାମ ନୃତ୍ୟଗୀତ, ସଦର ବ୍ଲକର ଜଳବଙ୍ଗରେ ରଜବତୀ ବିବାହ ନିଆରା ପରମ୍ପରା ବହୁ ବର୍ଷରୁ ଚାଲିଆସୁଛି । ମାଟିରେ ରଜବତୀ ଓ ବର ମୂର୍ତ୍ତି ତିଆରି କରି ମହିଳାମାନେ ପାରମ୍ପରିକ ରୀତିନୀତିରେ ବାହାଘର କରିଥାନ୍ତି, ଯାହାକୁ ଦେଖିବାକୁ ବହୁ ଲୋକଙ୍କ ଭିଡ଼ ଜମେ । ସେହିପରି ଜିଲାର ପୌରାଣିକ ପୀଠ ସୀତାବିଞ୍ଜିରେ ଏହି ଦିନରେ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ । ଦୋକାନ ବଜାର ଓ ମୀନାବଜାର ବସେ । ଯଦିଓ ଏଠାରେ ଦୋଳିର ବ୍ୟବସ୍ଥା ନାହିଁ, ତଥାପି ଏହି ପୀଠକୁ ଲୋକେ ମାତା ସୀତା, ଲବ ଓ କୁଶଙ୍କ ପ୍ରସ୍ତର ମୂର୍ତ୍ତି ଦର୍ଶନ କରିବାକୁ ଆସିଥାନ୍ତି।



ରାମ ଦୋଳି

**-ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର**

# ନିଆରା ରଜପାନ

**ରଜପାନର ସ୍ୱାଦ ସତରେ ନିଆରା। ଏହି ପର୍ବରେ ଭଳିକି ଭଳି ଭିନ୍ନ ସ୍ୱାଦର ପାନ ଖୋର୍ଦ୍ଧା ଜିଲା ସାରୁଅ ବଜାରରେ ଗ୍ରାହକଙ୍କର ମନ ମୋହିଥାଏ। ଗୀତର ତାଳେ ତାଳେ ପାନ ଭଙ୍ଗାର ତରିକା ଗ୍ରାହକଙ୍କୁ ଦୋକାନୀ ପାଖକୁ ଟାଣି ଆଣିଥାଏ। ପୋଡ଼ପିଠାର ଚାହିଦା ପରି ପାନର ଚାହିଦା ବି ଏଠାରେ କମ୍ ନ ଥାଏ ।**



ମା'ଙ୍କ ସହ ପ୍ରେରଣା ପ୍ରତୀକ୍ଷା

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଗଣପର୍ବ ରଜ। ଗାଁଠାରୁ ସହର ଯାଏଁ ସବୁଠି ଲାଗି ରୁହେ ରଜରେ ମିଠାର ଅନୁଭୂତି। ଝିଅବୋହୂ ମିଳିତ ହୋଇ ପିଠାପଣା ଓ ରଜ ପାନ ଖାଇ ବିଭିନ୍ନ ପଲ୍ଲୀଗୀତ ଗାଇ ଦୋଳି ଖେଳି ରଜ ପାଳନ କରିଥାନ୍ତି। ତେବେ ରଜ ଅବସରରେ ଏବେ ପାନର ଚାହିଦା ବଢ଼ିବାରେ ଲାଗିଛି। ରଜ ପାନର ସ୍ୱତନ୍ତ୍ରତା ରହୁଛି। ପାନ ଖାଇବା ଓ ନ ଖାଇବା ଲୋକ ମଧ୍ୟ ରଜ ପାନ ଖାଇ ମଜା ଉଠାଇଥାନ୍ତି। ପୂର୍ବେ ଘରେ, ଖଟିରେ ପାନ କେବଳ ଭଙ୍ଗାଯାଉଥିଲା। ଏବେ ରଜ ଆସିଲେ ଖୋର୍ଦ୍ଧା ନିକଟସ୍ଥ ସାରୁଅ ବଜାରରେ ପ୍ରାୟ ୨୫ ବର୍ଷ ଧରି ପସରା ପଡୁଛି। ସାରୁଅ ବଜାର ଦେଇ ଗଲାବେଳେ ପାନର ପସରା ଦେଖି ଗାଡି, ବାଇକ୍, ସାଇକେଲ ଓ ପାଦ ଚଲା ଲୋକ ଅଟକିଯାଏ ରଜ ପାନ କିଣିବା ପାଇଁ। ତେବେ ରଜ ବଜାରରେ ମିଠା ପାନର ଚାହିଦା ଅଧିକ ରହୁଛି। ସାରୁଅ ବଜାରରେ ଅକ୍ଷୟ ଭାଇନା, ମୂଷା ଭାଇନାଙ୍କ ପରି ୧୫ ଦୋକାନ ଗଢ଼ି ଉଠିଛି। ପୂର୍ବରୁ ଏଠାରେ ୭ଟି ପାନଦୋକାନ ଥିବାବେଳେ ରଜ ଉପଲକ୍ଷେ ନୂଆ ୮ଟି ଖୋଲିଛି। ସବୁ ବେଳେ ଏଠାରେ ମିଠାପତ୍ର ବନାରାସୀ ପାନ ବିକ୍ରି ହୁଏ। ତେବେ ରଜକୁ ଦୃଷ୍ଟିରେ ରଖି ଏଠାରେ ସ୍ୱତନ୍ତ୍ର ଭାବେ ରଜପାନ ପ୍ରସ୍ତୁତ କରାଯାଏ। ଏଥିପାଇଁ ରଜର ୧୦ଦିନ ପୂର୍ବରୁ କଲିକତା ଯାଇ ମିଠା ପାନ ପତ୍ର ସାଙ୍ଗକୁ ମିଠା ପାନ ମସଲା ଆଣିବାକୁ ପଡିଥାଏ। ଦୋକାନ ଆଗରେ ଗୁଲକନ୍, ଚେରୀ, ଜେଲି ଆଦି ୮୦ ପ୍ରକାରର ମିଠା ମସଲା ସଜେଇ ହୋଇ ରହିଛି। ଗୋଟା ପାନରେ ଚନ୍ଦନ, ଧଳା ଖଇର ମାରି ଭଜା ଓ ପାତି ଗୁଆ, ଛୁଞ୍ଚି ଗୁଆ, ପ୍ରସାଦ, ନିଲମ, ଚଟଣୀ, ଲବଙ୍ଗ, ଗୁଜୁରାତି ଓ ହୀରାମୋତି ପରି ମସଲା ପଡୁଛି। ଲବଙ୍ଗ ପାନ, ତ୍ରିଭୁଜ ପାନ, ପୋଡପିଠା ପାନ, ଫାୟାର ପାନ ପରି ନାଁ ଅନୁଯାୟୀ ଭିନ୍ନ ଭିନ୍ନ ମସଲା ପଡୁଛି। ସବୁ ପାନର ସ୍ୱାଦ ମଧ୍ୟ ଅଲଗା। ଦୋକାନୀଙ୍କ ହାତକୁ ମଧ୍ୟ ଫୁରସତ ନ ଥାଏ। ବର୍ଷର ୪ ଦିନ ଏଠାରେ ରଜ ପାନ ମିଳିଥାଏ। ପ୍ରତି ବ୍ୟବସାୟୀ ରଜ ପାନରେ କେବଳ ୧୦ ହଜାରରୁ ଆରମ୍ଭ କରି ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରିଥାନ୍ତି। ଚଳିତବର୍ଷ ଭଲ ବ୍ୟବସାୟ ଆଶା ରଖି ପାନ ବିକ୍ରି ଆରମ୍ଭ ହୋଇଛି। ଖୋର୍ଦ୍ଧା ସହରର ଗୁରୁଜଙ୍ଗରେ ସନ୍ତୋଷ ପାଇକରାୟ, ଖୋର୍ଦ୍ଧା ବଜାର ଷ୍ଟେଟବ୍ୟାଙ୍କ ଛକ ଭରତ ପଟ୍ଟନାୟକ, ସମବାୟ ଛକରେ ସତ୍ୟନାରାୟଣ ସାହୁ, ଗାନ୍ଧୀ ମାର୍କେଟ ଛକରେ ଲୁନା ସାହୁ, ମ୍ୟୁନିସିପାଲିଟି ରୋଡ ରବି ଜେନାଙ୍କ ଦୋକାନରେ ରଜ ପାନ ମଧ୍ୟ ମିଳୁଛି।



ସୁଜାତା ସାହୁ

**-ଲୋକନାଥ ମିଶ୍ର, ଖୋର୍ଦ୍ଧା**

## ଏମାନେ କୁହନ୍ତି

-ଖୋର୍ଦ୍ଧାର ଭରତ ପଟ୍ଟନାୟକ କୁହନ୍ତି, ୧୩ରୁ ୩୩ ବର୍ଷ ହେଲା ପାନ ବିକ୍ରି କରି ଆସୁଛି। ସାଧାରଣ ଦିନଗୁଡିକରେ ତାଙ୍କ ପାନର ଚାହିଦା ରହିଥାଏ। ରଜ ସମୟରେ ଚାହିଦା ଅଧିକ ବଢ଼େ।

-ରଜ ପାନର ଦାମ ୫ଟଙ୍କାରୁ ୧୫୦ଟଙ୍କା ପର୍ଯ୍ୟନ୍ତ ରହିଥିବା କୁହନ୍ତି, ସାରୁଅ ବଜାରର ଦୋକାନୀ ପ୍ରକାଶ କୁମାର ଦାଶ (ମୂଷା ଭାଇନା)। ୧୯୮୦ରୁ ମୂଷା ଭାଇନା ପାନ ଦୋକାନ କରିଥିବା କହିଛନ୍ତି।

-ତାଳଚେରର ସୁଜାତା ସାହୁ କୁହନ୍ତି, ସାରୁଅ ବଜାରରେ କାମ ଥିଲା। ସ୍ୱାମୀଙ୍କ ସହ ସାରୁଅ ଆସିଥିଲି। ବଜାରରେ ପାନର ପସରା ଦେଖି ପାନ କିଣିଲୁ। ତେବେ ପାନର ସ୍ୱାଦ ଭାରି ବଢ଼ିଆ।

-ଖୋର୍ଦ୍ଧା ସହରର ବକ୍ସିଲେନର ଟେଲି କଳାକାର ପ୍ରେରଣା ପ୍ରତୀକ୍ଷା କୁହନ୍ତି, ରଜ ପାନର ସ୍ୱାଦ ନିଆରା। ମୁଁ ନିଜେ ଖାଇ ମା'ଙ୍କୁ ଖାଇବାକୁ ଦେଇଥିଲି। ମିଠାପାନ ଖାଇ ରଜକୁ ଖୁସିରେ କଟାଇବା ଆରମ୍ଭ କରିଛି।



# ୨୦ରୁ ୫୦୦ ଟଙ୍କା

ରଜରେ ପାନର ମଜା ଯୋଗାଇ ଦେବାକୁ ପ୍ରସ୍ତୁତ ହେଲେଣି ବ୍ୟବସାୟୀ। ଶହୀଦନଗରରୁ ଆରମ୍ଭ କରି ମାଷ୍ଟରକ୍ୟାଣ୍ଟିନ୍ ଏବଂ ସିଆରପିଏଫ୍ ଛକ, ବନାରସୀ ଓ ଡିଲକ୍ସ ଭଳି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଭେରାଇଟ୍‌ର ପାନ ଓ ଏହାର ଭଳିକି ଭଳି ମସଲା ଉପଲବ୍ଧ ହେଲାଣି ରାଜଧାନୀ ବଜାରରେ। ଶହୀଦନଗରଠାରେ ଥିବା ବନାରସୀ ପାନଭଣ୍ଡାର ପକ୍ଷରୁ ରଜ ଅବସରରେ ବିଭିନ୍ନ ପ୍ରକାରର ଫ୍ଲେଭର ପାନ ସହ ମିଠା ଓ ଜର୍ଦା ପାନ ଭଳି ଏକାଧିକ ରଜପାନ ବିକ୍ରିପାଇଁ ଉପଲବ୍ଧ ହେଉଛି। କଲିକତା ଓ ବାଙ୍ଗାଲୋରରୁ ସ୍ୱତନ୍ତ୍ର ପାନପତ୍ର ଆସୁଛି। ଦିଲ୍‌ଖୁସ୍, ଦିଲ୍ ବାହାର୍, ଦିଲ୍ ଦିୱାନା, ଦିଲୱାଲା, ରାଜୱାଡି, ବଣ୍ଟି ବବ୍‌ଲି ପାନ୍, ଘୁଙ୍ଗୁରୁ, ମାୱା, ଡାଏଟ୍ ପାନ୍, ଫାୟାର୍ ପାନ୍, ଦବଙ୍ଗ ପାନ୍ ଭଳି ଆକର୍ଷଣୀୟ ନାମରେ ପାନ ମିଳୁଛି। ଏହାଛଡା ଫ୍ଲେଭର ପାନ ମଧ୍ୟରେ ଷ୍ଟ୍ରବେରୀ, ଚକୋଲେଟ୍, ପାଇନଆପଲ୍, ବଟରସ୍କଚ୍, ଆପଲ, ଅରେଞ୍ଜ, ମ୍ୟାଙ୍ଗୋ, କେଶର ଏବଂ ଲିଚି ଫ୍ଲେଭରର ପାନ ଏଠାରେ ଗ୍ରାହକମାନେ ପାଇ ପାରୁଛନ୍ତି। ଯାହାର ଦାମ୍ ୨୦ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ରହୁଛି। ଏହି ପାନରେ ସୋଲ ମିକ୍ସ, ରିମ୍‌ଝିମ୍, ହଲଚଲ, ସମ୍ ସୂପାରି, ଜିଲତାନ, ନଡିଆ ମିକ୍ସ, ଚକ୍‌ଲେଟ୍ ମିକ୍ସ, ଲବଙ୍ଗ ସୁପାରୀ ମିକ୍ସ, ମଧୁରୀ ପ୍ରଭୃତି ମସଲା ସହ ସଜାଇବା ପାଇଁ ଚେରୀ ବ୍ୟବହୃତ ହେଉଛି। ରାଜ୍ୟ ଓ ରାଜ୍ୟ ବାହାରୁ ଏହି ମସଲାଗୁଡିକ ଅଣାଯାଉଛି। ରଜ ପାଇଁ ସ୍ୱତନ୍ତ୍ର ଗିଫ୍ଟ ପ୍ୟାକିଂ ମଧ୍ୟ ହେଉଛି। ଯାହାକୁ ଗ୍ରାହକମାନେ ପରସ୍ପରକୁ ଉପହାର ସ୍ୱରୂପ ଦେବା ପାଇଁ କିଣି ନେଉଛନ୍ତି।

**-ଅସମାପିକା ସାହୁ, ଭୁବନେଶ୍ୱର**



# ଓଡ଼ିଶାର ଗଣପର୍ବ



"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜଲୋ
ଘେନି ନୂଆ ସଜବାଜ.... ।"

ଭାରତ ପଲ୍ଲୀପ୍ରଧାନ ରାଷ୍ଟ୍ର। ପଲ୍ଲୀ ହେଉଛି ତା'ର ଜୀବନ। ଏକଦା ପଲ୍ଲୀସଂସ୍କୃତି ଥିଲା ଆମ ମହାନ୍ ଭାରତୀୟ ସଂସ୍କୃତି ଓ ପରମ୍ପରାର ପୃଷ୍ଠଭୂମି। ପଲ୍ଲୀ ଜୀବନ ସରଳ ତଥା ସୁଲଳିତ । ପଲ୍ଲୀ ଜୀବନରେ କୃଷି ହେଉଛି ଜୀବନ ଓ ଜୀବିକା। ଏହି କୃଷି ସଭ୍ୟତା ଆରମ୍ଭ ହୋଇଛି ବହୁ ପୁରାକାଳରୁ ଓ ଏହି ପଲ୍ଲୀର ପୃଷ୍ଠଭୂମିରୁ। ପଲ୍ଲୀକୁ ଛାଡିଦେଇ ଭାରତୀୟ ସଂସ୍କୃତିର କଳ୍ପନା କଦାପି କରାଯାଇପାରିବ ନାହିଁ। ସବୁଠାରୁ ପ୍ରାଚୀନ ଗ୍ରନ୍ଥ ଋକ୍ ବେଦରେ ମନୁଙ୍କର ରାଜା ବେନ୍‌ଙ୍କ ପୁତ୍ର ପୃଥ୍ୱି ମଧ୍ୟ କୃଷକ ପରିବାରର ଥିଲେ, ଯାହାଙ୍କ ନାମାନୁସାରେ ଧରିତ୍ରୀର ଅନ୍ୟ ନାମ ପୃଥିବୀ ରଖାଯାଇଛି। ଋକ୍‌ବେଦରେ ବର୍ଣ୍ଣିତ ହୋଇଛି–

"ବଶ୍ୱି ପୁଷ୍ଟେ ଗ୍ରାମେ/ ଅସ୍ମିନ୍ ଅନାତୁରମ।"

କୁହାଯାଇଛି ଗ୍ରାମ ଶାନ୍ତି ଓ ସ୍ୱାବଲମ୍ବୀ ନର ପ୍ରତୀକ ବିକଶିତ ହେଉ। ଲୋକଙ୍କୁ କୃଷି କର୍ମରେ ଲିପ୍ତହେବା ପାଇଁ ପରୋକ୍ଷରେ ଉପଦେଶ ଦିଆଯାଇଛି।

'ଅକ୍ଷୌ ମାଂ ଦିବ୍ୟା କୃଷିମିତ୍ତ ଷସ୍ୱମାଟି' ମଣିଷ ସହ ସହବନ୍ଧିତ। ମାଟିକୁ ଛାଡି ସେ ତିଳେହେଲେ ରହିପାରିବ ନାହିଁ। ଅଥର୍ବ ବେଦରେ ମାଟିକୁ ସର୍ବଶ୍ରେଷ୍ଠ ସ୍ଥାନ ପ୍ରଦାନ କରାଯାଇଛି। 'ମାତା ଭୂମିଃ ପୁତ୍ରୋଅୟଂ ପୃଥିବ୍ୟା'। ଅର୍ଥାତ୍ ପୃଥିବୀ ମାତା ଓ ମୁଁ ତା'ର ପୁତ୍ର। ତେଣୁ ମାଟି ମା'ର ପୂଜା କରେ, ମାଟିର ଧୂଳିକୁ ନେଇ ସେ ମଥାରେ ମାରେ। ଆଶୀର୍ବାଦ ଭିକ୍ଷା କରେ ତା'ଠାରୁ।

ଆମର ଆଲୋଚିତ ରଜପର୍ବ ପଲ୍ଲୀକୈନ୍ଦ୍ରିକ ଓଡ଼ିଆଙ୍କର ଏକ ଲୋକପ୍ରିୟ କୃଷିଭିତ୍ତିକ ପର୍ବ, ଯହିଁରେ ମାଟି ମା'ର ବନ୍ଦନା ତଥା ଆରାଧନା କରାଯାଇଥାଏ।

ମାଟି ମା'–ନାରୀ ଜାତି ବି ଆମର ମା'। ଏଣୁ ଏହି ପର୍ବଟି କନ୍ୟାରତ୍ନମାନେ ବହୁ ଆଡମ୍ବର ସହକାରେ ଓଡ଼ିଶାରେ ପାଳନ କରିଥାନ୍ତି। ବିଶେଷତଃ ଉପକୂଳବାସୀ ଏହାକୁ ଗଣପର୍ବ ଭାବରେ ପାଳନ କରିଥାନ୍ତି। ଶାସ୍ତ୍ରମତେ ମା' ଧରିତ୍ରୀ ଏହି ତିନି ଦିନ ଧରି ଋତୁମତୀ ବା ରଜସ୍ୱଳା ହୋଇଥାନ୍ତି। ମା'ଙ୍କୁ କର୍ଷଣ କରିବା ଶାସ୍ତ୍ରସମ୍ମତ ନୁହେଁ। ତାଙ୍କୁ ସେଇ ତିନିଦିନ ପୂର୍ଣ୍ଣ ବିଶ୍ରାମ ଦିଆଯାଏ–ପୂଜା ମଧ୍ୟ କରାଯାଏ। ଏହି ସମୟରେ ହଳ ବା ଚାଷବାସ କାର୍ଯ୍ୟ ନିଷିଦ୍ଧ ଥାଏ। ରଜପର୍ବ ସୂର୍ଯ୍ୟ ସିଦ୍ଧାନ୍ତ ଅନୁଯାୟୀ ପାଳନ ହୋଇଥିବାରୁ ଶ୍ରୀମନ୍ଦିରରେ ଦ୍ୱି–ଅୟନ ପର୍ବ ପାଳନ ହୁଏ। ଯଥା ମକର ସଂକ୍ରାନ୍ତିକୁ ଉତ୍ତରାୟଣ ଏବଂ କର୍କଟ ସଂକ୍ରାନ୍ତିକୁ ଦକ୍ଷିଣାୟନ ପର୍ବ କୁହାଯାଏ।

ବୃଷର ଶେଷ ଦିନକୁ ପହିଲି ରଜ କୁହାଯାଏ। ଏହି ରଜରେ ହଳ ପ୍ରବାହ, ଭୂମି ଖନନ, ସମସ୍ତ କୃଷି କର୍ମ ଏବଂ ଶୁଭ ହୋମାଦି ତିନିଦିନ ପାଇଁ ନିଷିଦ୍ଧ ଥାଏ। ବିଭିନ୍ନ ଦେବୀ ପୀଠରେ ଏହି ପର୍ବ ବିଧିମତେ ପାଳିତ ହୋଇଥାଏ।

ରଜର ପ୍ରଥମ ଦିନଟି ସଜବାଜ–ବେଶ୍ ଆକର୍ଷଣୀୟ। ଝିଅମାନେ କଣ୍ଢେଇଗୁଡ଼ିକୁ ଏକାଠି କରି ସଜାଇ ରଖିଥାନ୍ତି। ନିଜେ ମଧ୍ୟ ସଜବାଜ ହୁଅନ୍ତି। ଘରର ସ୍ତ୍ରୀଲୋକମାନେ ରଜରେ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ଆଗରୁ ରନ୍ଧନ ସାମଗ୍ରୀ ପ୍ରସ୍ତୁତ କରି ରଖିଥାନ୍ତି। କଟା, ବଟା, ଛେଚା ଏପରିକି ଗଛରୁ କିଛି ତୋଳା ହୁଏନାହିଁ। ରଜର ପୋଡ଼ପିଠା ଏକ ପ୍ରସିଦ୍ଧ ସୁସ୍ୱାଦୁ ବ୍ୟଞ୍ଜନ, ଏହାର ପ୍ରସ୍ତୁତି ପ୍ରଣାଳୀ ବଡ଼ ବିଚିତ୍ର। ଘରେଘରେ ରଜଭାର, ରଜପଣା, ରଜ ଘାଣ୍ଟ ପୁଣି ରଜ ମଣ୍ଡା, ଲାଉପୋଡ଼, ଆରିସା, କାକରା ପ୍ରସ୍ତୁତ କରାଯାଇ ବିତରଣ କରାଯାଇଥାଏ। ଝିଅମାନେ ଆମ୍ବ କି ବରଗଛ ଡାଳରେ ରଜଦୋଳି ଲଗାଇ ଗୀତ ଗାଇ ଦୋଳି ଖେଳନ୍ତି ଓ ମଜା ନିଅନ୍ତି। ସେମାନେ ଗାଆନ୍ତି–

"ରଜ ଦୋଳି କଟମଟ
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ
ଦିଶୁଥାଇ ଝଟ ଝଟ.... ଇତ୍ୟାଦି।"



ଫଟୋ: ବିକାଶ ନାୟକ

ରଜରେ ବନ୍ଧୁ ମିଳନ ହୁଏ–ବିଦେଶରୁ ଅର୍ଥାତ୍ ସହରରୁ ରଜ ପାଳିବା ପାଇଁ କିଛି କିଛି ପରିବାର ଚାକିରି କ୍ଷେତ୍ରରୁ ଛୁଟିକାଟିବା ପାଇଁ ଗ୍ରାମାଭିମୁଖୀ ହୁଅନ୍ତି। ଗାଁରେ ତାସ ଓ ପଶା ଖେଳ ହୁଏ। ଡୁଡୁ, ବୋହୂଚୋରି, ବାଗୁଡି ଇତ୍ୟାଦି ଖେଳ ଚାଲେ। ଜାଗାଏ ଜାଗାଏ ମେଳା ବସେ ଓ ମନୋରଞ୍ଜନ ପାଇଁ ଯାତ୍ରା ଅବା ଅପେରା ତଥା ଗୋଟିପୁଅ ନାଚର ଆୟୋଜନ ହୋଇଥାଏ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକମନ, ଏକ ଚିତ୍ତ, ଏକ ପ୍ରାଣରେ ଏହାକୁ ବେଶ୍ ଆଡମ୍ବର ସହକାରେ ମନେଇଥାନ୍ତି ଓ ଉପଭୋଗ କରିଥାନ୍ତି। ଶେଷଦିନ ଭୂମିନଅଁଣ କୁହାଯାଏ ବା ବସୁମତୀ ଗାଧୁଆ ହୋଇଥାଏ। ଏହି ଦିନ ମାଟି ମା'କୁ ଗାଧୋଇଦେଇ ବିଭିନ୍ନ ଫଳଭୋଗ ଦିଆଯାଇଥାଏ। ଏହି ରଜର ବିଶେଷତା ହେଉଛି ରଜଦୋଳି ଗୀତ। ଏହି ଗୀତ ଆମ ଲୋକ ଗୀତକୁ ପରିପୁଷ୍ଟ କରିଛି। ଏହି ଗୀତର ମାଧୁର୍ଯ୍ୟ ଓ ଶବ୍ଦଲିପି ଭିନ୍ନ ଧରଣର। ଗୀତର ପ୍ରତିଟି ସ୍ତବକରେ ପଲ୍ଲୀକଥା, ନିଜ କଥା ତଥା ମାଟି ଓ ମଣିଷର କଥା କୁହାଯାଇଛି। ଯେପରି–

"ପାଚିଲା ଆମ୍ବ ପଣସ
ଆସ ନାନୀମାନେ ଦୋଳିରେ ବସ
ଦୋଳିରେ ବସ, ନ କରି ମନ ବିରସ।"

ଏହି ପର୍ବ ଆମ ଓଡ଼ିଶୀ ପ୍ରାଚୀନ ପରମ୍ପରାକୁ ବହନ କରେ। ଏବେ ଆମେ ମିଶ୍ର ସଂସ୍କୃତିକୁ ଆପଣେଇ ନେଇଥିବା ବେଳେ ଆମର ନିଜସ୍ୱ ସଂସ୍କୃତି ଓ ପରମ୍ପରାକୁ ପାସୋରି ବସିଲୁଣି। ରଜପର୍ବ ବାସ୍ତବିକ ବର୍ଷାବରଣ କରେ, ବର୍ଷାର ଆଗମନୀ ହୁଏ–ପୁନରାୟ ଧରଣୀରାଣୀ ଶସ୍ୟଶାମଳା ହୁଏ। ଜନଜୀବନକୁ ଏହା ନିଗୁଢ଼ ପ୍ରେମ ଓ ସ୍ନେହ, ଶ୍ରଦ୍ଧାରେ ବାନ୍ଧିଦେଇଥାଏ।

**-ଡ.କିଶୋର ମହାନ୍ତି**

ସିଡିଏ, କଟକ, ମୋ–୯୪୩୭୭୨୮୪୭୫

ଟାଟା ଗ୍ରୁପ୍ କମ୍ପାନୀଙ୍କ ମଧ୍ୟରେ ସହଯୋଗିତା ବୃଦ୍ଧି ପାଉଛି। ଏହାର ପ୍ରଭାବରେ ପ୍ରଦର୍ଶନରେ ଉନ୍ନତି ଘଟୁଛି। ଆଗକୁ ଆହୁରି ସହଯୋଗିତା ବଢ଼ାଇବାକୁ ହେବା

– ଏନ୍.ଚନ୍ଦ୍ରଶେଖରନ୍, ଅଧ୍ୟକ୍ଷ, ଟାଟା ସନ୍ସ



ଛତିଶଗଡ଼ର ବୈଲାଡିଲାରେ ଏନ୍ଏମ୍ଡିସି ପକ୍ଷରୁ ଲୁହାପଥର ଉତ୍ତୋଳନ ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳର ଉନ୍ନତି ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଦିଗରେ କମ୍ପାନୀ କାମ କରିବ।

– ବୈଜେନ୍ଦ୍ର କୁମାର, ସିଏମ୍ଡି, ଏନ୍ଏମ୍ଡିସି



## ସଂକ୍ଷେପରେ

### ୪%କୁ ହ୍ରାସ ହେଲା ଇଏସ୍ଆଇସି ଯୋଗଦାନ

**ନୂଆଦିଲ୍ଲୀ,୧୩-୬:** କେନ୍ଦ୍ର ସରକାର କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି)ର ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମରେ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ମୋଟ ଅଂଶଦାନକୁ ୬.୫%ରୁ ୪%କୁ ହ୍ରାସ କରିଛନ୍ତି। ଏହାଦ୍ୱାରା ୧୨.୮୫ ଲକ୍ଷ ନିଯୁକ୍ତିଦାତା ପ୍ରତିବର୍ଷ ୫ ହଜାର କୋଟି ଟଙ୍କା ସଞ୍ଚୟ କରିପାରିବେ। ଏହାଦ୍ୱାରା ୩.୬ କୋଟି କର୍ମଚାରୀ ଲାଭାନ୍ୱିତ ହେବେ। ଜୁଲାଇ ପହିଲାରୁ ଏହା କାର୍ଯ୍ୟକାରୀ ହେବ ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରି କୁହାଯାଇଛି ଯେ, ନିଯୁକ୍ତିଦାତାଙ୍କ ଅଂଶଦାନକୁ ୪.୭୫ରୁ ୩.୨୫ ପ୍ରତିଶତ ଏବଂ କର୍ମଚାରୀଙ୍କ ଅଂଶଦାନକୁ ୧.୭୫ରୁ ୦.୭୫%କୁ ହ୍ରାସ କରାଯାଇଛି। ଏହାଦ୍ୱାରା ଅଧିକ କର୍ମଚାରୀଙ୍କୁ ଇଏସ୍ଆଇସି ଅଧୀନକୁ ଅଣାଯାଇପାରିବ ବୋଲି ଏଥିରେ କୁହାଯାଇଛି।

### ୧୪ ଦିନ ଭିତରେ ମିଳିବ କିଷାନ କ୍ରେଡିଟ୍ କାର୍ଡ

**ନୂଆଦିଲ୍ଲୀ,୧୩-୬:** ବହୁ ଚାଷୀ ଏବେ ସୁଦ୍ଧା ସଂସ୍ଥାଗତ ଋଣରୁ ବଞ୍ଚିତ ହେଉଥିବାରୁ ଆବେଦନ ପାଇବାର ୧୪ ଦିନ ଭିତରେ ଯୋଗ୍ୟ ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ (କେସିସି) ପ୍ରଦାନ କରିବାକୁ କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଦେଶରେ ୬.୯୫ କୋଟି କିଷାନ କ୍ରେଡିଟ କାର୍ଡ ପ୍ରଦାନ କରାଯାଇଛି। ଏହି ବ୍ୟବସ୍ଥାରେ ଚାଷୀଙ୍କୁ ସବ୍ସିଡିରେ ସରକାର ଋଣ ପ୍ରଦାନ କରିଥାନ୍ତି। କେସିସିର ବିସ୍ତାର କରି ପଶୁପାଳନ ଏବଂ ମତ୍ସ୍ୟ ଚାଷକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। କୃଷି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡଲି ଚକ୍ରବର୍ତ୍ତୀ ବ୍ୟାଙ୍କଗୁଡ଼ିକୁ ଏଥିନେଇ ପତ୍ର ଲେଖିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏବେ ସୁଦ୍ଧା ବଡ଼ ସଂଖ୍ୟାରେ ଚାଷୀ ରହିଛନ୍ତି, ଯେଉଁ ମାନଙ୍କୁ ସଂସ୍ଥାଗତ ଋଣ ମିଳୁନାହିଁ। କାରଣ ସେମାନଙ୍କୁ କେସିସି ଜାରି କରାଯାଇ ନାହିଁ। ଅଥବା ପୂର୍ବରୁ ଜାରି କରାଯାଇଥିବା କେସିସି ଡିଫଲ୍ଟ/ଏନ୍ପିଏ ହୋଇଛି କିମ୍ବା ବିଭିନ୍ନ କାରଣରୁ ଏହା ନିଷ୍କ୍ରିୟ ରହିଛି। କେସିସିରେ ପ୍ରାପ୍ତ ଋଣ ସବ୍ସିଡିଯୁକ୍ତ ହେଉଥିବାରୁ ଚାଷୀଙ୍କ ଆଧାର ନମ୍ବରକୁ ବ୍ୟାଙ୍କ ନିଜ ପାଖରେ ରଖିବେ। ସାଧାରଣତଃ ବ୍ୟାଙ୍କ ୯ ପ୍ରତିଶତ ହାରରେ ଚାଷୀଙ୍କୁ ଫସଲ ଋଣ ଦେଇଥାନ୍ତି। କିନ୍ତୁ ସରକାର ଏଥିରେ ୨ ପ୍ରତିଶତ ସବ୍ସିଡି ଦେବାକୁ ସ୍ଥିର କରିଛନ୍ତି। ଫଳରେ କେସିସିରେ ପଞ୍ଜୀକୃତ ଚାଷୀଙ୍କୁ ୭% ହାରରେ ଋଣ ମିଳିବ।

### ନୂଆ ପିସିରୁ ଏମ୍ଏସ୍ଏମ୍ଇଙ୍କୁ ଅଧିକ ସଞ୍ଚୟ

**ଭୁବନେଶ୍ୱର,୧୩-୬:** ରାଜ୍ୟର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ଗୁଡିକ ନୂଆ ପର୍ସନାଲ କମ୍ପ୍ୟୁଟର(ପିସି) ବ୍ୟବହାର ଦ୍ୱାରା ଅଧିକ ସଞ୍ଚୟ କରିବାକୁ ସକ୍ଷମ ହେବେ। ଗୋଟିଏ ୪ ବର୍ଷର ପୁରୁଣା ପିସିର ରକ୍ଷଣାବେକ୍ଷଣ ଲାଗି ସଂସ୍ଥାଗୁଡିକ ୯୩,୫୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ପୁରୁଣା ପିସି ଦ୍ୱାରା ସଂସ୍ଥାଗୁଡିକର ଉତ୍ପାଦକତା, ସମୟ ଏବଂ ନିରାପତ୍ତା ଜନିତ ପ୍ରସଙ୍ଗ ପ୍ରଭାବିତ ହେଉଛି। ସଂସ୍ଥାଗୁଡିକ ପିସିର ରକ୍ଷଣାବେକ୍ଷଣ ଲାଗି ଯେଉଁ ଅର୍ଥ ଖର୍ଚ୍ଚ କରୁଛନ୍ତି ସେଥିରୁ ନୂଆ ୩ ପିସି କିଣାଯାଇ ପାରିବ ବୋଲି ମାଇକ୍ରୋସଫ୍ଟ ପକ୍ଷରୁ କରାଯାଇଥିବା ଟେକ୍ଆଇଲ୍ ରିପୋର୍ଟରେ ପ୍ରକାଶ ପାଇଛି। ପରିଚାଳନାକୁ ଅଧିକ ଦକ୍ଷ କରିବା ଏବଂ ନୂଆ ଗ୍ରାହକଙ୍କ ସହ ଯୋଡି ହେବା ଲାଗି ଏମ୍ଏସ୍ଏମ୍ଇ ଟେକ୍ନୋଲୋଜିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଡିଜିଟାଲ ସେବା ବ୍ୟବହାର ଦ୍ୱାରା ଅଭିବୃଦ୍ଧିରେ ଉନ୍ନତି ଆଣିବା ପାଇଁ ଏମ୍ଏସ୍ଏମ୍ଇଗୁଡିକ ସହ ମିଳିତ ହୋଇ କାର୍ଯ୍ୟ କରୁଥିବା ମାଇକ୍ରୋସଫ୍ଟର କଣ୍ଟ୍ରି ଜେନେରାଲ ମ୍ୟାନେଜର ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି।

## ଆଦାୟ ହେବ ଟିକସ

# କ୍ଷତି ଦର୍ଶାଇ ଠକୁଛନ୍ତି କମ୍ପାନୀ

ନୂଆଦିଲ୍ଲୀ,୧୩-୬




- ଦୁଇ ପ୍ରକାର ଖାତା ଦର୍ଶାଉଛନ୍ତି କମ୍ପାନୀ
- ୧୮.୫%ରେ ମ୍ୟାଟ୍ ଆଦାୟ ହେଉଛି
- ୧୫ ବର୍ଷ ପର୍ଯ୍ୟନ୍ତ ଟ୍ୟାକ୍ସ କ୍ରେଡିଟ୍ କ୍ୟାରିଫରଓ୍ୱାର୍ଡ ସୁବିଧା ମିଳୁଛି

ଦେଶର ଅର୍ଥନୀତିକୁ ଗତିଶୀଳ କରିବା ଲକ୍ଷ୍ୟରେ ମୋଦି ସରକାର ଆଉ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ବିମୁଦ୍ରୀକରଣ ପରେ ଭୂତ କମ୍ପାନୀଙ୍କୁ ବନ୍ଦ କରି ଦେଶର ଚାଲିଥିବା ସମାନ୍ତରାଳ ଅର୍ଥନୀତିକୁ ଧ୍ୱସ୍ତ କରିବା ପରେ ମୋଦି ସରକାର ଏବେ କ୍ଷତି ଦର୍ଶାଉଥିବା କମ୍ପାନୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି। ଜାଣିଶୁଣି ନିଜର ବାଲାନ୍ସ ଶିଟ୍ରେ କ୍ଷତି ଦର୍ଶାଇ ଟିକସ ଠକୁଥିବା ପ୍ରାୟ ୨.୫ ଲକ୍ଷ କମ୍ପାନୀଙ୍କ ଠାରୁ ଏହା ଆଦାୟ କରିବାକୁ ସରକାର ପଦକ୍ଷେପ ନେବେ। ଏଥିପାଇଁ ସର୍ବନିମ୍ନ ବୈକଳ୍ପିକ ଟିକସ (ମ୍ୟାଟ୍) ନିୟମରେ ସଂଶୋଧନ କରାଯିବ। ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି ଯେ, ବଜେଟ ଅଥବା ଏହା ପରେ ସରକାର ଏହି କମ୍ପାନୀମାନଙ୍କଠାରୁ ଟିକସ ଆଦାୟ କରିବାକୁ ପଦକ୍ଷେପ ନେବେ।

ପ୍ରସ୍ତାବ ଅନୁଯାୟୀ,ବାସ୍ତବିକ କ୍ଷତି ସହିଥିବା କମ୍ପାନୀଙ୍କୁ ସରକାର ଟ୍ୟାକ୍ସ କ୍ରେଡିଟ ଉପରେ ରିହାତି ଦେବାକୁ ଯାଉଛନ୍ତି। ଦେଶରେ ପ୍ରାୟ ୨.୫ ଲକ୍ଷରୁ ଅଧିକ କମ୍ପାନୀ ଅଛନ୍ତି, ଯେଉଁମାନେ ଦଶନ୍ଧି ହେବ ଜାଣିଶୁଣି ସରକାରଙ୍କୁ ଟିକସ ଦେଉନାହାନ୍ତି। ସେମାନେ କ୍ଷତି ସହିଥିବା ଦର୍ଶାଉଛନ୍ତି। ଏହି କମ୍ପାନୀଗୁଡ଼ିକ ବ୍ୟାଙ୍କରୁ ଋଣ ନେଉଛନ୍ତି ଏବଂ ଦୀର୍ଘ ଦିନ ଧରି ପରୋକ୍ଷ ଟିକସ ଦେଉଛନ୍ତି। କିନ୍ତୁ ପ୍ରତ୍ୟକ୍ଷ ଟିକସ ଅର୍ଥାତ୍ କର୍ପୋରେଟ ଟିକସ ଦେଉନାହାନ୍ତି ବୋଲି ଜଣାପଡ଼ିଛି।

ଟିକସ ପୈଠ କରୁଥିବା କମ୍ପାନୀ ବାସ୍ତବରେ ସରକାରଙ୍କ ସମ୍ମୁଖରେ ଦୁଇ ପ୍ରକାର ହିସାବ ଖାତା ଉପସ୍ଥାପନ କରିଥାନ୍ତି। ପ୍ରଥମ ଖାତାରେ ସେମାନେ ଆୟକର ହିସାବ ଦର୍ଶାଉଥିବା ବେଳେ ଦ୍ୱିତୀୟ ଖାତାରେ କମ୍ପାନୀ ଆଇନ ଅନୁଯାୟୀ, ସଂଖ୍ୟାଧିକ ଖର୍ଚ୍ଚ ଦର୍ଶାଇ ନିଜକୁ କ୍ଷତିରେ ଚାଲୁଥିବା ଦର୍ଶାଇଥାନ୍ତି। କିନ୍ତୁ ସେମାନେ ଶେୟାରଧାରକଙ୍କୁ ଭାରି ପରିମାଣରେ ଲାଭାଂଶ ଦେଉଥିବା ନଜରକୁ ଆସୁଛି। ଏହି କମ୍ପାନୀଗୁଡ଼ିକ ଆଇନ ଅଧୀନରେ ନିଜ ଖାତାରେ ଲାଭ ହେଉଥିବା ଦର୍ଶାଇଥାନ୍ତି। ସରକାର ଆୟର ଏହି ଦୁଇପ୍ରକାର ରିପୋର୍ଟିଂ ଜରିଆରେ ଆୟକର ଠକୁଥିବା କମ୍ପାନୀଗୁଡ଼ିକ ବିରୋଧରେ ଲଗାମ ଲଗାଇବାକୁ ୪ ଦଶନ୍ଧି ପୂର୍ବେ ମ୍ୟାଟ୍ ଆଣିଥିଲେ। କମ୍ପାନୀ ଆଇନର ଗଳା ବାଟ ଦେଇ ଜାଣିଶୁଣି ମିଥ୍ୟା କ୍ଷତି ଦର୍ଶାଉଥିବା କମ୍ପାନୀଗୁଡ଼ିକ ଠାରୁ ଟିକସ ଆଦାୟ ଲାଗି ଏବେ ସରକାର ଅଣ୍ଟା ଭିଡିଛନ୍ତି।

ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ ଆକାଉଣ୍ଟସ୍ ଅଫ୍ ଇଣ୍ଡିଆର ପୂର୍ବତନ ପ୍ରେସିଡେଣ୍ଟ ଅମରଜିତ ଚୋପ୍ରାଙ୍କ କହିବାନୁଯାୟୀ, ଏଭଳି ଟିକସ ଆଦାୟରେ କୌଣସି ଅସୁବିଧା ନାହିଁ। ତେବେ ସର୍ବନିମ୍ନ ହାରରେ ଟିକସ ଆଦାୟ ହେବା ଆବଶ୍ୟକ। ସୂଚନାଯୋଗ୍ୟ ଯେ, ଭାରତରେ ବୈକଳ୍ପିକ ସର୍ବନିମ୍ନ ଟିକସ(ଏଏମ୍ଟି) ଆଇନ ୧୯୮୩ରେ ଲାଗୁ ହୋଇଥିଲା। ଏହାରି ଭିତରେ ଏକାଧିକ ଥର ଏଥିରେ ସଂଶୋଧନ କରାଯାଇସାରିଥିଲା। ୧୯୯୧ରେ ଟିକସ ସହ ସମ୍ପୃକ୍ତ ଅନେକ ଛାଡକୁ ବନ୍ଦ କରାଯିବା ପରେ ସରକାର ଏଏମ୍ଟି ଆଦାୟର ଆବଶ୍ୟକତା ନାହିଁ ବୋଲି କହିଥିଲେ। ତେବେ ୫ ବର୍ଷ ପରେ ଏହାକୁ ଦ୍ୱିତୀୟଥର ସର୍ବନିମ୍ନ ବୈକଳ୍ପିକ ଟିକସ(ମ୍ୟାଟ୍) ନାମରେ ଲାଗୁ କରାଗଲା। ୧୯୯୬-୯୭ ବଜେଟ ଉପସ୍ଥାପନ ବେଳେ ତତ୍କାଳୀନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍ ଏହା ଘୋଷଣା କରିଥିଲେ। ଏଥିରେ ସେ କହିଥିଲେ ଯେ, ଏହି ନିୟମ ଅଧୀନରେ କୌଣସି କମ୍ପାନୀର ମୋଟ ଆୟ ବୁକ୍ ପ୍ରଫିଟ୍ଠାରୁ ୩% କମ୍ ହୋଇଥାଏ, ତେବେ କମ୍ପାନୀର ମୋଟ ଆୟକୁ ବୁକ୍ ପ୍ରଫିଟ୍ର ୩% ମନେ କରାଯିବ ଏବଂ କମ୍ପାନୀଠାରୁ ସେହି ଅନୁପାତରେ ଟିକସ ଆଦାୟ କରାଯିବ। ୨୦୦୧ରେ ପୁଣିଥରେ ଏଥିରେ ସଂଶୋଧନ କରାଯାଇଥିଲା। ପ୍ରଦାନ କରାଯାଇଥିବା ଟିକସ ଉପରେ ମିଳିବାକୁ ଥିବା ଛାଡ ବ୍ୟବସ୍ଥା(କ୍ୟାରିଫରଓ୍ୱାର୍ଡ)କୁ ପ୍ରତ୍ୟାହାର କରିନିଆଗଲା। ଏହାପରେ କର୍ପୋରେଟ ଓ ମ୍ୟାଟ୍ ମଧ୍ୟରେ ଯାହାର ରେଟ୍ ଅଧିକ ହେବ କମ୍ପାନୀ ସେହି ହିସାବରେ ଟିକସ ପୈଠ କରିବେ। ୨୦୦୫ରେ ପୁଣିଥରେ ଏଥିରେ ପରିବର୍ତ୍ତନ ହେଲା ଏବଂ କମ୍ପାନୀଙ୍କୁ ପ୍ରତି ୫ ବର୍ଷ ଭିତରେ ଟ୍ୟାକ୍ସ କ୍ରେଡିଟକୁ କ୍ୟାରି ଫରଓ୍ୱାର୍ଡ କରିପାରିବାର ଅଧିକାର ଦିଆଗଲା। ଏହାକୁ ପରେ ୧୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଦେଶରେ ୧୮.୫ ହାରରେ ମ୍ୟାଟ୍ ଆଦାୟ ହୋଇଥାଏ। କମ୍ପାନୀଗୁଡ଼ିକ ସର୍ବଦା ଏହାକୁ ବିରୋଧ କରିଆସୁଛନ୍ତି। କ୍ରମାଗତ ଟିକସ ହାର ବଢ଼ିବା ସହିତ ବୁକ୍ ପ୍ରଫିଟ ଦେଖାଶୁଣା କରିବାରେ ଅସୁବିଧା ହେଉଛି ବୋଲି ସେମାନେ ଅଭିଯୋଗ କରିଆସୁଛନ୍ତି। ଅର୍ଥ ମନ୍ତ୍ରଣାଳୟ ମତରେ ଜାଣିଶୁଣି କ୍ଷତି ଦର୍ଶାଉଥିବା ଏଭଳି କମ୍ପାନୀଙ୍କଠାରୁ ସର୍ବନିମ୍ନ ଟିକସ ଆଦାୟ କରାଯିବା ଦରକାର। ସମ୍ଭବତଃ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜୁଲାଇ ୫ରେ ଉପସ୍ଥାପିତ ହେବାକୁ ଥିବା ବଜେଟ୍ରେ ଏ ସମ୍ପର୍କରେ ଘୋଷଣା କରିଦେବେ।

## ତନିଷ୍କ ପକ୍ଷରୁ ଆକର୍ଷଣୀୟ ରିହାତି




ଭୁବନେଶ୍ୱର,୧୩-୬

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ ରଜ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ରଜ ପର୍ବରେ ଶପିଂ ଅଭିଜ୍ଞତାକୁ ସ୍ୱତନ୍ତ୍ର କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଏହା ସୂଚନା ଦେଇଛି। ଏହି ସମୟରେ ସୁନା ଗହଣାର ଗଢ଼ା ମୂଲ୍ୟ ଏବଂ ହୀରା ଗହଣାର ମୂଲ୍ୟ ଉପରେ ଗ୍ରାହକମାନେ ୨୫% ପର୍ଯ୍ୟନ୍ତ ରିହାତି ଲାଭ କରି ପାରିବେ। ଏହାବାଦ ପୁରୁଣା ସୁନା ବଦଳାଇଲେ ଶତପ୍ରତିଶତ ମୂଲ୍ୟ ଲାଭ କରିପାରିବେ। ଚଳିତ ମାସ ୧୪ରୁ ୧୬ ତାରିଖ ଯାଏ ରାଜ୍ୟର ସବୁ ତନିଷ୍କ ଷ୍ଟୋରରେ ଏହି ଅଫର ଉପଲବ୍ଧ ହେବ। ଏହି ଅବସରରେ ଷ୍ଟୋରରେ ସ୍ୱୟମ, ଉତ୍ସବ, ଲାବଣ୍ୟ, ଗୁଲନାଜ, ପ୍ରିନ ଏବଂ ଅଭୀର ଭଳି କଲେକ୍ସନ ସାମିଲ ରହିଛି। ଗହଣାଗୁଡିକର ମୂଲ୍ୟ ୧୦ ହଜାର ଟଙ୍କାରୁ ଆରମ୍ଭ ହେଉଛି।

## ବଜାର କୋଲକତାର ରଜ ଅଫର

ଭୁବନେଶ୍ୱର,୧୩-୬

ବଜାର କୋଲକତା ପକ୍ଷରୁ ରଜ ଅଫର ଘୋଷଣା କରାଯାଇଛି। ଦେଶର ୭ଟି ରାଜ୍ୟରେ ଥିବା ୬୯ ଶୋ'ରୁମରେ ଗ୍ରାହକମାନେ ଏହି ଅଫର ଲାଭ କରିପାରିବେ। ରାଜ୍ୟରେ ୧୬ଟି ଶୋ'ରୁମରେ ଏହି ଅଫର ଉପଲବ୍ଧ ରହିଛି। ରଜ ଉପଲକ୍ଷେ ଶୋ'ରୁମରୁ ୪୯୯ ଟଙ୍କାର କ୍ରୟ ଉପରେ ଲକି ଡ୍ରରେ ଭାଗ ନେବାର ସୁଯୋଗ ମିଳିବ। ଏହା ଦ୍ୱାରା କାର ଓ ବାଇକ ଜିତିବାର ସୁଯୋଗ ରହିଛି। ୯୯୯ ଟଙ୍କାର କ୍ରୟ ଉପରେ ୨୫୦ ଟଙ୍କାର ଗିଫ୍ଟ ଭାଉଚର ଏବଂ ଅନେକ ଉପହାର ଜିତିବାର ସୁଯୋଗ ରହିଛି।

## ଏମ୍ ବଜାରର ରଜରେ ସଜ ଅଫର

ଭୁବନେଶ୍ୱର,୧୩-୬

ଏମ୍ ବଜାର ପକ୍ଷରୁ ରଜରେ ସଜ ଅଫର ଘୋଷଣା କରାଯାଇଛି। ଏଥିରେ ବିଭିନ୍ନ ଅଫର ସହ ଲକି ଡ୍ର ସାମିଲ ରହିଛି। ୫୦୦ ଟଙ୍କାର କ୍ରୟ ଉପରେ ଗ୍ରାହକ ଲକି ଡ୍ରରେ ଭାଗ ନେଇ ପାରିବେ। ଭାଗ୍ୟଶାଳୀ ବିଜେତା ବାଇକ୍,ରେଫ୍ରିଜରେଟର, ଓ୍ୱାସିଙ୍ଗ ମେଶିନ ଏବଂ ଟିଭି ଜିତି ପାରିବେ। ସେହିଭଳି ନିର୍ଦ୍ଦିଷ୍ଟ ମୂଲ୍ୟର କ୍ରୟରେ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଉଛି।

## ଏସ୍ବିଆଇ ଲାଇଫର ପିତୃଦିବସ କ୍ୟାମ୍ପେନ୍

ଭୁବନେଶ୍ୱର,୧୩-୬

ଏସ୍ବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ପିତୃ ଦିବସ ଅବସରରେ ପାପା ହେି ନା ମେରେ ପାପା ଫର୍ମୁଲା କ୍ୟାମ୍ପେନ ଆରମ୍ଭ କରାଯାଇଛି। ପିତୃ ଦିବସକୁ ଏକ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରିବା ଲାଗି ଏଭଳି ଏକ କାର୍ଯ୍ୟକ୍ରମ କମ୍ପାନୀ ପକ୍ଷରୁ ଆରମ୍ଭ କରାଯାଇଛି। ୨୦୧୫ରେ କମ୍ପାନୀ ପକ୍ଷରୁ ପାପା ହେି ନା କ୍ୟାମ୍ପେନ ଆରମ୍ଭ କରାଯାଇଥିଲା। ଏଥିରେ ପ୍ରଚ୍ଛଦପଟ ଗାୟକ ସାନ୍ଙ୍କ ମ୍ୟୁଜିକାଲ ଭିଡିଓକୁ ସାମିଲ କରାଯାଇଛି। ମେରେ ପାପା ଫର୍ମୁଲା ପ୍ରଯୁକ୍ତିକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ଏକ ପରିକଳ୍ପନା ଯାହା ବାପାଙ୍କୁ ପୁନଃ ଆବିଷ୍କାର କରିବାର ସୁଯୋଗ ପ୍ରଦାନ କରୁଛି ବୋଲି ଏସ୍ବିଆଇ ଲାଇଫର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ମୁଖ୍ୟ ରବୀନ୍ଦ୍ର ଶର୍ମା ସୂଚନା ଦେଇଛନ୍ତି।

## ସଚିବ ସ୍ତରରେ ନିଯୁକ୍ତ ହେବେ ୪୦ ଏକ୍ସପର୍ଟ

ନୂଆଦିଲ୍ଲୀ,୧୩-୬

ଏନ୍ଡିଏ ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ସରକାରୀ କାର୍ଯ୍ୟକୁ ଅଧିକ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ନୂଆ ପଦକ୍ଷେପ ନେଉଛନ୍ତି। ବ୍ୟୁରୋକ୍ରାସିରେ ୪୦ ବିଶେଷଜ୍ଞଙ୍କୁ ସାମିଲ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଜନା ରୂପାୟନ ଓ କ୍ରିୟାନ୍ୱୟନକୁ ଅଧିକ ଗତିଶୀଳ କରିବାକୁ ଚାହୁଁଛନ୍ତି। ନୀତି ଆୟୋଗର ପରାମର୍ଶକ୍ରମେ ବିଭିନ୍ନ କ୍ଷେତ୍ରରେ ପାରଙ୍ଗମତା ହାସଲ କରିଥିବା ବିଶେଷଜ୍ଞମାନଙ୍କୁ ଉପ ସଚିବରୁ ଆରମ୍ଭ କରି ଯୁଗ୍ମ ସଚିବ ସ୍ତରରେ ନିଯୁକ୍ତି ଦିଆଯିବ। ସେମାନଙ୍କୁ ସଚିବମାନଙ୍କ ଭଳି ସମସ୍ତ ପ୍ରକାର ସୁବିଧା ସୁଯୋଗ, ଅଧିକାର ଦିଆଯିବ। ତେବେ ତଫାତ୍ ଏତିକି ଯେ, ସେମାନେ ନିୟମିତ ନ ହୋଇ ୩ ବର୍ଷିଆ ଚୁକ୍ତିଭିତ୍ତିକ ହେବେ। ଏହି ସମୟ ଭିତରେ ସେମାନଙ୍କ ପ୍ରଦର୍ଶନ ଭଲ ରହିଲେ ତାଙ୍କର ଚୁକ୍ତିକୁ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ପରାମର୍ଶଦାତା ଭାବେ ସେମାନଙ୍କୁ ନିଯୁକ୍ତି ଦିଆଯିବ। କର୍ମଚାରୀ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ଡ୍ରାଫ୍ଟ ତିଆରି କରାଯାଉଛି। ଏହି ୪୦ ବିଶେଷଜ୍ଞଙ୍କୁ ଫିକ୍ସଡ ଟର୍ମ କଣ୍ଟ୍ରାକ୍ଟରେ ରଖାଯିବ। ୟୁପିଏସ୍ସି ପକ୍ଷରୁ ଖୁବଶୀଘ୍ର ଏ ସମ୍ପର୍କରେ ଏକ ବିଜ୍ଞାପନ ପ୍ରକାଶ କରାଯିବ। ଏଥିପୂର୍ବରୁ ଏପ୍ରିଲରେ ୯ ଜଣ ବିଶେଷଜ୍ଞଙ୍କୁ ଏଭଳି ଭାବେ ନିଯୁକ୍ତ କରାଯାଇଛି। ସୂଚନାଥାଉ କି, ଉପ ସଚିବ ଅଥବା ଯୁଗ୍ମ ସଚିବ ଭାବେ ଅଧିକାଂଶ କ୍ଷେତ୍ରରେ ଆଇଏଏସ୍, ଆଇପିଏସ୍ ଅଥବା ଅନ୍ୟ ପ୍ରମୁଖ ସେବାର ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଥାଏ।

## ୧୦୦ରୁ ଊର୍ଦ୍ଧ୍ୱ ଟିସିଏସ୍ କର୍ମଚାରୀ କୋଟିପତି

**ବେଙ୍ଗାଲୁରୁ,୧୩-୬:** ଟାଟା କନ୍ସଲଟାନ୍ସି ସର୍ଭିସେସ୍(ଟିସିଏସ୍)ରେ କୋଟିପତି କର୍ମଚାରୀଙ୍କ ସଂଖ୍ୟା ୧୦୦ରୁ ଊର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ କର୍ମଚାରୀ ନିଜ କ୍ୟାରିୟର ଏହି କମ୍ପାନୀରୁ ଆରମ୍ଭ କରିଛନ୍ତି। ଆର୍ଥିକ ବର୍ଷ ୨୦୧୭ରେ ଟିସିଏସ୍ରେ ୯୧ ଜଣ କୋଟିପତି କର୍ମଚାରୀ ଥିଲେ, ଯାହା କି ଆର୍ଥିକ ବର୍ଷ ୨୦୧୯ରେ ବୃଦ୍ଧି ପାଇ ୧୦୩ ହୋଇଛି। ତେବେ ଏମାନଙ୍କ ଭିତରେ ସିଇଓ ରାଜେଶ ଗୋପୀନାଥନ ଏବଂ ସିଓଓ ଏନ୍ଜି ସୁବ୍ରମଣ୍ୟମ୍ ସାମିଲ ନୁହନ୍ତି। ସେହିପରି ଟିସିଏସ୍ରେ କାର୍ଯ୍ୟରତ ବିଦେଶୀ କର୍ମଚାରୀଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇନାହିଁ। ଆଇଟି ସେକ୍ଟରର ଅନ୍ୟତମ ଶୀର୍ଷ କମ୍ପାନୀ ଇନ୍ଫୋସିସ୍ରେ ୬୦ରୁ ଅଧିକ କର୍ମଚାରୀ ୧.୦୨ କୋଟି ଟଙ୍କା ଆୟ କରୁଛନ୍ତି। ଟିସିଏସ୍ ଭଳି ଇନ୍ଫୋସିସ୍ରେ ମଧ୍ୟ କମ୍ପେନ୍ସେସନ ଅଧୀନରେ ଷ୍ଟକ୍ ଅପ୍ସନକୁ ଧରାଯାଇନାହିଁ। ଟିସିଏସ୍ର ଲାଇଫ୍ ସାଇନ୍ସେସ୍, ହେଲ୍ଥକେୟାର ଏବଂ ପବ୍ଲିକ୍ ସର୍ଭିସେସ୍ ବିଜ୍ନେସ୍ ମୁଖ୍ୟ ଦେବାଶୀଷ ଘୋଷଙ୍କୁ ବାର୍ଷିକ ୪.୭ କୋଟି ଟଙ୍କା ଦରମା ମିଳିଥାଏ। ସେହିପରି ବିଜ୍ନେସ୍ ଓ ଟେକ୍ନୋଲୋଜି ସର୍ଭିସେସ୍ ମୁଖ୍ୟ କୃଷ୍ଣନ୍ ରାମାନୁଜମ୍ ୪.୧ କୋଟି ଆୟ କରନ୍ତି।

## ଆନ୍ଧ୍ର ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୧୩-୬



ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ କେ.ଭି.ଭି.ଏନ୍.ଏସ୍.ରାମମୂର୍ତ୍ତି ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ବ୍ୟାଙ୍କର ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟରେ ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୫ ମସିହାରେ ସେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ପ୍ରବେଶ କରିଥିଲେ। ଦୀର୍ଘ ୨୮ ବର୍ଷରୁ ଅଧିକ ଶିଳ୍ପ ସହ ଜଡିତ ହେବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ ଅବସ୍ଥାପିତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶ, ଗୁଜରାଟ, ତେଲେଙ୍ଗାନା ଏବଂ ମହାରାଷ୍ଟ୍ର ଭଳି ରାଜ୍ୟଗୁଡିକରେ ସେ କାର୍ଯ୍ୟ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭୁବନେଶ୍ୱର ଅଞ୍ଚଳରେ କ୍ରେଡିଟ୍, ମାର୍କେଟିଂ, ରିକଭରି ଉପରେ ଅଧିକ ଧ୍ୟାନ ଦେବେ ବୋଲି ରାମମୂର୍ତ୍ତି କହିଛନ୍ତି।

**ଜିଲ୍ଲା କୃଷି ଅଧିକାରୀ, ସାଲେପୁର**

**ବିହନ ବିଶୋଧନ ଅଭିଯାନ, ଖରିଫ୍ – ୨୦୧୯-୨୦**

ଏତଦ୍ୱାରା ରାଜ୍ୟ ଯୋଜନା ମାଧ୍ୟମରେ ଚଳିତ ଖରିଫ୍ ଋତୁରେ ସାଲେପୁର କୃଷି ଜିଲ୍ଲା ଅନ୍ତର୍ଗତ ଚାରିଗୋଟି ବ୍ଲକ ଯଥା: ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ ଟାଙ୍ଗୀଚୌଦ୍ୱାରର ସ୍ଥିରୀକୃତ ଗ୍ରାମଗୁଡ଼ିକରେ ତା୧୭।୦୬।୨୦୧୯ରୁ ତା୧୨।୦୭।୧୯ରିଖ ମଧ୍ୟରେ ଖରିଫ୍ ଧାନ ଫସଲ ନିମନ୍ତେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି କାର୍ଯ୍ୟକ୍ରମରେ ଚାଷୀଭାଇ ଓ ଭଉଣୀମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ।

ଏଣୁ ନିର୍ଦ୍ଧାରିତ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଗ୍ରାମର ଚାଷୀଭାଇ ଓ ଭଉଣୀମାନେ ଅଂଶଗ୍ରହଣ କରି ନିଜ ନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ମୃତ୍ତିକା ଏବଂ ବିହନ ଜନିତରୋଗ ଦାଉରୁ ସୁରକ୍ଷା ପ୍ରଦାନ କରିବାକୁ ବିଶେଷ ଅନୁରୋଧ।

ସ୍ୱା./– ଶ୍ରୀ ମୋହନ ପ୍ରସାଦ ଶର୍ମା
ଜିଲ୍ଲା କୃଷି ଅଧିକାରୀ, ସାଲେପୁର

## ବର୍ଷା ପାଇଁ ପୂର୍ବତଟ ରେଳପଥର ନିରାପତ୍ତା ପ୍ରସ୍ତୁତି

ଭୁବନେଶ୍ୱର,୧୩-୬

ବର୍ଷା ଋତୁକୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ନିରାପତ୍ତା ପଦକ୍ଷେପ ହାତକୁ ନିଆଯାଇଛି। ରେଲୱେ ବ୍ରିଜ, ଟ୍ରାକ, ହାର୍ଡ ଏବଂ ସିଗ୍ନାଲ ସିଷ୍ଟମକୁ ସୁରକ୍ଷିତ କରି ରଖିବା ଉପରେ ଧ୍ୟାନ ଦିଆଯାଇଛି।



ଟ୍ରେନ ସାଇଡଗୁଡିକର କୌଣସି ସ୍ଥାନରେ ଯେଭଳି ପାଣି ନ ଜମିବ ଏବଂ ଜଳ ନିଷ୍କାସନରେ ବାଧା ନ ଆସିବ ସେ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ରେଳ ନିରାପତ୍ତାକୁ ନେଇ ରାଜ୍ୟ ପ୍ରଶାସନର ଅଧିକାରୀଙ୍କ ସହ ରେଲୱେ ପକ୍ଷରୁ ଆଲୋଚନା କରାଯାଇଛି। ବିପଦ ଆଶଙ୍କା ଥିବା ସ୍ଥାନଗୁଡିକରେ ପାଟ୍ରୋଲିଂ ବ୍ୟବସ୍ଥା ହୋଇଛି। ପାଟ୍ରୋଲିଂ ଲାଗି କର୍ମଚାରୀ ନିୟୋଜିତ କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ଘନ ବର୍ଷା ସମୟରେ ରେଲୱେ ସେକ୍ସନଗୁଡିକରେ ଗ୍ୟାଙ୍ଗମ୍ୟାନଙ୍କୁ ପାଟ୍ରୋଲିଂ ଲାଗି କୁହାଯାଇଛି। ରେଲୱେର ଆବଶ୍ୟକ ସାମଗ୍ରୀଗୁଡିକ ମହଜୁଦ କରି ରଖାଯାଇଛି। ସେହିଭଳି ପାଣିପାଗ ବିଭାଗ ସହ ରେଲୱେ ନିରନ୍ତର ଭାବେ ସଂଯୋଗ ସ୍ଥାପନ କରୁଛି। ଅପରପକ୍ଷେ ଅତିରିକ୍ତ କଣ୍ଟ୍ରୋଲ ବ୍ୟବସ୍ଥା, ବିପର୍ଯ୍ୟୟ ପରିଚାଳନା ସେଲ୍ ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାପନା କରାଯାଇଛି।

**ODISHA MADHYAMIKA SHIKSHA MISSION**
N-1/9, Nayapalli, Po: Sainik School, Bhubaneswar-751005
Phone No.0674-2302324, Email-mis.omsmbbsr.od@gov.in

Letter No.1427 Dated: 12.06.19
File No.765/OMSM/2016

**TENDER CALL NOTICE**

Sealed Tenders are invited from Travel agencies / Tour Operators or private individuals for providing 06(Six) nos. of diesel driven AC Tata Indigo and 01 (One) no. of diesel driven AC Tata Indica for official use of the SPD, OMSM (RMSA), OAVS & SIOS on monthly Rental basis and on Daily basis. The Tender Document containing the details Terms and conditions can be obtained from the Office of the State Project Director OMSM(RMSA), Bhubaneswar during office hour 13 June' 19 to 25th June' 19 on payment of Rs.500/- (Rupees Five hundred) only in shape of Bank Draft drawn in favour of "State Project Director, OMSM (RMSA), Bhubaneswar". The Tender document can also be download from website www.oavs.in. In case the application form is downloaded from website, the applicant shall furnish a demand draft for an amount of Rs.500/-(Rupees Five hundred) only drawn in favour of "State Project Director OMSM(RMSA), Bhubaneswar" towards the cost of application along with the application. The Tender document complete in all respect should reach the undersigned on or before 25.06.2019 by 2 P.M through registered post/speed post & courier only and shall be opened on the same date at 3 P.M.

Sd./- Financial Advisor
OMSM(RMSA)

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904
OPTCL Lifeline of Orissa

Advt.No.02/2019-20 **NOTICE INVITING TENDER**

On behalf of OPTCL, sealed tenders are invited from **(A)** Original manufacturer Or their Authorised Dealers having IT. PAN, GST Registration No., HT/MV License & Authorised Dealership Certificate to carry out the work of oil arresting in different capacity of transformers at 220/132/33 KV Grid Sub-Station, Narendrapur under EHT(0&M) Division, Berhampur and **(B)**Electrical Contractors having valid HT/MV License, IT. PAN, GST Registration No. etc. for supply and complete fitting of street lights from main gate to control room, backside of control room & main gate to Chatrapur Division Office at 132/33KV Grid Sub-Station, Chatrapur under EHT (O&M) Division Chatrapur separately. Commencement of Sale of Tender Paper: - From Dated 17.06.2019 to Dated 16.07.2019 up to 5.00 PM. Last Date of Submission of Tender Paper: Dated 17.07.2019 up to 2.00 PM. Date of Opening of Tender Paper:dated 17.07.2019 at 3.00 PM. Cost of Tender Paper : Rs.4,000+ GST @ 12%= Rs.4,480/- For A & B separately. For details please visit our website **www.optcl.co.in**. Corrigendum if any will be published in the website only.

*General Manager (Elect.)*

**e-Procurement Notice** No.14-n

**OFFICE OF THE DIRECTOR,
TEXT BOOK PRODUCTION & MARKETING,
KHARAVEL NAGAR, UNIT –III, BHUBANESWAR-751001.**

*TEL. NO.0674-2380871/72*
*E.mail- directortbpmodisha@gmail.com*

**Bid Letter No. 3494/ TBPM,** **Dated.11.06.2019**

01. Description of tender: National Tender for Printing and Binding of Nationalised Text Books for the Academic Session 2020-21.
02. Date & Time of availability of bid document in the portal

Start Date & Time : 18.06.2019 10.00 A.M.
Closing Date & Time: 15.07.2019, 05.00 P.M.

03. Name and address of the O.I.T.: O/o the Director, Text Book Production & Marketing, Kharavel Nagar, Unit-III, Bhubaneswar – 751001.

Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in

Any corrigendum, Addendum and cancellation require will be uploaded in the e-procurement portal only. The Director, TBP&M reserves the right to accept or reject (Fully/Partly) tender without assigning any reason thereof.

Sd/-
DIRECTOR,
TEXT BOOK PRODUCTION AND MARKETING,
BHUBANESWAR-1.

02005/11/0002/1920







# ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍ ବାତିଲ

ନଟିଂହାମ,୧୩।୬(ପି.ଟି.)

ଚଳିତ ବିଶ୍ୱକପ୍‌ରେ ବର୍ଷା କେବଳ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନୁହଁ ପ୍ରଶଂସକଙ୍କ ପାଇଁ ମଧ ମୁଣ୍ଡବ୍ୟଥାର କରାଣ ହୋଇଛି। ବର୍ଷା ଯୋଗୁଁ ବିଶ୍ୱକପ୍‌ର ଏକାଧିକ ମ୍ୟାଚ ବିନା ଟସ୍ ପଡିବାର ବାତିଲ ହୋଇଛି। ଖରାପ ପାଗ ଓ ବର୍ଷାର ସଦ୍ୟତମ ଶିକାର ହୋଇଛି ଭାରତ-ନ୍ୟୁଜିଲାଣ୍ଡ ମୁକାବିଲା। ଗୁରୁବାର ଟ୍ରେଣ୍ଟ ବ୍ରିଜ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଶେଷରେ ବର୍ଷା ଯୋଗୁ ବାତିଲ ହୋଇଛି। ପ୍ରବଳ ବର୍ଷା କାରଣରୁ ପଡିଆରେ ପାଣି ଜମି ରହିବା ଫଳରେ ଏହି ମ୍ୟାଚ୍‌ରେ ଟସ୍ ପଡିବା ମଧ ସମ୍ଭବ ହୋଇ ନ ଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଛନ୍ତି।

ଭାରତୀୟ ସମୟ ସନ୍ଧ୍ୟା ୭.୩୦ରେ ଅମ୍ପାୟରମାନେ ଅନ୍ତିମ ପିଚ୍ ନିରୀକ୍ଷଣ କରିଥିଲେ ଓ ମ୍ୟାଚ୍ ବାତିଲ କରବାକୁ ନିଷ୍ପତ୍ତି ନେଇଥିଲେ। ଟୁର୍ନାମେଣ୍ଟରେ ଚତୁର୍ଥଥର ପାଇଁ ବର୍ଷା କାରଣରୁ ମ୍ୟାଚ୍ ବାତିଲ ହୋଇଛି। ମ୍ୟାଚ୍ ବାତିଲ ହେବାରୁ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ମ୍ୟାଚ୍‌ରେ ଗୋଟିଏ ବଲ୍ ବୋଲିଂ କାରଯାଇ ନ ଥିବାରୁ ଆଇସିସି ଟିକେଟ ଅର୍ଥ ପ୍ରଶଂସକଙ୍କୁ ଫେରାଇବ। ଅନ୍ୟପଟେ ଯେଉଁ ଦର୍ଶକ ତୃତୀୟ ପକ୍ଷଠାରୁ ଚଢ଼ା ଦରରେ ଟିକେଟ କିଣିଥିଲେ ସେମାନ ଆର୍ଥିକ କ୍ଷତି ସହିବେ। ତେବେ ମ୍ୟାଚ୍‌ଗୁଡ଼ିକର ବିମା ହୋଇଥିବାରୁ ପ୍ରସାରଣକାରୀ ସଂସ୍ଥା କ୍ଷତି ସହିବେ ନାହିଁ।

ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ୪ଟି ମ୍ୟାଚ୍ ଖେଳିଛି। ୩ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ନ୍ୟୁଜିଲାଣ୍ଡ ମୋଟ ୭ ପଏଣ୍ଟ ପାଇଁ ତାଲକାର ଶୀର୍ଷରେ ରହିଛି। ଅନ୍ୟପଟେ ଭାରତ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ମୋଟ ୫ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୪ଟି ମ୍ୟାଚ୍ ଖେଳି ୩ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାଞ୍ଚେଷ୍ଟରରେ ରବିବାର ଭେଟିବ। ଏହି ମ୍ୟାଚ୍ ମଧ ବର୍ଷା ଯୋଗୁ ବାଧାପ୍ରାପ୍ତ ହେବ। ଏପରିକି ବାତିଲ ମଧ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୩ | ୦ | ୦ | ୧ | ୭ | +୨.୧୬୩ |
| ଅଷ୍ଟ୍ରେଲିଆ | ୪ | ୩ | ୧ | ୦ | ୦ | ୬ | +୦.୫୭୦ |
| ଭାରତ | ୩ | ୨ | ୦ | ୦ | ୧ | ୫ | +୦.୫୩୯ |
| ଇଂଲଣ୍ଡ | ୩ | ୨ | ୧ | ୦ | ୦ | ୪ | +୧.୩୦୭ |
| ଶ୍ରୀଲଙ୍କା | ୪ | ୧ | ୧ | ୦ | ୨ | ୪ | -୧.୫୧୭ |
| ୱେଷ୍ଟଇଣ୍ଡିଜ | ୩ | ୧ | ୧ | ୦ | ୧ | ୩ | +୨.୦୫୪ |
| ବାଂଲାଦେଶ | ୪ | ୧ | ୨ | ୦ | ୧ | ୩ | -୦.୭୧୪ |
| ପାକିସ୍ତାନ | ୪ | ୧ | ୨ | ୦ | ୧ | ୩ | -୧.୭୯୬ |
| ଦକ୍ଷିଣ ଆଫ୍ରିକା | ୪ | ୦ | ୩ | ୦ | ୧ | ୧ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

# ମନ ଜିଣିଲେ ୱାର୍ନର

ଟଣ୍ଟନ, ୧୩।୬ (ପି.ଟି.)



ଜଣେ ଶିଶୁ ପ୍ରଶଂସକଙ୍କୁ ନିଜର ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ଡେଭିଡ ୱାର୍ନର।

ଚଳିତ ଆଇସିସି ବିଶ୍ୱକପ୍‌ରେ ଜଣେ ଅଷ୍ଟ୍ରେଲୀୟ ଓପନର ଏକ ମନ ଜିଣିଲା ଭଳି କାର୍ଯ୍ୟ କରିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚରେ ସେ ଜିତିଥିବା 'ମ୍ୟାନ ଅଫ୍ ଦି ମ୍ୟାଚ' ପୁରସ୍କାରକୁ ଜଣେ ଅଷ୍ଟ୍ରେଲୀୟ ଦଳର ବାଳକ ସମର୍ଥକଙ୍କୁ ପ୍ରଦାନ କରିଛନ୍ତି। ବଲ୍ ଟ୍ୟାମ୍ପରିଂ ମାମଲାରେ ବାସନ୍ଦ ଦଣ୍ଡ ଭୋଗି ସାରି ଫେରିବା ପରେ ବୁଧବାର ପାକିସ୍ତାନ ବିପକ୍ଷ ମ୍ୟାଚରେ ସେ ଏକ ଶତକ ହାସଲ କରିବା ସହ ତାଙ୍କ ଦଳକୁ ୪୧ରନରେ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଷ୍ଟାଡିୟମରୁ ଫେରୁଥିବାବେଳେ ୱାର୍ନରଙ୍କ ସହ ତାଙ୍କ ଦଳର ସମର୍ଥକମାନଙ୍କ ଭେଟ ହୋଇଥିଲା। ତନ୍ମଧ୍ୟରେ ଅଷ୍ଟ୍ରେଲିଆ ଜର୍ସି ପରିଧାନ କରିଥିବା ଜଣେ ବାଳକ ସମର୍ଥକ ରହିଥିଲେ। ସେ ତାଙ୍କ 'ମ୍ୟାନ ଅଫ୍ ଦି ମ୍ୟାଚ' ପୁରସ୍କାରଟିକୁ ଏହି ବାଳକଙ୍କୁ ପ୍ରଦାନ କରିଥିଲେ। ବାଳକ ଜଣକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ୱାର୍ନରଙ୍କଠାରୁ 'ମ୍ୟାନ ଅଫ୍ ଦି ମ୍ୟାଚ' ପୁରସ୍କାର ପାଇଁ ଏତେ ଖୁସି ଯେ, ତାହା ବର୍ଣ୍ଣନା କରି ହେବ ନାହିଁ। ମ୍ୟାଚ ବେଳେ ଆମେ ଅଷ୍ଟ୍ରେଲିଆ ପତାକା ହଲାଇ ଦଳକୁ ଉତ୍ସାହିତ କରିବାକୁ ଆସିଥିଲୁ। ୱାର୍ନର ହଠାତ ମୋ ପାଖକୁ ଆସି ତାଙ୍କ ପୁରସ୍କାର ମୋତେ ଦେଇ ଦେଲେ। ବାଳକଟିର ପିତା କହିଛନ୍ତି, ମ୍ୟାଚ ଯେତେବେଳେ ପାକିସ୍ତାନ ସପକ୍ଷରେ ଥିଲା ଦଳ ସମର୍ଥକମାନେ ଖୁବ୍ ହୋ ହଲ୍ଲା କରୁଥିଲେ। ତେଣୁ ଆମକୁ ଚୁପ୍ ରହିବାକୁ ପଡ଼ିଥିଲା। ମାତ୍ର ମିଚେଲ ମାର୍ଶ ବୋଲିଂ କରିବାକୁ ଆସି ମ୍ୟାଚର ପରିସମାପ୍ତି ଘଟାଇଥିଲେ। ଏହା ଆମକୁ ଉଲ୍ଲସିତ କରିଥିଲା।





ବର୍ଷା ଯୋଗୁ ଟ୍ରେଣ୍ଟବ୍ରିଜ୍ ଷ୍ଟାଡିୟମର ପିଚ୍‌କୁ ଘୋଡ଼ାଇ ରଖାଯାଇଛି। ମ୍ୟାଚ ବାତିଲ ପରେ ଟିମ୍ ବସ୍‌କୁ ଯାଉଛନ୍ତି ମହେନ୍ଦ୍ର ସିଂ ଧୋନୀ।

## ଫାଇନାଲ ଖେଳିବ ଭାରତ

ୱାଶିଂଟନ,୧୩।୬(ପିଟି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଆଇସିସି ବିଶ୍ୱକପ୍ ଫାଇନାଲ ଖେଳାଯିବ ବୋଲି ଗୁଗୁଲର ଇଣ୍ଡୋ-ଆମେରିକାନ ସିଇଓ ସୁନ୍ଦର ପିଚାଇ ଗୁରୁବାର ଭବିଷ୍ୟବାଣୀ କରିଛନ୍ତି। ଏହି ମୁକାବିଲାକୁ ମେନ୍ ଇନ୍ ବ୍ଲ୍ୟୁ ଦଳ ଜିତିବା ସପକ୍ଷରେ ରହିଛନ୍ତି ବୋଲି ସେ କହିଛନ୍ତି। କାଲିଫର୍ନିଆସ୍ଥିତ ଇଣ୍ଟରନେଟ କମ୍ପାନୀର ୪୬ ବର୍ଷୀୟ ମୁଖ୍ୟ ଜଣେ କ୍ରିକେଟ ପ୍ରଶଂସକ। ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଆଇସିସି ବିଶ୍ୱକପ୍‌ର ଫାଇନାଲ ଖେଳାଯିବା ଉଚିତ। କିନ୍ତୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ଟୁର୍ନାମେଣ୍ଟରେ ରହିଛନ୍ତି ବୋଲି ପିଚାଇ କହିଛନ୍ତି।

## ଭାରତ ବିଶ୍ୱକପ୍ ଜିତିବା ସପକ୍ଷରେ ୧.୫ ବିଲିୟନ ପ୍ରଶଂସକ: ହାର୍ଦ୍ଦିକ

ନଟିଂହାମ,୧୩।୬(ପିଟି)



କେବଳ ୧.୫ ବିଲିୟନ ପ୍ରଶଂସକ ଭାରତ ବିଶ୍ୱକପ୍ ଜିତିବ ବୋଲି ଆଶା କରୁଛନ୍ତି। ଏଥିଯୋଗୁ ଭାରତୀୟ ଦଳ ଉପରେ ଚାପ ରହିବ ନାହିଁ ବୋଲି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଇସିସି ପକ୍ଷରୁ ଅପ୍‌ଲୋଡ୍ କରାଯାଇଥିବା ଏକ ଭିଡିଓରେ କହିଛନ୍ତି। ବିଶ୍ୱକପ୍ ଜିତିବା ୨୫ ବର୍ଷୀୟ କ୍ରିକେଟରଙ୍କ ଏକମାତ୍ର ଲକ୍ଷ୍ୟ। ୧୪ ଜୁଲାଇରେ ମୋ ହାତରେ ବିଶ୍ୱକପ୍ ଧରିବାକୁ ଚାହେଁ। ଟୁର୍ନାମେଣ୍ଟ ଜିତିବା ପାଇଁ ମୋର ଯୋଜନା ବହୁତ ସରଳ, ଏହା ମୁଁ ଆଶା କରୁଛି ବୋଲି ହାର୍ଦ୍ଦିକ କହିଛନ୍ତି।

## ଆମୀର ପ୍ରଥମ ପାକିସ୍ତାନ ବୋଲର

ଟଣ୍ଟନ,୧୩।୬: ପେସର ମହମ୍ମଦ ଆମୀର ପ୍ରଥମ ପାକିସ୍ତାନ ବୋଲର ଭାବେ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ୫ ଉଇକେଟ ନେଇଛନ୍ତି। ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଅମିର କ୍ୟାରିୟରର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଛନ୍ତି। ସେ ସମ୍ପୂର୍ଣ୍ଣ ୧୦ ଓଭର ବୋଲିଂ କରି ୩୦ ରନ୍ ବ୍ୟୟ କରି ୫ ଉଇକେଟ ନେଇଥିଲେ। ତାଙ୍କର ଏହି ସ୍ପେଲରେ ୩୭ ଡଟ୍‌ବଲ ଓ ଦୁଇଟି ମେଡନ ଓଭର ମଧ ଥିଲା।

# ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ମୁକାବିଲା ଆଜି

ସାଉଥାମ୍ପଟନ,୧୩।୬(ପି.ଟି.)

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ୧୯ତମ ମ୍ୟାଚ୍‌ରେ ଶୁକ୍ରବାର ୱେଷ୍ଟଇଣ୍ଡିଜ ଓ ଆୟୋଜକ ଇଂଲଣ୍ଡ ପରସ୍ପରକୁ ଭେଟିବେ। ସ୍ଥାନୀୟ ରୋଜ ବାଉଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ପ୍ରଶଂସକମାନେ ୱେଷ୍ଟଇଣ୍ଡିଜ ବିସ୍ଫୋରକ ଓପନ କ୍ରିସ୍ ଗେଲ୍ ଓ ବାର୍ବାଡୋସ ଜନ୍ମିତ ଯୁବ ପେସ୍ ସେନସେଶନ ଜୋଫ୍ରା ଆର୍ଚରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ପାଇବେ। ଗତ ଫେବୃୟାରୀରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଘରୋଇ ୱେଷ୍ଟଇଣ୍ଡିଜ ଇଂଲଣ୍ଡକୁ କଡ଼ା ଟକ୍କର ଦେଇଥିଲା। ଏହି ସିରିଜ ୨-୨ରେ ଅମୀମାଂସିତ ରହିଥିଲା। ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା। ଏହି ସିରିଜରେ ଗେଲ୍ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ୪ଟି ଇନିଂସରୁ ଗେଲ ୪୨୪ ରନ ସଂଗ୍ରହ କରିଥିଲେ। ଏଥିରେ ସେ ରେକର୍ଡ ୩୯ଟି ଛକା ମାରିଥିଲେ। ଗେଲ ଏବେ ଏହି ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ବିପଦ ସୃଷ୍ଟି କରିବେ। ଆର୍ଚର ଦଳରେ ସାମିଲ ହେବା ପରେ ଇଂଲଣ୍ଡ ବୋଲିଂ ବିଭାଗ ଆହୁରି ଦୃଢ ହୋଇଛି। ଜୋଫ୍ରା ଦମ୍‌ଦାର ବୋଲିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗେଲ ସହିତ ତାଙ୍କର ମୁକାବିଲା ଦୃଷ୍ଟାନ୍ତମୂଳକ ହେବ ଓ ପ୍ରଶଂସକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି।

ଆର୍ଚର କାରିବିୟାନରେ ଜୁନିୟର କ୍ରିକେଟ ଖେଳିଥିଲେ। ତେବେ ଗତ ଏପ୍ରିଲରେ ସେ ଇଂଲଣ୍ଡ ପାଇଁ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ୨୪ ବର୍ଷୀୟ ଏହି ଦ୍ରୁତ ବୋଲର ୱେଷ୍ଟଇଣ୍ଡିଜକୁ କଡ଼ା ଚ୍ୟାଲେଞ୍ଜ୍ ଦେବେ। ବାର୍ବାଡୋସରେ ଜନ୍ମଗ୍ରହଣ କରିଥିବାରୁ ଆମେ ଆର୍ଚରଙ୍କୁ ଭଲଭାବେ ଜାଣୁ ବୋଲି ୱେଷ୍ଟଇଣ୍ଡିଜ କୋଚ ଫ୍ଲଏଡ ରେଇପର କହିଛନ୍ତି। ୧୫,୧୭ ଓ ୧୯ ବର୍ଷରୁ କମ୍ କ୍ରିକେଟ ଖେଳି ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ତେଣୁ ସେ ଆମ ପାଇଁ ଆଦୌ ନୂଆ ନୁହଁ। ଦ୍ରୁତ ଗତିରେ ସେ ବଲ୍ ପକାଇଥାନ୍ତି। ତେଣୁ ତାଙ୍କୁ ନେଇ ଆମେ ଆଦୌ ବ୍ୟସ୍ତ ନୋହୁଁ। ସବୁ ପ୍ରକାର ଚ୍ୟାଲେଞ୍ଜକୁ ସାମନା କରିବାକୁ ଆମେ ପ୍ରସ୍ତୁତ। ୱେଷ୍ଟଇଣ୍ଡିଜ ଦଳରେ ମଧ କେତେକ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ରହିଛନ୍ତି।

ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ଦଳ ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଗତ ସୋମବାର ଭେଟିବାର କାର୍ଯ୍ୟକ୍ରମ ଥିଲା। ତେବେ ଏହି ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଅଲରାଉଣ୍ଡର ଆନ୍ଦ୍ରେ ରସେଲଙ୍କ ଆଣ୍ଠୁରେ ପୁରୁଣା ଆଘାତ ସମସ୍ୟା ରହିଛି। ଦକ୍ଷିଣ ଆଫ୍ରିକା ମ୍ୟାଚ୍‌ରେ ତାଙ୍କୁ ଦଳରେ ସାମିଲ କରାଯାଇ ନ ଥିଲା। ସେ ଫିଟ୍ ହୋଇ ଏହି ମ୍ୟାଚ୍‌ରେ ଖେଳିବେ କି ନା ତାହା ଦେଖିବାକୁ ବାକି ରହିଲା। ଇଂଲଣ୍ଡର ମଧ ଆଘାତ ସମସ୍ୟା ରହିଛି। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଜୋଶ ବଟଲର ଡାହାଣ କମରରେ ଆଘାତ ପାଇଥିଲେ। ତେବେ ସେ ଏହି ମ୍ୟାଚ୍‌ରେ ଖେଳିବେ ବୋଲି ଇଂଲଣ୍ଡ କୋଚ୍ ଟ୍ରେଭର ବେଲିସ୍ କହିଛନ୍ତି। ଇଂଲଣ୍ଡର ଅସ୍ଥିର ପାଣିପାଗ ଏବେ ଆଇସିସି ପାଇଁ ଚିନ୍ତା ସୃଷ୍ଟି କରିଛି। ଇତିମଧ୍ୟରେ ବିଶ୍ୱକପ୍‌ର କେତୋଟି ମ୍ୟାଚ୍ ବର୍ଷା କାରଣରୁ ବାଧାପ୍ରାପ୍ତ ହୋଇଛି ଓ ବାତିଲ ମଧ ହୋଇଛି। ଏପରି ହେଲେ ବିଶ୍ୱକପ୍ ତା'ର ଆକର୍ଷଣ ହରାଇବ। ତେବେ ଏହି ମ୍ୟାଚ୍‌ରେ ବର୍ଷା ସେତେଟା ବାଧାସୃଷ୍ଟି କରିବ ନାହିଁ ବୋଲି ଆଶା କରାଯାଉଛି।

ଏପର୍ଯ୍ୟନ୍ତ ଇଂଲଣ୍ଡ ୩ଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏରେ ପରାଜୟବରଣ କରିଛି। ୪ ପଏଣ୍ଟ ହାସଲ କରି ଇଂଲଣ୍ଡ ତାଲିକାର ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ୱେଷ୍ଟଇଣ୍ଡିଜ୍ ୩ଟି ମ୍ୟାଚ୍ ଖେଳି ଗୋଟଏ ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ବିନାଫଳାଫଳ ସହ ୩ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛି।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜୋଫ୍ରା ଆର୍ଚର, ଜନୀ ବେୟାରଷ୍ଟୋ, ଜୋସ ବଟଲର,ଟମ୍ କୁରାନ, ଲିଅମ୍ ପ୍ଲଙ୍କେଟ, ଆଦିଲ ରସିଦ, ଜୋ ରୁଟ୍, ଜାସନ ରଏ, ବେନ୍ ଷ୍ଟୋକ୍ସ, ଜେମ୍ସ ଭିନ୍ସ, କ୍ରିସ୍ ୱୋକ୍ସ ଓ ମାର୍କ ଉଡ।

**ୱେଷ୍ଟଇଣ୍ଡିଜ୍ ଦଳ:** ଜାସନ ହୋଲ୍ଡର (ଅଧିନାୟକ), ଫାବିଆନ ଆଲେନ, କାର୍ଲୋସ ବ୍ରାଥୱେଟ୍, ଡାରେନ ବ୍ରାଭୋ, ଶେଲଡନ କଟ୍ରେଲ, ସାନନ ଗାବ୍ରିଏଲ, କ୍ରିସ୍ ଗେଲ୍, ଶିମରନ ହେଟମେୟର, ସାଇ ହୋପ, ଏଭିନ ଲୁଇସ୍, ଆସଲେ ନର୍ସ, ନିକୋଲାସ ପୁରାନ, କେମର ରୋଚ, ଆନ୍ଦ୍ରେ ରସେଲ ଓ ଓଶେନ ଥୋମାସ।

### ଆଜିର ମ୍ୟାଚ୍

ଇଂଲଣ୍ଡ
ବନାମ
ୱେଷ୍ଟଇଣ୍ଡିଜ

ସ୍ଥାନ: ସାଉଥାମ୍ପଟନ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆର୍ଚର ବନାମ ଗେଲ୍

# 'ଭାରତ ମ୍ୟାଚ୍ ପୂର୍ବରୁ ଫିଲ୍ଡିଂରେ ସୁଧାର ଆବଶ୍ୟକ'

ଟଣ୍ଟନ,୧୩।୬(ପି.ଟି.)

ଚଳିତ ବିଶ୍ୱକପ୍‌ରେ ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ରବିବାର ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ବିଶ୍ୱକପର ସବୁଠାରୁ ରୋମାଞ୍ଚକ ମ୍ୟାଚ୍ ରୂପେ ପରିଗଣିତ ହେଉଥିବା ଏହି ମୁକାବିଲା ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ଖେଳାଯିବ। ପ୍ରଶଂସକଙ୍କ ଭାବପ୍ରବଣତା ଜଡିତ ହୋଇଥିବାରୁ ଏହି ମ୍ୟାଚ୍ ଉଭୟ ଦେଶ ପାଇଁ ଗୁରୁତ୍ୱ ବହନ କରୁଛି। ବୁଧବାର ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବା ପରେ ପାକିସ୍ତାନ ନିରାଶ ହୋଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଫିଲ୍ଡିଂରେ ତ୍ରୁଟି କରିଥିଲା। ତେବେ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ପାକିସ୍ତାନ ତା'ର ଫିଲ୍ଡିଂରେ ସୁଧାର ଆଣିବା ଆବଶ୍ୟକ ବୋଲି ଅଧିନାୟକ ସର୍ଫରାଜ ଅହମ୍ମଦ ସାଥି ଖେଳାଳିଙ୍କୁ ସତର୍କ କାରଇ ଦେଇଛନ୍ତି।

ଅଷ୍ଟ୍ରେଲିଆ ଭଲ ଆରମ୍ଭ କରିଥିଲେ ମଧ ୩୦୮ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ଜବାବରେ ପାକିସ୍ତାନ ୨୬୬ ରନରେ ଅଲଆଉଟ ହୋଇ ୪୧ ରନରେ ପରାସ୍ତ ହୋଇଥିଲା। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସବୁ ବିଭାଗରେ ଆମେ ଏହି ମ୍ୟାଚ୍‌ରେ ତ୍ରୁଟି କରିଥିଲୁ। ଖାସ୍ କରି ଫିଲ୍ଡିଂ ଆମର ନୈରାଶ୍ୟଜନକ ଥିଲା। ତେଣୁ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଫିଲ୍ଡିଂରେ ସୁଧାର ଆଣିବା ନିହାତି ଦରାକାର ଓ ଏଥିରେ କୌଣସି ବାହାନା ଚଳିବ ନାହିଁ ବୋଲି ସର୍ଫରାଜ କହିଛନ୍ତି। ଗତ ସପ୍ତାହରେ ଆୟୋଜକ ତଥା ହଟ୍ ଫେଭରାଇଟ ଇଂଲଣ୍ଡକୁ ହରାଇ ପାକିସ୍ତାନ ବିପର୍ଯ୍ୟୟ ଘଟାଇବା ସହ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲା। ଇଅନ ମୋର୍ଗାନଙ୍କ ଇଂଲଣ୍ଡ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ଠିକ୍ ଓଲାଟା ପ୍ରଦର୍ଶନ କରିଥିଲା। ମିସ୍ ଫିଲ୍ଡ ଓ ଓଭର ଥ୍ରୋ ପାକିସ୍ତାନ ପରାଜୟର ମୁଖ୍ୟ କାରଣ ବୋଲି କୁହାଯାଇଛି। ଓପନର ତଥା ଅଧିନାୟକ ଆରୋନ ଫିଞ୍ଚ୍ ୩୩ ରନ କରିଥିବା ବେଳେ ଆସିଫ ଅଲି ତାଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ଫଳରେ ସେ ଆହୁରି ୪୯ ରନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଡେଭିଡ ୱାର୍ନରଙ୍କ ସହ ସେ ଓପନିଂ ଯୋଡିରେ ଭଲ ରନ ସଂଗ୍ରହ କରିଥିଲେ। ଏହାପରେ ଆସିଫ ୱାର୍ନରଙ୍କ କ୍ୟାଚ ମଧ ମିସ୍ କରିଥିଲେ।



ସର୍ଫରାଜ ଅହମ୍ମଦ

ତେବେ ପାକିସ୍ତାନ କେତେକ କ୍ଷେତ୍ରର ଭଲ ପ୍ରଦର୍ଶନ ମଧ କରିଛି। ଦ୍ରୁତ ବୋଲର ମହମ୍ମଦ ଆମୀର ଜବଦସ୍ତ ପ୍ରଦର୍ଶନ କରି ୩୦ ରନ ଦେବା ସହ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିଥିଲେ। ଯାହାଫଳରେ ମାତ୍ର ୮୬ ରନରେ ଅଷ୍ଟ୍ରେଲିଆର ଶେଷ ୭ଟି ଉଇକେଟର ପତନ ଘଟିଥିଲା। ଆମୀର ପ୍ରଥମେ ବିଶ୍ୱକପ୍ ଦଳରେ ସ୍ଥାନ ପାଇ ନ ଥିଲେ। ତେବେ ସେ ଏବେ ଦଳ ପାଇଁ ଅଗ୍ରଣୀ ଉଇକେଟ ହାସଲକାରି ବୋଲର ସାବ୍ୟସ୍ତ ହୋଇଛନ୍ତି। ଆମୀର ଆଗାମୀ ମ୍ୟାଚ୍‌ରେ ଆମର ମୁଖ୍ୟ ଅସ୍ତ୍ର ହେବେ । ଅମୀର ଜଣେ ବିଶ୍ୱସ୍ତରୀୟ ବୋଲର। ତାଙ୍କୁ ବଲକୁ ଖେଳିବା ସେତେଟା ସହଜ ହେବ ନାହିଁ ବୋଲି ସର୍ଫରାଜ କହିଛନ୍ତି। ଅଷ୍ଟମ ଉଇକେଟ ଯୋଡିରେ ସର୍ଫରାଜ ଓ ୱାହାବ ରିୟାଜ ରେକର୍ଡ ରନ ସଂଗ୍ରହ କରିଥିଲେ ମଧ ଦଳକୁ ଜିତାଇପାରି ନ ଥିଲେ। ମାତ୍ର ୧୫ ରନରେ ୩ ଉଇକେଟ ହରାଇ ଆମେ ପରାଜୟ ବରଣ କରିଥିଲୁ। ପୁଣି ପ୍ରଥମ ୨୦ ଓଭରରେ ଆମେ ଅତ୍ୟଧିକ ରନ ବ୍ୟୟ କରିଥିଲୁ। ପରେ ପ୍ରତ୍ୟବର୍ତ୍ତନ କରି ଭଲ ବୋଲିଂ କରିଥିଲେ ମଧ ଅଷ୍ଟ୍ରେଲିଆକୁ ୨୭୦-୨୮୦ ମଧ୍ୟରେ ସୀମି ରଖିପାରି ନ ଥିଲୁ। ମ୍ୟାଚ୍ ଜିତିବାକୁ ହେଲେ ଟପ୍ ଅର୍ଡର ୪ ବ୍ୟାଟ୍ସମ୍ୟାନଙ୍କୁ ରନ୍ ସଂଗ୍ରହ କରିବାକୁ ହେବ ବୋଲି ସର୍ଫରାଜ କହିଛନ୍ତି।

## ବିଶ୍ୱ ରେକର୍ଡ ନିକଟତର କୋହଲି

ନୂଆଦିଲ୍ଲୀ,୧୩।୬

ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟରେ ଏକ ବିଶ୍ୱ ରେକର୍ଡ ଅଧିକାରୀ ହେବାର ସୁଯୋଗ ରହିଛି। କୋହଲି ଏପର୍ଯ୍ୟନ୍ତ ୨୨୧ ଦିନିକିଆ ଇନିଂସରେ ୧୦,୯୪୩ କରିସାରିଛନ୍ତି। ଆଉ ୫୭ ରନ୍ କଲେ ସେ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ୧୧ ହଜାର ରନ୍ ପୂରଣ କରିବେ। ସେ ଆଉ ୫୭ ରନ୍ କରିବାରେ ସଫଳ ହେଲେ ଭାରତୀୟ ଅଧିନାୟକ ପ୍ରଥମ କ୍ରିକେଟର ଭାବେ ୧୧ ବର୍ଷରୁ କମ୍ ସମୟରେ ୧୧ ହଜାର ରନ୍ ପୂରଣ କରିବେ। ଦେଶର ୩ୟ ଓ ବିଶ୍ୱର ୯ମ ବ୍ୟାଟ୍ସମ୍ୟାନ ଭାବେ ଏହି ମାଇଲଷ୍ଟୋନ ସ୍ପର୍ଶ କରିବେ। ପୂର୍ବରୁ ସୌରଭ ଗାଙ୍ଗୁଲି ଓ ସଚିନ ତେନ୍ଦୁଲକର ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଦିନିକିଆରେ ସର୍ବାଧିକ ସ୍କୋର କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ୮ମ ସ୍ଥାନ ହାତେଇବାର ମଧ ସୁଯୋଗ ରହିଛି।




ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଥିବାବେଳେ ଜଣେ ପ୍ରଶଂସକ ସେଓ ଉପରେ ବିଶ୍ୱକପ ଲୋଗୋ ପ୍ରଦର୍ଶିତ କରୁଛନ୍ତି ।

# ଆଜି ସେମିଫାଇନାଲ

## ଆମେରିକା-ଦକ୍ଷିଣ ଆଫ୍ରିକା, ଭାରତ-ଜାପାନ

ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ରୋମାଞ୍ଚକ ସମୟ ଉପନୀତ। ପୁଲ୍ ପର୍ଯ୍ୟାୟ ଓ କ୍ରସ୍ ଓଭର ପରେ ଶୁକ୍ରବାର ହେବାକୁ ଯାଉଛି ପ୍ରତିଯୋଗିତାର ୨ଟି ଯାକ ସେମିଫାଇନାଲ। ପ୍ରଥମ ସେମିଫାଇନାଲରେ ଆମେରିକାକୁ ଭେଟିବ ଦକ୍ଷିଣ ଆଫ୍ରିକା। ଦ୍ୱିତୀୟ ସେମିରେ ଆୟୋଜକ ଭାରତ ସହିତ ମୁକାବିଲା କରିବ ଏସୀୟ ଚାମ୍ପିୟନ ଜାପାନ। ଏହି ଦିନ ୫-୬ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ମଧ ଅନୁଷ୍ଠିତ ହେବ। ପୋଲାଣ୍ଡ ଓ ରୁଷିଆ ଏହି ମ୍ୟାଚରେ ପରସ୍ପରକୁ ଭେଟିବେ।



କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ହକି ଖେଳାଳିଙ୍କ ଅଭ୍ୟାସ।

### ଭାରତ ଫେଭରାଇଟ

ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ଭାରତ-ଜାପାନ ମ୍ୟାଚ ଅପରାହ୍ନ ୫ଟାରେ ହେବାର ଥିଲା। ମାତ୍ର ସମ୍ଭବତଃ ମ୍ୟାଚର ଗୁରୁତ୍ୱ ଏବଂ ଦର୍ଶକଙ୍କୁ ବାନ୍ଧିରଖିବା ପାଇଁ ଏହାକୁ ୭ଟା୧୫କୁ କରାଇବାକୁ ନିଷ୍ପତ୍ତି ହୋଇଛି। ବର୍ତ୍ତମାନର ପ୍ରଦର୍ଶନ ଅନୁସାରେ ଜାପାନ ବିପକ୍ଷରେ ଭାରତ ଫେଭରାଇଟ ବିବେଚିତ ହୋଇଛି। କାରଣ ପୁଲ୍'ଏ'ରେ ଭାରତ ୩ଟି ଯାକ ମ୍ୟାଚ ଜିତି ପୂରା ୯ ପଏଣ୍ଟ ସହିତ ସିଧା ସେମିଫାଇନାଲରେ ପ୍ରବେଶ କରିଥିଲା। କେବଳ ସେତିକି ନୁହେଁ ଦଳ ଚମତ୍କାର ପ୍ରଦର୍ଶନ କରି ଗୋଲବର୍ଷା ସହ ଅଭିଯାନ ଆରମ୍ଭ କରିଥିଲା। ପ୍ରଥମ ମ୍ୟାଚରେ ୧୦-୦ ଗୋଲରେ ରୁଷିଆକୁ ହରାଇଥିବା ମନପ୍ରୀତ ସିଂଙ୍କ ଦଳ ଦ୍ୱିତୀୟ ମ୍ୟାଚରେ ପୋଲାଣ୍ଡକୁ ୩-୧ ଓ ତୃତୀୟ ମ୍ୟାଚରେ ଉଜ୍‌ବେକିସ୍ତାନକୁ ୧୦-୦ ଗୋଲରେ ପରାସ୍ତ କରିଥିଲା। ତେଣୁ ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୨୩ଟି ଗୋଲ ଦେଇଥିବା ଭାରତ ମାତ୍ର ଗୋଟିଏ ଗୋଲ ବରଣ କରିଛି। ଅନ୍ୟପକ୍ଷରେ ପୁଲ୍'ବି'ରେ ଜାପାନ ଲିଗ୍ ପର୍ଯ୍ୟାୟରେ ୩ ମ୍ୟାଚରୁ ୨ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରଖି ୭ ପଏଣ୍ଟ ପାଇଥିଲା। ଫଳରେ ପୁଲ୍‌ରେ ଆମେରିକା ପଛକୁ ଦ୍ୱିତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିଥିଲା। ଏହି ପର୍ଯ୍ୟାୟରେ ଦଳ ପୋଲାଣ୍ଡକୁ ୬-୨ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଏପର୍ଯ୍ୟନ୍ତ ୧୩ଟି ଗୋଲ ଦେଇଥିବାବେଳେ ୫ ଗୋଲ ବରଣ କରିଛି। ମେକ୍ସିକୋକୁ ୩-୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଜାପାନ ପରେ ଦକ୍ଷିଣ ଆଫ୍ରିକାକୁ ୨-୦ ଗୋଲରେ ହରାଇଥିବାବେଳେ ଆମେରିକା ସହ ୨-୨ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ନିକଟ ଅତୀତର ପ୍ରଦର୍ଶନକୁ ଦେଖିଲେ ମସ୍କଟରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ସେମିଫାଇନାଲରେ ଭାରତ ୩-୨ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ଦଳ ସମାନ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୯-୦ ଗୋଲରେ ବିଜୟୀ ହୋଇଥିଲା। ୨୦୧୮ରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସର ପୁଲ୍ ପର୍ଯ୍ୟାୟରେ ମଧ ଭାରତ ୮-୦ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ମାତ୍ର ଏହି ପ୍ରତିଯୋଗିତାରେ ଜାପାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ତେଣୁ ଆଗାମୀ ମ୍ୟାଚରେ ଉଭୟ ଦଳ ମଧରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ହେବା ଆଶା କରାଯାଉଛି। ଗତ ତିନୋଟି ମ୍ୟାଚରେ ଭାରତୀୟ ମିଡ୍‌ଫିଲ୍ଡର ଚମତ୍କାର ପ୍ରଦର୍ଶନ କରିଥିବାବେଳେ ଫରୱାର୍ଡ ଖେଳାଳିମାନେ ଠିକ୍‌ଭାବେ ଫିନିଶିଂ କରିପାରି ନ ଥିବା ଅନୁଭବ କରୁଛନ୍ତି କୋଚ୍ ଗ୍ରାହାମ ରିଡ୍। ଆକାଶଦୀପ ସିଂଙ୍କୁ ଛାଡ଼ିଦେଲେ ଅନ୍ୟ ଷ୍ଟ୍ରାଇକରମାନେ ସେପରି ପ୍ରଭାବୀ ପ୍ରଦର୍ଶନ କରିପାରି ନାହାନ୍ତି। ମନଦୀପ ସିଂ ଓ ଯୁବ ଗୁରସାହିବଜିତ ସିଂ କିଛି ପରିମାଣରେ ସଫଳ ହୋଇଥିବାବେଳେ ୧ ବର୍ଷ ପରେ ଆହତ ସମସ୍ୟାରୁ ଫେରିଥିବା ରମଣଦୀପ ସିଂ ବିଫଳ ରହିଛନ୍ତି। ସେହିପରି ଭାରତୀୟ ରକ୍ଷଣଭାଗ ସେପରି ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇନାହାନ୍ତି। କେବଳ ପୋଲାଣ୍ଡ ବିପକ୍ଷ ମ୍ୟାଚରେ ଏହି ବିଭାଗ କିଛିଟା ଅସୁବିଧାର ସମ୍ମୁଖୀନ ହୋଇଥିଲା। ଦୁଇ ଗୋଲକିପର କ୍ରିଷ୍ଣନ ବାହାଦୁର ପାଠକ ଓ ପି.ଆର. ଶ୍ରୀଜେଶ ମ୍ୟାଚର ଅଧିକାଂଶ ସମୟ ଦେଖଣାହାରି ସାଜିଛନ୍ତି। ତେବେ ଶୁକ୍ରବାର ମ୍ୟାଚ ଭିନ୍ନ ଧରଣର ଚ୍ୟାଲେଞ୍ଜ ଆଣିବା ଆଶା କରାଯାଉଛି।

**ଏଫଆଇଏଚ୍ ସିରିଜ ଫାଇନାଲ୍ସ**

**ଆଜିର ମ୍ୟାଚ**

- ପୋଲାଣ୍ଡ ବନାମ ରୁଷିଆ
  (୫-୬ ପ୍ଲେସିଂ ମ୍ୟାଚ) ସକାଳ ୮ଟା
- ଆମେରିକା ବନାମ ଦକ୍ଷିଣ ଆଫ୍ରିକା
  (ପ୍ରଥମ ସେମିଫାଇନାଲ)
  ସମୟ: ଅପରାହ୍ନ ୫ଟା
- ଭାରତ ବନାମ ଜାପାନ
  (ଦ୍ୱିତୀୟ ସେମିଫାଇନାଲ)
  ସମୟ: ରାତି ୭ଟା ୧୫

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**

### ଟକ୍କର ଦେବ ଦକ୍ଷିଣ ଆଫ୍ରିକା

ପ୍ରଥମ ସେମିଫାଇନାଲରେ ଆମେରିକାର ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା। ପୁଲ୍ ପର୍ଯ୍ୟାୟରେ ଆମେରିକା ପ୍ରଭାବୀ ରହି ସିଧା ସେମିଫାଇନାଲରେ ପ୍ରବେଶ କରିଥିଲେ ହେଁ ଆଗାମୀ ମ୍ୟାଚରେ କଡ଼ା ଟକ୍କର ଦେବ ଦକ୍ଷିଣ ଆଫ୍ରିକା। କାରଣ ଦକ୍ଷିଣ ଆଫ୍ରିକା ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ବିଶେଷ କରି କ୍ରସ୍ ଓଭରରେ ରୁଷିଆକୁ ୨-୧ ଗୋଲରେ ହରାଇବାପରେ ଦଳର ମନୋବଳ କାହିଁ କେତେ ଉପରେ ପହଞ୍ଚି ଯାଇଛି। ପୁଲ୍ ପର୍ଯ୍ୟାୟରେ ଆମେରିକାଠାରୁ ୦-୨ ଓ ଜାପାନଠାରୁ ୦-୨ ଗୋଲରେ ହାରିଥିଲେ ହେଁ ମେକ୍ସିକୋକୁ ୬-୦ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ଆଫ୍ରିକୀୟ ଚାମ୍ପିୟନ। ଏବେ ଦଳ ପାଇଁ ପୁଲ୍ ପର୍ଯ୍ୟାୟ ପରାଜୟର ମଧୁର ପ୍ରତିଶୋଧ ନେବା ସମୟ ଆସିଛି। କଳିଙ୍ଗ ଷ୍ଟାଡିୟମରେ ଅଧିକାଂଶ ମ୍ୟାଚରେ ଗୋଲ ବର୍ଷା ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା କିନ୍ତୁ ଲଢୁଆ ପ୍ରଦର୍ଶନ କରି ପ୍ରତିପକ୍ଷ ଦଳକୁ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରିବାକୁ ଦେଇନାହିଁ। ତେଣୁ କ୍ରମାଗତ ୨ ବିଜୟ ସହ ସେମିଫାଇନାଲ ଖେଳିବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ଆଗାମୀ ମ୍ୟାଚରେ ଆମେରିକାକୁ ହରାଇବା ଅସମ୍ଭବ ନୁହେଁ। ତେବେ ଆମେରିକା ଭଲ ଫର୍ମରେ ଥିବାରୁ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

### ରୁଷିଆ ପାଇଁ ସମ୍ମାନର ପ୍ରଶ୍ନ

ପୁଲ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ରୁଷିଆ କ୍ରସ୍ ଓଭରରେ କିନ୍ତୁ ଦକ୍ଷତା ଅନୁସାରେ ଖେଳିପାରି ନ ଥିଲା। ତେଣୁ ଦଳକୁ ୫-୬ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବାକୁ ପଡୁଛି। ୩ ମ୍ୟାଚରୁ ୬ ପଏଣ୍ଟ ସହ ପୁଲ୍'ଏ'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରୁଷିଆ ପାଇଁ ଏହି ମ୍ୟାଚ ଜିତିବା ସମ୍ମାନର ପ୍ରଶ୍ନ ସଦୃଶ ହୋଇଛି। ପୁଲ୍ ମ୍ୟାଚରେ ରୁଷିଆକୁ କଡ଼ା ଟକ୍କର ଦେଇଥିଲା ପୋଲାଣ୍ଡ। ଫଳରେ ଉଜ୍‌ବେକିସ୍ତାନ ବିପକ୍ଷରେ ୧୨-୧ ଗୋଲରେ ବିଜୟୀ ହୋଇଥିବା ରୁଷିଆ ପରବର୍ତ୍ତୀ ମ୍ୟାଚରେ ପୋଲାଣ୍ଡକୁ ୩-୨ ଗୋଲରେ ହରାଇ ପାରିଥିଲା। ଅନ୍ୟପକ୍ଷରେ ପୁଲ୍ ପର୍ଯ୍ୟାୟ ପରାଜୟର ମଧୁର ପ୍ରତିଶୋଧ ସୁଯୋଗରେ ରହିଛି ପୋଲାଣ୍ଡ। ଏହା ହୋଇପାରିଲେ ଦଳ ସମ୍ମାନର ସ୍ୱଦେଶ ଫେରି ପାରିବ।

**ଦଶମ ଜନ୍ମଦିନ ଶୁଭେଚ୍ଛା**



(ଗୁଗୁ)

**ଶ୍ରେୟାଂଶ ସ୍ୱାଇଁ**

ତୋର ଦଶମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସର୍ବଦା ଭଲରେ ରଖନ୍ତୁ ଓ ସଫଳତା ପ୍ରଦାନ କରନ୍ତୁ।

ଶୁଭେଚ୍ଛା ସହ:
ମନୋଜ ସ୍ୱାଇଁ ଓ ପରିବାରବର୍ଗ

ଧ-୧୨୯୬୬

**ଜନ୍ମଦିନର ଶୁଭେଚ୍ଛା**



**ଜାହ୍ନବି ଦେବତା (ଦିବ୍ୟା)**

କଟକ ଜିଲ୍ଲା, ତାଳମୁଣ୍ଡଳୀ ନିବାସୀ ବିକାଶ ଓ ସୁପ୍ରଭାଙ୍କର ପୁତ୍ରୀ ଜାହ୍ନବିର ଦ୍ୱିତୀୟ ଜନ୍ମଦିବସ ପାଳନ ଉପଲକ୍ଷେ ଜେଜେ-ଜେଜେମା, ଅଜା-ଆଈ, ମାମୁ, ବଡ଼ବାପା-ବଡ଼ମା, ସାନ ବଡ଼ବାପା, ସାନ ବଡ଼ମା, ସ୍ନେହା, ଶୁଭମ୍ ପ୍ରମୁଖ ପରିବାର ପକ୍ଷରୁ ତା'ର ଦୀର୍ଘ, ନିରାମୟ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଧ-୧୨୯୬୫

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



(ରିଶି)

**ଶିବମ୍ କୁମାର ଜେନା**
ଯାଜପୁର, ନନ୍ଦିପୁର
(ସ୍ୱରଡ଼ିହ)

ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସର୍ବଦା ଭଲରେ ରଖନ୍ତୁ।

ଶୁଭେଚ୍ଛା ସହ:
ବାପା, ବୋଉ, ଦାଦା, ଜେଜେବାପା, ଜେଜେମା, ପରିବାରବର୍ଗ।

ଧ-୧୨୯୬୪

# ଭୁବନେଶ୍ୱରରେ ହୋଇପାରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି

ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏବେ ଚାଲିଛି ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟ। ଖୁବ୍ ଶୀଘ୍ର ଓଡ଼ିଶାର ହକିପ୍ରେମୀଙ୍କ ପାଇଁ ଆଉ ଏକ ଖୁସି ଖବର ଆସିବା ସମ୍ଭାବନା ରହିଛି। ଏଠାରେ ଏଫଆଇଏଚ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି ଟୁର୍ନାମେଣ୍ଟ ହେବା ସମ୍ଭାବନା ରହିଛି। ଆନୁଷ୍ଠାନିକଭାବେ ଏହି ମେଗା ପ୍ରତିଯୋଗିତାର କାର୍ଯ୍ୟସୂଚୀ ଓ ସମୟସୀମା ନିର୍ଦ୍ଧାରିତ ହୋଇ ନ ଥିଲେ ହେଁ ଧରିତ୍ରୀକୁ ମିଳିଥିବା ସୂଚନା ଅନୁସାରେ ଏହା ଦୀପାବଳି ପରେ ଆଗାମୀ ନଭେମ୍ବରରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବା ଏକପ୍ରକାର ନିଶ୍ଚିତ।

ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ମୋଟ ୧୪ଟି ଦଳ ଅଂଶଗ୍ରହଣ କରିବେ। ତିନୋଟି ଏଫଆଇଏଚ୍ ସିରିଜ ଫାଇନାଲରୁ ଶ୍ରେଷ୍ଠ ୬ଟି ଦଳ, ଏଫଆଇଏଚ୍ ପ୍ରୋ ଲିଗ୍‌ରୁ ୪ ଦଳ ଏବଂ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରି ନ ଥିବା କିମ୍ବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥିବା ଏଫଆଇଏଚ୍ ର୍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୪ ଦଳକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଫଆଇଏଚ୍ ପ୍ରୋ ଲିଗ୍ ସମ୍ପ୍ରତି ନେଦରଲାଣ୍ଡର ଆମ୍‌ଷ୍ଟେଲଭିନରେ ଅନୁଷ୍ଠିତ ହେଉଛି। ଏଥିରେ ଅଷ୍ଟ୍ରେଲିଆ, ବେଲଜିୟମ, ନେଦରଲାଣ୍ଡ, ଜର୍ମାନୀ, ଆର୍ଜେଣ୍ଟିନା, ଗ୍ରେଟ୍ ବ୍ରିଟେନ, ସ୍ପେନ ଓ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରୁଛନ୍ତି। ଜୁନ ୩୦ରେ ଏହି ପ୍ରତିଯୋଗିତା ସରିବ। ଏଫଆଇଏଚ୍ ସିରିଜ ଫାଇନାଲ୍ସର ପ୍ରଥମ ଚରଣ କୁଆଲାଲମ୍ପୁରରେ ଅନୁଷ୍ଠିତ ହୋଇଥିଲା। ଏଥିରୁ କାନାଡ଼ା ଓ ମାଲେସିଆ ଯୋଗ୍ୟତା ଅର୍ଜନ କରିଛନ୍ତି। ଭୁବନେଶ୍ୱରରେ ହେଉଥିବା ଟୁର୍ନାମେଣ୍ଟରୁ ୨ଟି ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଯୋଗ୍ୟ ବିବେଚିତ ହେବେ। ଫ୍ରାନ୍ସର ଲି ଟୌକ୍ୱେଟଠାରେ ଏଫଆଇଏଚ୍ ସିରିଜ ଫାଇନାଲ୍ସର ୩ୟ ତଥା ଅନ୍ତିମ ଚରଣ ଅନୁଷ୍ଠିତ ହେବ। ଏଥିରୁ ୨ଟି ଦଳ ଯୋଗ୍ୟତା ପାଇବେ। ୨୦୧୯ ସେପ୍ଟେମ୍ବର ୨୦ ସୁଦ୍ଧା ଏଫଆଇଏଚ୍ ର୍ୟାଙ୍କିଙ୍ଗର ଶ୍ରେଷ୍ଠ ଦଳ ଗୁଡ଼ିକ ମଧ୍ୟରୁ ୪ଟି ଟିମ୍ ସେମାନଙ୍କ ସହ ସାମିଲ ହେବେ। ତେଣୁ ଅଘୋଷିତଭାବେ ଭାରତର କ୍ରୀଡ଼ା ରାଜଧାନୀର ମାନ୍ୟତା ପାଇଥିବା ଭୁବନେଶ୍ୱରରେ ବର୍ଷ ଶେଷଭାଗରେ ଆଉ ଏକ ବଡ଼ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟ ହେବା ଏକପ୍ରକାର ନିଶ୍ଚିତ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

## କିମ୍ବଦନ୍ତୀ ଶଟଲର ଲି'ଙ୍କ ଅବସର

ପୁତ୍ରାଜାୟା(ମାଲେସିଆ), ୧୩।୬(ଏଏଫପି) : କର୍କଟ ଭଳି ମାରାତ୍ମକ ରୋଗରୁ ମୁକ୍ତ ହେବା ପରେ କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲି ଚୋଙ୍ଗ ଗୁରୁବାର ଅବସର ନେଇଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସଫଳ ଖେଳାଳିଙ୍କ କ୍ୟାରିୟରର ଅନ୍ତ ହୋଇଛି। ସେ ଅବସର ଘୋଷଣା କଲାବେଳେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ ଏବଂ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ଲି କଦାପି ବିଶ୍ୱ ଚାମ୍ପିୟନଶିପ୍ କିମ୍ବା ଅଲିମ୍ପିକ୍ ଟାଇଟଲ ଜିତି ପାରି ନାହାନ୍ତି। ୩୪୮ ସପ୍ତାହ ଧରି ପୁରୁଷ ସିଙ୍ଗଲ୍ସ ବର୍ଗର ବିଶ୍ୱ ର୍ୟାଙ୍କିଙ୍ଗ୍ ଶୀର୍ଷରେ ଥିଲେ ମଧ ସେ ୬ ଥର ବିଶ୍ୱ ଚାମ୍ପିୟନଶିପ୍ ଏବଂ ଅଲିମ୍ପିକ୍ସ ଫାଇନାଲରେ ପରାସ୍ତ ହୋଇଥିଲେ। ସନ୍ନ୍ୟାସ ନେବାର ନିଷ୍ପତ୍ତି ମୋ ପାଇଁ ବହୁତ କଷ୍ଟକର ଥିଲା। ମୁଁ ଏହି ଖେଳକୁ ବହୁତ ଭଲ ପାଏ। କିନ୍ତୁ ଏହି ଖେଳ ବହୁତ ଦାବି କରେ, ଯାହାକୁ ମୋ ଶରୀର ଆଉ ପୂରା କରିପାରୁ ନାହିଁ। ପୂର୍ବରୁ ମୁଁ ଅଲିମ୍ପିକ୍ସ ପରେ ଅବସର ନେବା ପାଇଁ ଚିନ୍ତା କରିଥିଲି। ଶାରୀରିକ ସମସ୍ୟା ଯୋଗୁ ମୁଁ ଏହି ନିଷ୍ପତ୍ତି ନେଇଛି। ଗତ ୧୯ ବର୍ଷ ଧରି ମୋତେ ସମର୍ଥନ କରିଥିବା ସମସ୍ତ ମାଲେସିଆନଙ୍କୁ ଧନ୍ୟବାଦ ଜଣାଉଛନ୍ତି।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଏକାଦଶାହ ଉପଲକ୍ଷେ**



**ସ୍ୱ ସଚ୍ଚିଦାନନ୍ଦ ମିଶ୍ର**

୧୧୧, ଶହୀଦ ନଗର, ଭୁବନେଶ୍ୱର

ଆବିର୍ଭାବ: ୧୭.୧୧.୧୯୨୬
ତିରୋଧାନ : ୦୪.୦୬.୨୦୧୯

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

-: ଶୋକ ସନ୍ତପ୍ତ :-
ପୁତ୍ର- ଦୁର୍ଗା ପ୍ରସାଦ, ବୋହୂ-ଗୀତାଞ୍ଜଳି ଏବଂ ବନ୍ଧୁ ଓ ପରିବାର ବର୍ଗ

ଧ-୧୨୯୬୯

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଫକିର ଚରଣ ପଣ୍ଡା**

ସ୍ଥାନ- ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା
ଆବିର୍ଭାବ: ୧୨।୦୫।୧୯୩୫
ତିରୋଧାନ: ୦୬।୦୬।୨୦୧୯

ବହୁ ଘାତ ପ୍ରତିଘାତ ଭିତରେ ଗତି କରି ଆପଣ ଏ ଜୀବନ ଜିଇଲେ। ଶେଷରେ ବହୁ ଯନ୍ତ୍ରଣା ସହ୍ୟ କରି ଆମକୁ ଛାଡ଼ି ଚାଲିଗଲେ। ଜୀବନ ତମାମ ମନେରହିବ ଆପଣଙ୍କର ଅନାବିଳ ସ୍ନେହ ଓ କର୍ତ୍ତବ୍ୟ ପରାୟଣତା। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସାଇନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।

ହତଭାଗ୍ୟ- ବନ୍ଧୁ ଓ ପରିବାରବର୍ଗ।

ଧ-୧୨୯୬୮

## ୧୦ ଉଇକେଟ ଏଲିଟ୍ କ୍ଲବରେ ଅର୍ପଣ

ଗୁଆହାଟୀ, ୧୩।୬

ଗୋଟିଏ ଇନିଂସରେ ସମସ୍ତ ୧୦ଉଇକେଟ ଅକ୍ତିଆର କରିଥିବା ବୋଲରମାନଙ୍କ ଏଲିଟ୍ କ୍ଲବରେ ଯୋଗଦାନ କରିଛନ୍ତି ଆସାମର ବାମହାତି ବୋଲର ଅର୍ପଣ ଦତ୍ତ। ଆସାମ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ନୁରୁଦ୍ଦିନ ଅହମ୍ମଦ ଟ୍ରଫି ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଏଥିରେ ଶିବସାଗର ଟିମ୍ ତରଫରୁ ଖେଳୁଥିବା ଅର୍ପଣ ଚାରେଡିଓ ଜିଲା ଟିମ୍ ବିପକ୍ଷରେ ତାଙ୍କ ୧୯ ଓଭର ବୋଲିଂରେ ୪୮ରନ ବିନିମୟରେ ୧୦ ଉଇକେଟ ଅକ୍ତିଆର କରିଛନ୍ତି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶିବସାଗର ଦଳ ୫୩.୪ଓଭରରେ ୨୧୫ରନ ସ୍କୋର କରିଥିଲା। ଜବାବରେ ଚାରେଡିଓ ଦଳ ୪୯ ଓଭରରେ ୧୨୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ବ୍ୟାଟିଂ ବିପର୍ଯ୍ୟୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଅର୍ପଣ। ଶିବ ଶାଗର ଏହାର ଦ୍ୱିତୀୟ ଇନିଂସରେ ଦ୍ରୁତ ହାରରେ ରନ ସଂଗ୍ରହ କରିବାକୁ ଯାଇ ୩୪.୨ ଓଭରରେ ୧୧୦ରନ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚଟି ଡ୍ର ରହିଥିଲା। ମାତ୍ର ଶିବସାଗର ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ପଏଣ୍ଟ ଅର୍ଜନ କରିଥିଲା। ଅର୍ପଣ ତାଙ୍କ ପ୍ରଭାବୀ ବୋଲିଂ ଯୋଗୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଜିତିଥିଲେ।

**୧୦ ଉଇକେଟ କ୍ଲବ**

ଏକ ଇଣ୍ଟରନ୍ୟାଶନାଲ ମ୍ୟାଚର ଗୋଟିଏ ଇନିଂସରେ ୧୦ ଉଇକେଟ ସଫଳତା ହାସଲ କରିବାରେ ପ୍ରଥମ ବୋଲର ହେଉଛନ୍ତି ଇଂଲଣ୍ଡର ଜେମ୍ସ ଚାର୍ଲ୍ସ ଲେକର। ୧୯୫୬ରେ ଓଲ୍ଡ ଟ୍ରାଫୋର୍ଡଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହି ଡାହାଣହାତୀ ଅଫ୍-ବ୍ରେକ୍ ବୋଲର ପ୍ରଥମ ଇନିଂସରେ ୩୭ ରନ ଦେଇ ୯ଟି ଏବଂ ଦ୍ୱିତୀୟ ଇନିଂସରେ ୫୩ ରନ ବିନିମୟରେ ୧୦ ଉଇକେଟ ଅକ୍ତିଆର କରିଥିଲେ। ବୋଲରଙ୍କ ଏହି ସଫଳତା ପାଇଁ ଏହା 'ଲେକରଙ୍କ ମ୍ୟାଚ୍' ରୂପେ ପରିଚିତ। ୧୯୯୯ରେ ଭାରତର ଅନିଲ କୁମ୍ବଲେ ପାକିସ୍ତାନ ବିପକ୍ଷ ଏକ ମ୍ୟାଚର ଦ୍ୱିତୀୟ ଇନିଂସରେ ୧୦ ଉଇକେଟ ସଫଳତା ହାସଲ କରିଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜୁନ୍ ୧୪/୨୦୧୯ Sambalpur, Friday, June 14 / 2019

# କୂଅରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର

**ଝାରବନ୍ଧ, ୧୩।୬ (ଡି.ଏନ.ଏ)** ବରଗଡ ଜିଲା ଝାରବନ୍ଧ ବ୍ଲକ ଜଗଦଲପୁର ଥାନା ଅନ୍ତର୍ଗତ ଲଖନପୁରର କ୍ଷେତରେ ଥିବା ଏକ କୂଅରୁ ଗୁରୁବାର ଜଣେ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତା ନାବଳିକା ହେଲେ ସୀମା ସାମଲ (୧୫) । ଏ ନେଇ ଜଗଦଲପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩/୧୯) ରୁଜୁ ହୋଇଛି ।

ପୋଲିସ ସୂଚନା ଅନୁସାରେ, ବୁଦବାର ଅପରାହ୍ନ ୨ଟା ସମୟରେ ଲଖନପୁର ଗ୍ରାମର ବିରଞ୍ଚି ସାମଲଙ୍କ ଏକ ମାତ୍ର ଝିଅ ସୀମା ଘରେ ଖାଇସାରି ପଡୋଶୀ ଘରକୁ ଟିଭି ଦେଖିବାକୁ ଯାଇ ଆଉ ଫେରି ନ ଥିଲେ । ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ଝିଅର କୌଣସି ପତ୍ତା ମିଳି ନ ଥିଲା । ସେମାନେ ଗୁରୁବାର ସକାଳୁ ଝିଅକୁ ଖୋଜାଖୋଜି କରୁଥିବାବେଳେ ନିଜ କ୍ଷେତରେ ଥିବା କୂଅ ପାଖରେ ଚପଲ ଏବଂ କୂଅ ଭିତରେ ସୀମାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ । ଏ ନେଇ ଜଗଦଲପୁର ଥାନାରେ ଜଣାଇବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପର ପଠାଇଛି । ଏହି ଘଟଣାରେ ପୋଲିସ ଗ୍ରାମର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡିବ ବୋଲି ଥାନା ଅଧିକାରୀ ଲଳିତା ଲିଲିମା ବାର୍ଲା କହିଛନ୍ତି ।

# ଫନୀ : ଘରଭଙ୍ଗା ସହାୟତା ୭ କୋଟି ୫୮ ହଜାର ଟଙ୍କା ମଞ୍ଜୁର

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ପୁରୀ ଜିଲାରେ ଘର ହରାଇଥିବା କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏଥିପାଇଁ ୭ କୋଟି ୫୮ ହଜାର ମଞ୍ଜୁର କରାଯାଇଛି। ବିଶେଷତଃ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏସ୍‌ଡିଆରଏଫ୍)ରୁ ପ୍ରଦାନ କରାଯାଇଥିବା ସହାୟତା ରାଶିରୁ ବଞ୍ଚିତ ହୋଇଥିବା କ୍ଷତିଗ୍ରସ୍ତଙ୍କୁ ଏହି ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ। ପ୍ରାୟ ୪୦,୦୦୦ ଲୋକ ଏହି ଘୋଷଣା ଦ୍ୱାରା ସିଧାସଳଖ ଉପକୃତ ହେବେ। ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ୭୪୦୦ ପରିବାରଙ୍କୁ ୧୦,୦୦୦ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ। ସେହିଭଳି ଆଂଶିକ ଘର ଭାଙ୍ଗିଥିବା ୬୦୦ ପରିବାରଙ୍କୁ ୩୦୦୦ ଟଙ୍କା ଲେଖାଏ ସହାୟତା ମିଳିବ। ସେହିପରି ଅନ୍ୟ ଏକ ଘୋଷଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ପାଇଁ ଦୁଇଟି ନୂଆ ତହସିଲ ଘୋଷଣା କରିଛନ୍ତି। ପ୍ରଥମଟି ଝରବନ୍ଧ ତହସିଲ ଦଭା। ଦ୍ୱିତୀୟଟି ହେଉଛି– ଲଉଡ଼ିଧରା ତହସିଲ।




## ବ୍ରାହ୍ମଣୀରେ ବୁଡ଼ିଗଲେ ୨ ଯୁବକ

**ପବିତ୍ରନଗର, ୩।୬(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ସମଲ ବ୍ୟାରେଜ ତଳମୁଣ୍ଡରେ ବୁଡ଼ି ଗୁରୁବାର ପ୍ରାଣ ହରାଇଛନ୍ତି ଦୁଇ ଯୁବକ। ସେମାନେ ହେଲେ ସମଲ ବ୍ୟାରେଜ କଲୋନୀର ବିଶ୍ୱରଞ୍ଜନ ନାୟକ ଓ କାହ୍ନୁ ଚରଣ ମହାରଣା। ପୋଲିସ ଉଭୟଙ୍କ ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ସମଲ ଥାନାରେ ନଂ. ୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାରୁ ଜଣାପଡିଛି, ଅପରାହ୍ନ ପ୍ରାୟ ୨ଟା ବେଳେ ବିଶ୍ୱ, କାହ୍ନୁ ଓ ସେହି ଅଞ୍ଚଳର ବିଜୟ ମହାନ୍ତି ସମଲ ବ୍ୟାରେଜ ଆନିକଟ ତଳମୁଣ୍ଡରେ ଗାଧୋଉଥିଲେ। ସେହି ସମୟରେ ବିଶ୍ୱ ଓ କାହ୍ନୁ ପାଣି ସୁଅରେ ଭାସି ଯାଇଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ। -ସକ୍ରେଟିସ୍



## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

**ଉଲୁଣ୍ଡା, ୧୩।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ପୋଲିସ ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ନାଗେଶ୍ୱର ନାଗ(୨୧) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ.୫୩/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ ଯୁବତୀ ଜଣକ ବୁଧବାର ପୂର୍ବାହ୍ନ ପ୍ରାୟ ୯ଟାରେ ଗାଁ ପୋଖରୀ ନିକଟକୁ ଶୌଚପାଇଁ ଯାଇଥିଲେ। ଏହି ସମୟରେ ନାଗେଶ୍ୱର ତାଙ୍କୁ ଏକୁଟିଆ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ପୀଡିତାଙ୍କ ଅଭିଯୋଗକୁ ଭିତ୍ତି କରି ଉଲୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

### ବିବାହିତା ମହିଳାଙ୍କ ଆତ୍ମହତ୍ୟା

**ବିନିକା,୧୩।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଲଛିପୁର ଫାଣ୍ଡି ଅନ୍ତର୍ଗତ ବାଲପୁର ଗ୍ରାମରେ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ମୃତା ମହିଳା ହେଲେ ଉମା ବିଶ୍ୱାଳ(୨୩)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ମଧ୍ୟାହ୍ନରେ ଉମା ସ୍ୱାମୀ ଧରଣୀଧର ବିଶ୍ୱାଳ ଓ ଝିଅ ରିତୁ (୩)ଙ୍କ ସହ ମଧ୍ୟାହ୍ନରେ ଘରେ ବିଶ୍ରାମ ନେଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଧରଣୀ ଉଠିଲା ବେଳକୁ ଉମା ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସାହି ପଡିଶାଙ୍କୁ ଡାକି ଘଟଣା ସମ୍ପର୍କରେ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ମାଜିଷ୍ଟ୍ରେଟ ତଥା ରାମପୁର ଅତିରିକ୍ତ ତହସିଲଦାର ରୋହିତ ଭୋଇ, ଲଛିପୁର ଫାଣ୍ଡି ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବାଗଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୋନପୁର ଡାକ୍ତରଖାନା ପଠାଇଛି। ଏ ନେଇ ଲଛିପୁର ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୧୯) ରୁଜୁ ହୋଇଛି।

### ଗ୍ରୀଷ୍ମକାଳୀନ ସଫ୍ଟବଲ୍ ତାଲିମ ଶିବିର

**ବିନିକା,୧୩।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଚାରି ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ସଫ୍ଟବଲ୍ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ପଧାନଙ୍କ ସଭାପତିତ୍ୱ ତଥା ଶିକ୍ଷକ ଲିଙ୍ଗରାଜ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଓ ଜିଲା ଶାରିରୀକ ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଜାତୀୟ କୋଚ୍ ବିଭୁଦତ୍ତ କୈଳାସ ପାଲ୍‌କା, କିରଣ ପରିଡା ଛାତ୍ରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ୭୦ଜଣ ଛାତ୍ର ଭାଗନେଇ ତାଲିମ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଖେଳ ଶିକ୍ଷକ ମନୋଜ କୁମାର ପାତ୍ର, ଶିକ୍ଷକ ଗୁଣନିଧି ସାହୁ, ଉପେନ୍ଦ୍ର ନାଏକ, ସୁନୀଲ ପଧାନ, ଉଦିତ୍ ପଟେଲ, ରଜତ ପଧାନ ସହଯୋଗ କରିଥିଲେ।

### ପୋଖରୀରେ ପଶୁଛି ଡ୍ରେନ ପାଣି

**ଡୁଙ୍ଗୁରିପାଲି, ୧୩।୬(ଡି.ଏନ.ଏ.):** ଡୁଙ୍ଗୁରିପାଲି ବ୍ଲକ ସହଲା ଗ୍ରାମରେ ଥିବା ସୁରୁବନ୍ଧରେ ପଶୁଛି ଡ୍ରେନପାଣି। ଏଥିଯୋଗୁ ଜଳାଶୟର ଜଳ ବ୍ୟବହାର ଉପଯୋଗୀ ହେଉନାହିଁ। ଆବର୍ଜନା ଯୋଗୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଥିଯୋଗୁ ମଶାମାଛି ଉପଦ୍ରବ ଦେଖାଦେଉଛି। ପୁନଶ୍ଚ ଜଳାଶୟରେ ଥିବା ମାଛ ଓ ଅନ୍ୟ ଜଳଜୀବ ମୃତ୍ୟୁମୁଖରେ ପଡୁଛନ୍ତି। ଡ୍ରେନ ପାଣିକୁ ଅନ୍ୟମାର୍ଗରେ ନିଷ୍କାସନ କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ରତ୍ନପଥର ସନ୍ଧାନରେ ଲୁଟେରାଙ୍କ ମେଳି ଘଟଣା

# ମାନୁନାହାନ୍ତି ନିଷେଧାଦେଶ

**ବୀରମହାରାଜପୁର, ୧୩।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଧୀନ ଗୋପପାଲି ମୌଜାରେ ରତ୍ନପଥର ସନ୍ଧାନ ମିଳିଥିବା କୁହାଯାଉଥିବା ବେଳେ ଖଣି ବିଭାଗ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଉନାହିଁ। କିନ୍ତୁ ଏଠାରୁ ମିଳୁଥିବା ରତ୍ନପଥରକୁ ନେଇ ଲକ୍ଷ ଲକ୍ଷ ଟଙ୍କାର କାରବାର ଚାଲିଥିବା ଚର୍ଚ୍ଚା ଜୋର ଧରିଥିବାରୁ ଲୁଟରାଙ୍କ ସୁଅ ଥମି ନଥିବା ଜଣାଯାଇଛି। ଗତ ପ୍ରାୟ ଦୁଇସପ୍ତାହ ହେଲା ଏଠାରେ ଏଭଳି ବେଆଇନ କାରବାର ଜାରି ରହିଛି। ଘରୋଇ ମାଲିକାନାରେ ଥିବା ଉକ୍ତ ଜମି ଏବେ ରତ୍ନପଥର ଖଣି ପାଲଟି ଥିବାରୁ ସମ୍ପୃକ୍ତ ଜମି ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ରିପୋର୍ଟ ଆଧାରରେ ଗତ ୮ ତାରିଖରେ ପ୍ରଶାସନ ନିଷେଧାଦେଶ ଜାରି କରିଛି। ସମ୍ପୃକ୍ତ ଅଞ୍ଚଳରେ ରତ୍ନପଥର ଖନନକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇବା ପରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବୀରମହାରାଜପୁର ଉପଜିଲାପାଳ ୧୪୪ଧାରା ଜାରି କରିଛନ୍ତି। ନିଷେଧାଦେଶ ବଳବତ୍ତର ଥିବା ସତ୍ତ୍ୱେ ରତ୍ନପଥର ପାଇବାର ମୋହ ଲୋକଙ୍କୁ ଆଇନ ଉଲ୍ଲଂଘନ କରିବା ଦିଗରେ ବିଶେଷ ପ୍ରବାହ ପକାଇଥିବା ପରିଲକ୍ଷିତ ହେଉନାହିଁ। ଯଦ୍ୱାରା ପୋଲିସକୁ ଅଭାବନୀୟ ପରିସ୍ଥିତିର ସାମନା କରିବାକୁ ପଡୁଥିବା ଦେଖିବାକୁ ମିଳୁଛି।

ନିଷେଧାଦେଶକୁ ନମାନି ଏବେବି ଲୁଟେରାମାନେ ସେଠାରେ ପ୍ରାୟତଃ ରାତ୍ରିକାଳରେ ମେଳି ବାନ୍ଧି ମାଟି ଖୋଳୁଛନ୍ତି। ଏହାକୁ ପ୍ରତିହତ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡୁଛି। ମିଳିଥିବା ସୂଚନା ଅନୁସାରେ, ଏହି ବେଆଇନ କାରବାରରେ ଲିପ୍ତ ରହୁଥିବା ଲୋକେ ପୂର୍ବଭଳି ଯାନବାହାନରେ ନଆସି ସାଇକେଲ ଏବଂ କାଁଡ଼ା ବାଇକ ବ୍ୟବହାର କରୁଥିବା ଜଣାପଡିଛି। ତାହାରି ମାଧ୍ୟମରେ ଖୋଳାଯାଇଥିବା ମାଟିଯୁକ୍ତ ପଥର ଖଣ୍ଡଗୁଡିକୁ ବାହାରକୁ ଚାଲାଣ ପରେ ସଫା କରାଯାଉଥିବା କୁହାଯାଉଛି। ଏଭଳି ସ୍ଥିତି ବଜାୟ ରହିଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ବୀରମହାରାଜପୁର ଥାନା ଆଇଆଇସି ପ୍ରଭା ଧନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚଢାଉ କରିଥିଲେ। ସେଠାରେ ମେଳି ବାନ୍ଧିଥିବା ଲୋକେ ପୋଲିସକୁ ଦେଖି ଛତ୍ରଭଙ୍ଗ ଦେଇଥିବା ବେଳେ ସାଇକେଲ ଓ ବାଇକ ଛାଡି ପଳାଇଥିଲେ। ଘଟଣାସ୍ଥଳରୁ ପୋଲିସ ଦୁଇଟି ବାଇକ ଏବଂ ୨୦ଟି ସାଇକେଲ ଜବତ କରି ଆଣି ଥାନାରେ ରଖିଛି। ତେବେ ଦିନଟିଏ ବିତି ଯାଇଥିଲେ ସୁଦ୍ଧା କୌଣସି ସାଇକେଲ ଏପରିକି ବାଇକର କେହି ଦାବିଦାର ସାମନାକୁ ଆସି ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି।



ଜବତ କରାଯାଇଥିବା ବାଇକ ଓ ସାଇକେଲ ସହ ପୋଲିସ ଅଧିକାରୀ।

- ଲାଗି ରହିଛି ଛକାପଞ୍ଝା
- ଖନନସ୍ଥଳୀରୁ ୨ବାଇକ, ୨୦ସାଇକେଲ ଜବତ

## ପାଞ୍ଚ ମାସ ହେଲା ମିଳିନି କଳାକାର ଭତ୍ତା

**ମନମୁଣ୍ଡା, ୧୩।୬ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକରେ ଆଜକୁ ୫ ମାସ ହେବ କଳାକାର ଭତ୍ତା ମିଳି ନ ଥିବା ଅଭିଯୋଗ ହୋଇଛି। ନିର୍ବାଚନ ପୂର୍ବରୁ ସରକାର କଳାକାରମାନଙ୍କୁ ମାସିକ ୧୨୦୦ ଟଙ୍କା ଭତ୍ତା ଦେବା ପାଇଁ ଘୋଷଣା କରି ଆବେଦନପତ୍ର ଗ୍ରହଣ କରିଥିଲେ। ନିର୍ବାଚନକୁ ଦୃଷ୍ଟିରେ ରଖି ଗତବର୍ଷ ଅକ୍ଟୋବରରୁ ଡିସେମ୍ବର ୩ ମାସର ଭତ୍ତା ପ୍ରଦାନ କରିଥିଲେ। କିନ୍ତୁ ୨୦୧୯ ଆରମ୍ଭରୁ ଏପର୍ଯ୍ୟନ୍ତ ସେମାନଙ୍କ ଭତ୍ତା ମିଳି ନ ଥିବା ଅଭିଯୋଗ ହୋଇଛି। କଣ୍ଟାମାଳ ବ୍ଲକ କଳାକାର ସଂଘ ତରଫରୁ ବୁଧବାର ଏହି ପ୍ରସଙ୍ଗରେ ଖଟଖଟିଆ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାକାର ଫକୀର ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ସଭାରେ ଲିଙ୍ଗରାଜ ପ୍ରଧାନି, ପଞ୍ଚାନନ ଅମାତ, ସତ୍ୟାନନ୍ଦ ମହାକୁଡ, କୃଷ୍ଣଚନ୍ଦ୍ର ଆଡଜୁଆଡି, ଲକ୍ଷ୍ମୀ ମେହେର, ଶ୍ରୀଧର ମହାକୁଡ, ଗଦାଧର ସାଲମା, ସୁରେନ୍ଦ୍ର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ୫ ମାସର ବକେୟା ଭତ୍ତା ଏକକାଳୀନ ଦେବା ସହ ପ୍ରତ୍ୟେକ ମାସରେ ଭତ୍ତା ପ୍ରଦାନ କରିବାକୁ ଜିଲାପାଳଙ୍କୁ ଏକ ଦାବିପତ୍ର ଦେବା ପାଇଁ ବୈଠକରେ ସର୍ବ ସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏ ନେଇ କଣ୍ଟାମାଳ ବିଡିଓଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ସେ ଏକ ମିଟିଂରେ ଥିବାରୁ ପରେ କଥା ହେବା କହି ଫୋନ କାଟିଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

## ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ

**ସୋନପୁର,୧୩।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ପରିସରରେ ଏହି କେନ୍ଦ୍ରକୁ ଜିଲାଜଜ୍ ରାଜ କୁମାର ସାହୁ ଶୁଭାରମ୍ଭ କରିଥିଲେ। ଜଜ୍ ପରିବାର ଅଦାଲତ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ସିଭିଲ କୋର୍ଟର ରେଜିଷ୍ଟ୍ରାର ସୀମା ତ୍ରିପାଠୀ, ସିନିୟର ସିଭିଲ ଜଜ୍ ଚିନ୍ମୟ ଗୋଛାୟତ, ସୋନପୁର ଜେଏମଏଫସି ଅଙ୍କିତା ଶର୍ମା, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଆଇନଜୀବୀ ଅଟଳ ବିହାରୀ ମହାପାତ୍ର, ଗୋପାଳକ୍ରିଷ୍ଣ ମିଶ୍ର, ଅଜିତ ନାରାୟଣ ହୋତା, ରାଜେନ୍ଦ୍ର ଅଗ୍ରୱାଲା, ବାବୁଲାଲ ଦାଶ, ଶିବ ନାରାୟଣ ମହାପାତ୍ର, ବ୍ରଜେନ୍ଦ୍ର କୁମାର ବିଶି, ପିଏଲଭି ଗୀତାଞ୍ଜଳି ରଣା, ଅନୁପମା ମିଶ୍ର, ରୀତା ମହାରଣା, ଗୀତାଞ୍ଜଳି ସ୍ୱାଇଁ, ମୀନତି ବକ୍ସି, ଜୟନ୍ତି କବାଟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣର କର୍ମଚାରୀ ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, କମଳଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଗ, ସୁନୀଲ କୁମାର ପ୍ରେମ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




ଜିଲା ଜଜ୍ ରାଜକୁମାର ସାହୁ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।



ସମୀକ୍ଷା ବୈଠକରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ।

ବଲାଙ୍ଗୀର ଏମ୍‌ପିଙ୍କ ସୁବର୍ଣ୍ଣପୁର ଗସ୍ତ

# ଜିଲାର ବିକାଶକୁ ତ୍ୱରାନ୍ୱିତ କରାଯିବ

**ସୋନପୁର,୧୩।୬(ନି.ପ୍ର.)**

ନିର୍ବାଚନରେ ବିଜୟୀ ହେବା ପରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଗୁରୁବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ଇଷ୍ଟଦେବୀ ମା'ସୁରେଶ୍ୱରୀଙ୍କୁ ଦର୍ଶନ କରିବା ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏମ୍‌ପି ଅଧିକାରୀଙ୍କ ସହ ପରିଚିତ ହେବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେବା ଆବଶ୍ୟକ। ତେଣୁ ଜମି ଅଧିଗ୍ରହଣ କାର୍ଯ୍ୟ ତୁରନ୍ତ ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡା ଦର୍ଶାଇଥିଲେ ଯେ, ରେଳପଥ ପାଇଁ ଏହି ଜିଲାର ୧୦୬.୨୬୫ ଏକର ସରକାରୀ ଜମି ଓ ୫୪୨.୯୦୯ ଏକର ବେସରକାରୀ ଜମି ଅଧିଗ୍ରହଣ ଆବଶ୍ୟକ। ଜିଲା ପ୍ରଶାସନ ୧୦୪.୮୬୫ ଏକର ସରକାରୀ ଜମି ଓ ୩୦୫ ଏକର ବେସରକାରୀ ଜମି ରେଳ ବିଭାଗକୁ ହସ୍ତାନ୍ତର କରି ସାରିଛି। ଜଙ୍ଗଲ ଜମିର ପ୍ରଥମ ପର୍ଯ୍ୟାୟ କ୍ଲିୟରାନ୍ସ ମଧ ମିଳି ସାରିଛି। ପ୍ରଶାସନ ଜମି ଅଧିଗ୍ରହଣ କାର୍ଯ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ପଣ୍ଡା କହିଥିଲେ। ବର୍ତ୍ତମାନ ବଲାଙ୍ଗୀର ବିଚ୍ଛୁପାଲି ପଟୁ ଖମ୍ଭେଶ୍ୱରୀପାଲି ପର୍ଯ୍ୟନ୍ତ ୧୫ କିମି ଜମି ଅଧିଗ୍ରହଣ ସରିଥିବାରୁ ରେଳପଥ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ସକାଶେ ବିଭାଗୀୟ ଅଧିକାରୀଙ୍କ ସହ କଥା ହେବେ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ।

ସବୁ ଗରିବଙ୍କୁ ପକ୍କା ଘର ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ରହିଛି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣରେ ସବୁ ଜିଲାକୁ ଅଧିକ ସଂଖ୍ୟକ ଘର ନିର୍ମାଣ ପାଇଁ ଅନୁଦାନ ଆସୁଛି। ଏହି କାର୍ଯ୍ୟରେ ସ୍ୱଚ୍ଛତା ରଖିବାକୁ ଏମ୍‌ପି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ ସୁବର୍ଣ୍ଣପୁର ଜିଲାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୮୦୦୦ଘର ନିର୍ମାଣ ପାଇଁ ଟାର୍ଗେଟ ଆସିଥିବା ଏପିଡି(ଗ୍ରାମୀଣ ଆବାସ) ଆଲୋକ ରଶ୍ମି ମିଶ୍ର ସୂଚନା ଦେଇଥିଲେ। ଏମ୍‌ପି ସୋନପୁର ରିଂ ରୋଡ, ତେଲ ଜଳସେଚନ, କ୍ଷୁଦ୍ର ଜଳସେଚନ, ଜଙ୍ଗଲ ଓ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ସମସ୍ତ ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ମିଳିତ ପ୍ରଚେଷ୍ଟାରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସଙ୍ଗୀତା କହିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ, ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ପାଢୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଅସିତ କୁମାର ବଡପଣ୍ଡା, ଆରଡି ନିର୍ବାହୀ ଯନ୍ତ୍ରୀ ଇଂ. ସତ୍ୟବ୍ରତ ବେହେରା, ତେଲ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଦିଲ୍ଲିପ କୁମାର ପାତ୍ର, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. କିଶୋର ଚନ୍ଦ୍ର ଆଚାର୍ଯ୍ୟ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ବିପିନ ବିହରୀ ଦାଶ, ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଭାଗିରଥୀ ମହାନ୍ତ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅସ୍ତବ୍ୟସ୍ତ କରୁଛି ଅଘୋଷିତ ବିଦ୍ୟୁତ୍ କାଟ୍

**ବୀରମହାରାଜପୁର, ୧୩।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ବୁଧବାରର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ଟପିଥିବା ବେଳେ ବିଳମ୍ବିତ ରାତିରେ ଅସରାଏ ବର୍ଷା ହୋଇଛି। ବୀରମହାରାଜପୁରରେ ବର୍ଷାର ପରିମାଣ ୬୨ମିମି ଏବଂ ଉଲୁଣ୍ଡାରେ ୧୭.୬୭ମିମି ରେକର୍ଡ କରାଯାଇଛି। ଏହାର ପ୍ରଭାବରେ ଗତ ଏକ ସପ୍ତାହ ଧରି ଲାଗି ରହିଥିବା ଅସମ୍ଭାଳ ଉତ୍ତାପ ସାମାନ୍ୟ ହ୍ରାସ ପାଇଛି। ହେଲେ ଗରମ ଓ ଗୁଳୁଗୁଳି କମି ନ ଥିବା ଅନୁଭୂତ ହେଉଛି। ଏଭଳି ସ୍ଥିତିରେ ଅଘୋଷିତ ବିଦ୍ୟୁତ୍ କାଟ୍ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଦିନର ଅଧିକାଂଶ ସମୟରେ ବିଦ୍ୟୁତ୍ ବିଭ୍ରାଟ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଉପଖଣ୍ଡର ଆଭ୍ୟନ୍ତରୀଣ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଜନିତ ସମସ୍ୟା ଉତ୍କଟ ଆକାର ଧାରଣ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଗ୍ରୀଡ୍‌ଷ୍ଟେଶନ୍‌ରେ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ପ୍ରାୟତଃ କେହି ରହୁ ନାହାନ୍ତି। କୌଣସି ସମୟରେ କେହି କର୍ମଚାରୀ ଶୁଣିଲେ ସୁଦ୍ଧା ଲୋକଙ୍କ ବ୍ୟଥା ଉପଶମ କରିବାରେ ପଦକ୍ଷେପ ନିଆଯାଉ ନଥିବା ଅଭଯୋଗ ଆସୁଛି।

## ଘର ସମ୍ମୁଖରୁ ବାଇକ୍ ଚୋରି

**ବିନିକା,୧୩।୬(ଡି.ଏନ୍.ଏ.):** ବିନିକା ପୌରାଞ୍ଚଳର ବିନିକାପଡାର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ଗୁରୁବାର ଅପରାହ୍ନରେ ତାଙ୍କ ବାଇକ୍ ଚୋରି ହୋଇଯାଇଛି। ଏନେଇ ବିନିକା ଥାନାରେ ବାଇକ୍ ମାଲିକ ମାନଭଞ୍ଜନ ପାଣ୍ଡେ ଅଭିଯୋଗ କରିଛନ୍ତି। ଅପରାହ୍ନ ପ୍ରାୟ ୧ଟାରେ ନିଜ ଘର ସମ୍ମୁଖରେ ବାଇକ ରଖି ବିଶ୍ରାମ ନେଇଥିଲେ। ଅପରାହ୍ନ ୩ଟାରେ ଘରୁ ବାହାରିବା ବେଳେ ସେଠାରେ ବାଇକ୍ ନଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

**FORM NO-13**
**IN THE DEBT RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
**O.A. No. 221 / 2015**
**BETWEEN**
**IDBI BANK LIMITED,** At: IDBI House, Unit-IX, Janpath, Bhubaneswar...**APPLICANT**
-Versus-
**Choudhary Swarup Narayan Das and another** ...Defendants
**To**
1.1 **Ms. Aruna Das,** W/O- Late Choudhury L.N. Das, At: Duplex No.: 23/6, Manorama Green View, Patia, Bhubaneswar, Dist.: Khurda.
1.2 **Choudhury Arup Narayan Das,** S/O- Late Choudhury L.N.Das, At: Duplex No.: 23/6, Manorama Green View, Patia, Bhubaneswar, Dist.: Khurda.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted a suit in **O.A. No. 221/2015** in the Court of Debts Recovery Tribunal at Cuttack for a recovery of **Rs.52,22,960.00** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **19th day of July 2019 at 10.30A.M.** as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this **13th day of June, 2019.**
**Sd/- Registrar**
**Debts Recovery Tribunal, Cuttack**

# ଜାତୀୟ ନୃତ୍ୟ ମହୋତ୍ସବରେ ପ୍ରଣାମ ନୃତ୍ୟାନୁଷ୍ଠାନ

**ବୌଦ୍ଧ,୧୩।୬(ସ୍ୱ.ପ୍ର)**

ଝାଡ଼ଖଣ୍ଡ ସ୍ଥିତ ରାଞ୍ଚି ହଟିଆର ଏନଆଇଏଫଏଫଟି ପ୍ରେକ୍ଷାଳୟରେ ଗତ ୫ ଓ ୬ ତାରିଖରେ ଦୁଇଦିନିଆ ଜାତୀୟ ନୃତ୍ୟ ମହୋତ୍ସବ ଓ ଆଲୋଚନାଚକ୍ର ସଂସ୍କୃତି ରାଞ୍ଚି ଓ ନୃତ୍ୟଶ୍ରୀ ଓଡିଶାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡ ସମେତ ଓଡିଶା, ପଶ୍ଚିମବଙ୍ଗ, ବିହାର ଓ ମଧ୍ୟପ୍ରଦେଶର ୧୧୦ ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଏହି ନୃତ୍ୟ ପ୍ରତିଯୋଗିତାରେ ବୌଦ୍ଧର ପ୍ରଣାମ ନୃତ୍ୟାନୁଷ୍ଠାନ ଓଡିଶୀ, ଢାପ ଏବଂ ମା ଓ ଝିଅମାନଙ୍କୁ ନେଇ ଏକ ଉଚ୍ଚକୋଟୀର ଲୋକନୃତ୍ୟ ପରିବେଷଣ କରିଥିଲା। ସେହିପରି ନୃତ୍ୟୋତ୍ସବର ଆବାହକ ଡ. ମନୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପରିଦର୍ଶନ କଳା ଶିକ୍ଷା ପଦ୍ଧତିର ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଗବେଷକ ଡ ବିଶ୍ୱଜିତ ଦାସ, ରଶ୍ମିରେଖା ଦାସ, ସଙ୍ଗୀତା ଠାକୁର, ରୁଦ୍ରନାରାୟଣ ଭଞ୍ଜଦେଓ, ପୁଷ୍ପା ସିଂ ଓ ଅଶୋକ ମଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ନୃତ୍ୟଗୁରୁ ବିରଞ୍ଚି ଦାସ, ନାମିତ ରାଏ, ସନାତନ ନାଏକ, କୃଷ୍ଣଚନ୍ଦ୍ର ସେଠୀ, ପ୍ରଶାନ୍ତ କୁମାର ଭାଇନା, ଦୁଷନ୍ତ ନାଏକ ଓ କେଶବ ଚନ୍ଦ୍ର କର ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଶେଷରେ ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାର ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବର ନିର୍ଦ୍ଦେଶକ ଅଶୋକ କୁମାର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରଣାମ ନୃତ୍ୟାନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ବିଜ୍ଞପ୍ତି ସଂ.SBP/ELECT/2019/ T-91,ତା.08.06.2019ରିଖ
**କାର୍ଯ୍ୟର ନାମ:** 03 (ତିନି) ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ରାୟଗଡ଼ା-ଟିଟିଲାଗଡ଼-ରାୟପୁର ସେକ୍ସନରେ ବିଭିନ୍ନ ବାଧାବିଘ୍ନ ନିବାରଣ ସ୍ଥଳରେ ପହଞ୍ଚିବା, ନିରୀକ୍ଷଣ, ଆକସ୍ମିକ ଯାଞ୍ଚ ଏବଂ ବିଭିନ୍ନ ଘରୋଇ ସାଇଡିଙ୍ଗ୍ ଗୁଡ଼ିକର ନିରୀକ୍ଷଣ ପାଇଁ କ୍ରିଭ ଏବଂ ଗାର୍ଡ, ଅଧିକାରୀ ଏବଂ ସୁପରଭାଇଜର ମାନଙ୍କ ପରିବହନ ନିମନ୍ତେ ଟିଟିଲାଗଡ଼ ଠାରେ ଗୋଟିଏ ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 17,08,781/-, EMD (ଟଙ୍କାରେ): 34,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,000/-, କାର୍ଯ୍ୟ ଶେଷ ହେବା ଅବଧି: 36 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.07.2019 ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ)/ ସମ୍ବଲପୁର
PR-156/K/19-20

**HDFC** ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲିଃ.
୧୦୮-ଡି, ପ୍ରଥମ ମହଲା, ଲାଲ୍‌ଚାନ୍ଦ ଜୁଏଲର୍ସ ବିପରୀତ ପାର୍ଶ୍ୱ, ମାଷ୍ଟର୍ କ୍ୟାଣ୍ଟିନ୍ ଛକ, ଭୁବନେଶ୍ୱର-୭୫୧୦୦୧
**ଦଖଲ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଦେୟ ପରିଶୋଧ ତାରିଖ ପର୍ଯ୍ୟନ୍ତ ଅଥବା ଦେୟ ଆଦାୟ ସମାପ୍ତି ପର୍ଯ୍ୟନ୍ତ ନୋଟିସ୍ ଦର୍ଶିତ ପ୍ରକ୍ରୁର୍ଯ୍ୟ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

| ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି/ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ |
|---|---|---|---|---|
| ଋଣଗ୍ରହୀତା: ନାଏକ ରବିନ୍ଦ୍ର କୁମାର, କ୍ୱାର୍ଟର ନଂ.: ବି/୧୧, ଟିସ୍କୋ ହାଉସିଂ କମ୍ପ୍ଲେକ୍ସ, ମଧୁବନ, ପାରାଦୀପ-୭୫୪୧୪୨ | ୩୧.୧୦.୨୦୧୮ ସୁଦ୍ଧା ଟ.୧୨,୪୬,୭୭୪/-* | ୧୨.୧୨.୨୦୧୮ | ୧୧.୦୬.୨୦୧୯ | ଫ୍ଲାଟ୍‌ର ପରିମିତ କ୍ଷେତ୍ର: ପ୍ରାୟ ୬୫୯ ବର୍ଗଫୁଟ, ଫ୍ଲାଟ୍ ନଂ.: ୧୦୧, ୧ମ ମହଲା, ବ୍ଲକ୍ ସି-୩, ପ୍ରୋଜେକ୍ଟର ନାମ ଅନନ୍ତ ଭିଲ୍ଲା, ପ୍ଲଟ୍ ନଂ.: ୨୪୨, ୨୪୭, ୨୨୭/୨୨୮, ୨୩୮, ୨୩୯, ୨୪୦, ୨୪୧, ୨୩୭, ୨୩୧, ୨୩୬, ୨୪୩, ଖାତା ନଂ.: ୮୩, ୮୪, ୮୫, ୮୮, ୧୧୮, ୨୬, ୩୬, ମୌଜା: ନନ୍ଦପୁର, ତହସିଲ: ଜଟଣି, ଜିଲ୍ଲା: ଖୋର୍ଦ୍ଧା |
| ଋଣଗ୍ରହୀତା: ଶ୍ରୀ ପାତ୍ର ଉମା ଶଙ୍କର, ପାତ୍ର ଶୁଭଶ୍ରୀ, ପାତ୍ର ପୁଷ୍ପାଞ୍ଜଳି, ପ୍ଲଟ୍ ନଂ.: ୧୪/୩୭୩୪, କଟକ ରୋଡ଼, ଭୁବନେଶ୍ୱର ହୋଟେଲ ନିକଟ, ଭୁବନେଶ୍ୱର-୭୫୧୦୦୬ | ୨୮.୦୨.୨୦୧୯ ସୁଦ୍ଧା ଟ.୧,୫୦,୩୬,୩୮୪/-* ଟ.୧,୭୨,୦୧୮/-* ଟ.୫୭,୫୯,୨୬୨/-* | ୧୮.୦୩.୨୦୧୯ | ୧୧.୦୬.୨୦୧୯ | ଫ୍ଲାଟ୍ ନଂ.: ୪୦୩, ୪ର୍ଥ ମହଲା, ୪୦୪, ୪ର୍ଥ ମହଲା, ୨୦୪, ୨ୟ ମହଲା, ୩୦୨, ୩ୟ ମହଲା, ପ୍ରତ୍ୟେକଟିର ସୁପର ବିଲ୍ଟ ଅପ୍ ଏରିଆ: ୧୪୨୦ ବର୍ଗଫୁଟ ସହିତ ଅବିଭକ୍ତ ଆନୁପାତିକ ଜମିର ଅଂଶ ସହ ଶିବନାଥ ଲାଇଫ୍ ଷ୍ଟାଇଲ ବିଲ୍ଡିଂ ସଂଲଗ୍ନ ଥିବା ସମସ୍ତ କ୍ଷେତ୍ର ଯାହାର ପ୍ଲଟ୍ ନଂ.: ୮୩୭/୧୯୫୨, ଅନୁରୂପ ଜିଏ ପ୍ଲଟ୍ ନଂ.: ୩୩୮ ୮୩୭, ଖ-୧୦୩୩, ମୌଜା: ଭୁବନେଶ୍ୱର ସହର ୟୁନିଟ ୧୧, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୧ |
| ଋଣଗ୍ରହୀତା: ଶ୍ରୀ ଭଞ୍ଜଦେଓ ଅନନ୍ତ ନାରାୟଣ, ଭଞ୍ଜଦେଓ ଧନଞ୍ଜୟ ନାରାୟଣ, ଜନୁଜେୟ ଏନ ଭଞ୍ଜଦେଓ, ଭଞ୍ଜଦେଓ ମାଳବିକା ଭଞ୍ଜ ମିନେରାଲ୍ସ ପ୍ରା. (ସହ-ଋଣଗ୍ରହୀତା), ପ୍ଲଟ୍ ନଂ.: ୧୪୬୯/ବି, ଜିଲ୍ଲା: କଟକ, ଗ୍ରାମ: ମର୍କତନଗର, ଷ୍ଟ୍ରିଟ୍: ସେକ୍ଟର-୬, ବି-କାଟେଗୋରୀ, ବିଡାନାସୀ ପ୍ରୋଜେକ୍ଟ ଏରିଆ, କଟକ-୭୫୩୦୧୪ | ୨୮.୦୨.୨୦୧୯ ସୁଦ୍ଧା ଟ.୨,୩୧,୨୨,୮୨୨/-* | ୧୮.୦୩.୨୦୧୯ | ୧୨.୦୬.୨୦୧୯ | ପ୍ରାୟ ୩୮୪୦ ବର୍ଗଫୁଟ ପ୍ଲଟ୍ ସହିତ ସେଠାରେ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ନିର୍ମାଣ ଯାହାର ପ୍ଲଟ୍ ନଂ.: ୧୪୬୯, ଜିଲ୍ଲା: କଟକ, ଗ୍ରାମ: ମର୍କତନଗର ଷ୍ଟ୍ରିଟ୍, ସେକ୍ଟର-୬, ବି-କାଟେଗୋରୀ, ଡ୍ରଇଂ ନଂ.: ବି/୧୪୬୯/ସିଡିଏ (ପିଏଲ)/ବି/୧୧୦ ବିଡାନାସୀ, ପ୍ରୋଜେକ୍ଟ ଏରିଆ, କଟକ-୭୫୩୦୦୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟ ଚଉଡା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ବି/୧୪୮୨, ପୂର୍ବ: ପ୍ଲଟ୍ ନଂ.: ବି/୧୪୬୮, ପଶ୍ଚିମ: ପ୍ଲଟ୍ ନଂ.: ବି/୧୪୭୦ |

*ସହିତ ଋଣ ପରିଶୋଧ / କିମ୍ବା ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପରିବର୍ତ୍ତି ପ୍ରକ୍ରୁର୍ଯ୍ୟ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି।
ଯେହେତୁ ଉପରୋକ୍ତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନେ)ସେମାନଙ୍କର ଦେୟ ପରିଶୋଧ କରିବାରେ ବିଫଳ ହେଲେ ସେହେତୁ ବିଶେଷ କରି ଉପର ବର୍ଣ୍ଣିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ-୮ ଅନୁସାରେ କ୍ଷମତା ପ୍ରୟୋଗ କରି ଏଚ୍‌ଡିଏଫ୍‌ସିର କ୍ଷମତାପ୍ରାପ୍ତ ଅଧିକାରୀ ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଗୁଡ଼ିକୁ ଉପରେ ଦର୍ଶାଯାଇଥିବା ତାରିଖରେ **ସାଙ୍କେତିକ ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ଉପରେ ଦର୍ଶାଯାଇଥିବା ରାଶି ପାଇଁ **ଏଚ୍‌ଡିଏଫ୍‌ସି ଲିମିଟେଡ୍** ନିକଟରେ ଉତ୍ତରଦାୟୀ ରହିବେ। ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି (ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।
ପ୍ରସ୍ତୁତ କରାଯାଇଥିବା ପଞ୍ଚନାମା ଏବଂ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା/ଆଇନ୍‌ଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧିମାନେ ଉକ୍ତ ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିବା ପାଇଁ ଅନୁରୋଧ କରାଯାଉଛି।
**ସ୍ଥାନ:** ଭୁବନେଶ୍ୱର, **ତାରିଖ :** ୧୩.୦୬.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଏଚ୍‌ଡିଏଫ୍‌ସି ଲିମିଟେଡ୍
**Regd. Office : Ramon House, H.T. Parekh Marg, 169, Backbay Reclamation, Churchgate, Mumbai-400 020**



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି
ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ ।
-ଆରିଷ୍ଟଟଲ୍



**ସଂକ୍ଷେପରେ**

## ରଥଯାତ୍ରା ପ୍ରସ୍ତୁତି ବୈଠକ

**ପାଇକମାଳ, ୧୩।୬ (ଡି.ଏନ.ଏ):** ପାଇକମାଳ ମାଉସୀ ମା ମନ୍ଦିର ପରିସରରେ ଗୁରୁବାର ବିନୋଦ କାଲିଆଙ୍କ ସଭାପତିତ୍ୱରେ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ମହାସମାରୋହରେ ରଥଯାତ୍ରା ପାଳନ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇ କମିଟି ଗଠନ କରାଯାଇଥିଲା । ସଭାପତି ନନ୍ଦକିଶୋର ଶ୍ରୀବାସ୍ତବ, ସମ୍ପାଦକ ଶରତ ବଡପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ପ୍ରଦୀପ ଅଗ୍ରୱାଲଙ୍କୁ ସର୍ବସମ୍ମତିକ୍ରମେ ମନୋନିତ ହୋଇଥିଲା। ନୃସିଂହନାଥ ମନ୍ଦିରରେ ପୂଜା ପାଉଥିବା ତିନି ଠାକୁରଙ୍କୁ ରଥରେ ଟାଣି ଟାଣି ୪ କିମି ପାଇକମାଳ ମାଉସୀ ମା ମନ୍ଦିରକୁ ଦ୍ୱିତୀୟା ଦିନ ଅଣାଯାଇ ପ୍ରଭୁଙ୍କୁ ରୀତିନୀତି ଅନୁସାରେ ପୂଜାପାଠ କରାଯିବା ପାଇଁ ଏକ କମିଟି ଗଠନ ହୋଇଥିଲା । ଡା. ସବିତା ଚରଣ ମେହେର ଓ ସୁବାଷିନୀ ମେହେର ମଉସା ଓ ମାଉସୀ ଦାୟିତ୍ୱ ତୁଲାଇବେ । ଗୋବର୍ଦ୍ଧନ ଅଗ୍ରୱାଲ, ମନୋଜ ତ୍ରିବେଦୀ, ନରେନ୍ଦ୍ର ସାହୁ, ଶ୍ରୀପତି ସାହୁ, ଗିଡୁ ଅଗ୍ରୱାଲ ଓ ରାଜେଶ ଅଗ୍ରୱାଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସରୋଜ ସାମଲ ଧନ୍ୟବାଦ ଅର୍ପଣ କଲେ ।

## ନିର୍ଯାତନା ବିରୋଧରେ ସଚେତନତା ଶିବିର

**ଝାରବନ୍ଧ, ୧୩।୬ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ଅଡାପାଣିଠାରେ ମହିଳା ଓ କନ୍ୟା ସନ୍ତାନ ନିର୍ଯାତନା ବିରୁଦ୍ଧରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କିସ୍ ସଂଘ ତରଫରୁ ଆୟୋଜିତ ଶିବିରରେ କିସ୍ ଅଭିଭାବକ ସଂଘର ଜିଲା ସଭାପତି କ୍ଷମାନିଧି ନାଏକ ମୁଖ୍ୟଅତିଥି ଭାବେ ଯୋଗଦାନ କରି କନ୍ୟାରତ୍ନ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧରେ ଆଦିବାସୀ କଲ୍ୟାଣ ସଂଘ ବ୍ଲକ ସଭାପତି ଯୋଗେନ୍ଦ୍ର ବରିହା, ସନତ ସିଂ ବରିହା, ମାନଭଞ୍ଜନ ମିର୍ଦ୍ଧା, ତିଲକରାମ ବରିହା ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ ସଭା ପରିଚାଳନା କରିଥିବା ବେଳେ ଯଶୋବନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅତାବିରାରେ ଅସହ୍ୟ ତାତି

**ଜାମଟିକ୍ରା, ୧୩।୬ (ଡି.ଏନ.ଏ):** ଅତାବିରା ଜଳୁଛି । ଘରୁ ବଜାର ଓ ଅଫିସ ପର୍ଯ୍ୟନ୍ତ ଅସହ୍ୟ ଗରମ ଓ ଗୁଲୁଗୁଲିରେ ମଣିଷ ତ୍ରାହି ତ୍ରାହି ଡାକିଲାଣି । ମୁହଁ ମୋଡିଛି ପବନ । ବିଦ୍ୟୁତ୍ ବିଭ୍ରାଟ ନିଆଁରେ ଘିଅ ଢାଳୁଛି । ଗୁରୁବାର ଅତାବିରାରେ ସତେଯେପରି ନିଆଁ ବର୍ଷୁଥିଲା । ଅପରାହ୍ନ ୫ଟା ପରେ ପବନ ଟିକେ ବହିବା ପରେ ସାମାନ୍ୟ ସମ୍ଭାଳ ପଡିଲା । ଜ୍ୟେଷ୍ଠର ଏହି ତାତି ଅସହ୍ୟ ହୋଇପଡିଛି । ପାରଦ ୪୦ ଡିଗ୍ରୀ ଉପରେ ରହୁଛି । ଶୁକ୍ରବାର ଆହୁରି ବଢ଼ିବ ବୋଲି କୁହାଯାଉଛି ।

■ କୃଷି ନିର୍ଦ୍ଧାରଣ କମିଟି ବୈଠକ

# ଏଥର ଅଣଧାନ ଚାଷକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୩।୬**

ଖରିଫ ଚାଷ ପାଇଁ ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଗୁରୁବାର କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଖରିଫ ଚାଷ ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ଜିଲାର କୃଷି, ସମବାୟ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ଏବଂ ଖରିଫ ଚାଷ ନେଇ ନିଆଯାଇଥିବା ପ୍ରଶାସନିକ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଏହା ସହିତ ବିଗତ ବର୍ଷର ଫସଲ ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଆସନ୍ତା ଖରିଫରେ ମୁଖ୍ୟତଃ ଅଣଧାନକୁ ଗୁରୁତ୍ୱ ଦିଆଯାଇଥିଲା ।

ଜିଲା କୃଷି ଉପନିର୍ଦ୍ଦେଶକ (ଡିଡିଏ) ଦୀନବନ୍ଧୁ ଗାନ୍ଧୀ ଆଲୋଚନା ଆରମ୍ଭ କରି ଏଥର ଜିଲାରେ ମୋଟ୍ ୨ଲକ୍ଷ ୪୮ହଜାର ୪୪ହେକ୍ଟର ଜମିରେ ଧାନଚାଷ କରାଯିବ ବୋଲି କହିଥିଲେ । ସେଥିମଧ୍ୟରୁ ୨ଲକ୍ଷ ୪୬ହଜାର ୯୩୩ ହେକ୍ଟର ଜମିରେ ହାଇବ୍ରିଡ ଏବଂ ୨୦୧୧ ହେକ୍ଟର ଜମିରେ ଦେଶୀଧାନ ଚାଷ କରାଯିବା ଲକ୍ଷ୍ୟ ରହିଛି ବୋଲି ସେ ସୂଚନା ଦେଇଥିଲେ। ସେହିପରି ୧୭୦୦ ହେକ୍ଟରରେ ମକା, ୧୦୧୦ ହେକ୍ଟରରେ ମାଣ୍ଡିଆ, ୨ଲକ୍ଷ ୫୧ହଜାର ୬୫୪ହେକ୍ଟର ଜମିରେ ଶସ୍ୟ, ୨୧୮୫ହେକ୍ଟର ଜମିରେ ହରଡ଼ ଏବଂ ୨୩ହଜାର ୯୯୪ହେକ୍ଟର ଜମିରେ ମୁଗଚାଷ କରାଯିବ ବୋଲି ଗାନ୍ଧୀ କହିଥିଲେ । ଏଥର ଡାଲିଜାତୀୟ ଓ ପନିପରିବା ଚାଷକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଜିଲାରେ ୩୭ହଜାର ୨୩ହେକ୍ଟର ଜମିରେ ଡାଲିଜାତୀୟ ଫସଲ ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରେ ୭୧୩୦ହେକ୍ଟର ଜମିରେ ବିରି ଏବଂ ବାକି ଜମିରେ ଅନ୍ୟ ଡାଲିଜାତୀୟ ଫସଲ ରହିଛି । ସେହିପରି ୧୪ହଜାର ୧୫ହେକ୍ଟର ଜମିରେ ତୈଳବୀଜ ଫସଲ ପାଇଁ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିରୁ ୧୨ହଜାର ୭୨୭ହେକ୍ଟର ଜମି ଚିନାବଦାମ (ମୁଗଫଲି) ଏବଂ ୧୨୮୮ହେକ୍ଟର ଜମି ରାଶି ଚାଷ ପାଇଁ ରହିଛି। ୨୪୫୦ହେକ୍ଟର ଜମିରେ କପା, ୬୧ହେକ୍ଟର ଜମିରେ ଛଣି ତଥା ୨୫୧୧ହେକ୍ଟର ଜମିରେ ତନ୍ତୁଜାତୀୟ ଫସଲ କରାଯିବ ବୋଲି ସୂଚନା ଦିଆଯାଇଛି ।

ଏଥର ମୋଟ୍ ୩୯ହଜାର ୩୨୦ହେକ୍ଟର ଜମିରେ ପନିପରିବା ଚାଷ ହେବ ବୋଲି ଡିଡିଏ ସୂଚନା ଦେଇଥିଲେ। ସେଥିମଧ୍ୟରେ ୩୫୭ହେକ୍ଟର ଜମିରେ କନ୍ଦମୂଳ ରହିଥିବାବେଳେ ବାକି ଜମିରେ ଅନ୍ୟ ପରିବା ରହିଛି। ୨୭୧୫ହେକ୍ଟର ଜମିରେ ଲଙ୍କା, ୮୪୯ ହେକ୍ଟର ଜମିରେ ଅଦା, ୨୧୦ହେକ୍ଟର ଜମିରେ ହଳଦୀ ଚାଷ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହା ସହିତ ଖରିଫ ଚାଷ ପାଇଁ ରହିଥିବା ସରକାରୀ ଯୋଜନା, ପଦକ୍ଷେପ ଉପରେ ମଧ୍ୟ ଡିଡିଏ ଗାନ୍ଧୀ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସୁଶିଳ ସେଠ, ପଦ୍ମପୁରର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ପ୍ରଧାନ, ଏଇଇ ସୁଧାଂଶୁ ଶେଖର ଦାଶ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



କୃଷି ନିର୍ଦ୍ଧାରଣ ବୈଠକରେ ଜିଲାପାଳ ଓ ଅନ୍ୟମାନେ।

### କୃଷି ନିର୍ଦ୍ଧାରଣ ବୈଠକରେ ଧାନବିକ୍ରି ପ୍ରସଙ୍ଗ

ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କୃଷି ନିର୍ଦ୍ଧାରଣ ବୈଠକରେ ଧାନଚାଷ ସହିତ ଧାନ ବିକ୍ରି ପ୍ରସଙ୍ଗ ମଧ୍ୟ ଉଠିଥିଲା। ଖୋଦ୍ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ବୈଠକ ଆରମ୍ଭରୁ ଏହି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, ଧାନ କିଣାବିକା ଏକ ସମୟରେ କୃଷି, ପ୍ରାଥମିକ କୃଷି ସମବାୟ ସମିତି ଆଦି ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହୁଥିବା ଭଳି ମନେ ହେଉନାହିଁ। ଯେଉଁଥି ପାଇଁ ଧାନ ବିକ୍ରିବଟା ସମୟରେ ସମସ୍ୟା ଉପୁଜୁଛି ଏବଂ କିଛି ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ପାଇଁ ସାରା ପ୍ରଶାସନକୁ ବଦନାମ ହେବାକୁ ପଡୁଛି। ଫଳରେ ସବୁ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପଡ଼ୋଶୀ ରାଜ୍ୟରେ ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଲୁନାହିଁ । ଫଳରେ ସେହି ରାଜ୍ୟର ଧାନ ଜିଲାକୁ ଆସୁଥିବା ଅନୁମାନ କରାଯାଉଛି । ଏଥିପ୍ରତି ମଧ୍ୟ ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଜିଲାର ଭେଡ଼େନ ବ୍ଲକରେ ଯେତେ ଜଳସେଚିତ ଜମି ରହିଛି, ଧାନ କିଣାବିକା ସମୟରେ ସେଭଳି ଜମି ପରିମାଣ ଅଧିକ ହେବା ଭଳି ଦୃଷ୍ଟିକୁ ଆସୁଛି। ଏଭଳି କାହିଁକି ହେଉଛି, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ପାଇଁ ସେ ପରାମର୍ଶ ଦେଇଥିଲେ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ୨ ଗୁରୁତର

**ଅତାବିରା, ୧୩।୬ (ଡି.ଏନ.ଏ)**

ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡି ଅଧୀନ ୫୪ ନମ୍ବର ରାଜ୍ୟ ରାଜପଥର ଲରମ୍ଭା ମେଟାକାନୀ ମନ୍ଦିର ନିକଟରେ ବୁଧବାର ଏକ ଅଜଣା ଗାଡି ସହ ଟ୍ରାକ୍ଟର ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିକ୍ରମ ମହାକୁର। ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଏକ ଟ୍ରାକ୍ଟର (ନଂ.ଓଡି୧୭ଇ/୯୧୨୦)ରେ ଅତାବିରା ଥାନା ସୋର୍ଣ୍ଣା ଗାଁକୁ ଚାଷ ଜମି କାଦୁଅ କରିବାକୁ ଡ୍ରାଇଭର ବିକ୍ରମ ଓ ଅନ୍ୟ ଦୁଇଜଣ ଯାଇଥିଲେ। ବୁଧବାର ବିଳମ୍ବିତ ରାତିରେ ସେଠାରେ କାମ ସାରି ଫେରୁଥିବା ବେଳେ ଏକ ଅଜଣା ଗାଡି ଟ୍ରାକ୍ଟରକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ୩ ଗୁରୁତର ଆହତଙ୍କୁ ଉଦ୍ଧାର କରି ପ୍ରଥମେ କାଦୋବାହାଲ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡ୍ରାଇଭର ବିକ୍ରମଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରି ଶବ ବ୍ୟବଚ୍ଛେଦ କରାଇଛି । ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି ।

■ ବିଜେପୁରରେ କାଳବୈଶାଖୀ

## ବିଦ୍ୟୁତ୍ ସେବା ବ୍ୟାହତ, ଜଳଯୋଗାଣ ଠପ୍

**ବିଜେପୁର, ୧୩।୬ (ଡି.ଏନ.ଏ)**

କାଳବୈଶାଖୀ ପ୍ରଭାବରେ ବରଗଡ ଜିଲା ବିଜେପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗୁରୁବାର ସନ୍ଧ୍ୟାରେ ଝଡତୋଫାନ, ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ଯାଇଛି। ପଡା, ବରମୁଣ୍ଡା, ବାନ୍ଧୁପାଲିରେ ଝଡପବନର ପ୍ରକୋପ ଅଧିକ ପରିଲକ୍ଷିତ ହୋଇଥିଲା। ଏହାଦ୍ୱାରା ବହୁ ଆଜବେଷ୍ଟସ, ଖପର ଘର ଭାଙ୍ଗି ଯାଇଥିବା ଜଣାପଡିଛି। ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିବାରୁ ଏହି ଅଞ୍ଚଳ ବୁଧବାର ସନ୍ଧ୍ୟାରୁ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ବିଦ୍ୟୁତ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଥିଲେ ମଧ ଖବର ଲେଖା ହେବା ପର୍ଯ୍ୟନ୍ତ (ସନ୍ଧ୍ୟା ସାଢ଼େ ୬ଟା) ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରି ନ ଥିଲା। ଅପରପକ୍ଷେ ବିଦ୍ୟୁତ ସେବା ବ୍ୟାହତ ହୋଇଥିବାରୁ ଜଳଯୋଗାଣ ମଧ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ସାମାନ୍ୟ ବର୍ଷା ହୋଇଥିଲେ ମଧ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅଥୟ କରି ଦେଉଛି। ଏଥିପ୍ରତି ବିଦ୍ୟୁତ ବିଭାଗ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ

**ଜାମଟିକ୍ରା, ୧୩।୬ (ଡି.ଏନ.ଏ)**

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତରେ ଗତ ଗୋଟିଏ ବର୍ଷ ମଧରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସମ୍ପର୍କୀୟ ବ୍ୟକ୍ତିଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ଗୁରୁବାର ସହାୟତା ରାଶି ପ୍ରଦାନ କରାଯାଇଛି । ସରପଞ୍ଚ ପୁଷ୍ପକାନ୍ତି ସେଠ ଘରକୁ ଘର ଯାଇ ପଞ୍ଚାୟତର ସବୁଦାୟ ୨୪ ଜଣଙ୍କୁ ୨ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରିଥିଲେ । ଏହି ଯୋଜନାରେ ଟଙ୍କା ଆସିନଥିବାରୁ ସଙ୍ଗେ ସଙ୍ଗେ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ଦିଆଯାଇ ପାରି ନ ଥିଲା।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସରକାରୀ ସାହାଯ୍ୟ ଦାବି

**ଭେଡ଼େନ, ୧୩।୬ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟଲି ଗ୍ରାମର ରଞ୍ଜିତ ସେଣଙ୍କ ପୁତ୍ର ଆକାଶ ସେଣ (୧୫) ଗତ ଏପ୍ରିଲ ୨୮ ତାରିଖରେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁବରଣ କରିଥିବା ଆକାଶ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ପୁଅର ମୃତ୍ୟୁରେ ରଞ୍ଜିତଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି । ରଞ୍ଜିତଙ୍କ ମୃତ୍ୟୁକୁ ଦେଡମାସ ବିତିଯାଇଥିଲେ ମଧ ଏହି ଗରିବ ପରିବାରକୁ ଅଦ୍ୟାବଧି ସରକାରୀ ସାହାଯ୍ୟ ମିଳିପାରିନାହିଁ। ଏ ସମ୍ପର୍କରେ ଭେଡ଼େନ ବିଡ଼ିଓ ମୁରଲିଧର ନାୟକଙ୍କୁ ପଚାରିବାରୁ ସେ କହିଲେ, ଘଟଣା ସମ୍ପର୍କରେ ଅନୁଧ୍ୟାନ କରି କ'ଣ ହୋଇଛି ଦେଖୁଛି। ଏହି ପରିବାରକୁ ସରକାରୀ ସାହାଯ୍ୟ ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଡ଼ିଓ ନାୟକ କହିଥିଲେ ।

## ଉଇହୁଙ୍କାରେ ଡୁଙ୍ଗୁରୀ ଫାଣ୍ଡି ଅଫିସ୍

**ଅମ୍ବାଭୋନା, ୧୩।୬ (ଡି.ଏନ.ଏ)**

ବରଗଡ ଜିଲା ଅମ୍ବାଭୋନା ବ୍ଲକର ମାଓବାଦୀ ଅଧ୍ୟୁଷିତ ବାରପାହାଡ ଇଲାକାରେ ଥିବା ବାଞ୍ଜିପାଲି, ଡୁଙ୍ଗୁରୀ, ବୁଙ୍ଗାପାଲି ଉତ୍ତମ, ଖୋଲା, ଲଖନପୁର ଆଦି ୬ଟି ଗ୍ରାମପଞ୍ଚାୟତର ଆଇନଶୃଙ୍ଖଳା ଏବେ ବନ୍ଦ କୋଠରୀରେ ରହିଛି। ଅମ୍ବାଭୋନା ଥାନା ଅଧୀନ ଡୁଙ୍ଗୁରୀ ଫାଣ୍ଡି ଅଫିସ୍ ସବୁଦିନ ବନ୍ଦ ରହୁଥିବାରୁ ଫାଣ୍ଡି ସମ୍ମୁଖରେ ଉଇହୁଙ୍କା ମୁଣ୍ଡ ଟେକିଛି। ଡୁଙ୍ଗୁରୀରେ ଏସିସି ଚୂନପଥର ଖଣି ରହିଛି । ବିଭିନ୍ନ ସମୟରେ ମାଓବାଦୀଙ୍କ ଗତିବିଧି ମଧ ଏଠାରେ ପରିଲକ୍ଷିତ ହୋଇଥାଏ। ଲୋକମାନଙ୍କୁ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ଡୁଙ୍ଗୁରୀ ଫାଣ୍ଡି ଖୋଲାଯାଇଥିଲେ ମଧ ଏବେ ଅଚଳ ଅବସ୍ଥାରେ ରହିଛି। ପ୍ରାୟ ୩୦ରୁ ୩୫ ଖଣ୍ଡ ଗ୍ରାମର ଅଧିବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏହି ଫାଣ୍ଡିକୁ ଚଳାଇବା ପାଇଁ ଜଣେ ପୋଲିସ କନଷ୍ଟେବଳ ନିଯୁକ୍ତି ହୋଇଥିଲେ ମଧ ତାଙ୍କର ଅନୁପସ୍ଥିତି ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସାମାନ୍ୟ ବିବାଦ ପାଇଁ ଦୁର୍ଗମ କୁରୁମକେଲ, ରେଙ୍ଗାଲି, ବୁଥଲି, ଖୋଲା, ବାବେବିରା, ନୂଆପଡା, ଛତାଦେଇ, ବୁଙ୍ଗାପାଲି ଆଦି ଗ୍ରାମର ଅଧିବାସୀମାନଙ୍କୁ ଦୀର୍ଘ ୪୦ କିମି ରାସ୍ତା ଦେଇ ଅମ୍ବାଭୋନା ଥାନାକୁ ଯିବାକୁ ପଡୁଛି। ଏ ନେଇ ବାରମ୍ବାର ଆମ ପୋଲିସ କାର୍ଯ୍ୟକ୍ରମରେ ଦାବି ଉଠୁଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। ଏହି ଅଞ୍ଚଳ ଦେଇ ମହାନଦୀ ପ୍ରବାହିତ ହୋଇଥିବାରୁ ରନ୍ଧାମଦ, ମହୁଲ ଫୁଲ ତଥା ବହୁ ଅବକାରୀ ସାମଗ୍ରୀ ଡଙ୍ଗା ଯୋଗେ ଚୋରାଚାଲାଣ ହେଉଛି। ବିଭିନ୍ନ ସମୟରେ ବହୁ ଆପରାଧିକ ଘଟଣା ଘଟିଯାଉଥିଲେ ମଧ ଲୋକେ ଭାଗ୍ୟକୁ ଆଦରି ନୀରବଦ୍ରଷ୍ଟା ସାଜୁଛନ୍ତି। ଡୁଙ୍ଗୁରୀ ଫାଣ୍ଡି ବନ୍ଦ ରହୁଥିବା ନେଇ ଅମ୍ବାଭୋନା ଥାନାଧିକାରୀ ଆଲୋକ ବେହେରାଙ୍କୁ ପଚରାଯିବାରୁ ଫାଣ୍ଡିରେ ନିଯୁକ୍ତି ପାଇଥିବା କନଷ୍ଟେବଳ ଛୁଟିରେ ଥିବା କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ବରଗଡ ଆରକ୍ଷୀ ଅଧୀକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।


ବନ୍ଦ ପଡିଥିବା ଡୁଙ୍ଗୁରୀ ଫାଣ୍ଡି ଅଫିସ୍ ।

**ବନ୍ଦ କୋଠରିରେ ୬ ପଞ୍ଚାୟତର ଭାଗ୍ୟ**

■ ସରି ସରି ଆସୁଛେ ଖରା ତାତି

## ମଉସୁମୀ ବରଷାକେ ସମ୍‌କର ନିଘା

**ବିଜେପୁର, ୧୩।୬ (ଡି.ଏନ.ଏ)**

ଯିମି ଯିମି ହେଉଛେ ଜେଠ୍, ଆଏମି ଆଏମି ହେଉଛେ ଅଷାଢ଼। ହେଲେ ଧରାନୁ ବିଦାକି ନୁହେ ନିଏ ଖରା। ସଖାଳର ୧୦ ବାଜ୍‌ଲେ ଭଟାକେ ବାହାରି ନାଇଁ ହେବାର, ମୁହୁଁ ପୁଡ଼ି ଯାଉଛେ। ତଲ ଉପର ତାତିର ସଂଗେ ଗୁଲଗୁଲିରେ ଜୀବନ୍‌ଟା ଉହକ୍‌ବିକଲ ହେଉଛେ। ଦିନର ୧୦ ବଜେନୁ ୪ ବଜେତକ୍ ବାଟ୍‌ଘାଟ ପଏରଛା ଛିନା ହେଇଯାଉଛେ। ଶୀତଲଷଷ୍ଠି ପରବ୍ ଉତାରୁ ଧରତି ମାତା ଶୀତଲ ହେଉଥିବାର ଲୋକ୍ ବିଶୁଆସ ରହିଛେ। ହେଲେ ଗଲା ବଛରକେତେ ହେଲା ଶୀତଲଷଷ୍ଠି ଉତାରୁ ବି ମାଏଟ୍ ମାତା ଶୀତଲ ନାଇଁ ହେବାର। ଇତାର କାରନ୍ ହେଉଛେ ମଉସୁମୀ ବାୟୁ ଠିକ୍ ସମିଆରେ ରାଏଜ୍‌କେ ନାଇଁ ପୁହୁଁଚିବାର। ଚଲତି ମାସର ୮ ତାରିଖ୍ ମଉସୁମୀ କେରଳ ରାଏଜ୍‌କେ ଛିଁଚେ। ଗୁଟେ ହପ୍‌ତା ଭିତରେ ଓଡ଼ିଶାକେ ମଉସୁମୀ ପୁହୁଁଚିବା ଆର ବରଷା ହେବା ବଲି ପାଣିପାଗ ବିଭାଗ ଅନମାନ କରିଛେ। ଇ ବରଷା ପାଏନଟା ଧରତି ମାତାକେ ଶୀତଲ କରବାର ସଂଗେ ଲୁକ୍‌କର ମନତନ, ଚଏତନକେ ଶୀତଲ କରସି। ଲୋକ୍ ଖରା ତାତିନୁ ନିସ୍‌ତାର ପାଏବାର ସଂଗେ ନିଜର ନିଜର ଜୀବନ୍ ଶଏଲିକେ ସରସ ସୁଁଦର କରବାକେ ଆଗ୍‌ତୁରା ସଜବାଜ୍ ହେଲେନ।

### ଇମାନେ ଯାହା କହିଛନ୍...



ମୁଡ଼ଫଟା ଖରା ତାତି ପାଠ୍‌ପଢ଼ାରେ ବାଧକ୍ ହେଉଥିଲା। ମଉସୁମୀ ବରଷା ହେଲେ ପାଠ୍‌ପଢ଼ା ଭଲ ଜମ୍‌ବା। ସ୍କୁଲ, କଲେଜ ଖୁଲ୍‌ଲେ ସାଂଗ ସରସାକର ସଂଗେ ଭେଟଘାଟ ହେବା, ମନଟା ଆର ଟିକେ ସରସ ହେବା। ଭବିଷତ୍‌ରେ ଝନେ ଭଲ ଓକିଲ ହେମି, ସେଥିରଲାଗି ଖରାଦିନେ ବି ପଢ଼ାପଢ଼ି କରୁଥିଲି।

**ବିମଲ ଡନସନା, ଛାତ୍ର**



ଏସୁର ଗୁଟେ ନୂଆଁ ରକମର ଚାଷ୍ କରମି। ଜମି ରୁଆ ନାଇଁ ରଖି ସବୁ ଧାନ୍ ବୁନମି। ଧାନ୍ ଆଁକିରବାର ଲେଖେଁ ହେଲେ ଜମିକେ ଭୁତି କରି ଧାନ ସଂଗେ ଖତ୍ ସାର ଝିଁଟ୍‌ମି। ଗଲା ବଛର ଏକର ପିଛା ୨୫ କେ.ଜି. ଧାନ ବୁନିଥିଲି ଯେ ଟିକେ ପାତଲ ହେଇଥିଲା। ଇଥର ୧୦ କେ.ଜି. ଅଏତ୍‌କା ବୁନମି।

**ନିମାଇଁ ଚରଣ ସାହୁ, ଚାଷୀ**



ଅଂଚଲର ଚାଷୀକର ସୁବିଧା ଲାଗି ୩୦ କୁଇଣ୍ଟାଲ ଧାନ୍ ବିହନ୍ ଗୁଦାମରେ ଅଛେ। ମଉସୁମୀ ବରଷାକେ ଚାଷୀ ଟାକିଛନ୍। ଧାନ୍ ବୁନାବୁନି ଆରମ୍ ନୁହେ ହୁଏ। ସେଥିରଲାଗି ଚାଷୀ ବିହନ୍ ନେବାର ମୂଲ ନୁହେକରନ୍। ବରଷା ଆରମ୍ ହେଲେ ଚାଷୀ ବିହନ୍ ନେବେ, ବିହନ୍ ସଏଲେ ଫେର ମଗାମୁ।

**କୃପାସିନ୍ଧୁ ସାହୁ, ସମ୍ପାଦକ, ବଡବାଉଁଶେନ ସେବା ସମବାୟ ସମିତି**



ଆଧୁନିକ ଗିଆନ୍ କଉଶଲରେ ଚାଷ୍ କରି ଅଏତ୍‌କା ଫାଏଦା ପାଏବାକେ ଚାଷୀ ଭାଇକୁ ବୁଝଉଛୁଁ। ମଉସୁମୀ ବରଷା ଆଏଲା କି ଚାଷୀ ଭାଇମାନକର ସଂଗେ ଆମର ଯୋଗାଯୋଗ ଯୋରଦାର ହେବା। ଏସୁର ବଛର ୧୯୬୦୦ ହେକ୍ଟର ଜମିରେ ଧାନ୍ ଚାଷ୍ ହେବା ବଲି ଲଖିଅ ରହିଛେ।

**ଲକ୍ଷ୍ମୀପ୍ରସାଦ ପଟେଲ, ବ୍ଲକ ସହକାରୀ କୃଷି ଅଧିକାରୀ**

■ ଲୋପ ପାଉଛି ମାଟିପାତ୍ର

## ଜୀବିକା ହରାଉଛନ୍ତି କୁମ୍ଭକାର

**ବରପାଲି, ୧୩।୬ (ଡି.ଏନ.ଏ)**

ସମୟ ବଦଳିବା ସହିତ ସମାଜରେ ଲୋକଙ୍କ ଜୀବନ ଜୀବିକା ମଧ ବଦଳି ଯାଉଛି। ପୂର୍ବେ ଲୋକେ ପାରମ୍ପରିକ ଜିନିଷ ବ୍ୟବହାର ଉପରେ ଗୁରୁତ୍ୱ ଦେଉଥିଲେ। ସେତେବେଳେ ଏହା ପ୍ରାକୃତିକ ଓ ଶରୀର ପାଇଁ ହିତକର ରହୁଥିଲା। ଲୋକେ ପାଣି ରଖିବା ପାଇଁ ପିତଳଗରିଆ, ହଣ୍ଡା, ମାଟିହାଣ୍ଡି, ମାଠିଆ ଏବଂ ସୁରେଇ ଆଦି ବ୍ୟବହାର କରୁଥିଲେ। ସେହିପରି ରନ୍ଧାଖାଦ୍ୟ ପାଇଁ ମାଟିହାଣ୍ଡି ଓ ପାତଳିର ବ୍ୟବହାର ହେଉଥିଲା। କିନ୍ତୁ ବର୍ତ୍ତମାନ ଘରେ ଘରେ ଷ୍ଟିଲ ଓ ଆଲୁମିନିୟମର ବ୍ୟବହାର ହେଉଛି। ଏଭଳି ପରିବର୍ତ୍ତନଶୀଳ ପରିବେଶରେ ଲୋକଙ୍କ ଜୀବନଜୀବିକା ମଧ ବଦଳି ଯାଉଛି । ଏସବୁର ପ୍ରଭାବରେ ବଂଶାନୁକ୍ରମେ ନିଜର କୌଳିକ ବୃତ୍ତିକୁ ଆଦରି ନେଇଥିବା ପରିବାରଙ୍କ ଜୀବିକା ବୁଡିବାକୁ ବସିଲାଣି । ଏହି କୌଳିକ ବୃତ୍ତିକୁ ଆପଣେଇଥିବା ବରପାଲି କୁମ୍ଭାରପଡାର ମାଟି କାରିଗର ପରମେଶ୍ୱର ରଣାଙ୍କ ପୁଅ ଜୟଦେବ ରଣା (ରାଜ୍ୟ ପୁରସ୍କାର ପ୍ରାପ୍ତ)ଙ୍କୁ ଭେଟିଥିଲେ ଆମ ପ୍ରତିନିଧି। ତାଙ୍କ ବେଉସା ଉପରେ ପଚାରିବାରେ ସେ କହିଲେ, ଏବେ ଷ୍ଟାଇଲ ଯୁଗରେ ଲୋକେ ମାଠିଆ ଓ ସୁରେଇକୁ ପସନ୍ଦ କରୁନାହାନ୍ତି। ଆଗ ଖରାଦିନ ହେଲେ ପାଣି ରଖିବା ପାଇଁ ମାଠିଆ ବା ମାଟି ପାତ୍ରର ଚାହିଦା ଥିଲା। ଏବେ ତାହା ଆଉ ଦେଖିବାକୁ ମିଳୁନାହିଁ। ବିବାହ, ପୂଜାପାଠ ଓ କୌଣସି ପର୍ବପର୍ବାଣୀରେ ଲୋକେ ସବୁ ଶୁଭ କାର୍ଯ୍ୟରେ ମାଟିପାତ୍ର ବ୍ୟବହାର କରୁଥିଲେ। କିଛି ଶୁଭ କାମ ହେଲେ କଳସ, ଦୀପ, ବିବାହ ପାଇଁ ଆଦି ଆବଶ୍ୟକ ପଡିଥାଏ। ମୋଟାମୋଟି ଭାବେ ଏହାର ଏକ ସ୍ୱାତନ୍ତ୍ର୍ୟ ରହିଛି। ଏହା ଶୁଦ୍ଧର ପ୍ରତୀକ ବୋଲି ରଣା କୁହନ୍ତି। ସେହିପରି ଅନ୍ୟତମ କାରିଗର ବରଗଡ ଜିଲା ବରଗାଁର ଧନୁ ରଣା ଏଠାକୁ ଆସି ଦୀର୍ଘବର୍ଷ ହେଲା ନିଜର କୌଳିକ ବୃତ୍ତିକୁ ଆପଣେଇଛନ୍ତି। ତାଙ୍କ କହିବା ଅନୁଯାୟୀ ବର୍ତ୍ତମାନ ମାଟିପାତ୍ର ଲୋପ ପାଇବାକୁ ବସିଲାଣି। ଗଣ୍ଡେ ଖାଇ ଖଣ୍ଡେ ପିନ୍ଧି ଗୁଜୁରାଣ ମେଣ୍ଟାଇବାକୁ ନିଜ ବାପ ଅଜା ଅମଳରୁ ଏହି ବୃତ୍ତି କରି ଆସୁଥିବା ସେ କହିଥିଲେ।


କାରିଗର ନିଜ କାର୍ଯ୍ୟରେ ମଗ୍ନ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୪ ଜୁନ୍, ୨୦୧୯



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

**ଉଲୁଣ୍ଡା, ୧୩।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ପୋଲିସ ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ନାଗେଶ୍ୱର ନାଗ(୨୧) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ.୫୩/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ ଯୁବତୀ ଜଣକ ବୁଧବାର ପୂର୍ବାହ୍ନ ପ୍ରାୟ ୯ଟାରେ ଗାଁ ପୋଖରୀ ନିକଟକୁ ଶୌଚପାଇଁ ଯାଇଥିଲେ। ଏହି ସମୟରେ ନାଗେଶ୍ୱର ତାଙ୍କୁ ଏକୁଟିଆ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ପୀଡିତାଙ୍କ ଅଭିଯୋଗକୁ ଭିତ୍ତି କରି ଉଲୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

### ବିବାହିତା ମହିଳାଙ୍କ ଆତ୍ମହତ୍ୟା

**ବିନିକା, ୧୩।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଲଛିପୁର ଫାଣ୍ଡି ଅନ୍ତର୍ଗତ ବାଲପୁର ଗ୍ରାମରେ ଜଣେ ମହିଳା ଅତ୍ମହତ୍ୟା କରିଥିବା ନେଇ ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ମୃତା ମହିଳା ହେଲେ ଉମା ବିଶ୍ୱାଳ(୨୩)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ମଧ୍ୟାହ୍ନରେ ଉମା ସ୍ୱାମୀ ଧରଣୀଧର ବିଶ୍ୱାଳ ଓ ଝିଅ ରିତୁ (୩)ଙ୍କ ସହ ମଧ୍ୟାହ୍ନରେ ଘରେ ବିଶ୍ରାମ ନେଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଧରଣୀ ଉଠିଲା ବେଳକୁ ଉମା ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସାହି ପଡିଶାଙ୍କୁ ଡାକି ଘଟଣା ସମ୍ପର୍କରେ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ । ମାଜିଷ୍ଟ୍ରେଟ ତଥା ରାମପୁର ଅତିରିକ୍ତ ତହସିଲଦାର ରୋହିତ ଭୋଇ, ଲଛିପୁର ଫାଣ୍ଡି ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବାଗଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୋନପୁର ଡାକ୍ତରଖାନା ପଠାଇଛି। ଏ ନେଇ ଲଛିପୁର ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୧୯) ରୁଜୁ ହୋଇଛି।

### ଗ୍ରୀଷ୍ମକାଳୀନ ସଫ୍ଟବଲ୍ ତାଲିମ ଶିବିର

**ବିନିକା, ୧୩।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଚାରି ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ସଫ୍ଟବଲ୍ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ପଧାନଙ୍କ ସଭାପତିତ୍ୱ ତଥା ଶିକ୍ଷକ ଲିଙ୍ଗରାଜ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଓ ଜିଲା ଶାରିରୀକ ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ଜାତୀୟ କୋଚ୍ ବିଭୁଦତ୍ତ କୈଳାସ ପାଲ୍‌କା, କିରଣ ପରିଡା ଛାତ୍ରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ୭୦ଜଣ ଛାତ୍ର ଭାଗନେଇ ତାଲିମ ନେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଖେଳ ଶିକ୍ଷକ ମନୋଜ କୁମାର ପାତ୍ର, ଶିକ୍ଷକ ଗୁଣନିଧି ସାହୁ, ଉପେନ୍ଦ୍ର ନାଏକ, ସୁନୀଲ ପଧାନ, ଉଦିତ୍ ପଟେଲ, ରଜତ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

### ଘରୋଇ ବିଦ୍ୟାଳୟ ପ୍ରଶାସକଙ୍କ ଆତ୍ମହତ୍ୟା

**ଭବାନୀପାଟଣା, ୧୩।୬ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଧର୍ମଗଡ ନିକଟସ୍ଥ କୁଟୁରୁ ଗ୍ରାମର ଏକ ଘରୋଇ ବିଦ୍ୟାଳୟରେ ପ୍ରଶାସକ ଦାୟିତ୍ୱରେ ଥିବା ଜଣେ ଯୁବକ ବୁଧବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସୁନ୍ଦରଗଡ ଜିଲାର ରୋଶନ ଏକ୍କା ।

ରତ୍ନପଥର ସନ୍ଧାନରେ ଲୁଟେରାଙ୍କ ମେଳି ଘଟଣା

# ମାନୁନାହାନ୍ତି ନିଷେଧାଦେଶ

**ବୀରମହାରାଜପୁର, ୧୩।୬(ଡି.ଏନ୍.ଏ.)**



ଜବତ କରାଯାଇଥିବା ବାଇକ ଓ ସାଇକେଲ ସହ ପୋଲିସ ଅଧିକାରୀ ।

■ ଲାଗି ରହିଛି ଛକାପଞ୍ଝା
■ ଖନନସ୍ଥଳୀରୁ ୨ବାଇକ, ୨୦ସାଇକେଲ ଜବତ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଧୀନ ଗୋପପାଲି ମୌଜାରେ ରତ୍ନପଥର ସନ୍ଧାନ ମିଳିଥିବା କୁହାଯାଉଥିବା ବେଳେ ଖଣି ବିଭାଗ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଲାନାହିଁ। କିନ୍ତୁ ଏଠାରୁ ମିଳୁଥିବା ରତ୍ନପଥରକୁ ନେଇ ଲକ୍ଷ ଲକ୍ଷ ଟଙ୍କାର କାରବାର ଚାଲିଥିବା ଚର୍ଚ୍ଚା ଜୋର ଧରିଥିବାରୁ ଲୁଟରାଙ୍କ ସୁଅ ଥମି ନଥିବା ଜଣାଯାଇଛି। ଗତ ପ୍ରାୟ ଦୁଇସପ୍ତାହ ହେଲା ଏଠାରେ ଏଭଳି ବେଆଇନ କାରବାର ଜାରି ରହିଛି। ଘରୋଇ ମାଲିକାନାରେ ଥିବା ଉକ୍ତ ଜମି ଏବେ ରତ୍ନପଥର ଖଣି ପାଲଟି ଥିବାରୁ ସମ୍ପୃକ୍ତ ଜମି ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ରିପୋର୍ଟ ଆଧାରରେ ଗତ ୮ ତାରିଖରେ ପ୍ରଶାସନ ନିଷେଧାଦେଶ ଜାରି କରିଛି। ସମ୍ପୃକ୍ତ ଅଞ୍ଚଳରେ ରତ୍ନପଥର ଖନନକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇବା ପରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବୀରମହାରାଜପୁର ଉପଜିଲାପାଳ ୧୪୪ଧାରା ଜାରି କରିଛନ୍ତି। ନିଷେଧାଦେଶ ବଳବତ୍ତର ଥିବା ସତ୍ତ୍ୱେ ରତ୍ନପଥର ପାଇବାର ମୋହ ଲୋକଙ୍କୁ ଆଇନ ଉଲ୍ଲଂଘନ କରିବା ଦିଗରେ ବିଶେଷ ପ୍ରବାହ ପକାଇଥିବା ପରିଲକ୍ଷିତ ହେଉନାହିଁ। ଯଦ୍ୱାରା ପୋଲିସକୁ ଅଭାବନୀୟ ପରିସ୍ଥିତିର ସାମନା କରିବାକୁ ପଡୁଥିବା ଦେଖିବାକୁ ମିଳୁଛି।

ନିଷେଧାଦେଶକୁ ନମାନି ଏବେବି ଲୁଟେରାମାନେ ସେଠାରେ ପ୍ରାୟତଃ ରାତ୍ରିକାଳରେ ମେଳି ବାନ୍ଧି ମାଟି ଖୋଳୁଛନ୍ତି। ଏହାକୁ ପ୍ରତିହତ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡୁଛି। ମିଳିଥିବା ସୂଚନା ଅନୁସାରେ, ଏହି ବେଆଇନ କାରବାରରେ ଲିପ୍ତ ରହୁଥିବା ଲୋକେ ପୂର୍ବଭଳି ଯାନବାହାନରେ ନଆସି ସାଇକେଲ ଏବଂ କାଁଭାଁ ବାଇକ ବ୍ୟବହାର କରୁଥିବା ଜଣାପଡିଛି। ତାହାରି ମାଧ୍ୟମରେ ଖୋଳାଯାଇଥିବା ମାଟିଯୁକ୍ତ ପଥର ଖଣ୍ଡଗୁଡିକୁ ବାହାରକୁ ଚାଲାଣ ପରେ ସଫା କରାଯାଉଥିବା କୁହାଯାଉଛି। ଏଭଳି ସ୍ଥିତି ବଜାୟ ରହିଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ବୀରମହାରାଜପୁର ଥାନା ଆଇଆଇସି ପ୍ରଭା ଧନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚଢାଉ କରିଥିଲେ। ସେଠାରେ ମେଳି ବାନ୍ଧିଥିବା ଲୋକେ ପୋଲିସକୁ ଦେଖି ଛତ୍ରଭଙ୍ଗ ଦେଇଥିବା ବେଳେ ସାଇକେଲ ଓ ବାଇକ ଛାଡି ପଳାଇଥିଲେ। ଘଟଣାସ୍ଥଳରୁ ପୋଲିସ ଦୁଇଟି ବାଇକ ଏବଂ ୨୦ଟି ସାଇକେଲ ଜବତ କରି ଆଣି ଥାନାରେ ରଖିଛି। ତେବେ ଦିନଟିଏ ବିତି ଯାଇଥିଲେ ସୁଦ୍ଧା କୌଣସି ସାଇକେଲ ଏପରିକି ବାଇକର କେହି ଦାବିଦାର ସାମନାକୁ ଆସି ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ପାଞ୍ଚ ମାସ ହେଲା ମିଳିନି କଳାକାର ଭତ୍ତା

**ମନମୁଣ୍ଡା, ୧୩।୬ (ଡି.ଏନ.ଏ)**

କନ୍ଧମାଳ ବ୍ଲକରେ ଆଜକୁ ୫ ମାସ ହେବ କଳାକାର ଭତ୍ତା ମିଳି ନ ଥିବା ଅଭିଯୋଗ ହୋଇଛି । ନିର୍ବାଚନ ପୂର୍ବରୁ ସରକାର କଳାକାରମାନଙ୍କୁ ମାସିକ ୧୨୦୦ ଟଙ୍କା ଭତ୍ତା ଦେବା ପାଇଁ ଘୋଷଣା କରି ଆବେଦନପତ୍ର ଗ୍ରହଣ କରିଥିଲେ । ନିର୍ବାଚନକୁ ଦୃଷ୍ଟିରେ ରଖି ଗତବର୍ଷ ଅକ୍ଟୋବରରୁ ଡିସେମ୍ବର ୩ ମାସର ଭତ୍ତା ପ୍ରଦାନ କରିଥିଲେ। କିନ୍ତୁ ୨୦୧୯ ଆରମ୍ଭରୁ ଏପର୍ଯ୍ୟନ୍ତ ସେମାନଙ୍କ ଭତ୍ତା ମିଳି ନ ଥିବା ଅଭିଯୋଗ ହୋଇଛି। କନ୍ଧମାଳ ବ୍ଲକ କଳାକାର ସଂଘ ତରଫରୁ ବୁଧବାର ଏହି ପ୍ରସଙ୍ଗରେ ଖଟଖଟିଆ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କଳାକାର ଫକୀର ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ । ସଭାରେ ଲିଙ୍ଗରାଜ ପ୍ରଧାନି, ପଞ୍ଚାନନ ଅମାତ, ସତ୍ୟାନନ୍ଦ ମହାକୁଡ, କୃଷ୍ଣଚନ୍ଦ୍ର ଆଡଜୁଆଡି, ଲକ୍ଷ୍ମୀ ମେହେର, ଶ୍ରୀଧର ମହାକୁଡ, ଗଦାଧର ସାଲମା, ସୁରେନ୍ଦ୍ର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ । ୫ ମାସର ବକେୟା ଭତ୍ତା ଏକକାଳୀନ ଦେବା ସହ ପ୍ରତ୍ୟେକ ମାସରେ ଭତ୍ତା ପ୍ରଦାନ କରିବାକୁ ଜିଲାପାଳଙ୍କୁ ଏକ ଦାବିପତ୍ର ଦେବା ପାଇଁ ବୈଠକରେ ସର୍ବ ସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଏ ନେଇ କନ୍ଧମାଳ ବିଡିଓଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା । ସେ ଏକ ମିଟିଂରେ ଥିବାରୁ ପରେ କଥା ହେବା କହି ଫୋନ କାଟିଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା ।

# ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ

**ସୋନପୁର, ୧୩।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ପରିସରରେ ଏହି କେନ୍ଦ୍ରକୁ ଜିଲାଜଜ୍ ରାଜ କୁମାର ସାହୁ ଶୁଭାରମ୍ଭ କରିଥିଲେ । ଜଜ୍ ପରିବାର ଅଦାଲତ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ସିଭିଲ କୋର୍ଟର ରେଜିଷ୍ଟ୍ରାର ସୀମା ତ୍ରିପାଠୀ, ସିନିୟର ସିଭିଲ ଜଜ୍ ଚିନ୍ମୟ ଗୋଛାୟତ, ସୋନପୁର ଜେଏମଏଫସି ଅଙ୍କିତା ଶର୍ମା, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଆଇନଜୀବୀ ଅଟଳ ବିହାରୀ ମହାପାତ୍ର, ଗୋପାଳକ୍ରିଷ୍ଣ ମିଶ୍ର, ଅଜିତ ନାରାୟଣ ହୋତା, ରାଜେନ୍ଦ୍ର ଅଗ୍ରୱାଲା, ବାବୁଲାଲ ଦାଶ, ଶିବ ନାରାୟଣ ମହାପାତ୍ର, ବ୍ରଜେନ୍ଦ୍ର କୁମାର ବିଶି, ପିଏଲଭି ଗୀତାଞ୍ଜଳି ରଣା, ଅନୁପମା ମିଶ୍ର, ରୀତା ମହାରଣା, ଗୀତାଞ୍ଜଳି ସ୍ୱାଇଁ, ମୀନତି ବକ୍ସି, ଜୟନ୍ତି କବାଟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣର କର୍ମଚାରୀ ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, କମଳଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଗ, ସୁନୀଲ କୁମାର ପ୍ରେମ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ଜିଲା ଜଜ୍ ରାଜକୁମାର ସାହୁ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ।



ସମୀକ୍ଷା ବୈଠକରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ।

ବଲାଙ୍ଗୀରର ଏମ୍‌ପିଙ୍କ ସୁବର୍ଣ୍ଣପୁର ଗସ୍ତ

# ଜିଲାର ବିକାଶକୁ ତ୍ୱରାନ୍ୱିତ କରାଯିବ

**ସୋନପୁର, ୧୩।୬(ନି.ପ୍ର.)**

ନିର୍ବାଚନରେ ବିଜୟୀ ହେବା ପରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଗୁରୁବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ଇଷ୍ଟଦେବୀ ମା'ସୁରେଶ୍ୱରୀଙ୍କୁ ଦର୍ଶନ କରିବା ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏମ୍‌ପି ଅଧିକାରୀଙ୍କ ସହ ପରିଚିତ ହେବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେବା ଆବଶ୍ୟକ। ତେଣୁ ଜମି ଅଧିଗ୍ରହଣ କାର୍ଯ୍ୟ ତୁରନ୍ତ ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡା ଦର୍ଶାଇଥିଲେ ଯେ, ରେଳପଥ ପାଇଁ ଏହି ଜିଲାର ୧୦୬.୨୬୫ ଏକର ସରକାରୀ ଜମି ଓ ୫୪୨.୯୦୯ ଏକର ବେସରକାରୀ ଜମି ଅଧିଗ୍ରହଣ ଆବଶ୍ୟକ। ଜିଲା ପ୍ରଶାସନ ୧୦୪.୮୬୫ ଏକର ସରକାରୀ ଜମି ଓ ୩୦୫ ଏକର ବେସରକାରୀ ଜମି ରେଳ ବିଭାଗକୁ ହସ୍ତାନ୍ତର କରି ସାରିଛି। ଜଙ୍ଗଲ ଜମିର ପ୍ରଥମ ପର୍ଯ୍ୟାୟ କ୍ଲିୟରାନ୍ସ ମଧ୍ୟ ମିଳି ସାରିଛି । ପ୍ରଶାସନ ଜମି ଅଧିଗ୍ରହଣ କାର୍ଯ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ପଣ୍ଡା କହିଥିଲେ। ବର୍ତ୍ତମାନ ବଲାଙ୍ଗୀର ବିଛୁପାଲି ପଟୁ ଖମ୍ବେଶ୍ୱରୀପାଲି ପର୍ଯ୍ୟନ୍ତ ୧୫ କିମି ଜମି ଅଧିଗ୍ରହଣ ସରିଥିବାରୁ ରେଳପଥ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ସକାଶେ ବିଭାଗୀୟ ଅଧିକାରୀଙ୍କ ସହ କଥା ହେବେ ବୋଲି ଏମ୍‌ପି ପ୍ରତିଶୃତି ଦେଇଥିଲେ।

ସବୁ ଗରିବଙ୍କୁ ପକ୍କା ଘର ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ରହିଛି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣରେ ସବୁ ଜିଲାକୁ ଅଧିକ ସଂଖ୍ୟକ ଘର ନିର୍ମାଣ ପାଇଁ ଅନୁଦାନ ଆସୁଛି। ଏହି କାର୍ଯ୍ୟରେ ସ୍ୱଚ୍ଛତା ରଖିବାକୁ ଏମ୍‌ପି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ ସୁବର୍ଣ୍ଣପୁର ଜିଲାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୮୦୦୦ଘର ନିର୍ମାଣ ପାଇଁ ଟାର୍ଗେଟ ଆସିଥିବା ଏପିଡି(ଗ୍ରାମୀଣ ଆବାସ) ଆଲୋକ ରଶ୍ମି ମିଶ୍ର ସୂଚନା ଦେଇଥିଲେ। ଏମ୍‌ପି ସୋନପୁର ରିଂ ରୋଡ, ତେଲ ଜଳସେଚନ, କ୍ଷୁଦ୍ର ଜଳସେଚନ, ଜଙ୍ଗଲ ଓ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ସମସ୍ତ ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ମିଳିତ ପ୍ରଚେଷ୍ଟାରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସଙ୍ଗୀତା କହିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ, ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ପାଢୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଅସିତ କୁମାର ବଡପଣ୍ଡା, ଆରଡି ନିର୍ବାହୀ ଯନ୍ତ୍ରୀ ଇଂ. ସତ୍ୟବ୍ରତ ବେହେରା, ତେଲ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଦିଲ୍ଲିପ କୁମାର ପାତ୍ର, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. କିଶୋର ଚନ୍ଦ୍ର ଆଚାର୍ଯ୍ୟ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ବିପିନ ବିହରୀ ଦାଶ, ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଭାଗିରଥୀ ମହାନ୍ତ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଅସ୍ତବ୍ୟସ୍ତ କରୁଛି ଅଘୋଷିତ ବିଦ୍ୟୁତ୍ କାଟ୍

**ବୀରମହାରାଜପୁର, ୧୩।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ବୁଧବାରର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ଟପିଥିବା ବେଳେ ବିଳମ୍ବିତ ରାତିରେ ଅସରାଏ ବର୍ଷା ହୋଇଛି। ବୀରମହାରାଜପୁରରେ ବର୍ଷାର ପରିମାଣ ୬୨ମିମି ଏବଂ ଉଲୁଣ୍ଡାରେ ୧୭.୬୭ମିମି ରେକର୍ଡ କରାଯାଇଛି। ଏହାର ପ୍ରଭାବରେ ଗତ ଏକ ସପ୍ତାହ ଧରି ଲାଗି ରହିଥିବା ଅସମ୍ଭାଳ ଉତ୍ତାପ ସାମାନ୍ୟ ହ୍ରାସ ପାଇଛି। ହେଲେ ଗରମ ଓ ଗୁଳୁଗୁଳି କମି ନ ଥିବା ଅନୁଭୂତ ହେଉଛି। ଏଭଳି ସ୍ଥିତିରେ ଅଘୋଷିତ ବିଦ୍ୟୁତ୍ କାଟ୍ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଦିନର ଅଧିକାଂଶ ସମୟରେ ବିଦ୍ୟୁତ୍ ବ୍ରିଭାଟ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଉପଖଣ୍ଡର ଆଭ୍ୟନ୍ତରୀଣ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଜନିତ ସମସ୍ୟା ଉତ୍କଟ ଆକାର ଧାରଣ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଗ୍ରୀଡ୍‌ଷ୍ଟେଶନ୍‌ରେ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ପ୍ରାୟତଃ କେହି ରହୁ ନାହାନ୍ତି। କୌଣସି ସମୟରେ କେହି କର୍ମଚାରୀ ଶୁଣିଲେ ସୁଦ୍ଧା ଲୋକଙ୍କ ବ୍ୟଥା ଉପଶମ କରିବାରେ ପଦକ୍ଷେପ ନିଆଯାଉ ନଥିବା ଅଭଯୋଗ ଆସୁଛି।

# ଜାତୀୟ ନୃତ୍ୟ ମହୋତ୍ସବରେ ପ୍ରଣାମ ନୃତ୍ୟାନୁଷ୍ଠାନ

**ବୌଦ୍ଧ, ୧୩।୬(ସ୍ୱ.ପ୍ର)**




ପ୍ରଣାମ ନୃତ୍ୟାନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଝାଡ଼ଖଣ୍ଡ ସ୍ଥିତ ରାଞ୍ଚି ହଟିଆର ଏନଆଇଏଫଏଫଟି ପ୍ରେକ୍ଷାଳୟରେ ଗତ ୫ ଓ ୬ ତାରିଖରେ ଦୁଇଦିନିଆ ଜାତୀୟ ନୃତ୍ୟ ମହୋତ୍ସବ ଓ ଆଲୋଚନାଚକ୍ର ସଂସ୍କୃତି ରାଞ୍ଚି ଓ ନୃତ୍ୟଶ୍ରୀ ଓଡିଶାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଝାଡ଼ଖଣ୍ଡ ସମେତ ଓଡିଶା, ପଶ୍ଚିମବଙ୍ଗ, ବିହାର ଓ ମଧ୍ୟପ୍ରଦେଶର ୧୧୦ ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ । ଏହି ନୃତ୍ୟ ପ୍ରତିଯୋଗିତାରେ ବୌଦ୍ଧର ପ୍ରଣାମ ନୃତ୍ୟାନୁଷ୍ଠାନ ଓଡିଶୀ, ଢାପ ଏବଂ ମା ଓ ଝିଅମାନଙ୍କୁ ନେଇ ଏକ ଉଚ୍ଚକୋଟୀର ଲୋକନୃତ୍ୟ ପରିବେଷଣ କରିଥିଲା । ସେହିପରି ନୃତ୍ୟସୋବର ଆବାହକ ଡ. ମନୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପରିଦର୍ଶନ କଳା ଶିକ୍ଷା ପଦ୍ଧତିର ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଗବେଷକ ଡ ବିଶ୍ୱଜିତ ଦାସ, ରଶ୍ମିରେଖା ଦାସ, ସଙ୍ଗୀତା ଠାକୁର, ରୁଦ୍ରନାରାୟଣ ଭଞ୍ଜଦେଓ, ପୁଷ୍ପା ସିଂ ଓ ଅଶୋକ ମଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହା ବ୍ୟତୀତ ନୃତ୍ୟଗୁରୁ ବିରଞ୍ଚି ଦାସ, ନାମିତ ରାଏ, ସନାତନ ନାଏକ, କୃଷ୍ଣଚନ୍ଦ୍ର ସେଠୀ, ପ୍ରଶାନ୍ତ କୁମାର ଭାଇନା, ଦୁଷନ୍ତ ନାଏକ ଓ କେଶବ ଚନ୍ଦ୍ର କର ସେମାନଙ୍କ ମତ ଉପସ୍ଥାପନ କରିଥିଲେ । ଶେଷରେ ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାର ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବର ନିର୍ଦ୍ଦେଶକ ଅଶୋକ କୁମାର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।


**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ନଂ.SBP/ELECT/2019/T-91,ତା.08.06.2019ରିଖ

**କାର୍ଯ୍ୟର ନାମ:** 03 (ତିନି) ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ରାୟଗଡ଼ା-ଟିଟିଲାଗଡ଼-ରାୟପୁର ସେକ୍ସନରେ ବିଭିନ୍ନ ବାଧାବିଘ୍ନ ନିବାରଣ ସ୍ଥଳରେ ପହଞ୍ଚିବା, ନିରୀକ୍ଷଣ, ଆକସ୍ମିକ ଯାଞ୍ଚ ଏବଂ ବିଭିନ୍ନ ଘରୋଇ ସାଇଡିଙ୍ଗ୍ ଗୁଡ଼ିକର ନିରୀକ୍ଷଣ ପାଇଁ କ୍ରିଉ ଏବଂ ଗାର୍ଡ, ଅଧିକାରୀ ଏବଂ ସୁପରଭାଇଜର ମାନଙ୍କ ପରିବହନ ନିମନ୍ତେ ଟିଟିଲାଗଡ଼ ଠାରେ ଗୋଟିଏ ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 17,08,781/-, EMD (ଟଙ୍କାରେ): 34,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,000/-, କାର୍ଯ୍ୟ ଶେଷ ହେବା ଅବଧି: 36 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.07.2019 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଥାରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ)/ ସମ୍ବଲପୁର
PR-156/K/19-20



**FORM NO-13**
**IN THE DEBT RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
**O.A. No. 221 / 2015**
**BETWEEN**
**IDBI BANK LIMITED,** At: IDBI House, Unit-IX, Janpath, Bhubaneswar...**APPLICANT**
-Versus-
**Choudhary Swarup Narayan Das and another** ...Defendants
To
1.1 **Ms. Aruna Das,** W/O- Late Choudhury L.N. Das, At: Duplex No.: 23/6, Manorama Green View, Patia, Bhubaneswar, Dist.: Khurda.
1.2 **Choudhury Arup Narayan Das,** S/O- Late Choudhury L.N.Das, At: Duplex No.: 23/6, Manorama Green View, Patia, Bhubaneswar, Dist.: Khurda.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 221/2015** in the Court of Debts Recovery Tribunal at Cuttack for a recovery of **Rs.52,22,960.00** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **19th day of July 2019 at 10.30A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **13th day of June, 2019.**

Sd/- Registrar
Debts Recovery Tribunal, Cuttack



**HDFC**
ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲିଃ.
୧୦୮-ଡି, ପ୍ରଥମ ମହଲା, ଲାଲ୍‌ଚାନ୍ଦ ଜୁଏଲର୍ସ ବିପରୀତ ପାର୍ଶ୍ୱ, ମାଷ୍ଟର୍ କ୍ୟାଣ୍ଟିନ୍ ଛକ, ଭୁବନେଶ୍ୱର-୭୫୧୦୦୧

**ଦଖଲ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ **ହାଉସିଂ ଡେଭଲପମେଣ୍ଟ୍ ଫାଇନାନ୍ସ କର୍ପୋରେସନ୍ ଲିଃ.**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ୍ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ଆଇନ୍‌ଗତ ଉତ୍ତରାଧିକାରୀ/ଆଇନ୍‌ଗତ ପ୍ରତିନିଧି(ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଦେୟ ପରିଶୋଧ ତାରିଖ ପର୍ଯ୍ୟନ୍ତ ଅଥବା ଦେୟ ଆଦାୟ ସମାପ୍ତି ପର୍ଯ୍ୟନ୍ତ ନୋଟିସ୍ ଦର୍ଶିତ ପ୍ରଜୁର୍ଯ୍ୟ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା ।

| ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି/ସୁରକ୍ଷିତ ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ |
|---|---|---|---|---|
| ଋଣଗ୍ରହୀତା: ନାଏକ ରବିନ୍ଦ୍ର କୁମାର, କ୍ୱାଟର୍ ନଂ.: ବି/୧୧, ଟିସ୍କୋ ହାଉସିଂ କମ୍ପ୍ଲେକ୍ସ, ମଧୁବନ, ପାରାଦୀପ-୭୫୪୧୪୨ | ୩୧.୧୦.୨୦୧୮ ସୁଦ୍ଧା ଟ.୧୨,୪୬,୭୭୪/-* | ୧୨.୧୨.୨୦୧୮ | ୧୧.୦୬.୨୦୧୯ | ଫ୍ଲାଟ୍‌ର ପରିମିତ କ୍ଷେତ୍ର: ପ୍ରାୟ ୬୫୯ ବର୍ଗଫୁଟ, ଫ୍ଲାଟ୍ ନଂ.: ୧୦୧, ୧ମ ମହଲା, ବ୍ଲକ୍ ସି-୩, ପ୍ରୋଜେକ୍ଟର ନାମ ଅନନ୍ତ ଭିଲ୍ଲା, ପ୍ଲଟ୍ ନଂ.: ୨୪୨, ୨୪୭, ୨୨୭/୨୭୮, ୨୩୮, ୨୩୯, ୨୪୦, ୨୪୧, ୨୩୭, ୨୩୧, ୨୩୬, ୨୪୩, ଖାତା ନଂ.: ୮୩, ୮୪, ୮୫, ୮୮, ୧୧୮, ୨୬, ୩୬, ମୌଜା: ନନ୍ଦପୁର, ତହସିଲ: ଜଟଣି, ଜିଲ୍ଲା: ଖୋର୍ଦ୍ଧା |
| ଋଣଗ୍ରହୀତା: ଶ୍ରୀ ପାତ୍ର ଉମା ଶଙ୍କର, ପାତ୍ର ଶୁଭଶ୍ରୀ, ପାତ୍ର ପୁଷ୍ପାଞ୍ଜଳି, ପ୍ଲଟ୍ ନଂ.: ୧୪/୩୭୩୪, କଟକ ରୋଡ୍, ଭୁବନେଶ୍ୱର ହୋଟେଲ ନିକଟ, ଭୁବନେଶ୍ୱର-୭୫୧୦୦୬ | ୨୮.୦୨.୨୦୧୯ସୁଦ୍ଧା ଟ.୧,୫୦,୩୬,୩୮୪/-* ଟ.୧,୬୨,୦୧୮/-* ଟ.୫୭,୫୯,୨୬୨/-* | ୧୮.୦୩.୨୦୧୯ | ୧୧.୦୬.୨୦୧୯ | ଫ୍ଲାଟ୍ ନଂ.: ୪୦୩, ୪ର୍ଥ ମହଲା, ୪୦୪, ୪ର୍ଥ ମହଲା, ୨୦୪, ୨ୟ ମହଲା, ୩୦୨, ୩ୟ ମହଲା, ପ୍ରତ୍ୟେକଟିର ସୁପର ବିଲ୍ଟ ଅପ୍ ଏରିଆ: ୧୪୨୦ ବର୍ଗଫୁଟ ସହିତ ଅବିଭକ୍ତ ଆନୁପାତିକ ଜମିର ଅଂଶ ସହ ଶିବନାଥ ଲାଇଫ୍ ଷ୍ଟାଇଲ୍ ବିଲ୍ଡିଂ ସଂଲଗ୍ନ ଥିବା ସମସ୍ତ କ୍ଷେତ୍ର ଯାହାର ପ୍ଲଟ୍ ନଂ.: ୮୩୭/୧୯୫୨, ଅନୁରୂପ ଜିଏ ପ୍ଲଟ୍ ନଂ.: ୩୩୮ ୮୩୭, ଖ-୧୦୩୩, ମୌଜା: ଭୁବନେଶ୍ୱର ସହର ୟୁନିଟ ୧୧, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୧ |
| ଋଣଗ୍ରହୀତା: ଶ୍ରୀ ଭଞ୍ଜଦେଓ ଅନନ୍ତ ନାରାୟଣ, ଭଞ୍ଜଦେଓ ଧନଞ୍ଜୟ ନାରାୟଣ, ଜନ୍ମେଜୟ ଏନ ଭଞ୍ଜଦେଓ, ଭଞ୍ଜଦେଓ ମାଳବିକା ଭଞ୍ଜ ମିନେରାଲ୍ସ ପ୍ରା. (ସହ-ଋଣଗ୍ରହୀତା), ପ୍ଲଟ୍ ନଂ.: ୧୪୬୯/ବି, ଜିଲ୍ଲା: କଟକ, ଗ୍ରାମ: ମର୍କତନଗର, ଷ୍ଟ୍ରିଟ୍: ସେକ୍ଟର-୬, ବି-କାଟେଗୋରୀ, ବିଡାନାସୀ ପ୍ରୋଜେକ୍ଟ ଏରିଆ, କଟକ-୭୫୩୦୧୪ | ୨୮.୦୨.୨୦୧୯ ସୁଦ୍ଧା ଟ.୨,୩୧,୨୨,୮୨୨/-* | ୧୮.୦୩.୨୦୧୯ | ୧୨.୦୬.୨୦୧୯ | ପ୍ରାୟ ୩୮୪୦ ବର୍ଗଫୁଟ ପ୍ଲଟ୍ ସହିତ ସେଠାରେ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ନିର୍ମାଣ ଯାହାର ପ୍ଲଟ୍ ନଂ.: ୧୪୬୯, ଜିଲ୍ଲା: କଟକ, ଗ୍ରାମ: ମର୍କତନଗର ଷ୍ଟ୍ରିଟ, ସେକ୍ଟର-୬, ବି-କାଟେଗୋରୀ, ଡ୍ରଇଂ ନଂ.: ବି/୧୪୬୯/ସିଡିଏ (ପିଏଲ)ବି/୧୧୦ ବିଡାନାସୀ, ପ୍ରୋଜେକ୍ଟ ଏରିଆ, କଟକ-୭୫୩୦୦୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟ ଚଉଡା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ବି/୧୪୮୨, ପୂର୍ବ: ପ୍ଲଟ୍ ନଂ.: ବି/୧୪୬୮, ପଶ୍ଚିମ: ପ୍ଲଟ୍ ନଂ.: ବି/୧୪୭୦ |

***ସହିତ ଋଣ ପରିଶୋଧ / କିମ୍ବା ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପରିବର୍ତ୍ତି ପ୍ରଜୁର୍ଯ୍ୟ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ।**
ଯେହେତୁ ଉପରୋକ୍ତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନେ)ସେମାନଙ୍କର ଦେୟ ପରିଶୋଧ କରିବାରେ ବିଫଳ ହେଲେ ସେହେତୁ ବିଶେଷ କରି ଉପର ବର୍ଣ୍ଣିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ-୮ ଅନୁସାରେ କ୍ଷମତା ପ୍ରୟୋଗ କରି ଏଚ୍‌ଡିଏଫ୍‌ସିର କ୍ଷମତାପ୍ରାପ୍ତ ଅଧିକାରୀ ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଗୁଡ଼ିକୁ ଉପରେ ଦର୍ଶାଯାଇଥିବା ତାରିଖରେ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ଉପରେ ଦର୍ଶାଯାଇଥିବା ରାଶି ପାଇଁ **ଏଚ୍‌ଡିଏଫ୍‌ସି ଲିମିଟେଡ୍** ନିକଟରେ ଉତ୍ତରଦାୟୀ ରହିବେ । ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନ୍‌ଗତ ପ୍ରତିନିଧି (ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ । ପ୍ରସ୍ତୁତ କରାଯାଇଥିବା ପଞ୍ଚନାମା ଏବଂ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା/ଆଇନ୍‌ଗତ ଉତ୍ତରାଧିକାରୀ/ଆଇନ୍‌ଗତ ପ୍ରତିନିଧିମାନେ ଉକ୍ତ ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିବା ପାଇଁ ଅନୁରୋଧ କରାଯାଉଛି ।

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୩.୦୬.୨୦୧୯** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଏଚ୍‌ଡିଏଫ୍‌ସି ଲିମିଟେଡ୍**

Regd. Office : Ramon House, H.T. Parekh Marg, 169, Backbay Reclamation, Churchgate, Mumbai-400 020



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ୭ମ ଅର୍ଥନୈତିକ ଜନଗଣନା ସର୍ବେକ୍ଷଣ କର୍ମଶାଳା

**ବଲାଙ୍ଗୀର ଅଫିସ, ୧୩।୬:** ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଦେଶର ସପ୍ତମ ଅର୍ଥନୈତିକ ଜନଗଣନା ସର୍ବେକ୍ଷଣ ପାଇଁ ଏକ ସର୍ବେକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲାର ସମସ୍ତ ଇ-ଗଭର୍ଣ୍ଣାସ୍ ଗ୍ରାହକ ସେବା କେନ୍ଦ୍ରର ଇସି ସୁପରଭାଇଜରମାନଙ୍କୁ ଏହି କର୍ମଶାଳାରେ ସର୍ବେକ୍ଷଣ ବିଷୟରେ ବିଭାଗୀୟ ଅଧିକାରୀମାନେ ଅବଗତ କରିଥିଲେ । କର୍ମଶାଳାକୁ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜାତୀୟ ନମୂନା ସର୍ଭେ ଅଧିକାରୀ (ଏନ୍ଏସ୍ଏସ୍ଓ) ଜି. ପୃଷ୍ଟି ଯୋଗଦାନ କରିଥିଲେ । ଅନ୍ୟ ଅଧିକାରୀ ମୁନୀନ୍ଦ୍ର କୁମାର ମିଶ୍ର, ଶ୍ୱେତଲିନା ସିଂଘାନିଆ, ରମାକାନ୍ତ ସ୍ୱାଇଁ ଯୋଗଦେଇ ଇସି ସୁପରଭାଇଜରମାନଙ୍କୁ ସର୍ବେକ୍ଷଣର ନୀତି ନିୟମ ବିଷୟରେ ଅବଗତ କରିଥିଲେ । ଜିଲା ଇ-ଗଭର୍ଣ୍ଣାସ୍ ଜିଲା ଅଧିକାରୀ ଆଶିଷ କୁମାର ହୋତା, ସିଏସ୍ସି ଜିଲା ଅଧିକାରୀ ରାଜେନ୍ଦ୍ର ମହାଲିଙ୍ଗ, ଜିଲା ସିଏସ୍ସି ସମନ୍ୱୟ ଅଧିକାରୀ ଅନିରୁଦ୍ଧ ମହାମଲ୍ଲିକ ଉପସ୍ଥିତ ରହି କର୍ମଶାଳାରେ ସହଯୋଗ କରିଥିଲେ ।

### ବିଜେଡି ଯୁବନେତାଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୩।୬:** ବଲାଙ୍ଗୀର ବିଜେଡି ଯୁବ ସାଧାରଣ ସମ୍ପାଦକ ମନୀଷ କୁମାର ମିଶ୍ର (୪୩)ଙ୍କ ବିୟୋଗରେ ଏଠାରେ ଶୋକ ପ୍ରକାଶ ପାଇଛି । ନିଜ ଶିଶୁପୁତ୍ରର ଚିକିତ୍ସା ପାଇଁ ମିଶ୍ର ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରକୁ ଯାଇଥିବାବେଳେ ସେଠାରେ ବୁଧବାର ରାତି ପ୍ରାୟ ୨ଟାରେ ଛାତିଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ସ୍ଥାନୀୟ ଏକ ହସପିଟାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବିଜେଡିର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ସ୍ୱର୍ଗତ ମିଶ୍ର ବେଶ ସାଂଗଠନିକ କାର୍ଯ୍ୟ କରିଥିଲେ । ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମପି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ସଦର ବ୍ଲକ୍ ସଭାପତି ଗୋଲାପ ବାଗ, ପୌରାଧକ୍ଷା ସନ୍ତୋଷିନୀ ବେହେରା, ଉପାଧକ୍ଷା ଲିପିଶ୍ରୀ ସାଏ, ଛାତ୍ର ବିଜେଡି ସଭାପତି ଗୁଞ୍ଜ ଖାନ ପ୍ରମୁଖ ମୃତକଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ସନ୍ଧ୍ୟାରେ ପ୍ରେସକ୍ଲବ୍ ସଭାପତି ଅରୁଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ବିଧୁଭୂଷଣ ତ୍ରିପାଠୀ, ବୁଲୁ ଦାନୀ, ସୁରୁ ମଟାରୀ, ସତ୍ୟସୁନ୍ଦର ଭଞ୍ଜ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଦିଲୀପ ସାହୁ, ବୀରେନ୍ଦ୍ର ଝାଙ୍କର, ପ୍ରଶାନ୍ତ ମହାକୁର, ପବିତ୍ର ନେପାକ, ଦେବାଶିଷ ମିଶ୍ର ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ତାଙ୍କ ମରଶରୀର ଲକ୍ଷ୍ନୌରୁ ବଲାଙ୍ଗୀର ଅଣାଯାଉଛି ଓ ଗୁରୁବାର ଏଠାରେ ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାପଡିଛି ।

### ପୋଖରୀରେ ପଶୁଛି ଡ୍ରେନ୍ ପାଣି

**ଡୁଙ୍ଗୁରିପାଲି, ୧୩।୬(ଡି.ଏନ.ଏ.):** ଡୁଙ୍ଗୁରିପାଲି ବ୍ଲକ ସହଲା ଗ୍ରାମରେ ଥିବା ସୁରୁବନ୍ଧରେ ପଶୁଛି ଡ୍ରେନପାଣି। ଏଥିଯୋଗୁ ଜଳାଶୟର ଜଳ ବ୍ୟବହାର ଉପଯୋଗୀ ହେଉନାହିଁ। ଆବର୍ଜନା ଯୋଗୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଥିଯୋଗୁ ମଶାମାଛି ଉପଦ୍ରବ ଦେଖାଦେଉଛି। ପୁନଶ୍ଚ ଜଳାଶୟରେ ଥିବା ମାଛ ଓ ଅନ୍ୟ ଜଳଜୀବ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଡ୍ରେନ ପାଣିକୁ ଅନ୍ୟମାର୍ଗରେ ନିଷ୍କାସନ କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

କନିଷ୍ଠ ଯନ୍ତ୍ରୀଙ୍କୁ ବିଧାୟକଙ୍କ ଉଠ୍‌ବସ୍ କରିବା ଘଟଣା

# ତହସିଲ ଅଫିସ ଘେରିଲେ ଆଦିବାସୀ

**କଣ୍ଟାବାଞ୍ଜି, ୧୩।୬(ଡି.ଏନ.ଏ.)**

ପାଟଣାଗଡ ବିଧାୟକ ସରୋଜ ମେହେର ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ସର୍ବସାଧାରଣ ସ୍ଥାନରେ କାନ ଧରି ଉଠ୍‌ବସ୍ କରିବା ଘଟଣାରେ ପ୍ରତିବାଦର ସ୍ୱର ଦିନକୁ ଦିନ ବଢିବାରେ ଲାଗିଛି। ଗୁରୁବାର କଣ୍ଟାବାଞ୍ଜିରେ ଜିଲା ଆଦିବାସୀ କଲ୍ୟାଣ ସଂଘ ତୁରେକେଲା ଶାଖା ପକ୍ଷରୁ କଣ୍ଟାବାଞ୍ଜି ତହସିଲ ଅଫିସ ଘେରାଉ କରାଯାଇଥିଲା। ଏଥିରେ ବିଧାୟକ ମେହେରଙ୍କ ଗିରଫ ଦାବି କରାଯାଇଛି।

ଗୁରୁବାର ସକାଳେ ସ୍ଥାନୀୟ ସାପ୍ତାହିକ ବଜାରସ୍ଥିତ କଲ୍ୟାଣ ମଣ୍ଡପରୁ ଶତାଧିକ ଆଦିବାସୀ ନଗର ପରିକ୍ରମା କରି ତହସିଲ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ପୋଲିସ ସୁରକ୍ଷା ସତ୍ତ୍ୱେ ସେମାନେ ତହସିଲ କାର୍ଯ୍ୟାଳୟ ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ବିଧାୟକ ଆଇନ ଉଲ୍ଲଂଘନ କରିଥିଲେ ବି ପୋଲିସ ତାଙ୍କୁ ସୁରକ୍ଷା ଦେଉଥିବାରୁ ନିନ୍ଦା କରି ତୁରନ୍ତ ଗିରଫ ଦାବି କରିଥିଲେ। ଯଥାଶୀଘ୍ର ଗିରଫ ନ କଲେ ଅବିଭକ୍ତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡା ଜିଲାରେ ଆସନ୍ତା ଦିନରେ ଆଦିବାସୀମାନେ ଆଇନ ଅମାନ୍ୟ ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ଚେତାବନୀ ଦେଇଥିଲେ। ଏଥି ସହିତ ପୁଣି ତୁରେକେଲା ବ୍ଲକ ସିମାନିବାହାଲି ଗାଁରେ ଆମ ଗାଁ ଆମ ବିକାଶ ଯୋଜନାରେ କମ୍ୟୁନିଟି ହଲ ନିର୍ମାଣରେ ବ୍ଲକ ଅଧକ୍ଷା ଅନୁ ଭୁଏ ଲାଞ୍ଚ କାରବାର କରୁଥିବା ନେଇ ବିଜେଡି ନେତା ଅଜୟ ଦାସ ଏକ ଭିଡିଓ ଭାଇରାଲ କରିଥିଲେ। ଏହାର ପ୍ରତିବାଦରେ ଅଧକ୍ଷା ଭୁଏ କଣ୍ଟାବାଞ୍ଜିରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ଆଦିବାସୀ ସଂଘ ମହିଳା ଆଦିବାସୀ ଜନପ୍ରତିନିଧିଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ମିଥ୍ୟା ବୋଲି ଦର୍ଶାଇ ଦାସଙ୍କୁ ମଧ ଗିରଫ ଦାବି କରିଛି । ବମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବିଳମ୍ବେ ବିଧାୟକ ମେହେର ଓ ଅଜୟ ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ସଂଘ ଦାବି କରିଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଏକଦାବିପତ୍ର ତହସିଲଦାର ଅଶୋକ କୁମାର ମାଝିଙ୍କୁ ପ୍ରଦାନ କରାଯାଇଛି। ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜ କିଶୋର ସିଂଭୋଇଙ୍କ ନେତୃତ୍ୱରେ କରାଯାଇଥିବା ଏହି ଘେରାଉ କାର୍ଯ୍ୟକ୍ରମରେ ତୁରେକେଲା ବ୍ଲକ ସଭାପତି ଚୌବନ କିଶୋର ମାଝି, ସମ୍ପାଦକ ନରୋତ୍ତମ ମାଝି, ସଂଘର ଟିଟିଲାଗଡ ସଭାପତି ଥବିର ମାଝି, ଅକ୍ଷୟ କୁମାର ପ୍ରଧାନ,ତୁରେକେଲା ବ୍ଲକ ଅଧକ୍ଷା ଅନୁ ଭୁଏଙ୍କ ସହ ଶତାଧିକ ମହିଳା ପୁରୁଷ ସାମିଲ ଥିଲେ । ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, କଣ୍ଟାବାଞ୍ଜି ଆଇଆଇସି ବିଜୟାନନ୍ଦ କରକରା ପ୍ରମୁଖ ଉପସ୍ଥିତ ଥିଲେ।



କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଆଦିବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ତାଲୁକ ସେବା କମିଟିର ଶିଶୁ ଶ୍ରମିକ ନିରୋଧୀ ଦିବସ

**ଟିଟିଲାଗଡ଼, ୧୩।୬(ଡି.ଏନ.ଏ.)**

ବିଶ୍ୱ ଶ୍ରମିକ ନିରୋଧ୍ ଦିବସ ଅବସରରେ ତାଲୁକ ଆଇନ ସେବା କମିଟି, ଟିଟିଲାଗଡଙ୍କ ପକ୍ଷରୁ ଜଗୁଆ ପଂଚାୟତ କାର୍ଯ୍ୟାଳୟର ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜେଶ ନାୟାର, ଏସଡିଜେଏମ ଏସ. ପରମଗୁରୁ, ଉପଜିଲାପାଳ ସୁଧାକର ନାୟକ, ସଦସ୍ୟ ଉତ୍ତମା ନାୟକ, ଆରପିଓ କେ.ଏସ. ସାହୁ ପ୍ରମୁଖ ଯୋଗଦେଇ ଶିଶୁଙ୍କ ଉତ୍ଥାନ ପାଇଁ ସମସ୍ତ ବର୍ଗ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ । ଚାଇଲ୍ଡ ପ୍ରୋଟେକ୍ସନ ଆକ୍ଟ ଏବଂ ଚାଇଲ୍ଡ ୱେଲଫେୟାର ସିଡ୍ୟୁଲ ସମ୍ବନ୍ଧରେ ଏହି ଅବସରରେ ସୂଚନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସୁଦାମ ମାଝୀ, ସମିତି ସଭ୍ୟ କଦମ ଠେଲା, ଆଇନଜୀବୀ ପି.କେ. ବିଶି, ବିବି ରଣା, ରୁପେଶ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ ।.

## ଆର୍‌ପିଏଫ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୧୩।୬(ଡି.ଏନ.ଏ.)**

ରେଲବାଇ ସୁରକ୍ଷା ବଳ (ଆରପିଏଫ) ଟିଟିଲାଗଡ ପୋଷ୍ଟ ପକ୍ଷରୁ ମହିଳା ସୁରକ୍ଷା ବର୍ଷ ୨୦୧୮-୧୯ ଅବସରରେ ଯାତ୍ରୀ ସୁରକ୍ଷା ନେଇ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରପିଏଫ ଏସଆଇପିଏଫ ସି.ବି .ଭୋଇ, ପିସି ଏମ.ଏସ. କୁମାୱତଙ୍କ ନେତୃତ୍ୱରେ ଟ୍ରେନ ଯାତ୍ରୀଙ୍କୁ ବ୍ୟାନର, ଲିଫଲେଟ, ଡାକବାଜି ଯନ୍ତ୍ର ଯୋଗେ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କରାଯାଇଥିଲା। ରେଳବାଇ ଫୋର୍ସ ହେଲ୍ପ ଲାଇନ ନମ୍ବର ୧୮୨ ସମ୍ବନ୍ଧରେ ଅବଗତ କରାଯାଇଥିଲା। ସେହିପରି ହାଟପଦା ରେଲବାଇ କ୍ରସିଂଠାରେ ଲୋକଙ୍କୁ ରେଳକ୍ରସିଂ ସତର୍କତା ସମ୍ବନ୍ଧରେ ସଚେତନ କରାଯାଇ ଲିଫଲେଟ ବଣ୍ଟାଯାଇଥିଲା। କାର୍ଯ୍ୟକ୍ର ସଞ୍ଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ଆରପିଏଫ ଏଏସଆଇ ଏସ.କେ. ଗର୍ଡିଆ ସହାୟତା କରିଥିଲେ।



ଆର୍‌ପିଏଫ୍ ପକ୍ଷରୁ ଟିଟିଲାଗଡ ରେଳଷ୍ଟେଶନରେ ଯାତ୍ରୀ ସୁରକ୍ଷା ନେଇ ସଚେତନ କରାଯାଉଛି।

### ବ୍ଲକସ୍ତରୀୟ ତାଲିମାର୍ଥୀ ଚୟନ, ପରାମର୍ଶ ଶିବିର

**ଖପ୍ରାଖୋଲ, ୧୩।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହଠାରେ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମିଶନ ଅଧୀନରେ ବ୍ଲକସ୍ତରୀୟ ତାଲିମାର୍ଥୀ ଚୟନ ଓ ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓରମାସ, ଓଏଲଏମ ଓ ଡିଆରଡିଏ ବଲାଙ୍ଗୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା ଅଧ୍ୟକ୍ଷତା କରିଥିଲେ। ସଂଯୋଜକ ମୁକେଶ ସିଂ, ବିପିଏମ ମନୋଜ କେରକେଟା, ଏମଏଲସି ପ୍ରଶାନ୍ତ କୁମାର ନନ୍ଦ, ଏମବିଏଲସି ସସ୍ମିତା ସାହୁ, ଟାଟାଟ୍ରଷ୍ଟ ସିନିୟର ମ୍ୟାନେଜର ସୁଶୀଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯୁବତୀଯୁବକମାନଙ୍କୁ ଶିକ୍ଷାଗତ ଯୋଗ୍ୟତା ଏବଂ ଦକ୍ଷତାଭିତ୍ତିରେ ବିଭିନ୍ନ ବିଷୟଭିତ୍ତିକ ତାଲିମ ପ୍ରଦାନ ମାଗଣାରେ ଯୋଗାଇ ଦେବା ସହ ନିଯୁକ୍ତି ଏବଂ ଆୟବୃଦ୍ଧି ପାଇଁ ଶିବିରାର୍ଥୀଙ୍କୁ ଅତିଥିମାନେ ବୁଝାଇଥିଲେ। ଏହି ଅବସରରେ ଖପ୍ରାଖୋଲ, ନାନ୍ଦୁପଲା, ମହରାପଦର, ଓଡିଆପାଲି ପଞ୍ଚାୟତର ୯୭ଜଣ ଅଂଶଗ୍ରହଣ କରିଥିଲେ। ତାଲିମ ଦେବା ପାଇଁ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ ।

ଧାନକ୍ରୟ ନେଇ ଅଚଳାବସ୍ଥା ଜାରି

## ଟାର୍ଗେଟ ବଢ଼ାଇବାକୁ ରାସ୍ତାରୋକୋ

**ଖପ୍ରାଖୋଲ, ୧୩।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ରେ ପୁଣି ଦେଖାଦେଇଛି ଚାଷୀ ଅଶାନ୍ତି। ଧାନବିକ୍ରି ଟାର୍ଗେଟକୁ ନେଇ ଚାଷୀମାନେ ପୁଣିଥରେ ଓହ୍ଲାଇଛନ୍ତି ରାସ୍ତାକୁ। ବଡଗୁର୍ଜିଭଟା ଅସ୍ଥାୟୀ ମଣ୍ଡି ସମ୍ମୁଖ ରାସ୍ତାରେ ଶହଶହ ବସ୍ତା ଧାନ ରଖି ଗୁରୁବାର ସକାଳୁ ଚାଷୀମାନେ ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସନ୍ଧ୍ୟାରେ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକ, ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କଲାପରେ ରାସ୍ତାରୋକୋ ହଟିଥିଲା।

ପ୍ୟାକ୍ସ ଅଞ୍ଚଳରେ ଅଧିକ ଅମଳ ହୋଇଥିଲେ ବି ପ୍ରଥମ ଦଫାରେ ୫୪୫କୁଇଣ୍ଟାଲ ଏବଂ ଦ୍ୱିତୀୟ ଦଫାରେ ୭୫୦ କୁଇଣ୍ଟାଲ ଧାନ ଯୋଗାଣ ବିଭାଗ ତରଫରୁ ଟାର୍ଗେଟ ରହିଛି। ଯାହାକୁ ନେଇ ଚାଷୀ ଅଶାନ୍ତି ଦେଖାଦେଇଛି। ସପ୍ତାହକ ତଳେ ଚାଷୀମାନେ ରାସ୍ତାରୋକୋ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ ପାଟଣାଗଡ ବିଧାୟକ ସରୋଜ ମେହେର ଚାଷୀଙ୍କ ନିକଟରେ ପହଞ୍ଚି ସାତଦିନ ମଧ୍ୟରେ ସବୁ ଧାନ ଉଠିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ହେଲେ ଦ୍ୱିତୀୟ ଦଫାରେ ମାତ୍ର ୭୫୦କୁଇଣ୍ଟାଲ ଟାର୍ଗେଟ ଜାଣିଲା ପରେ ଚାଷୀମାନେ ଗୁରୁବାର ପୁଣି ରାସ୍ତାରୋକୋ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏ ନେଇ ତହସିଲଦାର ନାଏକଙ୍କୁ ପଚାରିବାରୁ ୭୫୦ କୁଇଣ୍ଟାଲ ଟାର୍ଗେଟ ଧାନକୁ ଆନ୍ଦୋଳନରତ ଚାଷୀ ସମସ୍ତେ କିଭଳି ଅଳ୍ପଅଳ୍ପ ବିକି ପାରିବେ ସେ ନେଇ ବୁଝାଯାଇଥିଲା। ଜିଲା ଯୋଗାଣ ଅଧିକାରୀଙ୍କ ସହ ମଧ୍ୟ ଟାର୍ଗେଟ ବଢାଇବାକୁ ଆଲୋଚନା ହୋଇଛି ବୋଲି କହିଛନ୍ତି।


ଆନ୍ଦୋଳରତ ଚାଷୀଙ୍କ ସହ ତହସିଲଦାର ନିରଞ୍ଜନ ନାଏକ ଆଲୋଚନା କରୁଛନ୍ତି।

**ଖପ୍ରାଖୋଲ ପ୍ୟାକ୍ସ**
- ସପ୍ତାହକରେ ଦ୍ୱିତୀୟ ଥର
- ବଢୁଛି ଚାଷୀ ଅସନ୍ତୋଷ

## ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର

**ଟିଟିଲାଗଡ଼,୧୩।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ପୌର ପରିଷଦ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ସହରାଞ୍ଚଳ ଉନ୍ନୟନ) ଯୁଗଳେଶ୍ୱରୀ ଦାସ, ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ଉପାଧକ୍ଷା ଅଞ୍ଜନା ବର୍ମା, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ସୁଜାତାରାଣୀ ମିଶ୍ର, ସିଓ ଶୁଭଶ୍ରୀ ସାହୁ ଉପସ୍ଥିତ ଥିଲେ। କାଉନସିଲର ସୁନୀଲ ସାହୁ, ସରିତା ବେହେରା, ସନ୍ତୋଷିନୀ ସୁନାନୀ, ରଶ୍ମିତା ପ୍ରଧାନ, ଜ୍ୟୋତି ବେହେରା, ବଳଦେବ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରୋଜେକ୍ଟର ମାଧ୍ୟମରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଥିଲା। ପୌର ପରିଷଦ ପକ୍ଷରୁ ସଫେଇ କର୍ମଚାରୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇଥିଲା।

## ଘର ସମ୍ମୁଖରୁ ବାଇକ୍ ଚୋରି

**ବିନିକା,୧୩।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ପୌରାଞ୍ଚଳର ବିନିକାପଡାର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ଗୁରୁବାର ଅପରାହ୍ନରେ ତାଙ୍କ ବାଇକ୍ ଚୋରି ହୋଇଯାଇଛି। ଏନେଇ ବିନିକା ଥାନାରେ ବାଇକ୍ ମାଲିକ ମାନଭଞ୍ଜନ ପାଣ୍ଡେ ଅଭିଯୋଗ କରିଛନ୍ତି। ଅପରାହ୍ନ ପ୍ରାୟ ୧ଟାରେ ନିଜ ଘର ସମ୍ମୁଖରେ ବାଇକ ରଖି ବିଶ୍ରାମ ନେଇଥିଲେ । ମାତ୍ର ଅପରାହ୍ନ ୩ଟାରେ ଘରୁ ବାହାରିବା ବେଳେ ସେଠାରେ ବାଇକ୍ ନଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ଟିଟିଲାଗଡ଼ ପ୍ରଶାସନର ରଥଯାତ୍ରା ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀ।

**ଟିଟିଲାଗଡ଼, ୧୩।୬(ଡି.ଏନ.ଏ)**

ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଜିଉଙ୍କ ପବିତ୍ର ରଥ ଯାତ୍ରା ଉତ୍ସବ ନେଇ ଟିଟିଲାଗଡ ପ୍ରଶାସନ ତଥା ଧବଳେଶ୍ୱର ଦଧିବାମନ ଟ୍ରଷ୍ଟ ପକ୍ଷରୁ ଟିଟିଲାଗଡ ବାଳକ ହାଇସ୍କୁଲ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଅଧକ୍ଷ ତଥା ଉପଜିଲାପାଳ ସୁଧାକର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ଏସଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, ଟ୍ରଷ୍ଟ ସଦସ୍ୟ ଭବାନୀପ୍ରସାଦ ହୋତା, ସଞ୍ଜିବ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ। ରଥଯାତ୍ରା ସମୟରେ ପ୍ରବଳ ଭିଡ ସମାଗମ ନେଇ ଟ୍ରାଫିକ ବ୍ୟବସ୍ଥା, ଆଇନଶୃଙ୍ଖଳା, ପାର୍କିଂ, ପରିମଳ ବ୍ୟବସ୍ଥା, ଆକସ୍ମିକ ଦୁର୍ଘଟଣା ଏଡାଇବା ପାଇଁ ପୋଲିସ କର୍ଡନ ବ୍ୟବସ୍ଥିତ କରିବା, ବିଦ୍ୟୁତ, ଜଳଯୋଗାଣ, ରଥଟଣା ପାଇଁ ହମ୍ପସ ଅପସାରଣ, ପ୍ରସାଦସେବନ ସୁବ୍ୟବସ୍ଥିତ କରିବା, ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ ଆଦି ନେଇ ଉପସ୍ଥିତ ସହର ନାଗରିକ ନିଜ ମତାମତ ପ୍ରଦାନ କରିଥିଲେ। ଆସନ୍ତା ୧୭ରେ ଜଗନ୍ନାଥଙ୍କ ଦେବସ୍ନାନ ନେଇ ବିଧି ବ୍ୟବସ୍ଥା, ମାଉସୀମା ମନ୍ଦିରକୁ ନୂତନ ରୂପ ଦେବା ନେଇ ଆଲୋଚନା ହୋଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଜଗତାନନ୍ଦ ଜଗତ, ଅବକାରୀ ଅଧିକାରୀ ଗୋବର୍ଦ୍ଧନ ରଣା, ଟ୍ରଷ୍ଟବୋର୍ଡ ବରିଷ୍ଠ କିରାଣୀ ହେମନ୍ତ ବାଗ, ପଞ୍ଚାନନ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଯୁରାବନ୍ଧ ଚାମ୍ପିୟନ

**ଟିକ୍ରାପଡା,୧୩।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧିନ ଦେଓଗାଁଠାରେ ଗୁରୁକୁଳ ସପ୍ତର୍ଷି ସେବାଶ୍ରମ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଆଞ୍ଚଳିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠିତ ଫାଇନାଲ ମ୍ୟାଚରେ କେଓମାଲକୁ ହରାଇ ଯୁରାବନ୍ଧ ଚାମ୍ପିୟନ ହୋଇଛି। ଟସ୍ ଜିଣି କେଓମାଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୨୩ ରନ କରିଥିଲା । ଜବାବରେ ଯୁରାବନ୍ଧ ଦଳ ୬ ଓଭରରେ ୮ ଉଇକେଟ ହରାଇ ୨୪ ରନ କରି ଚାମ୍ପିୟନ ହୋଇଥିଲେ । ଜୟରାଜ ବୁଡେକ, କିଶୋର ସାହୁ, ମନୋଜ ପୁଟେଲ ଖେଳ ପରିଚାଳନା କରିଥିଲେ। ପ୍ରକାଶ ସାହୁ, ଅଭିଳାଷ ଦେଓ ଧାରା ବିବରଣୀ ପ୍ରଦାନ କରିଥିଲେ। ମନୋହର ବାଗଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଧୁମାଭଟା ସରପଞ୍ଚ କିଶନ ରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସହଦେବ ଶାସ୍ତ୍ରୀ ସଭାରେ ଅଧ୍ୟକ୍ଷତା କରିଥିଲେ । ଚିନ୍ତାମଣି ପଟ୍ଟନାୟକ, ଟିକ୍ରାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ୍ତ ପାଢୀ, ରୁଦ୍ର ତାଣ୍ଡି, ଆଡଭୋକେଟ ଗୌରଚନ୍ଦ୍ର ରାଜପଲିଆ, ନେହେରୁ ବୁଡେକ, ପୀତବାସ ସାହୁ, ସେବାନନ୍ଦ ବାନପ୍ରସ୍ଥି, ଦେବାନନ୍ଦ ବାନପ୍ରସ୍ଥି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦୦୦ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୫୦୦ ଟଙ୍କା ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ୍ ଦି ମ୍ୟାଚ ଯୁରାବନ୍ଧର ଟୁଲୁ ଓ ମ୍ୟାନ ଅଫ୍ ଦ ସିରିଜ ଭାବେ ପିଣ୍ଟୁଙ୍କୁ ପୁରସ୍କୃତ କରାଯାଇଥିଲା । କୃଷ୍ଣ ପସାୟତ ଧନ୍ୟବାଦ ଅର୍ପଣ କରିଥିଲେ । ଅଭିମନ୍ୟୁ ବାଗ, ଗୋପଳ ସାହୁ, ଅମର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ଢାବା କର୍ମଚାରୀଙ୍କ ମୃତ୍ୟୁ

ଲହଣୀପଡ଼ା,୧୩।୬(ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ ଲହୁଣୀପଡ଼ା ବ୍ଲକ ଛକରେ ଥିବା ଏକ ଢ଼ାବା କର୍ମଚାରୀଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, କର୍ମଚାରୀ ଜଣକ ବୁଧବାର ଅସୁସ୍ଥତା ଅନୁଭବ କରିବାରୁ ତାକୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତି ଜଣକ ଶ୍ୟାମ ସାହୁ (୬୦)। ସେ ଲହୁଣୀପଡାରେ ପ୍ରାୟ ୩୦ ବର୍ଷ ହେବ ରହୁଥିଲେ। ୧୦ରୁ ୧୨ ବର୍ଷ ହେବ ବ୍ଲକ ଛକସ୍ଥିତ ଢାବାରେ କାମ କରୁଥିଲେ । ତାଙ୍କ ପ୍ରକୃତ ପରିଚୟ କାହାର ପାଖରେ ନାହିଁ । ଏ ସଂକ୍ରାନ୍ତରେ ଢ଼ାବା ମାଲିକ ଲହଣୀପଡ଼ା ଥାନାରେ ଅବଗତ କରାଇବା ପରେ ପୋଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ କରାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତ ଶ୍ୟାମର ପ୍ରକୃତ ପରିଚୟ ମିଳି ନ ଥିବାରୁ ପୋଲିସ ମୃତଦେହ ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସକୁ ପଠାଇଛି। ସରକାରଙ୍କ ନିୟମ ଅନୁସାରେ ୭୨ ଘଣ୍ଟା ପରେ ଶବ ସତ୍କାର କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



### ନିଆଁ ଲାଗି ଟ୍ରକ୍ ଜଳିଗଲା

ଲହଣୀପଡା,୧୩।୬(ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ କଲେଇପୋଷ-ବରସୁଆଁ ରାସ୍ତା ଟିଙ୍କୋ ଘାଟିରେ ଗୁରୁବାର ସକାଳେ ଏକ ଚଳନ୍ତା ଟ୍ରକରେ ନିଆଁ ଲାଗି ଯାଇଥିଲା। ଏଥିରେ ଟ୍ରକ୍ ଚାଳକ ଏବଂ ଖଲାସି ଅଳ୍ପକେ ବର୍ତ୍ତିଯାଇଛନ୍ତି। ମିଳିଥିବା ସୂଚନା ମୁତାବକ, ଲହୁଣୀପଡ଼ା ଅଞ୍ଚଳରୁ ଏକ ଟ୍ରକ୍(ନଂ.ଓଡି୩୫ସି-୩୮୫୫) ବରସୁଆଁ ଖଣିକୁ ଯାଉଥିଲା। ହେଲେ ଟିଙ୍କୋ ଘାଟିରେ ହଠାତ୍ ଟ୍ରକରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଲହୁଣୀପଡ଼ା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ଟ୍ରକଟି ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି । ଏନେଇ ଲହୁଣୀପଡ଼ା ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ପୁଅର ମୁଥମାଡ଼ରେ ମା'ଙ୍କ ଗାଲ ଫାଟିଲା: ଥାନାରେ ମାମଲା

ବଡଗାଁ,୧୩।୬(ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ସିଆଁମାଲ ଗ୍ରାମରେ ଜଣେ ଯୁବକ ମା'ଙ୍କୁ ମୁଥମାରି ଗାଲ ଫଟାଇ ଦେବା ଭଳି ଏକ ଦୁଃଖଦ ଘଟଣା ଘଟିଛି। ମିଳିଥିବା ସୂଚନା ମୁତାବକ, ସିଆଁମାଲ ଗ୍ରାମର ବିଧବା ମହିଳା ମନ୍ଦରା ଖିଲାରୀ(୫୩) ପୁଅ ରାଜେଶଙ୍କ ସହ ରହୁଛନ୍ତି। ହେଲେ ମଙ୍ଗଳବାର କୌଣସି କଥାକୁ ନେଇ ରାଜେଶରଙ୍କ ସ୍ତ୍ରୀ ସୁସ୍ମିତା ଏବଂ ଶାଶୁ ମନ୍ଦରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଜେଶ ଉତ୍କ୍ଷିପ୍ତ ହୋଇ ମା' ମନ୍ଦରାଙ୍କ ଗାଲରେ ଏକ ମୁଥ ମାରିଥିଲେ । ଫଳରେ ମନ୍ଦରାଙ୍କ ଗାଲ ଫାଟି ରକ୍ତସ୍ରାବ ହୋଇଥିଲା। ବୁଧବାର ବଡଗାଁ ଡାକ୍ତରଖାନାରେ ସେ ଚିକିତ୍ସିତ ହୋଇଥିଲେ। ଏନେଇ ମା' ମନ୍ଦରା ପୁଅଙ୍କ ନାମରେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଦଫା ୩୪୧, ୩୨୮, ୨୯୪, ୫୦୬, ୩୪ରେ ଏକ ମାମଲା(ନଂ.୮୮/୧୯ ) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ପରାଜୟ ନେଇ କଂଗ୍ରେସର ସମୀକ୍ଷା

# ଆସିଲେନି ବରିଷ୍ଠ ନେତା, ଜିଲା ସଭାପତି

ରାଉରକେଲା ଅଫିସ,୧୩।୬



କଂଗ୍ରେସର ସମୀକ୍ଷା ବୈଠକରେ ଯୋଗଦେଇଥିବା ନେତୃବୃନ୍ଦ।

ପ୍ରାର୍ଥୀ ହାରିବା ପଛରେ କାରଣ ଖୋଜୁଛି ଜିଲା କଂଗ୍ରେସ। କେଉଁ କାରଣରୁ ଦଳୀୟ ପ୍ରାର୍ଥୀଙ୍କ ଶୋଚନୀୟ ପରାଜୟ ଘଟିଲା ସେନେଇ ଏକ ସମୀକ୍ଷା ବୈଠକ ଡାକି ଆଲୋଚନା କରିଛନ୍ତି ଦଳର ବରିଷ୍ଠ ନେତୃମଣ୍ଡଳୀ। ପାର୍ଟି କାର୍ଯ୍ୟାଳୟ ସେକ୍ଟର- ୨୧ ପରିବର୍ତ୍ତେ ଏହା ସେକ୍ଟର-୮ରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦଳର ବରିଷ୍ଠ ନେତା କୁହାଯାଉଥିବା ହେମାନନ୍ଦଙ୍କ ବିଶ୍ୱାଳଙ୍କ ପରି ବରିଷ୍ଠ ନେତା ଓ ରାଉରକେଲା ଜିଲା ସଭାପତି ରବି ରାୟ ଏଥିରେ ଅନୁପସ୍ଥିତ ଥିଲେ। ରାଉରକେଲା କଂଗ୍ରେସ ପ୍ରାର୍ଥୀ ବୀରେନ ସେନାପତିଙ୍କ ସହ ବୀରମିତ୍ରପୁର ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ ଉପସ୍ଥିତ ବରିଷ୍ଠ ନେତୃମଣ୍ଡଳୀ ଅଭିଯୋଗ କରି କହିଥିଲେ ଯେ ଭାଜପା ଓ ବିଜେଡି ଅର୍ଥ ବଳ ଆଗରେ ଦଳ ସମକକ୍ଷ ହୋଇ ପାରିଲାନି। ସାଙ୍ଗଠନିକ ଦୁର୍ବଳତା ଦଳକୁ ସମ୍ମାନଜନକ ସ୍ଥିତିକୁ ଆଣିବାରେ ସହାୟକ ହେଲାନି। ଆଉ କେତେକ ଇଭିଏମ ହେରଫେରକୁ ଦାୟୀ କରିଥିବା ବେଳେ ଅନ୍ୟ କେତେଜଣ କର୍ମକର୍ତା କହିଥିଲେ ଦଳ ଭିତରେ ଅନ୍ତର୍ଘାତୀ କାର୍ଯ୍ୟ ବିଜୟ ଦିଗରେ ଅନ୍ତରାୟ ହେଲା।

ରାଉରକେଲା ପ୍ରାର୍ଥୀ ସେନାପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମୀକ୍ଷା ବୈଠକରେ ବରିଷ୍ଠ ନେତା ରାମାନନ୍ଦ ଶ୍ରୀଚନ୍ଦନ ଅଧକ୍ଷତା କରିଥିଲେ। ଏଥିରେ ଉପସ୍ଥିତ ଦଳର ଏମ୍‌ପି ପ୍ରାର୍ଥୀ ଜର୍ଜ ତିର୍କୀଙ୍କ ସମେତ ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ସନ୍ତୋଷ ବିଶ୍ୱାଳ, ଜ୍ୟୋତି ଡୁଙ୍ଗଡୁଙ୍ଗ, ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସ, ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ବିନୋଦ ରାଉତ, ଏମଡି ନଜମୁଦ୍ଦିନ, ପ୍ରମୋଦ ପ୍ରଧାନ, ଜାଫର ନୁମାନ, ବି.ଏନ୍. ମହାନ୍ତି, ଫିରୋଜ ଖାନ, ପ୍ରସନ୍ନ ବଳିଆରସିଂ, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କଳା ଟଙ୍କା ଓ ସରକାରୀ ଦଳର ପ୍ରଭାବ ନିର୍ବାଚନକୁ ପ୍ରଭାବିତ କଲା ବୋଲି ଅଭିଯୋଗ କରିଥିଲେ। ଲୋକସଭା ପ୍ରାର୍ଥୀ ତିର୍କୀ ନିଜ ବକ୍ତବ୍ୟରେ ଦଳୀୟ ଶୃଙ୍ଖଳା ଓ ସଙ୍ଗଠିତ ରଣନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ଦଳରେ ହାରଜିତ ଲାଗି ରହିଥିବା ବେଳେ ଏନେଇ କେହି ମନ ଊଣା କରିବା ଅନୁଚିତ। ଆଗକୁ କିପରି ଦଳକୁ ଦୃଢ଼ କରାଯିବ ସେ ଦିଗରେ କାମ କରିବାକୁ ତିର୍କୀ ପରାମର୍ଶ ପ୍ରଦାନ କରିଥିଲେ। ଏହି ସମୀକ୍ଷା ବୈଠକରେ ଗୋପାଳ ଦାସ, କୈଳାସ ସାହୁ, ସରସ୍ୱତୀ ଭୂମିଜ, ଆୟୁବ ଖାନ, ଗୀତା ବେଜ, ଉମେଶ ଶରଣ, ସରୋଜ ଜେନା, ସୁଧିର ନାଥ, ରତିକାନ୍ତ ମଲ୍ଲିକ, ହରପ୍ରସାଦ ସାମଲ, ସୁନୀଲ ସିଂ, ଶଙ୍କର ଅଗୱାଲ, ରାଜେନ୍ଦ୍ର ରଜକ ଓ ପ୍ରତାପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରୋଟାରି କ୍ଲବ ପକ୍ଷରୁ ସହାୟତା

ସୁନ୍ଦରଗଡ଼,୧୩।୬(ଡି.ଏନ.ଏ.)

ସୁନ୍ଦରଗଡ଼ ରୋଟାରି କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଡିକୁ ସହାୟତା ପ୍ରଦାନ କରାଯାଇଛି। ରୋଟାରି କ୍ଲବ ସଭାପତି ରୋଟାରିୟନ ଦୁଷ୍ମନ୍ତ କୁମାର ନାଏକଙ୍କ ସହ କ୍ଲବର କର୍ମକର୍ତ୍ତାଙ୍କ ୫୦ ହଜାର ଟଙ୍କା ଏକ ଚେକ୍ ସୁନ୍ଦରଗଡ଼ ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ଚେକ୍ ପ୍ରଦାନ ବେଳେ ରୋଟାରୀୟନ୍ ଏଫ୍.ସି. ମାନ୍ତି, କ୍ଲବ ସମ୍ପାଦକ ବାଳଗୋପାଳ ମିଶ୍ର, ଡ. ଚିରବ୍ରତ ଦତ୍ତ, ମୁକେଶ ଅଗ୍ରୱାଲ, ଆଇନଜୀବୀ ସ୍ୱେରାଜ ପଟେଲ, ସୁଭେନ୍ଦୁ ମହାପାତ୍ର, କମଳ ନାଏକ, ପ୍ରବୀଣ ନାୟକ ଉପସ୍ଥିତ ଥିଲେ। ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ସାହାର୍ଯ୍ୟ ପାଇଁ ରୋଟାରି କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଡିକୁ ଏହି ସହାୟତା ଦିଆଯାଇଥିବା କର୍ମକର୍ତ୍ତା କହିଛନ୍ତି।



ସୁନ୍ଦରଗଡ଼ ରୋଟାରି କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଉଛି।

## ବିଏମ୍ଏସ୍ ପକ୍ଷରୁ ଜୁଏଲ ଓରାମଙ୍କୁ ସମ୍ବର୍ଦ୍ଧନା

# ସୁନ୍ଦରଗଡ଼ବାସୀଙ୍କ ସ୍ୱାର୍ଥ ପାଇଁ ମୋର ସଂଗ୍ରାମ ଅବ୍ୟାହତ ରହିବ

ରାଉରକେଲା ଅଫିସ,୧୩।୬



ସମ୍ବର୍ଦ୍ଧନା ସଭାରେ ଏମ୍‌ପି ଜୁଏଲ୍ ଓରାମ୍ ଉଦ୍‌ବୋଧନ ଦେଉଛନ୍ତି।

ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କୁ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବୁଧବାର ଏନେଇ ସେକ୍ଟର-୪ ୟୁନିୟନ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ୟୁନିୟନ ସଭ୍ୟ, କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଏମ୍ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ୍ କାରଖାନା କର୍ମଚାରୀ ସଂଘ(ଆରଆଇକେକେଏସ୍) କର୍ମକର୍ତ୍ତା ବିପେନ ଶର୍ମା ଏମ୍‌ପି ଓରାମଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ। ୟୁନିୟନ ସହ ସାଧାରଣ ସମ୍ପାଦକ ବିକାଶ ହାଲଦାର ଓରାମଙ୍କୁ ଉପଢୌକନ ପ୍ରଦାନ କରି ଅଭିନନ୍ଦନ ଜ୍ଞାପନ କରିଥିଲେ। ଏହି ଅବସରରେ ଓରାମ ନିଜ ସଂକ୍ଷିପ୍ତ ବକ୍ତବ୍ୟରେ କହିଥିଲେ ସମସ୍ତଙ୍କ ଆର୍ଶିବାଦ, ସହଯୋଗ କାରଣରୁ ଆଜି ଭାଜପାର ବିପୁଳ ବିଜୟ ସମ୍ଭବ ହୋଇ ପାରିଛି। ସୁନ୍ଦରଗଡ଼ବାସୀଙ୍କ ସ୍ୱାର୍ଥ ପାଇଁ ମୋର ସଂଗ୍ରାମ ଅବ୍ୟାହତ ରହିବ । ଜଣେ ଦାୟିତ୍ୱବାନ ଏମ୍‌ପି ହିସାବରେ ପୂର୍ବପରି ମୋ ପ୍ରୟାସ ଅତୁଟ ରହିବ। ଜିଲା ତଥା ଜିଲାବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ମୁଁ ସଦାସର୍ବଦା ତତ୍ପର ରହିବି ବୋଲି ଓରାମ କହିଥିଲେ। ସହରବାସୀଙ୍କ ଦୁଇଟି ପ୍ରମୁଖ ଦାବି ଦ୍ୱିତୀୟ ବ୍ରହ୍ମଣୀ ସେତୁ ଓ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ ନେଇ ବିଶେଷ ଧ୍ୟାନ ଦେବାକୁ ଜୁଏଲ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ୟୁନିୟନ ସାଧାରଣ ସମ୍ପାଦକ ହିମାଂଶୁ ବଳ କହିଥିଲେ ଓରାମଙ୍କ ବିଜୟ ହିଁ ତାଙ୍କ ଲୋକପ୍ରିୟତାକୁ ପ୍ରମାଣିତ କରିଛି। ଆଗାମୀ ଦିନରେ ଇସ୍ପାତ ଶ୍ରମିକଙ୍କ ମଜୁରି ଚୁକ୍ତିନାମା ବିଷୟକୁ ଓରାମ ସଂସଦରେ ଠିକ ରୂପେ ଉପସ୍ଥାପନ କରି ପାରିବେ ବୋଲି ଆଶା ବ୍ୟକ୍ତ କରିଥିଲେ ସେ। ଡିପ୍ଲୋମା ଇଞ୍ଜିନିୟରଙ୍କୁ ଜୁନିୟର ଇଞ୍ଜିନିୟର ପଦ ନାମ ପ୍ରଦାନ କରିବାରେ ତାଙ୍କ ସହଯୋଗ କାମନା କରିଥିଲେ ବଳ। ଏହି ସମ୍ବର୍ଦ୍ଧନା ସଭାରେ ଶତାଧିକ ବିଏମ୍ଏସ୍ ଶ୍ରମିକଙ୍କ ସହ ରାଉରକେଲା ଓ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ଭାଜପା ନେତା ଉପସ୍ଥିତ ଥିଲେ।

## ଗାୟତ୍ରୀ ଶକ୍ତିପୀଠରେ ଗଙ୍ଗା ଦଶହରା

ରାଉରକେଲା ଅଫିସ, ୧୩।୬

ଫର୍ଟିଲାଇଜର ଟାଉନସିପ୍‌ଠାରେ ଥିବା ଗାୟତ୍ରୀ ଶକ୍ତିପୀଠରେ ଗାୟତ୍ରୀ ଜୟନ୍ତୀ, ଗଙ୍ଗା ଦଶହରା ଓ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଶ୍ରାଦ୍ଧ ସଂକଳ୍ପ ଦିବସ ବୁଧବାର ପାଳିତ ହୋଇ ଯାଇଛି। ସକାଳ ପୂଜାପାଠ ପରେ ଅଖଣ୍ଡ ଗାୟତ୍ରୀ ମନ୍ତ୍ର ଜପ ଅନୁଷ୍ଠିତ ହୋଇଥିଲା। ଦିନ ସାଢେ ୯ଟା ପରେ ଯାଜ୍ଞାଦି କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଏହାକୁ ମଧ୍ୟାହ୍ନରେ ଶେଷ କରାଯାଇ ଥିଲା। ପ୍ରଜ୍ଞାପୀଠ ତଥା ଫର୍ଟିଲାଇଜର ଗାୟତ୍ରୀ ପରିବାର ମୁଖ୍ୟ ଡାକ୍ତର ରାହାସ ବିହାରୀ ମହାପାତ୍ର ଏହି ଅବସରରେ ଗାୟତ୍ରୀ ଜୟନ୍ତୀ, ଗଙ୍ଗା ଦଶହରା ଓ ପଣ୍ଡିତ ଶର୍ମାଙ୍କ ବ୍ରହ୍ମ ନିର୍ବାଣ ନେଇ ଆଲୋକପାତ କରିଥିଲେ। ସୂକ୍ଷ୍ମ ରୂପରେ ଭାରତୀୟ ସଂସ୍କୃତିର ଜନନୀ ଜ୍ଞାନ ଗଙ୍ଗାର ଧରାବତରଣ ଓ ଋଷି ଭଗୀରଥଙ୍କ ପ୍ରୟାସରେ ସ୍ଥୂଳ ଗଙ୍ଗାର ଧରାବତରଣ କିପରି ହୋଇଥିଲା ସେନେଇ ମହାପାତ୍ର ଆଲୋଚନା କରିଥିଲେ। ସନ୍ଧ୍ୟାରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ଗହଣରେ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଚରଣ କର ସହଯୋଗ କରିଥିଲେ।

## କୃଷି ଯନ୍ତ୍ରପାତି ସାମଗ୍ରୀ ଯୋଗାଣରେ ଠକେଇ ଘଟଣା, ଜଣେ ଗିରଫ

କୁଆଁରମୁଣ୍ଡା,୧୩।୬(ଡି.ଏନ୍.ଏ.)

କୃଷି ଯନ୍ତ୍ରପାତି ସାମଗ୍ରୀ ଯୋଗାଣରେ ଠକେଇ ଅଭିଯୋଗରେ ରାଏବୋଗା ଥାନା ପୋଲିସ ଜଣେ କମ୍ପାନୀ କର୍ମଚାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା କାକଟପୁର ଥାନା ଅଧୀନ ଗମ୍ଭାରିପଡ଼ା ଗ୍ରାମର ଶ୍ରୀଧର ମହାପାତ୍ର(୪୫)। ମିଳିଥିବା ସୂଚନା ମୁତାବକ, ୨୦୧୮ ଅଗଷ୍ଟ ମାସରେ ୨ଜଣ ଯୁବକ ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅଧୀନ ଜୟଡେଗା ପଞ୍ଚାୟତ ପୁରୁଣାପାଣି ଗ୍ରାମକୁ ଆସିଥିଲେ। ପରେ ସେମାନେ କଟକର ଏକ କୃଷି ଯନ୍ତ୍ରପାତି କମ୍ପାନୀ କର୍ମଚାରୀ ବୋଲି ପରିଚୟ ଦେଇ ଗ୍ରାମର ଅବସରପ୍ରାପ୍ତ ଆର୍ଏସ୍‌ପି କର୍ମଚାରୀ ରାଫେଲ କିରୋ(୬୧)ଙ୍କ ସହ କୃଷି ଯନ୍ତ୍ରପାତି ଯୋଗାଣ ସମ୍ପର୍କରେ କଥାବାର୍ତ୍ତା କରିଥିଲେ। ଏହାର କିଛିଦିନ ପରେ ପୂର୍ବରୁ ଆସିଥିବା ୨ଯୁବକଙ୍କ ସହ ଅନ୍ୟଜଣେ ଯୁବକ ପୁଣି ରାଫେଲ ଘରକୁ ଆସିଥିଲେ। ସେମାନେ କଥାବାର୍ତ୍ତା ପରେ ଆବଶ୍ୟକ କୃଷି ସାମଗ୍ରୀ ଯୋଗାଇ ଦେବାନେଇ ଚୁକ୍ତି ହୋଇଥିଲା। ପରେ ସେମାନେ ରାଫେଲଙ୍କୁ ଧରି ରାଉରକେଲା ଯାଇଥିଲେ। ସେଠାରେ ଏକ ବ୍ୟାଙ୍କରେ ରାଫେଲଙ୍କ ଆକାଉଣ୍ଟରୁ ସାଢେ ୭ଲକ୍ଷ ଟଙ୍କା ଅନ୍ୟ ଏକ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା। ଏପରି କି ଖୁବ୍ ଶୀଘ୍ର କୃଷି ଯନ୍ତ୍ରପାତି ପହଞ୍ଚିଯିବ ବୋଲି ରାଫେଲଙ୍କୁ କହିଥିଲେ। ହେଲେ ଘଟଣାର ୫ ଦିନ ପରେ ରାଫେଲଙ୍କୁ ନିକଟକୁ କୌଣସି ଯନ୍ତ୍ରପାତି ଆସି ନ ଥିଲା। ଏନେଇ ରାଫେଲ କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲେ। ହେଲେ ସେମାନେ ଫୋନ ରିସିଭ କରି ନ ଥିଲେ। ଏନେଇ ସେ ୨୦୧୮ ଅଗଷ୍ଟ ୨ତାରିଖରେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ରାଏବୋଗା ଥାନା ଅଧିକାରୀ ବିଜୟ ସିଂ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବୁଧବାର ଠକେଇ ଅଭିଯୋଗରେ ସମ୍ପୃକ୍ତ ଥିବା ଶ୍ରୀଧରଙ୍କୁ ପୋଲିସ ଧରିବାରେ ସଫଳ ହୋଇଥିଲା। ପୋଲିସ ଶ୍ରୀଧରଙ୍କୁ ପଚରାଉଚୁରା ପରେ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ରାଏବୋଗା ଥାନା ଅଧିକାରୀ ସିଂ ସୂଚନା ଦେଇଛନ୍ତି। ଏପରି ଅଭିଯୁକ୍ତମାନେ କେନ୍ଦୁଝର, ବଡଗାଁ ଆଦି ଅଞ୍ଚଳର ଲୋକଙ୍କଠାରୁ ଅନୁରୂପ ଭାବେ ଟଙ୍କା ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି।

# ନାରୀ ସଙ୍ଗଠନ ପକ୍ଷରୁ ନିର୍ଜଳା ଏକାଦଶୀ

ରାଉରକେଲା ଅଫିସ, ୧୩। ୬



ନିର୍ଜଳା ଏକାଦଶୀ ଅବସରରେ ସଂଗଠନର କର୍ମକର୍ତ୍ତାମାନେ ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି।

ବ୍ରାହ୍ମଣ ନାରୀ ଶକ୍ତି ସଙ୍ଗଠନ ପକ୍ଷରୁ ଗୁରୁବାର ନିର୍ଜଳା ଏକାଦଶୀ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଏହି ଅବସରରେ ସଙ୍ଗଠନ କର୍ମକର୍ତ୍ତା ସହରର ବିଭିନ୍ନ ସ୍ଥାନରେ ଶୁଖିଲା ଖାଦ୍ୟ ପୁଡିଆ ସହ ସ୍ୱାଦିଷ୍ଟ ପଣା ବଣ୍ଟନ କରିଥିଲେ। ଏନେଇ ରାଉରକେଲା ରେଳ ଷ୍ଟେଶନ ସମ୍ମୁଖ ଅମରଭବନ ଦୁର୍ଗା ମଣ୍ଡପ ସମ୍ମୁଖରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଦିବସ ପାଳନ ପଛରେ ରହିଥିବା ପୌରାଣିକ କାରଣ ନେଇ ସଙ୍ଗଠନ କର୍ମକର୍ତ୍ତା ଆଲୋକପାତ କରିଥିଲେ। ଚଳିତ ବର୍ଷ ଏକାଦଶୀକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଥିବାରୁ ଏହାକୁ ନିଷ୍ଠାର ସହ ପାଳନ କରିଛନ୍ତି ବ୍ରାହ୍ମଣ ନାରୀ ଶକ୍ତି ସଙ୍ଗଠନ। ଏହି କାର୍ଯ୍ୟକ୍ରମକୁ ସମାଜର ରିତୁ ଶର୍ମା, ମାଧୁରୀ ଶର୍ମା, ସୁଲୋଚନା ଶର୍ମା, ପଦ୍ମା ଶର୍ମା ଓ ସରୋଜ ଶର୍ମା ପ୍ରମୁଖ ଉପସ୍ଥିତ।

# ପାଣି ପାଇଁ ଲୋକେ ହନ୍ତସନ୍ତ

ବାଲିଶଙ୍କରା,୧୩।୬(ଡି.ଏନ.ଏ.)

### ଜିଲାପାଳ ପଦକ୍ଷେପ ନେବାକୁ ଦାବି

ପ୍ରବଳ ଗ୍ରୀଷ୍ମ ପ୍ରବାହ। ଗୁଳଗୁଳିରେ ଜୀବନ ଆଉଟୁ ପାଉଟୁ। ଘରେ ରହି ହେଉନି। ଏଭଳି ସ୍ଥିତିରେ ବାଲିଶଙ୍କରା ବ୍ଲକରେ ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ୧୯ଟି ପଞ୍ଚାୟତର ଜନସାଧାରଣ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ବ୍ଲକର ଅଧିକାଂଶ ନଳକୂଅ ଅଚଳ ହୋଇପଡିଥିବା ବେଳେ ଯାହାକିଛି ସଚଳ ଅଛି ସେଥିରୁ କମ୍ ପାଣି ବାହାରୁଛି। ଏହାର ମରାମତି କିମ୍ବା ନୂତନ ନଳକୂଅ ଖୋଳିବା ପାଇଁ ଦାୟୀତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଓ ମନମୁଖି କାର୍ଯ୍ୟକଳାପ ଯୋଗୁ ଜନସାଧାରଣ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତରେ। ୨ମାସରୁ ଊର୍ଦ୍ଧ୍ୱ ହେବ ଗ୍ରାମ୍ୟ ଜଳଯୋଗାଣ ପକ୍ଷରୁ ନିର୍ମାଣ ହୋଇଥିବା ପାନୀୟଜଳ ପ୍ରକଳ୍ପର ପାଣି ପମ୍ପ ପୋଡିଯାଇଛି । ହେଲେ ଏହାର ମରାମତି ନ ହୋଇ ଜଳଯୋଗାଣ ବନ୍ଦ ହୋଇପଡିଥିବା ଜଣାପଡିଛି। ଏନେଇ ସଉନାମରା ପଞ୍ଚାୟତବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ସୌଲାର ଉଠା ଜଳସେଚନ ପାଣି ପମ୍ପ ଲଗାଇବା ନେଇ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା କୌଣସି ପଞ୍ଚାୟତରେ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ତୁରନ୍ତ ଅଞ୍ଚଳରେ ପାଣି ଯୋଗାଣ ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଏସଡିଓ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ମନୋଭର ନାଏକଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ପାଣିର ସମସ୍ୟା ସମାଧାନ କରାଯିବା ପ୍ରତିଶ୍ରୁତି ହେଇଥିଲେ।

## କୃଷକଙ୍କୁ ସଂଗଠିତ କରିବାକୁ ପ୍ରସ୍ତୁତି

# ଆଜି କୃଷକ ସମାବେଶ

ବଡଗାଁ,୧୩।୬(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ କୃଷକମାନେ ସଂଗଠିତ ହୋଇପାରି ନାହାନ୍ତି । ଏହାକୁ ଦୃଷ୍ଟିରେ ରଖି ଏକ ସଶକ୍ତ ଏବଂ ଦୃଢ଼ ସଂଗଠନ ଗଠନ କରିବା ପାଇଁ ବଡଗାଁର କେତେଜଣ ଚାଷୀ ଗତ ମାସରୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏନେଇ ମେ ୨୦ ତାରିଖରେ ବଡଗାଁ ପୂର୍ତ୍ତ ଡାକବଙ୍ଗଳାଠାରେ ଏକ ବୈଠକ ହୋଇଥିଲା । ଏଥିରେ କୃଷକମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରିବାକୁ ମତ ପ୍ରକାଶ ପାଇଥିଲା । ଏପରି କି ଚାଷୀ ସଂଗଠନର ରୂପରେଖ ପ୍ରସ୍ତୁତ ପାଇଁ ୨୭ ତାରିଖରେ ଏକ ବୈଠକ ହୋଇଥିଲା। ଏଥିରେ ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ କୃଷକମାନଙ୍କୁ ନେଇ ଗ୍ରାମ୍ୟ କମିଟି ଗଠନ ପ୍ରସ୍ତାବକୁ ସଭାପତି ସାହୁ ସମର୍ଥନ କରିଥିଲେ । ପ୍ରତ୍ୟେକ ଗ୍ରାମ୍ୟ କମିଟି କର୍ମକର୍ତ୍ତା ଚୟନ କରି ସଂଗଠନକୁ ସଶକ୍ତ କରିବାକୁ ପରୀକ୍ଷିତ ପୃଷେଟ, କୃଷ୍ଣଚନ୍ଦ୍ର ସେଠ ପ୍ରମୁଖ ମତ ରଖିଥିଲେ । ଅରୁଣ କୁମାର ବେହେରା ଓ ମାଧବ ଚନ୍ଦ୍ର କାଲୋ ସମସ୍ତ ଗ୍ରାମ୍ୟ କମିଟି ପ୍ରତି ମାସରେ ବୈଠକ ଏବଂ ପାଣ୍ଠି ଗଠନ ପାଇଁ ପ୍ରତ୍ୟେକ ଚାଷୀଙ୍କଠାରୁ ୧୦ ଟଙ୍କା ଲେଖାଏଁ ସଂଗ୍ରହ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜୁନ ୧୦ ତାରିଖ ସୁଦ୍ଧା ଗ୍ରାମ୍ୟ କମିଟି ଗଠନ କରି ଜୁନ ୧୪ ତାରିଖରେ ହେବାକୁ ଥିବା ତୃତୀୟ ବୈଠକରେ ଆଲୋଚନା କରିବାକୁ ବୈଠକର ସଭାପତି ସାହୁ କହିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବଡଗାଁ ପୂର୍ତ୍ତ ଡାକ ବଙ୍ଗଳାଠାରେ ଶୁକ୍ରବାର ସକାଳ ୮ଟାରେ ବୈଠକ ହେବ । ଏହି ଅବସରରେ ଲ୍ୟାମ୍ପସ୍ତରୀୟ କମିଟି ଗଠନ କରାଯିବ।

# ବ୍ୟବଚ୍ଛେଦ ରିପୋର୍ଟ ବଦଳ ଯୋଗୁ କ୍ଷତି ପୂରଣ ମିଳିଲାନି

ରାଉରକେଲା ଅଫିସ,୧୩।୬

ସାପ କାମୁଡା ଜନିତ ବ୍ୟବଚ୍ଛେଦ ରିପୋର୍ଟ ବଦଳ ଯୋଗୁ ଦୀର୍ଘ ମାସ ହେବ କ୍ଷତି ପୂରଣ ପାଇପାରୁ ନାହାଁନ୍ତି ନିରିହ ଆଦିବାସୀ ପରିବାର ୩ ଭାଇ ଭଉଣୀ। ଏନେଇ ସୁନ୍ଦରଗଡ ଜିଲାର ଜଣାଶୁଣା ମହିଳା ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ସହଯୋଗ ପରେ ସମ୍ପୃକ୍ତ ପରିବାରକୁ ସହାୟତା ମିଳିବା ନେଇ ଆଶା ସଞ୍ଚାର ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ବୀରମିତ୍ରପୁର ଥାନା ଅନ୍ତର୍ଗତ କୁମଝରିଆ ଠେଠଲିବାହାର ବସ୍ତିରେ ରହୁଥିଲେ ଶ୍ୟାମସୁନ୍ଦର ଗଞ୍ଜୁ(୪୫)। ୨ପୁଅ, ଗୋଟିଏ ଝିଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର। ଗତ ଅକ୍ଟୋବର ୨୦୧୮ରେ ବାପା ଶ୍ୟାମସୁନ୍ଦରଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଥିଲା। ପରେ ମା'ଘର ଛାଡି କୁଆଡେ ଚାଲିଗଲେ। ଉଚ୍ଛନ୍ନ ହୋଇଗଲା ପରିବାର। ବଡ ପୁଅ ନରେନ୍ଦ୍ର(୧୯) ବାପାଙ୍କ ସାପ କାମୁଡା ଜନିତ କ୍ଷତିପୂରଣ ପାଇବା ଆଶାରେ ବ୍ୟବଚ୍ଛେଦ ରିପୋର୍ଟ ଆଣିବାକୁ ମାସକ ପରେ ଆସିଲେ ସମ୍ପୃକ୍ତ ଥାନାକୁ। ଥାନାଧିକାରୀ ସାପ କାମୁଡାରେ ମୃତ ଶ୍ୟାମସୁନ୍ଦରଙ୍କ ପରିବର୍ତ୍ତେ ଅନ୍ୟ ଜଣଙ୍କ ବ୍ୟବଚ୍ଛେଦ ରିପୋର୍ଟ ଧରାଇ ଦେଲେ। ଏକଥା ଜାଣି ପାରିଲେନି ଅପାଠୁଆ ନରେନ୍ଦ୍ର। ଏହାକୁ ଧରି ମୃତ୍ୟୁକାଳୀନ ପ୍ରମାଣ ପତ୍ର ପାଇବାକୁ ବ୍ଲକଠୁ ନେଇ ତହସିଲ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଧାଇଁ ଶେଷରେ ନିରାଶ ହେଲେ ସେ। ଅନ୍ୟ ଜଣଙ୍କ ନାମରେ ବ୍ୟବଚ୍ଛେଦ ରିପୋର୍ଟ ଥିବାରୁ ମୃତ୍ୟୁ ସାର୍ଟିଫିକେଟ ପାଇବାରୁ ବଞ୍ଚିତ ହେଲେ ନରେନ୍ଦ୍ର। ଘରର ବଡ ପୁଅ ହୋଇଥିବା ବେଳେ ୧୨ବର୍ଷର ଜଣେ ସାନ ଭାଇ ଓ ୬ବର୍ଷ ଭଉଣୀକୁ କାମଧନ୍ଦା କରି ପୋଷୁଛନ୍ତି। ଯଦି ବାପାଙ୍କ ମୃତ୍ୟୁଜନିତ କ୍ଷତି ପୂରଣ ମିଳି ପାରିଥାନ୍ତା ତେବେ ଏହି ପରିବାରର ଦୁଇ ନାବାଳକ ପୁଅ ଝିଅ ପାଠ ପଢି ପାରିଥାନ୍ତେ ବୋଲି କହିଛନ୍ତି ସାମାଜିକ କର୍ମୀ ସାଣ୍ଡିଲ। କେବଳ ବାପାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଅଭାବରୁ ଆଜି ପର୍ଯ୍ୟନ୍ତ ଏହି ୩ ଭଉଣୀ ଭାଇ ହନ୍ତସନ୍ତ ହେଉଛନ୍ତି। ଏନେଇ ବୀରମିତ୍ରପୁର ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଆବଶ୍ୟକୀୟ କାଗଜ ପତ୍ର ଗତ ବୁଧବାର ଚାନ୍ଦମଣିଙ୍କ ସହାୟତାରେ ଦାଖଲ କରାଯାଇଛି। ଏ ଦିଗରେ କର୍ତ୍ତୃପକ୍ଷ ତ୍ୱରିତ ପଦକ୍ଷେପ ନେଲେ ଏହି ଗରିବ ପରିବାର ଉପକୃତ ହେବେ ବୋଲି ସାଣ୍ଡିଲ ଆଶା ବ୍ୟକ୍ତ କରିଛନ୍ତି।



ସାମାଜିକ କର୍ମୀ ଚାନ୍ଦମଣିଙ୍କ ସହ ଶ୍ୟାମସୁନ୍ଦରଙ୍କ ଦୁଇ ପୁଅ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା

## ମଣ୍ଡିରୁ ଧାନ ଉଠାଇବା ଦାବି

# କୁଟ୍ରୁଛକଠାରେ ଚାଷୀଙ୍କ ରାସ୍ତା ରୋକୋ

**ଭବାନୀପାଟଣା/କଳମପୁର, ୧୩।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଳମପୁର ବ୍ଲକ୍ କୁଟ୍ରୁ ପ୍ୟାକ୍ସ ମଣ୍ଡିରେ ଅବ୍ୟବସ୍ଥା ଯୋଗୁ ଚାଷୀଙ୍କ ଧାନ ଉଠିପାରୁ ନାହିଁ। ତୁରନ୍ତ ମଣ୍ଡିରୁ ଧାନ ଉଠାଇବା ଦାବି କରି ଚାଷୀମାନେ ଗୁରୁବାର ସକାଳୁ ଜୟପାଟଣା-ମୋଟେରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସୂଚନାମତେ, ବଡକୁଟ୍ରୁ ମଣ୍ଡିରେ ପ୍ରଚୁର ପରିମାଣରେ କଟନି ଛଟନି ଓ ଅଖାବସ୍ତା ଅଭାବ ସାଙ୍ଗକୁ ମଣ୍ଡିରେ ମିଲର୍ସ, ଏଜେଣ୍ଟମାନଙ୍କ ମର୍ଜିରେ ଧାନ କିଣା ଚାଲିଥିବା ଅଭିଯୋଗ ହୋଇଛି। ଏଥିସହ ମଣ୍ଡିରୁ ଧାନ ଉଠାଣରେ ମିଲର୍ସମାନେ ଟାଳଟୁଳ ନିତୀ କରିବା ସହ ଧାନ ଉଠାଣ କରୁ ନ ଥିବା ଓ ମିଲର୍ସମାନଙ୍କ ଦ୍ୱାରା ନିୟୋଜିତ ଏଜେଣ୍ଟମାନେ ଚାଷୀମାନଙ୍କୁ ହଇରାଣ କରୁଥିବା ଯୋଗୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ସ୍ଥାନୀୟ ଏଜେଣ୍ଟଙ୍କୁ ହଟାଇବା ସହିତ କୁଟ୍ରୁ ପ୍ୟାକ୍ସରେ ନିୟୋଜିତ ଥିବା ଏଜେଣ୍ଟ ପବନ ଅଗ୍ରୱାଲଙ୍କୁ ଏହି ପ୍ୟାକ୍ସରୁ ବହିଷ୍କାର କରାଯିବା ପାଇଁ ଚାଷୀମାନେ ହାତରେ ପ୍ଲାକାର୍ଡ ଧରି ମୁଖ୍ୟରାସ୍ତା ଉପରେ ଧାନବସ୍ତା ରଖି ଅବରୋଧ କରିଥିଲେ। ଚାଷୀମାନଙ୍କ ସହିତ ପ୍ୟାକ୍ସ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ଦୀର୍ଘ ସମୟ ଧରି ଆଲୋଚନା କରିଥିବା ବେଳେ ଚାଷୀମାନେ ନିଜ ଜିଦରେ ଅଡିବସିଥିଲେ। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହେବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧର ସମ୍ମୁଖିନ ହୋଇଥିଲେ। ଖବର ପାଇ ଧର୍ମଗଡ ସହକାରୀ ଯୋଗାଣ ନିରୀକ୍ଷକ ପ୍ରଫୁଲ ଦାସ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ସମସ୍ୟାର ସମାଧାନ କରିବା ପାଇଁ ସେ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତାକୋରେ ଚାଷୀମାନଙ୍କ ମଧ୍ୟରେ ଶୁନିଲ ପାଙ୍ଗଯୋଷୀ, ବିଷ୍ଣୁ ପାଙ୍ଗଯୋଷୀ, ତରୁଣ ମାଝି, ବନବିହାରୀ ମାଝି, ଗଣପତି ମାଝି, ଦଶରଥ ନାଗ, ଦିଲୀପ ନାଗ, ଧିରେନ୍ଦ୍ର ମିତ୍ର, ଭାବନୀ ଶଙ୍କର ସାହୁ, ବିଦ୍ୟାଧର ପାଙ୍ଗଯୋଷୀ ପ୍ରମୁଖ ସମିଲ ଥିଲେ। ଏ ନେଇ ଧର୍ମଗଡ ସହକାରୀ ଯୋଗାଣ ନିରୀକ୍ଷକ ପ୍ରଫୁଲ ଦାସଙ୍କୁ ପଚାରିବାରୁ ବୁଧବାର ଚାଷୀଙ୍କ ଧାନ ଉଠି ନ ଥିଲା । ତେଣୁ ଧାନ ପ୍ରତିଦିନ ଉଠିବାକୁ ଚାଷୀମାନେ ଦାବି କରିଛନ୍ତି । ଏଠାରେ ଥିବା ଯେଉଁ ପବନ ଅଗ୍ରୱାଲ ଅଛନ୍ତି ସେ ଠିକାର ଏଜେଣ୍ଟ ନୁହନ୍ତି ସେ ଲୋକଙ୍କୁ ଗାଇଡ କରୁଛନ୍ତି । ତାଙ୍କର ଏଠି କୌଣସି ଭୂମିକା ରହିବ ନାହିଁ, ଶୁକ୍ରବାଠାରୁ ଧାନ ଉଠିବ ବୋଲି ସେ କହିଥିଲେ।



ଚାଷୀମାନେ ଜୟପାଟଣା-ମୋଟେରେ ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି ।

# ଲଡୁଗାଁରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ ବିଧାୟକ ସାମିଲ

**କୋକସରା, ୧୩।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୁଲ୍ୟରେ ଗୁରୁବାର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗତବର୍ଷ ଲଡୁଗାଁରେ ଦେଖାଦେଇଥିବା ଭୟାଭୟ ଡେଙ୍ଗୁ ଜ୍ୱରରେ ୫୦୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ବେଳେ ଚଳିତବର୍ଷ ଆଗୁଆ ସଚେତନ କରିବା ସହିତ ପରିମଳ ବ୍ୟବସ୍ଥାକୁ ଗୁରତ୍ୱ ଦିଆଯିବ ବୋଲି କହିବା ସହିତ ନିଜେ ମଧ୍ୟ ସଚେତନ ରହିବା ପାଇଁ ସର୍ବସାଧାରଣଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ପରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଲଡୁଗାଁ ସହର ପରିକ୍ରମା କରିଥିଲ। ଏହି କାର୍ଯ୍ୟକ୍ରମରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ତତ୍ୱଦର୍ଶୀ ଦାସ, ଭିବିଡିସି ସନ୍ତୋଷ ବାଗ, ପିଏଚଇଓ ଚିଦାନନ୍ଦ ପଣ୍ଡା, ବିପିଏମ୍ ଏମ. ରାଜ ଶେଖର, ଭିବିଡିଟିଏସ୍ ସୁଦେଶ ପଣ୍ଡା, ଲଡୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ବିଶ୍ୱରଞ୍ଜନ ବେହେରା, ସମୀର ପାଢୀ, ଲଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସ, ଶ୍ରବଣ ପାଢି, ରମେଶ ସାହୁ, ଶ୍ରୀମନ୍ତ ପାଢୀ, ପଙ୍କଜ ଚୌଧୁରୀ, ଖିରୋଦ ବାଗ, ନିଳମଣି ଖମାରୀ, ପଞ୍ଚକ ପୋଡ଼ଙ୍କ ସମେତ ଅଙ୍ଗନୱାଡି ଓ ଆଶ କର୍ମୀ ସହିତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ଗ୍ରାମବାସୀ ଓ ମରୱାଡି ଯୁବାମଞ୍ଚର କର୍ମକର୍ତ୍ତାମାନେ ମଧ୍ୟ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ଲଡୁଗାଁଠାରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁ ଅନେକ ଲୋକ ଡେଙ୍ଗୁ ଜ୍ୱରରେ ପୀଡ଼ିତ ହୋଇଥିଲେ । ସେହି ସମୟରେ ଡେଙ୍ଗୁ ଜ୍ୱରକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଆଗକୁ ବର୍ଷା ଋତୁ ଆସୁଥିବାବେଳେ ଲଡୁଗାଁରେ ଡ୍ରେନେଜ ବ୍ୟବସ୍ଥା ସହ ନାଳ ନର୍ଦ୍ଦମାକୁ ସଫା ରଖିବା ସହ ଏଠାରେ ଥିବା ଅନେକ ଶିଳ୍ପନୁଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁ ପରିଚାଳନାରେ ସଚେତନତା କରାଯାଇଥିଲା ।

## ସଂକ୍ଷେପରେ



### ଆମ୍ବୁଲାନ୍ସ ଓ ଟ୍ରାକ୍ଟର ଧକ୍କା, ଜଣେ ଗୁରୁତର

**ଭବାନୀପାଟଣା, ୧୩।୬ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ଜୁନାଗଡ ଥାନା ଘୁଲିଯୁବା ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଆମ୍ବୁଲାନ୍ସ ଓ ଟ୍ରାକ୍ଟର ମଧ୍ୟରେ ଧକ୍କା ହେବାରୁ ଆମ୍ବୁଲାନ୍ସ ଚାଳକ ବଲଧିଆମାଲ ଗାଁର ପୀତାମ୍ବର ଲହଜଲ (୩୫) ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଜୁନାଗଡ ମାରୱାଡି ଯୁବାମଞ୍ଚର ଆମ୍ବୁଲାନ୍ସ କୋଟାଗାଁକୁ ଏକ ଶବ ପହଞ୍ଚାଇ ଜୁନାଗଡ ଅଭିମୁଖେ ଫେରୁଥିଲା। ଘୁଲିଯୁବା ଛକ ନିକଟ ଜାତୀୟ ରାଜପଥ ୨୬ ଠାରେ ଜୁନାଗଡ ଅଭିମୁଖେ ଆସୁଥିବା ଟ୍ରାକ୍ଟର (ନଂ. ଓଆର୦୮ବି-୬୯୬୦) ସହିତ ଧକ୍କା ହୋଇଥିଲା। ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିଲା। ଅନ୍ୟପକ୍ଷରେ ଆମ୍ବୁଲାନ୍ସ ଗାଡି ଭାଙ୍ଗିରୁଜି ଯାଇଥିଲା। ଆମ୍ବୁଲାନ୍ସ ଚାଳକ ପୀତାମ୍ବର ଗୁରୁତର ଆହତ ହୋଇ ଗାଡି ଭିତରେ ଫସି ଯାଇଥିଲେ। ଉପସ୍ଥିତ ଲୋକେ ତାଙ୍କୁ ଗାଡି ଭିତରୁ ବାହାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଡାକ୍ତରଖାନାକୁ ନିମନ୍ତେ ପଠାଇଥିଲେ।

### ଘରୋଇ ବିଦ୍ୟାଳୟ ପ୍ରଶାସକଙ୍କ ଆତ୍ମହତ୍ୟା

**ଭବାନୀପାଟଣା, ୧୩।୬ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ଧର୍ମଗଡ ନିକଟସ୍ଥ କୁଟୁରୁ ଗ୍ରାମର ଏକ ଘରୋଇ ବିଦ୍ୟାଳୟରେ ପ୍ରଶାସକ ଦାୟିତ୍ୱରେ ଜଣେ ଯୁବକ ବୁଧବାର ବେକରେ ଶାଢି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାଯାଇଛି। ତାଙ୍କ ନାମ ରୋଶନ ଏକ୍କା (୩୫) ଓ ତାଙ୍କ ଘର ସୁନ୍ଦରଗଡ ଜିଲାରେ ବୋଲି ଜଣାଯାଇଛି। ପୋଲିସ ସୂଚନା ମୁତାବକ, ଧର୍ମଗଡ ନିକଟସ୍ଥ କୁଟୁରୁ ଗ୍ରାମର ଏକ ବିଦ୍ୟାଳୟରେ ପ୍ରଶାସକ ଭାବରେ ରୋଶନ କାମ କରୁଥିଲେ। ଗତ ବୁଧବାର ସେ ନିଜ ରୁମରୁ ନ ବାହାରିବାରୁ ଅନ୍ୟ କର୍ମଚାରୀମାନେ ଝରକା ଦେଇ ଦେଖିଲା ବେଳକୁ ସେ ଆତ୍ମହତ୍ୟା କରିଥିବା ଜଣାଯାଇଥିଲା। ପରେ ସ୍କୁଲ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇଥିଲେ। ଧର୍ମଗଡ ଥାନା ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘରର କବାଟ ଭବାଙ୍ଗି ଶବ ଜବତ କରିବା ସହ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମଙ୍ଗଳବାର ରାତିରେ ରୋଶନ ଆତ୍ମହତ୍ୟା କରିଥିବାବ ଅନୁମାନ କରାଯାଉଛି। ଏ ନେଇ ପୋଲିସ ଏକ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।



ଜୁନାଗଡ ଏନଏସି ପରିସରରେ ସୌର ଚାଳିତ ଭ୍ରାମ୍ୟମାଣ କମ୍ପ୍ୟୁଟର ଲ୍ୟାବ ଉଦ୍‌ଘାଟନରେ ଯୋଗଦେଇଥିବା ଅତିଥିଗଣ ।

# ସୌର ଚାଳିତ ଭ୍ରାମ୍ୟମାଣ କମ୍ପ୍ୟୁଟର ଲ୍ୟାବ ଉଦ୍‌ଘାଟିତ

**ଜୁନାଗଡ, ୧୩।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) କାର୍ଯ୍ୟାଳୟ ପରିସରରେ ଗୁରୁବାର କର୍ତ୍ତବ୍ୟ ଓ ସେଲକୋ ଫାଉଣ୍ଡେଶନ ପକ୍ଷରୁ ସୌର ଚାଳିତ ଭ୍ରାମ୍ୟମାଣ କମ୍ପ୍ୟୁଟର ଲ୍ୟାବ ଉଦ୍‌ଘାଟିତ ହୋଇଯାଇଛି। କର୍ତ୍ତବ୍ୟର ଅଧ୍ୟକ୍ଷ ମାର୍କଣ୍ଡ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ତଥା ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ତଥା ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସୌରଚାଳିତ ଭ୍ରାମ୍ୟମାଣ କମ୍ପ୍ୟୁଟର ଲ୍ୟାବ ଦ୍ୱାରା ଜୁନାଗଡ ଓ ଥୁଆମୂଳ ରାମପୁର ଅଞ୍ଚଳର ବହୁ ଗରିବ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଆଫ୍ରିକା ସିଇରା ଲିଓନି ଦେଶର ଦ ଏନର୍ଜି ନେକ୍ସସ ନେଟୱାର୍କର ପଲ ଯିଲ୍ଲିୟା, ଜୁନାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ଜୁନାଗଡ ବିଇଓ ସୁଧାଂଶୁ ବାଳା ଦେବୀ, ଥୁଆମୂଳ ରାମପୁର ବିଇଓ ସୁଧିର ଚନ୍ଦ୍ର ରଥ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ମାଣିକ୍ୟ ନାଏକ, ସେଲକୋ ଫାଉଣ୍ଡେଶନର ପୋଗ୍ରାମ ମ୍ୟାନେଜର ଅସିତ କୁମାର ପୁରୋହିତ, ଗ୍ଲୋବାଲ ରେପସିକେସନର ଶ୍ରୀପତି ହଦିଗାଲ, ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ ସାହୁ, ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ, ଆଇନଜୀବୀ ବିଶ୍ୱନାଥ କର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କର୍ତ୍ତବ୍ୟର ମୁଖ୍ୟ ପରିଚାରକ ଅଶୋକ ପଟ୍ଟନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଟାଟା ଟ୍ରଷ୍ଟ ସହଯୋଗ କରିଥିଲା।

# ଭାଜପାରୁ ବିକାଶ ସରାଫଙ୍କ ଇସ୍ତଫା

**ଜୁନାଗଡ, ୧୩।୬ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସମିତି ସଭ୍ୟ ତଥା ଅଞ୍ଚଳର ଜଣେ ଯୁବନେତା ବିକାଶ ସରାଫ ଭାଜପାରୁ ପ୍ରାଥମିକ ସଦସ୍ୟତା ସହିତ ସମସ୍ତ ପଦପଦବୀରୁ ଇସ୍ତଫା ଦେଇଥିବା ସେ ଘୋଷଣା କରିଛନ୍ତି। ସେ ବର୍ତ୍ତମାନ ନକଟିଗୁଡା ପଞ୍ଚାୟତ ସମିତି ଭାବେ ନିର୍ବାଚିତ ହୋଇଛନ୍ତି। କଲେଜ ଜୀବନରୁ ଭାଜପା ପ୍ରତି ଆକୃଷ୍ଟ ହୋଇ କର୍ଲାପଡା କଲେଜରେ ଛାତ୍ର ସଂସଦ ସଭାପତି ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ ଯୁବମୋର୍ଚ୍ଚାର ଜିଲା ନେତୃତ୍ୱ ନେବା ସହିତ ବର୍ତ୍ତମାନ ଭାଜପା ଆଟିଗାଁ ଜୋନ ସଭାପତି, ଜିଲା ସୋସିଆଲ ମିଡିଆ ସେଲ ଦାୟିତ୍ୱ ତୁଲାଉଥିଲେ।

ଜୁନାଗଡ ବ୍ଲକ ଅଧ୍ୟକ୍ଷ ମନୋନୟନ ସମୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ଆଗାମୀ ଦିନରେ କେଉଁ ଦଳକୁ ଯିବେ ସ୍ପଷ୍ଟ କରି ନ ଥିବା ବେଳେ ଦଳରେ ତାଙ୍କ ପ୍ରତି ବାରମ୍ବାର ଅବହେଳା ସହିତ ଅନ୍ୟ ଦଳରୁ କିମ୍ବା ପଇସା ଥିବା ଲୋକଙ୍କୁ ଦଳ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ନିଷ୍ଠାପର ଭାବରେ କାମ କରୁଥିବା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରୁଥିବାରୁ ଦଳ ତ୍ୟାଗ କରିଥିବା ସେ କହିଛନ୍ତି।

# ସିଭିଲ କୋର୍ଟ ଦାବି ନେଇ ଓକିଲ ସଂଘର ବୈଠକ

■ ଅସୁସ୍ଥ ଓକିଲଙ୍କୁ ସହାୟତା ପ୍ରଦାନ

**ଜୁନାଗଡ, ୧୩।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଜେଏମଏଫସି କୋର୍ଟ ପରିସରରେ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ ଓକିଲ ସଂଘର ସଭାପତି ସୁଧାଂଶୁ ଶେଖର ବରାଡଙ୍କ ଅଧ୍ୟକ୍ଷତା କରିଥିଲେ। ଜୁନାଗଡ ଜେଏମଏଫସି କୋର୍ଟ ପରିସରରେ ସମସ୍ତ ଭିତ୍ତିଭୂମୀ ଥାଇ ମଧ୍ୟ ସିଭିଲ କୋର୍ଟ ହୋଇପାରୁନାହିଁ। ତୁରନ୍ତ ସିଭିଲ କୋର୍ଟ ଖୋଲିବା ପାଇଁ ଜିଲା ଦୋରା ଜର୍ଜଙ୍କୁ ଲିଖିତ ଦାବି ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ଆଇନଜୀବୀ ତଥା ନୋଟାରୀ ଫିରୋଜ ବାରିକ ଦୀର୍ଘଦୀନ ହେବ ଅସୁସ୍ଥ ରହିଛନ୍ତି। ଅର୍ଥଭାବରୁ ତାଙ୍କର ଚିକିତ୍ସା ହୋଇପାରୁନାହିଁ। ଫଳରେ ଓକିଲ ସଂଘର ଅନୁରୋଧକ୍ରମେ ରାଜ୍ୟ ବାର କାଉନସିଲର ସଦସ୍ୟ ମାନସ ଚାନ୍ଦ ଓ ଜୁନାଗଡ ଓକିଲ ସଂଘର ପୂର୍ବତନ ସଭାପତି ଅଶୋକ କୁମାର ପାତ୍ରଙ୍କ ସହଯୋଗରେ ରାଜ୍ୟ ବାର କାଉନସିଲରୁ ୨୦ ହଜାର ଟଙ୍କା ଓ ଜାତୀୟ ବାର କାଉନସିଲରୁ ୧୦ହ ଜାର ଟଙ୍କା ସମୁଦାୟ ୩୦ ହଜାର ଟଙ୍କା ଚେକ ମାଧ୍ୟମରେ ଆଇନଜୀବୀ ଫିରୋଜଙ୍କ ଚିକିତ୍ସା ପାଇଁ ପ୍ରଦାନ କରାଯାଇଥିଲା। ବୈଠକରେ ଓକିଲ ସଂଘ ଉପସଭାପତି କୈଳାସ ଚୌଧୁରୀ, ସମ୍ପାଦକ ରମେଶ ନାଏକ, ବାଳକୃଷ୍ଣ ଆଚାରୀ, ମଦନ ମୋହନ ସାହୁ, ଅନନ୍ତ ବେହେରା, ଚିତ୍ତ ରଞ୍ଜନ ନିଆଲ, ଜୟଦେବ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।





ଚିକିତ୍ସା ପାଇଁ ଆଇନଜୀବୀ ଫିରୋଜଙ୍କୁ ୩୦ ହଜାର ଟଙ୍କା ଚେକ ପ୍ରଦାନ କରାଯାଉଛି।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଭବାନୀପାଟଣା, ୧୩।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣ୍ଡୁପୁର ପଞ୍ଚାୟତ ନିକଟ ସାଇସୁରନି ଗାଁ ନିକଟ ବୁଲାଣିରେ ଗତ ବୁଧବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉକ୍ତ ବୁଲାଣିଠାରେ ଭାରସାମ୍ୟ ହରାଇ ବାଇକ୍ ଏକ ଗଛରେ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ମହେନ୍ଦ୍ର ନାଏକ। ଘର ଥୁଆମୂଳ ରାମପୁର ଥାନା ଅଧୀନ ତଲଆମପଦର ପଞ୍ଚାୟତ ଖାକେଶ ଗାଁରେ। ମହେନ୍ଦ୍ର କୌଣସି କାମରେ ଯାଇ ଗତ ବୁଧବାର ଭବାନୀପାଟଣାରୁ ତାଙ୍କ ଗାଁ ଖାକେଶକୁ ଫେରୁଥିଲେ। ସାଇସୁରନି ଛକ ନିକଟ ବୁଲାଣିଠାରେ ବାଇକ୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ଥୁଆମୂଳ ରାମପୁର ପୋଲିସ ଓ ଗୁଣ୍ଡୁପୁର ଫାଣ୍ଡି ଅଧିକାରୀ ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି।

# ତାଲିମପ୍ରାପ୍ତ କୃଷକଙ୍କୁ ପ୍ରମାଣପତ୍ର ପ୍ରଦାନ କଲେ ଶକ୍ତିମନ୍ତ୍ରୀ

**ଭବାନୀପାଟଣା, ୧୩।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଓ ଭବାନୀପାଟଣା ବ୍ଲକର ୨୭୪ ଜଣ ତାଲିମପ୍ରାପ୍ତ ଚାଷୀଙ୍କୁ ଗୁରୁବାର ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଜାତୀୟ ଦକ୍ଷତା ବିକାଶ ପରିଷଦର ସାର୍ଟିଫିକେଟ ବିତରଣ କରିଛନ୍ତି। ଝାରବନ୍ଧ ଗ୍ରାମ ସାପ୍ତାହିକ ହାଟପଡିଆଠାରେ ଆୟୋଜିତ ପ୍ରମାଣପତ୍ର ପ୍ରଦାନ ଉତ୍ସବରେ ଶକ୍ତିମନ୍ତ୍ରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ, ଜୁନାଗଡ ବ୍ଲକର ସରପଞ୍ଚଗଣ ଓ ଜୁନାଗଡ କୃଷି ଅଧିକାରୀମାନେ ଯୋଗଦେଇ ଚାଷୀମାନଙ୍କୁ ସମ୍ବୋଧିତ କରିଥିଲେ। ଭଇରିଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ମହିଚଲାର ଅଜୟ ବେହେରା, ତାଳଜାରିଙ୍ଗ ସରପଞ୍ଚ କୁଞ୍ଜବିହାରି ପ୍ରଧାନ, କେନ୍ଦୁପାଟି ସରପଞ୍ଚ ରେବତୀ ବାଗ, ଚିଙ୍ଗୁଡିସର ସରପଞ୍ଚ ତିଳକର ମାଝି, ମାଟିଗାଁ ସରପଞ୍ଚ ଓ ନକଟିଗୁଡା ସରପଞ୍ଚ ପ୍ରଭାସ ମେହେର ତଥା ଜୁନାଗଡର ଆଇନଜୀବୀ ବିଶ୍ୱନାଥ କର ପ୍ରମୁଖ ନିଜ ଅଞ୍ଚଳର ଚାଷୀମାନଙ୍କ ସମସ୍ୟା ଓ ତାଲିମ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସହକାରୀ କୃଷି ଅଧିକାରୀ ଦ୍ୱୟ କୃଷି କ୍ଷତ୍ରରେ ସରକାରୀ ଯୋଜନାଗୁଡିକ ବିଷୟରେ ଚାଷୀମାଙ୍କୁ ଅବଗତ କରାଇବା ସହିତ ଚାଷୀମାନେ ସେସବୁ କିପରି ସଦୁପଯୋଗ କରିପାରିବେ ତାହା ଦର୍ଶାଇଥିଲେ। ଅନ୍ତ୍ୟୋଦୟ ଅଧ୍ୟକ୍ଷ ଦିଲୀପ କୁମାର ଦାସ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ କିଶୋର ଦଣ୍ଡସେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରବିନାରାୟଣ ସିଂ, ସଞ୍ଜୀବ ଶତପଥି ଓ ବିଣାକାର ନାଏକ ସଭା ପରିଚାଳନା କରିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଆସନ୍ତା ସେପ୍ଟେମ୍ବର ୨୦୧୯ ସୁଦ୍ଧା ଜୁନାଗଡ ବ୍ଲକର ୫୦୦ ଚାଷୀଙ୍କ ସମେତ କଳାହାଣ୍ଡିର ୧୫୦୦ ଚାଷୀଙ୍କୁ ଏଭଳି ତାଲିମ ଦେବାପାଇଁ ଅନ୍ତ୍ୟୋଦୟ ତରଫରୁ ଲକ୍ଷ ରଖାଯାଇଛି।



କାର୍ଯ୍ୟକ୍ରମରେ ଜଣେ କୃଷକଙ୍କୁ ମନ୍ତ୍ରୀ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

# ଜମିହୀନଙ୍କ ତହସିଲ ଅଫିସ ଘେରାଉ

**କୋକସରା, ୧୩।୬ (ଡି.ଏନ.ଏ.)**

## ୫ ଦଫା ଦାବି

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ୩ଟି ପଞ୍ଚାୟତ ଫୁପଗାଁ, ରେଙ୍ଗାଲପାଲି ଓ ତୁଡୁକାଠେଙ୍ଗା ଅଧୀନ ଗ୍ରାମର ଶତାଧିକ ଜମିହୀନ ହିତାଧିକାରୀ ୫ ଦଫା ଦାବି ନେଇ ବୁଧବାର ତହସିଲ ଅଫିସ ଘେରାଉ କରିଥିଲେ। କଳାହାଣ୍ଡି ସଚେତନ ନାଗରିକ ମଞ୍ଚ ଆବାହକ ପ୍ରେମଲାଲ ପ୍ରଧାନ ଓ ସଙ୍ଗଠନ ଆୟୋଜକ ଉପେନ୍ଦ୍ର ସୁନାନୀଙ୍କ ନେତୃତ୍ୱରେ ଶତାଧିକ ଜମିହୀନ ହିତାଧିକାରୀ ଏକ ଶୋଭାଯାତ୍ରାରେ ଆସି କୋକସରା ତହସିଲ ଅଫିସ ଘେରାଉ କରି ବିକ୍ଷୋଭ କରିଥିଲେ। ପରେ ଅତିରିକ୍ତ ତହସିଲଦାର ଶରତ ଶବରଙ୍କ ଜରିଆରେ କଳାହାଣ୍ଡି ଜିଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ୫ ଦଫା ଦାବି ମଧ୍ୟରେ କୋକସରା ବ୍ଲକ୍ ୨୨ଟି ପଞ୍ଚାୟତରେ ଥିବା ଜମିହୀନ, ଡିହହୀନ ପରିବାରମାନଙ୍କୁ ଚିହ୍ନଟ କରି ତୁରନ୍ତ ବସୁନ୍ଧରା ଯୋଜନାରେ ସ୍ଥାୟୀ ପଟ୍ଟା ପ୍ରଦାନ, ଜଙ୍ଗଲ ଜମିରେ ବାସ କରୁଥିବା ପରିବାରକୁ ୨୦୦୬ ବନ ଅଧିକାର ଆଇନ ଅନୁଯାୟୀ ବ୍ୟକ୍ତିଗତ ଓ ଗୋଷ୍ଠିଗତ ମାଧ୍ୟମରେ ସ୍ଥାୟୀ ପଟ୍ଟା ପ୍ରଦାନ, ସ୍ଥାୟୀ ରୋଜଗାର ପ୍ରଶସ୍ତ ସକାଶେ ସିଲିଙ୍ଗ ଆଇନ ବଳବତ୍ତର କରାଇ ଜମିହୀନମାନଙ୍କୁ ଆବଣ୍ଟନ କରିବା ପାଇଁ, ପଟ୍ଟା ପାଇଥିବା ତଥା ଜାଗା ଚିହ୍ନଟ ହୋଇ ନ ଥିବା ପଟ୍ଟାଧାରୀମାନଙ୍କ ଜାଗାର ଶୀଘ୍ର ସୀମା ନିର୍ଦ୍ଧାରଣ ଓ ପୂର୍ବରୁ ଆବେଦନ କରାଯାଇଥିବା ଦରଖାସ୍ତଗୁଡ଼ିକର ସମାଧାନ ମୁଖ୍ୟ ଦାବି ରହିଛି । କଳାହାଣ୍ଡି ସଚେତନ ନାଗରିକ ମଞ୍ଚ ତରଫରୁ କଳାହାଣ୍ଡି ଜିଲାକୁ ବନ୍ଦୋବସ୍ତ କରି ଭୂମିହୀନମାନଙ୍କୁ ସେହି ଜାଗାରେ ସ୍ଥାୟୀ ପଟ୍ଟା ଦେବା ପାଇଁ ଗତ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସେହି ସମୟରେ ଜିଲା ପ୍ରସାଶନ ତରଫରୁ ସର୍ଭେ କରି ବସୁନ୍ଧରା ଯୋଜନା ମାଧ୍ୟମରେ ଭୂମିହୀନମାନଙ୍କୁ ଜମି ପଟ୍ଟା ଦେବା ପାଇଁ ତହସିଲଦାର ମାନଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ଆଜି ଯାଏଁ ତହସିଲଦାରମାନେ ଜମି ଚିହ୍ନଟ କିମ୍ବା ଭୂମିହୀନମାନଙ୍କୁ ୪ ଡେସିମିଲ ଲେଖାଏଁ ଜମି ଯୋଗାଇ ଦେବାରେ ପାତରଅନ୍ତର ନିତୀକୁ ବିରୋଧ କରି ଏହି ଘେରାଉ କରାଯାଇଥିଲା। ଏହି ଆନ୍ଦୋଳନରେ ଅଭିଶେକ କୁମାର ଦାସ, ଗୌରବ ସୁନାନୀ, ମଧୁସୁଦନ ନାଏକ, ଜଗନ୍ନାଥ ଶଗଡ଼ିଆ, ଦିଲୀପ ଛତ୍ରିଆ, ଝସକେତନ ହରିଜନ, ରିଙ୍କି ଦୁର୍ଗା, ଆଶ୍ରିତା କର, ଶୈଲେନ୍ଦ୍ରି ବିହାର, ମନୋଜ କୁମାର ନାଏକଙ୍କ ସମେତ ଶତାଧିକ ଭୂମିହୀନ, ଡିହହୀନ ହିତାଧିକାରମାନେ ସାମିଲ ଥିଲେ।





ଜମିହୀନମାନେ ତହସିଲ ଅଫିସ ଘେରାଉ କରିଛନ୍ତି ।